
ISSN : 2583-5270

# ସାହିତ୍ୟ ଚର୍ଚ୍ଚା

ମାର୍ଚ୍ଚ ୨୦୨୪



Vol-3 • Issue-1 • March 2024 • Monthly • Rs.40 • 68 Pages • Bhubaneswar

# ସାହିତ୍ୟ ଚର୍ଚ୍ଚା

SAHITYA CHARCHA

ଓଡ଼ିଆ ସାହିତ୍ୟର ନବ ଦିଗନ୍ତ

ISSN : 2583-5270, RNI Regd. No. : ODIODI/2022/81590

ଭାଗ-୩ • ସଂଖ୍ୟା-୧ • ମାର୍ଚ୍ଚ ୨୦୨୪ • ମାସିକ • ଟ.୪୦ • ୬୮ ପୃଷ୍ଠା • ଭୁବନେଶ୍ୱର

ମୁରବି
**ମହାପ୍ରଭୁ ଶ୍ରୀଜଗନ୍ନାଥ**

ସଂପାଦକ
**ନିହାର ରଂଜନ ଶତପଥୀ**

ଉପଦେଷ୍ଟା
**ଡ. ପୂର୍ଣ୍ଣଚନ୍ଦ୍ର ମିଶ୍ର**
**ଦୁର୍ଗା ଚରଣ ଷଡ଼ଙ୍ଗୀ**
**ବଳଦେବ ମହାରଥା**
**ପ୍ରଶାନ୍ତ ଭୂୟାଁ**

ସହ-ସଂପାଦକ
**ପ୍ରଭାତ ରଞ୍ଜନ ବେହୁରା**
**ଦେବାଶିଷ ମୁଦୁଲି**

ପରିଚାଳନା ନିର୍ବାହୀ
**ଗୋଲଖ ଚନ୍ଦ୍ର ଦାସ**

ଅକ୍ଷର ସଜ୍ଜା
**ଶଚିନ୍ଦ୍ର କୁମାର ରାଉତରାୟ**

ୱେବ୍‌ସାଇଟ୍ ପରିଚାଳକ
**ପ୍ରଭଞ୍ଜନ ବଳିୟାରସିଂ**

ପ୍ରଚ୍ଛଦପଟ ଫଟୋ
**ଅଜୟ ମହାଲା**

ଯୋଗାଯୋଗ
**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍,
ଡୁମୁଡୁମା, ଫେଜ୍-୪,
ଭୁବନେଶ୍ୱର-୭୫୧୦୧୯
ଫୋନ୍ : (୦୬୭୪) ୩୫୫୨୯୪୭
ମୋବାଇଲ : ୯୩୬୮୭୭୨୫୦୬
E-mail: info@sahityacharcha.com
Website: www.sahityacharcha.com

**ମୂଲ୍ୟ : ଟ. ୪୦/-**

## ।। ସୂଚୀ ।।


| | |
|---|---|
| ପାଠକଙ୍କ ମତାମତ | ୦୨ |
| କବିତାପାଠର କଳା (ସଂପାଦକୀୟ) | ୦୩ |
| ରସ ରସିକ ରସାମୃତ (ପ୍ରବନ୍ଧ): ଦୁର୍ଯ୍ୟୋଧନ ଦାସ | ୦୫ |
| ଭୋକ ଓ ଭେକ (କବିତା) : ଆଲୋକ ପ୍ରଧାନ | ୧୦ |
| ପ୍ରକଟ (ଗଳ୍ପ) : ହରେକୃଷ୍ଣ ସାହୁ | ୧୧ |
| ଓରିସା-ଉଡ଼ିଶା-ଓଡ଼ିଶା (ରମ୍ୟରଚନା) : ଗୋପାଳକୃଷ୍ଣ ଆଚାର୍ଯ୍ୟ | ୧୪ |
| ସାଇକେଲ୍ (ଗଳ୍ପ) : ବବିତା ସାହୁ | ୧୮ |
| ବିଜ୍ଞାନ କଥାସାହିତ୍ୟରେ ଆମ୍ଭର ଭୂମିକା (ପ୍ରବନ୍ଧ) : ନିଖିଳାନନ୍ଦ ପାଣିଗ୍ରାହୀ | ୨୧ |
| ବିଶିଷ୍ଟ କବି ବିପିନ ନାୟକଙ୍କ ସହ ସାରସ୍ୱତ ଆଳାପ (ସାକ୍ଷାତକାର) | ୨୭ |
| ନୀରବତାର ପରିଭାଷା (ଗଳ୍ପ) : ନାରୁ ମହାନ୍ତି | ୩୦ |
| ସାଂପ୍ରତିକ ଉପନ୍ୟାସରେ ପ୍ରବାସୀ ଶ୍ରମିକଙ୍କ ମାଟିପ୍ରୀତି (ପ୍ରବନ୍ଧ) : ବିଭୂତି ଭୂଷଣ ପଧାନ | ୩୩ |
| ଫୁଆ ହୋ (ବ୍ୟଙ୍ଗ) : ଅଜୟ କୁମାର ମିଶ୍ର | ୩୮ |
| କାନ୍ଥ ଭିତରର ମୁହଁଟି (ଅନୁବାଦ ଗଳ୍ପ) : ରେବା ପଟ୍ଟନାୟକ | ୪୨ |
| ଗଳ୍ପାୟନ ସତ୍ୟଶୀଳତାର ପରିପନ୍ଥୀ (ପ୍ରବନ୍ଧ) : ଆଦିକନ୍ଦ ସାହୁ | ୪୬ |
| ସ୍ମୃତି : ମାର୍କଣ୍ଡେଶ୍ୱର ସାହି (ଅନୁଭୂତି) : ଶୈଳବାଳା ମହାପାତ୍ର | ୫୧ |
| ଚନ୍ଦ୍ର (ଗଳ୍ପ) : ଯଦୁନାଥ ପଣ୍ଡା | ୫୪ |
| ଗଙ୍ଗାଧରଙ୍କ ଏକ କବିତାର ଶୁଦ୍ଧପାଠ ନିର୍ଣ୍ଣୟ (ପ୍ରବନ୍ଧ): ବିଶ୍ୱନାଥ ସାହୁ | ୬୦ |
| ଶଦ୍ଦ ବି ବାୟାବସା (କବିତା) : ନୃସିଂହ ଚରଣ ଷଡ଼ଙ୍ଗୀ | ୬୨ |
| ଦୁଇଟି ମିନିଗପ (ଗଳ୍ପ) : ଆରତୀ ସାହୁ | ୬୩ |
| ଖୁସିର ଖୁସି (ଶିଶୁ ଗଳ୍ପ) : ରଜନୀକାନ୍ତ ପାଢ଼ୀ | ୬୪ |
| ଲକ୍ଷ୍ମୀପୁରାଣ କଥା (ପୁସ୍ତକ ସମୀକ୍ଷା) : ନିହାର ଶତପଥୀ | ୬୬ |
| ସାହିତ୍ୟ ସମାଚାର | ୬୭ |
| ଷଷ୍ଠାଷ୍ଟମ (ଶେଷ ପୃଷ୍ଠା) : ପ୍ରଶାନ୍ତ ଭୂୟାଁ | ୬୮ |

# ପାଠକଙ୍କ ମତାମତ

**ଆ**ପଣଙ୍କ ମାସିକ ପତ୍ରିକାର ମୁଁ ଜଣେ ନିୟମିତ ଗୁଣମୁଗ୍ଧ ପାଠିକା। ପତ୍ରିକାଟି ପ୍ରତିମାସର ପ୍ରଥମ ସପ୍ତାହରେ ହସ୍ତଗତ ହେଲାମାତ୍ରେ ମୂଳରୁ ଶେଷପର୍ଯ୍ୟନ୍ତ ନପଢ଼ି ମୁଁ ରହିପାରେନାହିଁ। ନିଶ୍ଚିତ ଭାବରେ ଏଥିରେ ଏକ ନିଆରାପଣ ରହିଛି। ସୁନିର୍ବାଚିତ ରୁଚିପୂର୍ଣ୍ଣ ପ୍ରବନ୍ଧ, ଗଳ୍ପ, କବିତା, ରମ୍ୟରଚନା ଏବଂ ସାକ୍ଷାତକାର ଇତ୍ୟାଦି ନିରପେକ୍ଷ ଭାବରେ ପତ୍ରିକାର ଶ୍ରୀବୃଦ୍ଧି କରିଥାଏ। ଏହାର ପ୍ରତିଟି ବିଭାଗ ଖୁବ ଉଚ୍ଚକୋଟୀର। ବିଶେଷ କରି ସଂପାଦକୀୟ, ପୁସ୍ତକ ସମୀକ୍ଷା ଏବଂ ଶେଷପୃଷ୍ଠା ପାଠକମାନଙ୍କ ନିମନ୍ତେ ଅତ୍ୟନ୍ତ ମନୋମୁଗ୍ଧକର ହୋଇଥାଏ। ଫେବ୍ରୁଆରି ୨୦୨୪ ସଂଖ୍ୟାରେ ପ୍ରକାଶିତ ଡ.ରମାକାନ୍ତ ନାୟକଙ୍କ 'ଓଡ଼ିଆ ଦାସ କେତେ ବାସ୍ତବ?' ପ୍ରବନ୍ଧଟିକୁ 'ସାହିତ୍ୟ ଚର୍ଚ୍ଚା'ର ସଂପାଦକ ମହାଶୟ କିଛିଦିନ ତଳେ 'ବଂଧୁଘର ସାହିତ୍ୟ ପିଣ୍ଡା'ର ଏକ ସଭାରେ ପାଠ କରିଥିଲେ ଏବଂ ସେଠାରେ ସଭାପତିତ୍ୱ କରୁଥିବା ଦାଶ ବେନହୁର ମହାଶୟ ସେହି ପ୍ରବନ୍ଧର ପ୍ରତିଟି ଦିଗକୁ ନିଖୁଣ ଭାବରେ ଆଲୋଚନା ମଧ୍ୟ କରିଥିଲେ, ଯାହା ସେଠାରେ ଉପସ୍ଥିତ ଓଡ଼ିଆ ସାହିତ୍ୟ ଅନୁରାଗୀ ଶ୍ରୋତାମାନଙ୍କୁ ଚମତ୍କୃତ କରିଥିଲା। ପତ୍ରିକାର ଦୀର୍ଘ ଜୀବନ କାମନା କରୁଛି।

**ତରୁନବାଳା ମହାପାତ୍ର**
tmsrisairam56@gmail.com

'**ସା**ରଳା ଦାସ ମହାଭାରତ' ଓ 'ସାରୋଳ ଦାସ ମହାଭାରଥ' ଏମାନଙ୍କ ମଧ୍ୟରୁ ପାଠକ କାହାକୁ ଗ୍ରହଣ କରିବେ, ଏହା ବର୍ତ୍ତମାନ ଦ୍ୱନ୍ଦ୍ୱର ବିଷୟ। ଏହାକୁ 'ସାହିତ୍ୟ ଚର୍ଚ୍ଚା'ର ଫେବୃୟାରୀ ସଂଖ୍ୟାରେ ଡ. ରମେଶଚନ୍ଦ୍ର ମଲ୍ଲିକ 'ଆଇନାରେ ମହାଭାରତ ଓ ମହାଭାରଥ' ଶୀର୍ଷକ ପ୍ରବନ୍ଧରେ ଆଲୋଚନା କରିଛନ୍ତି। ସାଧାରଣତଃ ପୋଥି ସଂଗ୍ରହ, ପୋଥି ନିର୍ବାଚନ, ଶୁଦ୍ଧ ସମ୍ପାଦନା ଆଦି ଉପରେ ବିଶେଷ ଗୁରୁତ୍ୱ ଦେବାକୁ ହୁଏ। ଅନୁଦିତ ଗ୍ରନ୍ଥର ନାମ ସାଧାରଣତଃ ପରିବର୍ତ୍ତନ ହେବା ଅସ୍ୱାଭାବିକ।

**ଜ୍ୟୋତିର୍ମୟୀ ସାହୁ**
sahoosita@gmail.com

'**ସା**ହିତ୍ୟ ଚର୍ଚ୍ଚା' ଫେବ୍ରୁୟାରି ୨୦୨୪ ସଂଖ୍ୟାରେ ପ୍ରକାଶିତ ପ୍ରବନ୍ଧ ଗୁଡ଼ିକ ବହୁତ ଉଚ୍ଚକୋଟୀର। ସମ୍ପାଦକୀୟ 'ସାହିତ୍ୟରେ ତୁଣ୍ଡସେବା' ଶିକ୍ଷଣୀୟ। 'ଓଡିଆ ଦାସ: କେତେ ବାସ୍ତବ?' ପ୍ରବନ୍ଧଟିରେ ଓଡିଆ ଭାଷାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସମ୍ପର୍କରେ ଆଲୋଚନା କରିଛନ୍ତି ପ୍ରାବନ୍ଧିକ ରମାକାନ୍ତ ନାୟକ। ଅନେକ ସଂକଟଜନକ ପରିସ୍ଥିତି ଦେଇ ଓଡିଆ ଭାଷା ଆଜି ଭାରତର ୯ମ ତଥା ବିଶ୍ୱର ୩୭ତମ ସର୍ବାଧିକ ବ୍ୟବହୃତ ଭାଷାମାନଙ୍କ ମଧ୍ୟରେ ଗଣା ହେଉଛି। ଯେପରି ଅନେକ ଭାଷା ମରିଯାଉଛି, ଓଡିଆ ଭାଷା ସେହିଭଳି ଯେପରି ମରିନଯାଏ ତାର ପ୍ରତିକାର ବ୍ୟବସ୍ଥା ପ୍ରାବନ୍ଧିକ ଦର୍ଶାଇଛନ୍ତି, ଯାହା ଯଥାର୍ଥ।

**ମାଧବୀ ମଧୁସ୍ମିତା ପ୍ରଧାନ**
madhabi.pradhan2001@gmail.com


**FORM - IV**

Statement about ownership and other particulars about newspaper SAHITYA CHARCHA to be published in the first issue every year after the last day of February

1. Place of publication : Bhubaneswar
2. Periodicity of its publication : Monthly
3. Printer's Name : Nihar Ranjan Satpathy
   Nationality : Indian
   Address : SB-19, Arya Village, Dumduma, Phase-4, Bhubaneswar - 751019
4. Publisher's Name : Nihar Ranjan Satpathy
   Nationality : Indian
   Address : SB-19, Arya Village, Dumduma, Phase-4, Bhubaneswar - 751019
5. Editor's Name : Nihar Ranjan Satpathy
   Nationality : Indian
   Address : SB-19, Arya Village, Dumduma, Phase-4, Bhubaneswar - 751019
6. Names and addresses of individuals who own the newspaper and partners or shareholders holding More than one per cent of the total capital : Nihar Ranjan Satpathy, SB-19, Arya Village, Dumduma, Phase-4, Bhubaneswar - 751019

I, Nihar Ranjan Satpathy hereby declare that the particulars given above are true to the best of my knowledge and belief.

(Nihar Ranjan Satpathy)
Signature of Publisher

Date: 01.03.2024

ସମ୍ପାଦକୀୟ

# କବିତାପାଠର କଳା

କିଛି ଦିନ ତଳେ ଜଣେ ବର୍ଷୀୟାନ ଓ ଯଶସ୍ୱୀ ଲେଖକଙ୍କଠାରୁ ଶୁଣିଥିଲୁ ଏହି ପ୍ରକରଣଟି। ୧୯୫୦ ଦଶକର କଥା। ସେ ଥରେ କଲିକତା ଯାଇଥିଲେ ନିଜର ପ୍ରିୟ ବନ୍ଧୁ ତଥା ସେ ସମୟର ଜଣେ ପ୍ରସିଦ୍ଧ ଓଡ଼ିଆ ଔପନ୍ୟାସିକ ସ୍ୱର୍ଗତ କସ୍ତୁରୀ ଚରଣ ଦାସଙ୍କୁ ଭେଟିବା ପାଇଁ। ସନ୍ଧ୍ୟାବେଳେ ତାଙ୍କର ଘରେ ଯାଇ ପହଞ୍ଚିବା ପରେ ଅନୁଭବ କଲେ ଯେ କସ୍ତୁରୀ ବାବୁ ଓ ତାଙ୍କର ସହଧର୍ମିଣୀ ବଡ଼ ଚିନ୍ତାଗ୍ରସ୍ତ ଅବସ୍ଥାରେ ବସିଛନ୍ତି। ସେତେବେଳକୁ ସନ୍ଧ୍ୟା ବିଳମ୍ବିତ। ଝିଅ ତାଙ୍କର ସେତେବେଳ ସୁଦ୍ଧା କଲେଜରୁ ଫେରିନଥାଏ। ଆହୁରି ଅନେକ ସମୟ ଅପେକ୍ଷା କରିବା ସତ୍ତ୍ୱେ ସେ ଯେତେବେଳେ ଫେରିଲା ନାହିଁ, ସେମାନଙ୍କର ମାନସିକ ଚାପ ଆହୁରି ବଢ଼ିଗଲା। ଅବଶ୍ୟ ବହୁ ସମୟ ପରେ ସେମାନଙ୍କ ଚିନ୍ତାରେ ପୂର୍ଣ୍ଣଚ୍ଛେଦ ଟାଣି ଶେଷକୁ ସେ ଘରେ ଆସି ପହଞ୍ଚିଲା। ତେବେ ତା'ର ଫେରିବାରେ ବିଳମ୍ବ ହେବାର କାରଣ ସେ ଯାହା ବର୍ଣ୍ଣନା କଲା ତାହା ଏହିପରି।




ସେଦିନ କଲେଜରୁ ଫେରୁଥିବା ବେଳେ ବାଟରେ ଗୋଟିଏ ହଲ୍‌ର ବାହାରେ ପ୍ରବଳ ଭିଡ଼ ଦେଖି ସେ ସେଠାରେ ଟିକିଏ ଅଟକିଯାଇଥିଲା। ବୁଝିବାରୁ ଜଣାଗଲା ଯେ ସେଦିନ ସେହିଠାରେ ବଙ୍ଗଳାର ଜଣେ ପ୍ରଖ୍ୟାତ କବି କବିତା ପାଠ କରିବାର କାର୍ଯ୍ୟକ୍ରମ ଅଛି। ନିଜର ପ୍ରିୟ କବି ଜଣକ ସେଦିନ ସେଠାକୁ ଆସୁଥିବାର ଜାଣି ତା' ଖୁସିର ସୀମା ନଥିଲା। କିନ୍ତୁ ସେତେବେଳକୁ ହଲ ଭିତରକୁ ପ୍ରବେଶର ସମସ୍ତ ଟିକେଟ ସରିଯାଇଥାଏ; ଅଥଚ ବାହାରେ କିଛି ଲୋକ କଳାବଜାରରେ ତାହା ବିକ୍ରୀ କରୁଥାଆନ୍ତି। ଏହି ସୁଯୋଗଟି ସେ କୌଣସିମତେ ହାତଛଡ଼ା କରିବାକୁ ଚାହିଁନଥିଲା। ତେଣୁ ଅଗତ୍ୟା ସେଠାରୁ କଳାବଜାରରେ ଟିକେଟ ଖଣ୍ଡିଏ କିଣି ସେ ହଲ୍ ଭିତରକୁ ପ୍ରବେଶ କଲା, ଏବଂ ନିଜ ପ୍ରିୟ କବିଙ୍କର କବିତାପାଠ ଶୁଣି ବିଳମ୍ବରେ ଫେରିଥିଲା ଘରକୁ।

ଆମେ ଏହା ଉଲ୍ଲେଖ କରିବାର ଉଦ୍ଦେଶ୍ୟ ହେଲା ଯେ ଆଜି ଆମ ଭାଷାର କୌଣସି କବିତା ପାଠୋତ୍ସବକୁ କେହି ବ୍ଲାକ୍‌ରେ ଟିକେଟ କିଣି ଏମିତି ପ୍ରବେଶ କରିବାର ସାମାନ୍ୟତମ ସମ୍ଭାବନା ଅଛି କି ? ଆମ ଏଠାକାର କବିତା ପାଠୋତ୍ସବଗୁଡ଼ିକ ତ ଥାଏ ଶ୍ରୋତାଶୂନ୍ୟ। ଏପରିକି ନିଜର କବିତାଟି ପଢ଼ିସାରିବା ପରେ ସେଠାରେ ଉପସ୍ଥିତ ଅନ୍ୟ କବିବନ୍ଧୁମାନଙ୍କୁ ଶୁଣିବା ପାଇଁ ସେହି କବି ବା କବୟିତ୍ରୀଙ୍କ ମଧ୍ୟରୁ କାହାରି ଧୈର୍ଯ୍ୟ ନଥାଏ।

ଆମ କବି-ସମ୍ମିଳନୀଗୁଡ଼ିକରେ କବିତାଗୁଡ଼ିକ ଏତେ ନିଷ୍ପ୍ରାଣ ଓ ଅନାକର୍ଷକ ଭାବରେ ପଠିତ ହୁଏ ଯେ ଶ୍ରୋତାମାନେ ସେଠାରେ ବସି ସେଗୁଡ଼ିକୁ ଶୁଣିବା ନିଜ ପାଇଁ ଏକ ପ୍ରକାର ଦଣ୍ଡ ବୋଲି ଧରିନିଅନ୍ତି। ମନେହୁଏ ଯେମିତି ମଞ୍ଚ ଉପରେ କବିତା ପଢୁଥିବା କବିମାନଙ୍କୁ ସେମାନଙ୍କର ନିଜର ରଚନା ହିଁ ସ୍ପର୍ଶ କରିନାହିଁ। ଏହେତୁ ସେମାନେ ନିଜ କବିତାଟିର ପଂକ୍ତିଗୁଡ଼ିକ ନିଜେ ମଧ୍ୟ ମନେ ମଧ୍ୟ ରଖିନଥାନ୍ତି। ଫଳରେ ହାତରେ ଧରିଥିବା କାଗଜ ବା ମୋବାଇଲ୍‌କୁ ନ ଦେଖିଲେ କେହି ନିଜର କବିତା ପଢ଼ିପାରନ୍ତି ନାହିଁ।

ମୂଳ କଥା ହେଲା, କବିତା ପଠନର କଳା ପ୍ରତି ଆମର କବିକୁଳ ଗୁରୁତ୍ୱ ଦିଅନ୍ତି ନାହିଁ। ଅତୀତର କେଇଜଣ ପ୍ରଥିତଯଶା କବି ଅବଶ୍ୟ ଆମପାଇଁ ମନଛୁଆଁ ଶୈଳୀରେ କବିତା ଆବୃତ୍ତିର ଉନ୍ନତ ଦୃଷ୍ଟାନ୍ତମାନ ଛାଡ଼ି ଯାଇଛନ୍ତି। ଏ ପ୍ରସଙ୍ଗରେ ମନେ ପଡ଼ନ୍ତି ରାଧାମୋହନ ଗଡ଼ନାୟକ, ରବି ସିଂ ଓ କୁମାର ମହାନ୍ତି ପ୍ରମୁଖ। ଏମାନେ କବିତାପାଠର କଳାକୁ ଯେଉଁ ସ୍ତରକୁ ନେଇପାରିଥିଲେ ଏବର ନୂଆ କବି-ପିଢ଼ି ତାହାର କାଣିଚାଏ ଅନ୍ତତଃ ଅନୁସରଣ କରିପାରିଲେ ଆମ କବିତା ପାଠୋତ୍ସବଗୁଡ଼ିକର ରୂପାନ୍ତରଣ ସମ୍ଭବ ହୁଅନ୍ତା।

*ନିହାର ଶତପଥୀ*

## ସାହିତ୍ୟ ବିଚାର

**କମଳାକାନ୍ତ ରଥ**




*ବ୍ୟଙ୍ଗଚିତ୍ରଟିର ପ୍ରସଙ୍ଗ ପାଇଁ ଚଳିତ ସଂଖ୍ୟାର 'ସମ୍ପାଦକୀୟ' ଦ୍ରଷ୍ଟବ୍ୟ।*

---


## 'ସାହିତ୍ୟ ଚର୍ଚ୍ଚା'ର ଗ୍ରାହକ ଯୋଜନା

ଆଗ୍ରହୀ ପାଠକମାନେ ବାର୍ଷିକ ଗ୍ରାହକ ଦେୟ ସ୍ୱରୂପ ୧୨ଟି ସଂଖ୍ୟାର ମୂଲ୍ୟ ଟ.୪୮୦/- ମାତ୍ର ପଠାଇ ଏକ ବର୍ଷ ପର୍ଯ୍ୟନ୍ତ ଡାକ ବା କୋରିଅର୍ ଯୋଗେ ଏହି ପତ୍ରିକା ପାଇପାରିବେ। ଏଥିପାଇଁ କୌଣସି ଅତିରିକ୍ତ ଡାକଖର୍ଚ୍ଚ ନିଆଯାଏ ନାହିଁ। ନିମ୍ନରେ ଦିଆଯାଇଥିବା ଆକାଉଣ୍ଟ ନମ୍ବର କିମ୍ବା 'କ୍ୟୁ.ଆର୍. କୋଡ୍'କୁ ଟ.୪୮୦/- ପଠାଇବା ପରେ ଆମର ହ୍ୱାଟ୍ସଆପ୍ ନଂ. 9368772506 କିମ୍ବା ଇ-ମେଲ୍ ଠିକଣା info@sahityacharcha.com ରେ ନିଜର ନାମ, ଡାକଠିକଣା ଓ ମୋବାଇଲ ନମ୍ବର ଜଣାନ୍ତୁ।

*IFS Code* : CNRB0018007
*Account No.* : 120000048648
*Account Name* : Sahitya Charcha

ଏହି ଗ୍ରାହକ ଯୋଜନାର ସୂଚନା ଆମ ୱେବ୍‌ସାଇଟ୍‌ର ନିମ୍ନୋକ୍ତ ଲିଙ୍କ୍‌ରେ ମଧ୍ୟ ଉପଲବ୍ଧ ଅଛି।
**www.sahityacharcha.com/subscription**

ପାର୍ଶ୍ୱରେ ଦିଆଯାଇଥିବା କ୍ୟୁ.ଆର୍. କୋଡ୍ ଚିତ୍ରକୁ ସ୍କାନ କରି G Pay କିମ୍ବା Paytm ଆଦି ଦ୍ୱାରା ମଧ୍ୟ ଏହି ଦେୟ ପଠାଯାଇପାରେ। ଚେକ୍ କିମ୍ବା ବ୍ୟାଙ୍କ ଡ୍ରାଫ୍ଟ ଯୋଗେ ବାର୍ଷିକ ଗ୍ରାହକଦେୟ ପଠାଇବାକୁ ଥିଲେ ତାହାକୁ Sahitya Charcha ନାମରେ ଲେଖି ଆମର ନିମ୍ନଲିଖିତ ଠିକଣାକୁ ପଠାନ୍ତୁ।

**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍, ଡୁମୁଡୁମା, ଫେଜ୍-୪, ଭୁବନେଶ୍ୱର-୭୫୧୦୧୯
ଫୋନ୍ : (୦୬୭୪) ୩୫୫୨୯୪୭, ମୋବାଇଲ : ୯୩୬୮୭୭୨୫୦୬


ପ୍ରବନ୍ଧ

# ରସ ରସିକ ରସାମୃତ



ଡ. ଦୁର୍ଯ୍ୟୋଧନ ଦାସ

ରସର ଅନେକ ଅର୍ଥ ସହିତ ଆମେ ପରିଚିତ। ରସାୟନ ଶାସ୍ତ୍ର ଅନୁସାରେ ତାହା ହେଉଛି ଖାଦ୍ୟ ପଦାର୍ଥର ଅମ୍ଳ, କଟୁ, ତିକ୍ତ, କଷାୟ, ଲବଣ ଓ ମଧୁରତା ପରି ସ୍ୱାଦର ସ୍ୱାକ୍ଷର। ନଡ଼ିଆ ରସ, ଖଜୁରି ରସ, ଫଳ ରସ ପରି କିଛି ପାନୀୟ ସମ୍ପର୍କରେ ଆମର ଅଭିଜ୍ଞତା ଅଛି। "ହରି ନାମେ କି ରସ ଅଛି / ପାନ କଲା ଲୋକ ସିନା ଜାଣିଛି" ବାକ୍ୟ ଆମକୁ ଆଧ୍ୟାତ୍ମିକ ଆରାଧନା ବିଷୟରେ ସୂଚନା ଦେଇଛି। ଭାରତୀୟ ସାହିତ୍ୟ ଶାସ୍ତ୍ରରେ ରସ କିପରି ନାନ୍ଦନିକ ବିଭୂତିରେ ଭାବକୁ ବିଭୂଷିତ ଏବଂ ଅନୁଭବକୁ ଅନନ୍ୟତାରେ ଅଳଂକରଣ କରେ ତାହାର ବର୍ଣ୍ଣନା ରହିଛି। ତେଣୁ ରସର ସାମୂହିକ ସ୍ୱରୂପ ହେଉଛି ପଦାର୍ଥର ନିର୍ଯ୍ୟାସ, ଅନୁଭବର ଅର୍କ ଏବଂ ସାରସ୍ୱତ ସର୍ଜନାର ସୂକ୍ଷ୍ମ ସତ୍ତା। ରସର ଉତ୍ପତ୍ତି, ବିକାଶ ଏବଂ ପ୍ରଭାବ ବିଶ୍ଳେଷଣରେ ଦର୍ଶନ, ସାହିତ୍ୟ ଓ ସମାଜ ଯେତିକି ତତ୍ପରତା ପ୍ରକାଶ କରିଛି ବିଜ୍ଞାନ ଓ ହେତୁବାଦ ସେତିକି ଗଭୀରତାକୁ ଭେଦ କରିଛି। ଆମ ଆଗରେ ରସ ତୁଚ୍ଛା କଳ୍ପନାର ବିଷୟ ହୋଇ ନାହିଁ, ଏହା ବହୁ ପରୀକ୍ଷିତ ସମୁନ୍ନତ ଚେତନାର ଦସ୍ତାବିଜ ହୋଇଯାଇଛି।




'ରସିକ' / 'ରସିକା' ହେଉଛନ୍ତି ବ୍ୟକ୍ତିତ୍ୱ ଭେଦରେ ଗୁଣଗ୍ରାହୀ, ଦୃଷ୍ଟିଭଙ୍ଗୀ ଦର୍ଶନରେ ସୌନ୍ଦର୍ଯ୍ୟପିପାସୀ ଏବଂ ମନୋଭାବ ବିଚାରରେ ସ୍ୱଚ୍ଛ ଏବଂ ସାତ୍ତ୍ୱିକ। ଏମାନଙ୍କ ଇନ୍ଦ୍ରିୟ ସାମାନ୍ୟ ସୁଖ ଲାଭରେ ଅବଶ ହୁଏ ନାହିଁ। ଏମାନଙ୍କ ମନ ଟିକିଏ ତୃପ୍ତିରେ ତୁଷ୍ଟ ହୁଏ ନାହିଁ। ଏମାନଙ୍କ ଆକାଂକ୍ଷା କ୍ଷଣିକ ଆନନ୍ଦରେ ଶାନ୍ତ ପଡ଼େ ନାହିଁ। ଏମାନେ ନିରବଚ୍ଛିନ୍ନ ଆନନ୍ଦଯାତ୍ରୀ। ଏମାନେ ଉଡ଼ନ୍ତି ଅନନ୍ତ ଅନ୍ତରୀକ୍ଷରେ - ବୁଡ଼ନ୍ତି ଅସୀମ ଅନ୍ତରରେ। ସେମାନଙ୍କ ପାଦରେ ଲାଗିଥାଏ ମନପବନ କଠଉ। ବାହୁରେ ଖଞ୍ଜା ଯାଇଥାଏ ଅକ୍ଳାନ୍ତ ଅନ୍ୱେଷାର ଡେଣା। ସେମାନଙ୍କ ହୃଦୟରେ ଖାଲି ରକ୍ତ ନ ଥାଏ, ଥାଏ ରଙ୍ଗର ରୋମାଞ୍ଚ। ସେମାନଙ୍କ ଆଗ୍ରହରେ ଥାଏ ଗୋଟିଏ ବେଗ, ତାହା ହେଉଛି ବିକାରହୀନ ବିଭୋରତା - ଗୋଟିଏ ଦିଗ, ଯାହା ହେଉଛି ଶୁଦ୍ଧପୂତ ପବିତ୍ରତାର ଅନୁଧାବନ - ଗୋଟିଏ ଲକ୍ଷ୍ୟ, ତୁରୀୟ ତନ୍ମୟତା।

**ଅନନ୍ୟ ଚରିତ୍ର**

ରସିକ ପରି ଅନନ୍ୟ ଚରିତ୍ର ଅନ୍ୟ କେଉଁ ଭାଷା-ସାହିତ୍ୟରେ ନାହିଁ। ସେ ନିଜେ ସ୍ରଷ୍ଟା ଓ ଗ୍ରହୀତା - କବି ଓ ପାଠକ - ଶିଳ୍ପୀ ଓ ଦର୍ଶକ - ବାଦକ ଓ ଶ୍ରୋତା। ତେଣୁ ରୂପକୁ ଶିଳ୍ପରେ ଚିହ୍ନିବା, କାବ୍ୟ ପରିବେଷିତ ରସକୁ ଉପଲବ୍ଧ କରିବା ଅଥବା ନୃତ୍ୟରେ ଛନ୍ଦକୁ ଆବିଷ୍କାର କରିପାରିବାର ସାମର୍ଥ୍ୟ ଥିବା ବ୍ୟକ୍ତି ହିଁ ରସିକ। ରସିକ ଯେତେବେଳେ ସ୍ରଷ୍ଟା ଭୂମିକାରେ ଅବତୀର୍ଣ୍ଣ ହୁଅନ୍ତି ସେତେବେଳେ ତାଙ୍କ ମଧ୍ୟରେ ଥିବା 'ରଜ' ଓ 'ତମ' ଗୁଣର ବିଲୟ ଘଟି 'ସତ୍ତ୍ୱ' ଗୁଣର ସ୍ଫୁରଣ ହୁଏ। ରଜଗୁଣର ପ୍ରକୃତି ହେଉଛି ମନକୁ ବିକ୍ଷିପ୍ତ ଓ ଉଚ୍ଛନ୍ନ ରଖିବା। ତେଣୁ କାମ-କ୍ରୋଧ-ଭୟରେ ମନ ଅସ୍ଥିର ରହିଲେ ଚିନ୍ତା ଅକ୍ଷରର ରୂପ ନେଇପାରିବ ନାହିଁ। ଭାବନା ଶବ୍ଦରେ କବଳିତ ହେବ ନାହିଁ। ତମଗୁଣ ସର୍ବଦା ତମାଚ୍ଛନ୍ନ କରି ରଖିଥାଏ ମନକୁ। ସ୍ୱାଭାବିକତାର ପରିବର୍ତ୍ତନରେ ମନ ସୌନ୍ଦର୍ଯ୍ୟକୁ ଭେଟେ ନାହିଁ।

ସ୍ରଷ୍ଟାର ସ୍ୱରୂପ ପାଇଲା ପରେ ଅନ୍ୟର ଅସହାୟତା, ପୀଡ଼ା ଓ ପରାସ୍ତପଣିଆକୁ ଆପଣାର ଭାବିବାରେ କିଛି ପ୍ରତିବନ୍ଧକ ନ ଥାଏ। ବ୍ୟକ୍ତି ଚିନ୍ତାକୁ ସାର୍ବଜନୀନ କରିବାରେ କଠିନତା ନ ଥାଏ। ପୁଣି ଅଖିଳର ଅବସାଦ, ନିଖିଳର ନିଷ୍ପେଷଣ ସ୍ରଷ୍ଟାର

ଚକ୍ଷୁରେ ଲୋତକ ହେବାର ପ୍ରାସଙ୍ଗିକତା ରଖିଥାଏ। ଏହି ଉତ୍ତରଣ ମୁହୂର୍ତ୍ତରେ ବ୍ୟକ୍ତିତ୍ୱର ଯେଉଁ ବିଗଳନ ଘଟେ ତାହା ପାଲଟିଯାଏ ରାମାୟଣର ତୁଳସୀ ସ୍ତବକ, ଭାଗବତର ଅଧ୍ୟାୟ, ଗୀତାଞ୍ଜଳିର ପଙ୍କ୍ତି, ମୋନାଲିସାର ହସ ଓ କୋଣାର୍କର ଶାଳଭଞ୍ଜିକା। ଅବଶ୍ୟ ଏହିପରି ସୃଷ୍ଟି ପୂର୍ବରୁ ସ୍ରଷ୍ଟାଙ୍କଠାରେ ନୈର୍ବ୍ୟକ୍ତିକ ଚେତନା ଓ ନିରପେକ୍ଷ ଭାବାବେଗ ଘଟିଥାଏ। ଏହା ମଧ୍ୟ ସାତ୍ତ୍ୱିକ ଗୁଣର ପ୍ରଭାବ। ଏହି ମର୍ମରେ ଶାସ୍ତ୍ରବାଣୀ ହେଉଛି -

*ପରମ ତ ଦୁଃଖ ହର୍ଷାଦି ଭାବନୟୀ*
*ମତ୍ୟନ୍ତ ନୁକୂଳାନ୍ତଃ କରଣତ୍ତ୍ୱମ୍।*

(ଅନ୍ୟର ସୁଖ ଦୁଃଖରେ ଅନ୍ତରକୁ ଏକୀଭୂତ କରିଦେବାରେ ସାତ୍ତ୍ୱିକଗୁଣ ଅନୁକୂଳ)। ତେଣୁ ଯଥାର୍ଥରେ କୁହାଯାଇଛି : "ବ୍ୟକ୍ତିର ହୃଦୟ ଶୁଦ୍ଧ ନିଷ୍ପାପ, ପ୍ରକାଶମୟ, ପ୍ରସାରଣଶୀଳ ଓ ଆସ୍ୱାଦକ୍ଷମ ହୋଇଉଠେ। ଚିତ୍ତର ଏହି ସତ୍ତ୍ୱଗୁଣାବସ୍ଥାରେ ରସାନୁଭୂତି ନିର୍ମଳ, ବିଗଳିତ, ବିକ୍ଷେପଶୂନ୍ୟ ଓ ଶାନ୍ତ ହେବା ସ୍ୱାଭାବିକ।" (କାବ୍ୟଧାରାରେ ସାଧାରଣୀକରଣ ବ୍ୟାପାର - ଶତଭିଷା ତୃତୀୟ ସଂଖ୍ୟା ୧୯୯୧-୯୨ - ଡକ୍ଟର ବୈରାଗୀ ଚରଣ ଜେନା)

**ଚିତ୍ତର ସତ୍ତ୍ୱଗୁଣାବସ୍ଥାରେ ରସାନୁଭୂତି ନିର୍ମଳ, ବିଗଳିତ, ବିକ୍ଷେପଶୂନ୍ୟ ଓ ଶାନ୍ତ ହେବା ସ୍ୱାଭାବିକ।**

ରସିକ ଯେତେବେଳେ ପାଠକ, ଶ୍ରୋତା, ଦର୍ଶକ ଏପରିକି ସମୀକ୍ଷକ ଭୂମିକାରେ ଅବତୀର୍ଣ୍ଣ ହୁଅନ୍ତି, ସେତେବେଳେ ସେ ତିନୋଟି କାର୍ଯ୍ୟ କରନ୍ତି। ପ୍ରଥମତଃ ସେ ରସର ସ୍ୱରୂପକୁ ଚିହ୍ନନ୍ତି - ଏହା ହୋଇପାରେ ଅବିରର ଶୁଖିଲା ଲାଲପଣ, ଯାହା ଝାଡ଼ିଦେଲେ ଝଡ଼ିପଡ଼ିବ। ହୋଇପାରେ ଦ୍ରବୀଭୂତ ରଙ୍ଗର ଦ୍ରବଣ ଯାହା ଧୋଇଲେ ଆସ୍ତେ ଆସ୍ତେ ଛାଡ଼ିବ। ହୋଇପାରେ ଏକ ରଙ୍ଗିନ ସ୍ୱଭାବର ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର; ଯାହା ସ୍ମୃତିରେ ସାଇତା ହୋଇ ରହିବ। ଦ୍ୱିତୀୟତଃ ରସର ସର୍ବବିଧ ରଙ୍ଗକୁ ନେଇ ହୁରି ଖେଳିଥିବା ରସରାଜଙ୍କ ହୃଦୟାନୁପ୍ରବେଶ ଅର୍ଥାତ୍ ରସମୟ ସ୍ରଷ୍ଟାଙ୍କର ସୃଷ୍ଟିର ଯଥାର୍ଥ ଅନୁଧ୍ୟାନ କରିବା। ତୃତୀୟତଃ ନିଜ ଭିତରେ ସେହି ସ୍ରଷ୍ଟା-ମନସ୍କତାକୁ ଜାଗ୍ରତ କରିବା।

ସମସ୍ତେ ପ୍ରେମିକ ହୋଇପାରିବେ ନାହିଁ - ଏହି ଯେମିତି ଯେ କଳସ କାଖେଇ ଯମୁନା ଯିବ, ସେ ରାଧା ହୋଇ ପାରିବ ନାହିଁ କି ପୁଞ୍ଜିକୟାଁର ସବୁ ଡ୍ରଇଂ ମାଷ୍ଟର ହୋଇପାରିବେ ନାହିଁ ଦୀନନାଥ ପାଠୀ। ରସିକଙ୍କ ପରିଚୟ ଦେବାକୁ ଯାଇ ଦୀନକୃଷ୍ଣ କହନ୍ତି :

*କବିତ୍ୱ ମଳୟ ପବନ ମତ*
*କରେ ରସିକ ତରୁ ପଲ୍ଲବିତ*
*କର୍କଶ ମୂଳ ଶୁଷ୍କ ତରୁ ମାତ୍ର*
*କେତେବେଳେ ହେଁ ନ ଧରଇ ପତ୍ର।*
*କାମିନୀ ବିଭାବ*
*କରଇ ନିକି ନପୁଂସକ ବ୍ରତ।*

ରସିକ ଜଣେ ପ୍ରାଣମୟ ପ୍ରୀତିଯୁକ୍ତ ପୁଙ୍ଗବ - ଆବେଗର ପରିପୁଷ୍ଟ ରସପାୟୀ ପୁରୁଷ। କବିତ୍ୱ ମଳୟରେ ସେହି ବନସ୍ପତି-ନିଭ ବ୍ୟକ୍ତିତ୍ୱ ଖାଲି ପଲ୍ଲବିତ ଓ ପୁଷ୍ପିତ ହୁଏ ନାହିଁ, କାମିନୀ ବାସନାରେ ବିଭୋରିତ ହୁଏ।

**ଅମୃତ ଅୟନରେ ରସାମୃତ**

ଯାହାର ମୃତ୍ୟୁ ନାହିଁ ସେ ଅମର। ଆଉ ଏ ଅମରତ୍ୱ ପ୍ରଦାନର ପରାକାଷ୍ଠା ନିହିତ ଅଛି 'ଅମୃତ' ପାଖରେ। ଏହାକୁ ପାଇବା ପାଇଁ ଦେବାସୁରଙ୍କୁ କରିବାକୁ ପଡ଼ିଥିଲା ସମୁଦ୍ର ମନ୍ଥନ - କଚଙ୍କୁ କପଟ ପ୍ରଣୟ - ହନୁମାନଙ୍କୁ ଗନ୍ଧମାର୍ଦ୍ଦନ ଆନୟନ। ଅମୃତ ପାନର ଯୋଗ୍ୟତା ନ ଥିବାରୁ ଅସୁରଙ୍କୁ ଭୋଗ କରିବାକୁ ପଡ଼ିଥିଲା ରାହୁ-କେତୁର ଦୁର୍ଦ୍ଦଶା। ମିଥ୍ୟାଚର ଭିତରେ ମୃତ୍ୟୁଞ୍ଜୟ ମନ୍ତ୍ର ଲାଭ କରିଥିବାରୁ କଚ ହୋଇଥିଲେ ଶାପଗ୍ରସ୍ତ। ମାତ୍ର ତାର ସଦ୍‌ବିନିଯୋଗ ହୋଇଥିବାରୁ ସଞ୍ଜୀବନୀ ଲକ୍ଷ୍ମଣଙ୍କୁ ଦେଇଥିଲା ପ୍ରାଣଦାନ। ପୁରାଣ ବର୍ଣ୍ଣିତ ଏ ଅମୃତର ରୂପାନ୍ତର ଘଟିଛି କବି କଳ୍ପନାରେ। ନିତ୍ୟ ନୂତନ, ମଙ୍ଗଳ କାରକ, ଅଲିଭା ଅସ୍ମିତା ଓ ଅମ୍ଳାନ ଯଶ-କୀର୍ତ୍ତିକୁ ମିଳିଛି ଯୁଗେ ଯୁଗେ ଅବିନଶ୍ୱରତା। ତେଣୁ କୁହାଯାଇଛି 'ମର ଦେହ ସିନା ଗ୍ରାସିଛି ଶ୍ମଶାନ / ଯଶୋ ଦେହେ ସେ ତ ଆୟୁଷ୍ମାନ।" ଭକ୍ତ କବିଙ୍କ ମତରେ ପ୍ରକୃତିର ପୁଷ୍ପ-ଫଳରେ, ସକାଳ-ସଞ୍ଜରେ, ମଳୟ-ଝଞ୍ଜାରେ, ସ୍ନେହ-ପ୍ରୀତିରେ ଏବଂ ଉଦାର ଚେତନାରେ ଭରି ରହିଛି ଅମୃତ। ଏହି ଆନନ୍ଦାମୃତର ସ୍ତନନ୍ଧୟ ହେବାକୁ ସେ ପରାମର୍ଶ ଦେଇଛନ୍ତି।

*"ଶ୍ରଦ୍ଧା ଭକ୍ତି ପ୍ରୀତି ଦୟା ଶୁଭାକାଂକ୍ଷା*

*ପୁଣ୍ୟ ବିଶ୍ୱାସ ବିନୟ ହେ*
*ଏ ସକଳ ମଧ୍ୟେ ନିବସନ୍ତି ବିଭୁ*
*ଶାଶ୍ୱତ ଅମୃତମୟ ହେ।"*

ବିଦ୍ୱାନମାନଙ୍କ ବିଚାରରେ 'ବଚନ'ରେ ଭରି ରହିଛି ବିଷ ଓ ଅମୃତ। ଉର୍ତ୍ସନା, କଟୁ ଓ ବକ୍ରବାକ୍ୟ ବିଷ ସଦୃଶ। ଏହା ସମ୍ପର୍କରେ ସନ୍ଦେହ ସୃଷ୍ଟି କରେ, ସଦ୍ଭାବନାରେ ସଂଶୟ ଉପୁଯାଏ। ତେଣୁ ସର୍ବଦା ବର୍ଜନୀୟ। ମାତ୍ର ମଧୁର ବଚନ ବନ୍ଧୁତା ବଢ଼ାଏ - ବିନୟ ବଚନ ବିଶ୍ୱାସ ବର୍ଷା କରେ। ଉତ୍ସାହ ବାକ୍ୟ ଜଞ୍ଜାଳ ଜୁଇରେ ଜଳିଯାଇଥିବା ସାହସ ଓ ଧୈର୍ଯ୍ୟକୁ ଜୀବନ୍ୟାସ ଦିଏ। ସେଥିପାଇଁ ଉପନିଷଦରେ କୁହାଯାଇଛି -

*"ପ୍ରିୟ ବାକ୍ୟ ପ୍ରଦାନେନ ସର୍ବେ ତୁଷ୍ୟନ୍ତି ଜନ୍ତବଃ*
*ତସ୍ମାତ୍ ତଦୈବ ବକ୍ତବ୍ୟଂ ବଚନେ କା ଦରିଦ୍ରତା।"*

ଆମକୁ ବି ଭକ୍ତକବି ଚେତେଇ ଦେଇଛନ୍ତି -

*ମଧୁର ବିନୟ ବଚନ*
*କହି ତୋଷିବ ଜନମନ।*

'ବୈକୁଣ୍ଠ' ଦେବତାମାନଙ୍କର ନିବାସ - 'ଅମର ପୁରୀ'। ଆଉ ତାହା ଯେତେବେଳେ ଭାବଭକ୍ତିରେ ପବିତ୍ର ହୋଇଯିବ ସେତେବେଳେ ଏହି ଗୃହ ହୋଇଯିବ ବୈକୁଣ୍ଠ।

*"ବୈକୁଣ୍ଠ ସମାନ ଆହା*
*ଅଟେ ସେହି ଘର*
*ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର।"*

ଏହି ନଶ୍ୱର ଓ ନଷ୍ଟଶୀଳ ଜୀବନକୁ ଅମରତ୍ୱ ଫେରିବାର ସୁନ୍ଦର ସୂତ୍ରଟିଏ ଦେଇଛନ୍ତି କବି ବ୍ରଜନାଥ ରଥ।

*ବୃନ୍ତକୁ କୁସୁମ ପରି, ଫୁଲକୁ ସୁଗନ୍ଧ ପରି*
*ବୀଣାକୁ ଝଙ୍କାର ପରି, ନଦୀକୁ ତରଙ୍ଗ ପରି*
*ଅମରତ୍ୱ ଆସେ ନିଜ*
*ମହୀୟାନ୍ କୃତିରେ କର୍ମରେ।*

ଶବ୍ଦକୁ 'ଅକ୍ଷର ବ୍ରହ୍ମ' କୁହାଯାଉଥିଲା ବେଳେ ଧ୍ୱନିକୁ ଆମ ଶାସ୍ତ୍ରରେ କୁହାଯାଉଛି 'ନାଦ ବ୍ରହ୍ମ'। ବ୍ରହ୍ମ ଅମୃତର ସ୍ୱରୂପ ହେଉଥିବାରୁ ଶବ୍ଦର ଗଠନ ଓ ତା'ର ଆବୃତ୍ତିରେ ପ୍ରତିଫଳିତ ହୁଏ ସେହି ଅମରତତ୍ତ୍ୱ। ତେଣୁ "କେବଳ ଥରେ ନୁହେଁ, ତ୍ରିବାର 'ଶାନ୍ତି' ଉଚ୍ଚାରଣ ମଧ୍ୟରେ ସଂସାରୀ ମଣିଷର 'ଆଧ୍ୟାତ୍ମିକ' (ଅବିଦ୍ୟା, ରୋଗ, ଶୋକ, ପୀଡ଼ା) 'ଆଧିଭୌତିକ' (ଶତ୍ରୁ, ସର୍ପ, ଆଦି ଅନିଷ୍ଟ ପ୍ରାଣୀଙ୍କ ବିପଦ) ତଥା 'ଆଦିଦୈବିକ', (ଅତିବୃଷ୍ଟି, ଝଡ଼, ଭୂକମ୍ପନ ଆଦି ପ୍ରାକୃତିକ ବିପର୍ଯ୍ୟୟ) ତିନି ସ୍ତରରେ ବିପତ୍ତିରୁ ପରିତ୍ରାଣ ପାଇଁ ପ୍ରାର୍ଥନା କରାଯାଏ - ଏ ଶାନ୍ତିପାଠ କେବଳ କିଛି ମାମୁଲି ଶବ୍ଦର ଧ୍ୱନି ମାତ୍ର ନୁହେଁ, ସୃଷ୍ଟି ଓ ଜୀବନତତ୍ତ୍ୱର ଏହା ହିଁ ହୃଦ ସ୍ପନ୍ଦନ।" (ଶାନ୍ତିର ପରିଭାଷା - ଜୀବନ୍ତ ଯୌବନ ଏକ ଆଗ୍ନେୟ ଆବାହନ - ଡ. ରମାକାନ୍ତ ବେହେରା)।

ମଧୁରତା ଯଦି ଅମୃତର ଲକ୍ଷଣ ହୁଏ, ତାହା ତ ଭରିରହିଛି ଆମ ଶରୀରରେ, ମନରେ ଓ ପରମ୍ପରାରେ। ସେହି କଥା ସ୍ମରଣ କରାଇ ଦିଅନ୍ତି 'ଅନ୍ଧ ମହୁମାଛି' କବିତାରେ କୃତବିତ୍ କବି ସୌଭାଗ୍ୟ କୁମାର ମିଶ୍ର।



*ସବୁଠି, ସମସ୍ତଙ୍କଠି, ମହୁ ମହୁ,*
*ସୋଦରଠି, ସମୁଦ୍ରଠି,*
*ଷୋଳକଳା ଓ ଷଷ୍ଠୀ*
*ହୋମରେ, ହନନରେ, କ୍ଷତିରେ,*
*କ୍ଷମାରେ*
*ସବୁଠି ମହୁ*
*ଫୁଲରେ ଓ କୁଷ୍ଠରୋଗୀର ଘା'ରେ।*

ସବୁ କ୍ଷତକୁ ଆପଣାର କରିବାର ଆସ୍ପୃହା ଏବଂ ଅଭିଶାପ ଭିତରେ ଆଶୀର୍ବାଦ ଆବିଷ୍କାରର ଆହ୍ୱାନକୁ ଏଡ଼ାଇ ଦେଉଥିବା ବ୍ୟକ୍ତି ପାଇଁ ଏହି ମଧୁ ସୁଧା ନୁହେଁ, ହଳାହଳ। କବି ଏ କାର୍ଯ୍ୟ କରିବାକୁ କ୍ଷମ ହେଉଥିବାରୁ ମାନସିଂହ ଏବଂ ଗଡ଼ନାୟକ ମହୋଦୟ କବି ହେବାକୁ ପ୍ରୟାସ କରିଛନ୍ତି।

*ଘୁଞ୍ଚାଇ ଦେବାର ଜଗତ ବ୍ୟଥା*
*ସବୁରି ଲୁହରେ ସବୁରି ଲହୁ*
*ଦୂରାଇ ସପନ ନିଜର କଥା ଅନ୍ତରେ ଆଣି କରଇ ମହୁ*
*ମଣିଷ ହୋଇ ତା' ଏଡ଼େ ବିଚାର*
*ସେତକ ମୋର ବୁକୁର ତାତି*
*ଧରାରେ ସରଗ ସର୍ଜନା ତା'ର*
*କବି ହେବା ପାଇଁ ବାସନା ମୋର*
*ଏ କଳପନାକୁ ପାଏ କି ଭାଷା*

ହାଇରେ ତରୁଣ କବିର ଆଶା
ଦିବସ ରାତିରେ ଦିବସ ରାତି (ଗଡ଼ନାୟକ)

ରସକୁ ଅମୃତ ସହ ତୁଳନା କରିବାରେ ଯଥାର୍ଥତା ରହିଛି। ପ୍ରଥମତଃ ସମୁଦ୍ର ମନ୍ଥନରୁ ଅମୃତ ପାଇଲା ପରି ସର୍ଜନାତ୍ମକ ଏଷଣାରେ ବ୍ୟାପୃତ ରହିଲେ ରସର ସନ୍ଧାନ ମିଳେ।

**ରସ ଉତ୍ପତ୍ତିର ରହସ୍ୟ**

ରସର ପରିଚୟ ଦେବାକୁ ଯାଇ ଶାସ୍ତ୍ରକାର 'ରସ୍ୟତେ ଇତି ରସଃ' ବା 'ରସତି ଇତି ରସଃ' କହି ତା'ର ଆସ୍ୱାଦନୀୟ ଗୁଣ ସମ୍ପର୍କରେ ସୂଚନା ଦେଇଛନ୍ତି। ମାତ୍ର ତାହା ରସର ସମ୍ୟକ ସ୍ୱରୂପ ନୁହେଁ। ରସ ଭାବ ବର୍ଣ୍ଣନାର ଏକ ମନୋଜ୍ଞ ବର୍ଣ୍ଣମାଳା। ଅପାଠୁଆ କି ପାଠୁଆ ପ୍ରତ୍ୟେକ ଏହି ବର୍ଣ୍ଣମାଳା ସହିତ ପରିଚିତ। ଏ ହେଉଛି ଭାବର ଭାଷା ଯେଉଁଥିରେ ସନ୍ନିବେଶିତ ହୋଇଛି ଅନୁଭବର ଆଦ୍ୟ ଅକ୍ଷର, ଆବେଗର ଆକାର, ଇ'କାର ପରି ସରଳ ବନାନ ଏବଂ ମାନସିକ କ୍ରିୟା ପ୍ରତିକ୍ରିୟାର ଜଟିଳ ଯୁକ୍ତାକ୍ଷର। ରସ ଯେତିକି ଅପଢ଼ା ପାଠ ସେତିକି ପଢ଼ା ପାଠ। ଏହା ଅଗୁରୁ ବିଦ୍ୟା, ପୁଣି ଗୁରୁବିଦ୍ୟା। କହିବାର ଅର୍ଥ ସୃଷ୍ଟି ହେଉଥିବା ଶୃଙ୍ଗାର, ହାସ୍ୟ, କରୁଣ, ପ୍ରଭୃତି କିଛି ମୌଳିକ ଆବେଗ ଶିକ୍ଷା ଦୀକ୍ଷା ଉପରେ ଆଦୌ ନିର୍ଭର କରେ ନାହିଁ। ମାତ୍ର ଚିତ୍ରରେ, ଶିଳ୍ପରେ କି କାବ୍ୟକୃତିରେ ତା'ର ଯଥାର୍ଥ ଅନୁଧ୍ୟାନ ଲାଗି କିଛି କିଛି ଶିକ୍ଷାର ଅପେକ୍ଷା ରଖେ।

**ମସ୍ତିଷ୍କରେ ପ୍ରବାହିତ ପାଞ୍ଚଟି ମୁଖ୍ୟ ରାସାୟନିକ ନିର୍ଝର ସଦାସର୍ବଦା ଆବେଗମାନଙ୍କୁ ପାଳିପୋଷି ବଡ଼ କରାନ୍ତି।**

ମଗଜ ହେଉଛି ମନର ଜନ୍ମଭୂମି ଏବଂ ଆବେଗର ଏନ୍ତୁଡ଼ିଶାଳ। ମନ ଅତ୍ୟନ୍ତ ଅସ୍ଥିର ଠିକ୍ ଚଳମାନ ପବନ ପରି। ଆବେଗ ଏକ ଶକ୍ତିଶାଳୀ ଧକ୍କା ଯାହା ମନକୁ କେତେବେଳେ ତଡ଼ି ନେଇ ସୁରଭିତ ଫୁଲ ଉପରେ ମଧୁପ କରି ବସାଇଦିଏ ତ କେତେବେଳେ ପୂତି ଗନ୍ଧମୟ ପଚାଶଢ଼ା ଫଳ ଉପରେ ଗୁହମାଛି କରି ଭଣଭଣ କରାଏ। କେତେବେଳେ ଆବେଗ ଋପରେ ପଡ଼ି ମନ ଜପ ତପରେ ମଜ୍ଜି ଦେବୋପାସନା କରେ ତ କେତେବେଳେ ଶ୍ମଶାନର ଭସ୍ମ ବିଲେପିତ ହେଇ ସନ୍ନ୍ୟାସ ବ୍ରତ ଅବଲମ୍ବନ କରେ। ଆବେଗ ଆହ୍ୱାନରେ ମନ ସୃଷ୍ଟିକରେ ଅନେକ ସ୍ଥାୟୀ ଭାବ ଯାହାକୁ ଆଧାର କରି ରସର କଳ୍ପନା କରାଯାଇଛି। କେଉଁ ଅସ୍ଥାୟୀଭାବ କେଉଁ ରସର ଜନକ ଏବଂ ତାହାର 'ବିଭାବ', 'ଅନୁଭାବ' କ'ଣ କ'ଣ ଏ ସମ୍ପର୍କରେ ଏକ ସାରଣୀ ପ୍ରଦତ୍ତ ହେଉଛି।

ଆଗରୁ ଆବେଗ ମନର ଏକ ଅଂଶ ବୋଲି ଗ୍ରହଣ କରାଯାଉଥିଲା। କଳ୍ପନା, ସ୍ମୃତି, ବିସ୍ମୃତି, ପରି ଅନେକ ପ୍ରକ୍ରିୟା ଉପରେ ମନର କର୍ତ୍ତୃତ୍ୱ ଅଛି ବୋଲି ଧାରଣା ଥିଲା। ମାତ୍ର ମସ୍ତିଷ୍କରେ ଦର୍ଶନ, ଶ୍ରବଣ, ସ୍ମୃତି, ଭକ୍ତି, ପ୍ରେମ ଓ ତପସ୍ୟା ପରି ପ୍ରମୁଖ ସ୍ନାୟୁପୀଠର ଆବିଷ୍କାର ପରେ ମନ ଅନେକ ଗୁରୁତ୍ୱ ହରାଇଛି ଠିକ୍ ହୃଦୟ ପରି। ହୃଦୟ 'ହୃତପିଣ୍ଡ' (ରକ୍ତଋଳକ ଯନ୍ତ୍ର) ହେଲାବେଳେ ମନ ପାଲଟି ଯାଇଛି ଆବେଗ ଅଙ୍କିତ ଗୋଟିଏ ଜୈବିକ ମାନଚିତ୍ର।

ମସ୍ତିଷ୍କରେ ପ୍ରବାହିତ ପାଞ୍ଚଟି ମୁଖ୍ୟ ରାସାୟନିକ ନିର୍ଝର ସଦାସର୍ବଦା ଆବେଗମାନଙ୍କୁ ପାଳିପୋଷି ବଡ଼ କରାନ୍ତି। ଏହି ନ୍ୟୁରୋଟ୍ରାନ୍ସମିଟରର ଝର ଶୁଖି ଆସିଲେ ଆବେଗ ସ୍ରୋତ ଦୁର୍ବଳ ହୋଇଯାଆନ୍ତି। ମନ ମନ୍ଥର ହୋଇଯାଏ, ସ୍ଥାୟୀଭାବ ଗଠନ ହୋଇପାରେ ନାହିଁ। ଏହିପରି ତିରୋଟ ଅବସ୍ଥାରେ ପ୍ରେମ ଶୃଙ୍ଗାରକୁ ଭେଟିପାରେ ନାହିଁ। କାରୁଣ୍ୟରେ ଲୁହ ଜକାଏ ନାହିଁ ଚକ୍ଷୁରେ। କ୍ରୋଧ ଅଗ୍ନି ପରି ନ ଜଳି କୁହୁଡ଼ି ପରି ଶୀତଳ ହୋଇଯାଏ। ବୀରତ୍ୱରେ ଆସେ ନାହିଁ ଉତ୍ସାହ, କୁତ୍ସିତ ଓ ଅଶ୍ଳୀଳତାରେ ପ୍ରକାଶିତ ହୁଏ ନାହିଁ ଘୃଣା କି ଜୁଗୁପ୍‌ସା। ତେଣୁ ପ୍ରତ୍ୟେକ ସ୍ରଷ୍ଟା ନିଜର ଅଜାଣତରେ ଏହି ରାସାୟନିକ ଲହରିରେ ଅବଗାହନ କରନ୍ତି ଏବଂ ପ୍ରତ୍ୟେକ ପାଠକ / ଦର୍ଶକ ଦେହରେ ପଡ଼େ ତା'ର ଛିଟା।

**ଓପିଅୟଡ୍‌ର ସ୍ରୋତ :** ବୀରତ୍ୱ, ଉତ୍ସାହ, ଅହଂକାର, ଗର୍ବ ଓ ଯୁଦ୍ଧର ପ୍ରେରଣାଦାୟକ। କର ବା ମରର ସିଦ୍ଧାନ୍ତକାରକ।

**ସିରୋଟୋନିନ୍‌ର ସ୍ରୋତ :** ଶାନ୍ତି, ନମ୍ରତା, ଭକ୍ତି, ବାତ୍ସଲ୍ୟ ଓ ସ୍ନେହପ୍ରଦାୟକ।

**ଗାବାର ସ୍ରୋତ :** ଭୟ, ବୈରାଗ୍ୟ ଓ ଅସହାୟତାର ଜନକ।

**ଡୋପାମିନ୍‌ର ସ୍ରୋତ :** ସୌନ୍ଦର୍ଯ୍ୟବୋଧ, ପ୍ରେମ, ଉନ୍ମାଦନା, ଆନନ୍ଦବୋଧର ସ୍ରୋତ।

**ଅକ୍ସିଟୋସିନ ଓ ଭାସୋପ୍ରେସିନର ସ୍ରୋତ :** ସମ୍ପର୍କ ସ୍ଥାପନ ଓ ବନ୍ଧନରେ ଦୃଢ଼ତା ପ୍ରଦାନ।

*ବହୂନାଂ ଚିତ୍ତବୃତ୍ତିରୂପାଣାଂ ଭାବାନାଂ ମଧ୍ୟେ ଯସ୍ୟ ବହୁଳମ୍*

*ରୂପଂ ଯଥୋପଲଭ୍ୟତେ ସଃ ସ୍ଥାୟୀଭାବଃ*

କୁହାଯାଇଛି, ଯେପରି ଅବସ୍ଥାରେ ମନ ଥାଉନା କାହିଁକି ତା'ର ଚିତ୍ତ, ହାସ୍ୟ, ଶୋକ, ଭୟ, ବିସ୍ମୟ ଆଦି ଅନେକ ଭାବ ମଧ୍ୟରୁ କୌଣସି ଗୋଟିଏ ଦ୍ୱାରା ପୂର୍ଣ୍ଣମାତ୍ରାରେ କବଳିତ ଥାଏ ତାହା ହିଁ ସ୍ଥାୟୀ ଭାବ।

**ବିଭାବ**

ଯାହା ଭାବର କାରଣ ତାହା ବିଭାବ। ଯେଉଁ ଘଟଣା ବ୍ୟକ୍ତି, ଦୃଶ୍ୟ ଦ୍ୱାରା ସୁପ୍ତ ସ୍ଥାୟୀ ଭାବ ଜାଗ୍ରତ ହୁଏ ତାକୁ କୁହାଯାଏ ବିଭାବ। ଏହା ଦୁଇ ଭାଗରେ ବିଭକ୍ତ 'ଆଲମ୍ବନ' ଓ 'ଉଦ୍ଦୀପନ'। ଯାହାକୁ ଆଶ୍ରୟ କରି ଭାବ ଉଦ୍ରେକ ହୁଏ ତାହା ଆଲମ୍ବ - ମଞ୍ଚ ପରି ତାହା ରସ ଲତିକାକୁ ମାଡ଼ିବାକୁ ଦିଏ। ନିଜେ କବି, ନାୟକ-ନାୟିକା ହେଉଛନ୍ତି ଜଣେ ଜଣେ ଆଲମ୍ବ-ବିଭାବ। ପ୍ରାଥମିକ ସ୍ତରରେ ଜାଗରିତ ହୋଇଥିବା ଭାବକୁ ଯେଉଁ ପରିବେଶ, ଆଭୂଷଣ, କଥୋପକଥନ ବିକଶିତ ହେବାରେ ସହଯୋଗ କରନ୍ତି, ତାହା ଉଦ୍ଦୀପନା ବିଭାବ। ଶୃଙ୍ଗାର ରସ ପାଇଁ ନିର୍ଜନତା, ଜ୍ୟୋତ୍ସ୍ନା, ସଙ୍ଗୀତ ମୂର୍ଚ୍ଛନା ଓ ମଧୁର ଧ୍ୱନି ଉଦ୍ଦୀପନ ବିଭାବ ହେଲାବେଳେ ବୀରରସ ପାଇଁ ଦୁନ୍ଦୁଭି, ଆସ୍ଫାଳନ, ରଣ ହୁଙ୍କାର ଉଦ୍ଦୀପନ ବିଭାବ ହୋଇଥାଏ।

**ରସର ଉତ୍ପତ୍ତି, ବିସ୍ତାର ଓ ପରିଣତି ନିର୍ଭର କରେ ମସ୍ତିଷ୍କରେ ପ୍ରବାହିତ ରାସାୟନିକ ସ୍ରୋତ ଉପରେ।**

**ଅନୁଭାବ**

ରସ ଅନୁପ୍ରେରିତ ଶାରୀରିକ ଓ ମାନସିକ ପ୍ରତିକ୍ରିୟାର ନାମ 'ଅନୁଭାବ'। ଏହା ଦୁଇ ପ୍ରକାରର ହୋଇଥାଏ। ସ୍ୱାଭାବିକ ବା ସାତ୍ତ୍ୱିକ ଏବଂ ଅଙ୍ଗଜ। ପ୍ରାଣର ଅର୍ଥ ସତ୍ତ୍ୱ ହେତୁ ପ୍ରାଣର ପଞ୍ଚମହାଭୂତ ଯେଉଁ ଆଠଟି ଲକ୍ଷଣ ଆପେ ଆପେ ପ୍ରକାଶ କରନ୍ତି ତାକୁ ସାତ୍ତ୍ୱିକ ଅନୁଭାବ କୁହାଯାଏ। କ୍ଷିତି ବା ଜଡ଼ତା ଜନ୍ମଦିଏ ସ୍ତମ୍ଭ ଏବଂ ଅପ୍ ଅଶ୍ରୁ। ତେଜର ପ୍ରାଧାନ୍ୟରେ ପ୍ରକଟିତ ହୁଏ ସ୍ୱେଦ ଏବଂ ଅଭାବରେ ବୈବର୍ଣ୍ୟ ଓ ଓଠରେ ଅଠା ଅଠା ଭାବ। ମରୁତ୍‌ର ଆଧିକ୍ୟ ରୋମାଞ୍ଚ, ସ୍ୱରଭଙ୍ଗ ଓ ବେପଥୁରେ ପ୍ରକାଶ ପାଉଥିଲା ବେଳେ ବ୍ୟୋମର ପ୍ରଭାବରେ ପ୍ରସ୍ଫୁଟିତ ହୁଏ ମୂର୍ଚ୍ଛା, ପ୍ରଳୟ ଓ ମୃତ୍ୟୁ ଆଦି ସ୍ୱଭାବଜ ଲକ୍ଷଣ। ମାତ୍ର ତରାଟି ଚାହିଁବା, ଲାଜରେ ମୁହଁ ତଳକୁ ପୋତିବା, ଚକ୍ଷୁରେ ଇସାରା ଦେବା, ଚିତ୍କାର କରିବା, ଆଲିଙ୍ଗନ କରିବା ଇତ୍ୟାଦି ଆଚରଣ ଇଚ୍ଛାକୃତ ଭାବରେ ହେଉଥିବାରୁ ଅଙ୍ଗଜ ଅନୁଭାବ।

**ବ୍ୟଭିଚାରୀଭାବ**

ରସକୁ ଦୀର୍ଘ, ରମଣୀୟ ଓ ହୃଦ୍ୟ କରିବା ପାଇଁ କିଛି ଆଚରଣ ଓ ଉଚ୍ଚାରଣ ଅନୁଭବ ପରେ ଆସିଥାନ୍ତି ଯେପରି ବିରହରେ ଧୂଳିରେ ଗଡ଼ିବା, ବକ୍ଷରେ ବିଧାମାରି ରୋଦନ କରିବା, ମୁଣ୍ଡ କୋଡ଼ିବା ଇତ୍ୟାଦି। ବ୍ୟଭିଚାରୀ ଭାବର ସଂଖ୍ୟା ୩୦ ବୋଲି କଥିତ ଅଛି। ମାତ୍ର ଭରତ ମୁନିଙ୍କ ସୂତ୍ର ହେଉଛି - "ବିଭାବାନୁଭାବ ବ୍ୟଭିଚାରୀ ସଂଯୋଗାଦ୍ରସ ନିଷ୍ପତ୍ତିଃ"।

ଏଠାରେ ମୁଁ ସ୍ପଷ୍ଟ କହିଦେବାକୁ ଚାହେଁ ଯେ ରସର ଉତ୍ପତ୍ତି, ବିସ୍ତାର ଓ ପରିଣତି ସବୁ କିଛି ନିର୍ଭର କରେ ମସ୍ତିଷ୍କରେ ପ୍ରବାହିତ ରାସାୟନିକ ସ୍ରୋତ, ବିଦ୍ୟୁତ୍-ଚୁମ୍ବକ-ସ୍ନାୟବିକ ତରଙ୍ଗ ଏବଂ ସ୍ନାୟୁପୁଞ୍ଜ ଉପରେ। ଏମାନଙ୍କ ସମନ୍ୱୟରେ ସଙ୍ଗଠିତ ହୁଏ ବିଭାବ, ଅନୁଭାବ ଓ ବ୍ୟଭିଚାରୀଭାବ।

"ସାହିତ୍ୟର ଉଦ୍ଦେଶ୍ୟ କେବଳ 'ବିନୋଦକରଣ' ନୁହେଁ, 'ହିତୋପଦେଶ ଜନକ' ମଧ୍ୟ - କାବ୍ୟ କେବଳ 'ହୃଦୟାହ୍ଲାଦକ କାରକ' ନୁହେଁ, ଧର୍ମ-ଅର୍ଥ-କାମ-ମୋକ୍ଷ ଏହି ଚତୁର୍ବର୍ଗ ଫଳଯୁକ୍ତ ମଧ୍ୟ - ସେତେବେଳେ ସେମାନେ ପ୍ରକାରାନ୍ତରେ ସାହିତ୍ୟର ଉକ୍ତ ଦୁଇ ଶକ୍ତି ବିଷୟରେ ସ୍ୱୀକାର କରିଛନ୍ତି।

ରସର ସାଗର ସପ୍ତ ସିନ୍ଧୁ ଠାରୁ ବୃହତ୍ ଓ ଗଭୀର। ରସିକ ପାଠକ ଓ କବି ସମୁଦ୍ର ମନ୍ଥନ କଲେ ରସରାଜ ନିଜେ ଅମୃତକୁମ୍ଭ ଧରି ଉଭା ହେବେ।

ପାଠକ ଓ ସାଧକ ମମତାର ମନ୍ଦରରେ ଏଷଣାର ରଜ୍ଜୁ ଗୁଡ଼ାଇ ସିଏ ସାଗର ମନ୍ଥନ କଲେ ସ୍ୱୟଂ ଲକ୍ଷ୍ମୀ ସରସ୍ୱତୀ ଉଭା ହେବେ ଅମୃତ କୁମ୍ଭ ଧରି ଏବଂ ନାରାୟଣ ତାହା ପରିବେଷଣ କରିବେ ମୋହିନୀ ବେଶରେ ନୁହେଁ, ରସରାଜ ରୂପରେ।

□□

ଲେଖକଙ୍କ ଇ-ମେଲ ଠିକଣା:
drdasorissa@yahoo.com



କବିତା

# ଭୋକ ଓ ଭେକ

ଆଲୋକ କୁମାର ପ୍ରଧାନ

ଭୋକ



ଭେକ

ଏମିତିକା ନିଆଁଝୁଲ ଝୁଲୁଥାଏ ଜୀବନ ଝୁଲାରେ
ଚକାପାରି ବସିଥାଏ ଚାହିଁଥାଏ ସମୟକୁ ଧୀରେ ।
ସମୟ ଗଡ଼ିଲେ ବୁଢ଼େ ଭାସିବାର ସବୁ ଅହମିକା
ଛୁଇଁଦେଲେ ଛୁଆଁ ହୁଏ ଗହଳରେ ଲାଗେ ଏକା ଏକା ।

ଏମିତିକା ଗୀତ ଗୋଟେ ଯେ ଗୀତର ସୁରଟି ନିଆରା
କା'ସୁରେ ଦବେନି ସିଏ କାଆ ପାଇଁ ଦିଏନି ସେ ଧରା ।
ବୁଝିଥିଲେ ବୁଝୁଥାଏ ଯେତେସବୁ ନବୁଝିଲା କଥା
ମାଣକ ପୂରିଲେ ଭୁଲେ ଆଉ ସେରେ ଭରିବାର ବ୍ୟଥା ।

ଲହରା କାଶଟି ପରି ଲହରେଇ ଲହରେଇ ଗାଏ
ଜୀବନ ସିଂହଦୁଆରେ ଅର୍ଥପୂର୍ଣ୍ଣ କବିତା ଧାଡ଼ିଏ ।
ଧାଡ଼ିଏ ଶୃଙ୍ଖଳା ନେଇ କାଟିପାରେ ସମସ୍ତ ବନ୍ଧନ
ପେଟେ ଭୋକ ଥିଲେ ଲାଗେ ରଙ୍ଗଗୁଡା ସୁଦ୍ଧୁ ବର୍ଣ୍ଣହୀନ ।

ପେଟେ ଭୋକ ମୁହେଁ ଲାଜ ସବୁବେଳେ ମିଠା ପ୍ରବଞ୍ଚନା
ଭୋକର ସହରେ ମିଛ ସବୁବେଳେ ଦିଏ ଜୋରିମନା ।

ସୁକୁମାରପଣଟିଏ ପଣକରେ ଜଣେ ହେବାପାଇଁ
ପଣିକିଆ ପରି ଲାଗେ ଜୀବନକୁ ସଜାଡ଼ିବା ପାଇଁ ।
ଏମିତି ମଲାଟଟିଏ ଢାଙ୍କିଥାଏ ଅନାବନା ଦାଗ
ସରାଗେ ଲୁଚେଇଦିଏ ଯେତେସବୁ ଅସଜଡା ଭାଗ ।

ସୁରେଇରେ ପାଣିଥିବ ବାସୁଥିବ ମଲ୍ଲିଫୁଲ ପରି
ଉପରୁ ରଙ୍ଗ ନଥିଲେ ଇଡୁଥିବ କରମ ସୁମରି ।
ଭୋକ ପାଇଁ ଶୋଷ ପାଇଁ ସାଜୁଥିବ ପୋହଳା ଏଣ୍ଡୁଅ
ମୁକତିର ପଥଧାରେ ଇଛୁଥିବ ଜୀବନର ଖିଅ ।

ନିଜ ପାଇଁ ବେସାଲିସ ପର ପାଇଁ ସନ୍ଧିର ଘାଟରେ
ସମୟକୁ ମାଗୁଥିବ ଜୀବନଟା ମିଳୁ ହେ ଭେଟିରେ ।
ଅଭାବକୁ ଭାବ ଛଳେ ନିଃଶ୍ୱାସକୁ ବିଶ୍ୱାସଟେ ଦେଇ
ଉପର ଘୋଡ଼ଣୀ ତଳୁ ଲୁହତକ ଦେଉଥିବ ପିଇ ।


ଭେକଥିଲେ ଭିକ ମିଳେ ଭୋକର କି ଲୋଡ଼ା ଅନୁଭବ
ଭେକ ତ ଭେକିକି ମାତ୍ର ଘଟ, ଘାଟ, ହାଟର ହିସାବ ।

□□

କବିଙ୍କ ଇ-ମେଲ ଠିକଣା:
alokkumarp787@mail.com

ଗଳ୍ପ


# ପ୍ରକଟ



ହରେକୃଷ୍ଣ ସାହୁ

**ଭୁ**ବନର ନିଦ ଭାଙ୍ଗିଗଲା। ରାତି କେତେଟା ବାଜିଥିବ କେଜାଣି। ଜାଣିବାର ଉପାୟ ନ ଥିଲା। ଖୁବ୍ ଭୋକରେ ପେଟ ଭିତରଟା ଆଉଟୁ ପାଉଟୁ ହୋଇଯାଉଛି। ଗତକାଲି ଦିନର ଆଗ ରାତିରେ ଗୋଟେ ଭୋଜିରେ ପେଟପୂରା ଖାଇଥିଲା। ଗତ ଦିନସାରା କିଛି ଖାଇନାହିଁ। ଭୋକିଲା ପେଟକୁ ମାଡ଼ିବସି ଭୁବନ ଶୋଇବାକୁ ଚେଷ୍ଟା କଲା।

ପଡ଼ିଶା ଘର କାନ୍ଥଘଣ୍ଟା ରାତି ଦୁଇଟା ବାଜିବାର ସାଙ୍ଗୀତିକ ସୂଚନା ଦେଲା। ନା ଏଭଳି ଭୋକି ପେଟକୁ ନେଇ ଶୋଇ ହେବ ନାହିଁ। କ୍ଷୁଧା ପେଟ ଭିତରେ ଡିଆଁକୁଦା କରୁଛି। ତାକୁ ଶାନ୍ତ କରିବା ପାଇଁ ପାଣି ପିଇଲା। ପୁଣି ପେଟ ମାଡ଼ି ଶୋଇଲା। ନିଦ ହେଲା ନାହିଁ।



ଭୋକରେ ଭଲ ନିଦ ହୁଏ। କଥାଟିଏ ଅଛି "ଭୋକେ ଓଡ଼ିଆ ନିଦ ଯାଏ।" ଭୁବନ ଏ କଥାଟିକୁ ଅଗ୍ରାହ୍ୟ କରିଦେଲା। ଭୋକେ ମଣିଷ ମରିଯାଏ। ଏଇଟା ଠିକ୍ ହେବ। ଭଲ ନିଦ ପାଇଁ ଯଦି ଭୋକିଲା ପେଟ ଦରକାର, ତେବେ ଚିରଦିନ ଭୋକରେ ରହି ଭଲ ନିଦରେ ଶୋଇହେବ କି !

ନା, ଆଉ ନିଦ ହେବ ନାହିଁ। ଭୋକ ସହିତ ତ ଦୁଃଖମାନେ ବି ମାଡ଼ି ଆସିଲେ। ତା'ର ଏ ଦାରିଦ୍ର୍ୟ ପାଇଁ, ଦୁଃଖ ପାଇଁ ଯେଉଁମାନେ ଦାୟୀ ସେମାନଙ୍କୁ ଗାଳି ଦେଲା। ଏ ଦେଶର ରାଜନୀତି ତା'ର ଦୁଃଖ ଓ ଦାରିଦ୍ର୍ୟ ପାଇଁ ଦୋଷୀ। ଚତୁର୍ପାର୍ଶ୍ୱରେ ଥିବା ଲୋକମାନେ ଦାୟୀ। ଈଶ୍ୱର ଦାୟୀ।

ଭୁବନ ବିଛଣା ଛାଡ଼ି କବାଟ ଖୋଲିଲା। ବାହାରକୁ ଚାଲିଲା। ଆଉ ନିଦ ଆସିବାର ନାହିଁ। ତେଣୁ ବୁଲି ବୁଲି ରାତି ବିତାଇ ଦେବାକୁ ମନସ୍ଥ କଲା। ଚାଲୁ ଚାଲୁ ଗାଁ ମୁଣ୍ଡରେ ପହଞ୍ଚିଗଲା। ଦେଖା ହେଲା ମନ୍ଦିର। ମନ୍ଦିର ଭିତରେ ଲାଲ୍ ରଙ୍ଗର ଆଲୁଅଟିଏ ଜଳୁଥିଲା। ଠାକୁରଙ୍କ ମୂର୍ତିଟା ଠିଆ ହୋଇଥିବାର ଦେଖାଗଲା। ମୂର୍ତ୍ତି ଉପରେ ନଜର ପଡ଼ିବା ମାତ୍ରେ କ୍ରୋଧରେ ତା' ମୁଣ୍ଡକୁ ରକ୍ତ ଉଠିଗଲା।

ଭୁବନ ମନ୍ଦିର ଭିତରେ ପଶିଲା। ଏଇ ଠାକୁର ହିଁ ସବୁ ନାଟର ଗୋବର୍ଦ୍ଧନ। ମୋ ସମସ୍ତ ଦୁଃଖର କାରଣ। ଖୁବ୍ ରାଗିଗଲା ଭୁବନ। ଭୋକ ଓ ଦୁଃଖ କ୍ରୋଧକୁ ବହୁଗୁଣିତ କରିଦେଲା। ଭୁବନ ଠାକୁରଙ୍କ ମୁହଁକୁ ମାରିଲା ଗୋଟେ ଶକ୍ତ ମୁଥ। ଆଃ.... ମାର୍ବଲ ମୂର୍ତ୍ତିର ପଥର ନାକରେ ମୁଥଟା ବାଜି ହାତ ପାପୁଲିର ପଛ ଫାଟିଗଲା। ରକ୍ତ ବାହାରିଗଲା। ଠାକୁରଙ୍କ ନାକ ପାଖରୁ ରକ୍ତର ଧାର ବୋହି ଓଠ ଭିଜିଗଲା।

ଭୁବନ ଡାହାଣ ହାତର ପାପୁଲିକୁ ବାଁ ହାତରେ ମୁଠେଇ ଧରି ଘରକୁ ଫେରି ଆସିଲା। ଛିଣ୍ଡା କନାରେ ହାତକୁ ଗୁଡ଼େଇ ବିଛଣାରେ ପଡିଗଲା। ଅନେକ ସମୟ ଧରି ଛଟପଟ ହେବା ପରେ ଯନ୍ତ୍ରଣା ବିରାମ ନିଦଟିଏ ମାଡ଼ି ଆସିଲା। ଭୁବନ ଶୋଇ ପଡ଼ିଲା।

ସକାଳ ହେବାରୁ ପୂଜାରୀ ମନ୍ଦିରରେ ପହଞ୍ଚିଲେ। ଠାକୁରଙ୍କର ଦେହରୁ ବାସିଫୁଲ ବାହାର କଲା ବେଳକୁ ଦେଖିଲେ ନାକ ଓ ଓଠରେ କିଛି ଲାଲ୍ ଜିନିଷ ଲାଗିଛି। ଠାକୁରଙ୍କ ଦେହରେ ତ ସିନ୍ଦୂର ଲଗାଯାଏ ନାହିଁ। ଚନ୍ଦନ ଲଗାଯାଏ। ଏ ଲାଲ୍ ଜିନିଷ କ'ଣ ?

ଭଲଭାବରେ ନିରୀକ୍ଷଣ କରି ଦେଖିବାରୁ ଜଣାଗଲା କିଛି ତରଳ ଲାଲ୍ ଜିନିଷ ନାକରୁ ବୋହି ଓଠ ଅତିକ୍ରମ କରି ଥୋଡ଼ିରେ ଲାଗି ଯାଇଛି। ଇଏ ରକ୍ତ ବ୍ୟତୀତ ଆଉ କିଛି ନୁହେଁ। ଶୁଖିଯାଇଥିବାରୁ ଟିକେ ଖଇରିଆ ଦେଖାଯାଉଛି। ଠାକୁରଙ୍କ ରକ୍ତ ! ଆହା, ଆମ ଠାକୁର ତା' ହେଲେ ଜୀବନ୍ତ ଦେବତା !

ପୂଜାରୀ ମନ୍ଦିର ପରିଚାଳକଙ୍କୁ ଡକାଇ ଠାକୁରଙ୍କ ମୁହଁ

ଦେଖାଇଲେ। ଦୁହେଁ ସ୍ଥିର ନିଶ୍ଚିତ ହେଲେ ଯେ ଏହା ଠାକୁରଙ୍କ ରକ୍ତ। ତାଙ୍କର ବିଶ୍ୱାସକୁ ସାର୍ବଜନୀନ କରିବା ପାଇଁ ସେଥିରୁ ଟୁକୁଡ଼ାଏ ଧରି ପରିଚାଳକ ମହାଶୟ ଆଦିକନ୍ଦ ଘରେ ପହଞ୍ଚିଲେ। ଆଦିକନ୍ଦ ନୂଆବଜାର ଛକରେ କ୍ୟାବିନ୍‌ଟିଏ ପକାଇ ସେଥିରେ ଲୋକଙ୍କ ରକ୍ତ, ମଳ, ମୂତ୍ର, କଫ ଇତ୍ୟାଦି ପରୀକ୍ଷା କରୁଥିଲା। ତା'ର ସବୁଠୁ ମୂଲ୍ୟବାନ ସମ୍ପତ୍ତି ଥିଲା ମାଇକ୍ରୋସ୍କୋପ୍। କାଠ କ୍ୟାବିନ୍ ସୁରକ୍ଷିତ ନ ଥିବାରୁ ଆଦିକନ୍ଦ ରାତିରେ ସେଇଟିକୁ ବ୍ୟାଗ୍‌ରେ ପୂରାଇ ଘରକୁ ଆଣୁଥିଲା। ପରିଚାଳକ ମହାଶୟ ରକ୍ତ ଟୁକୁଡାଟିକୁ ଆଦିକନ୍ଦର ହାତରେ ଦେଇ କହିଲେ, ତମ ମେସିନ୍‌ରେ ପକେଇ ଦେଖିଲ ଏଇଟା କ'ଣ?

ଆଦିକନ୍ଦ ହାତରେ ଧରୁ ଧରୁ କହିଲା, ରକ୍ତ। ପାଞ୍ଚ ମିନିଟ୍‌ରେ ପରୀକ୍ଷା କରି କହିଲା, ଇଏ ରକ୍ତ। ଗ୍ରୁପ୍ ହେଲା 'ଓ ପଜେଟିଭ୍'।

ଭଗବାନଙ୍କ ରକ୍ତର ଗ୍ରୁପ୍ ବି ଜଣାପଡିଗଲା। ତା'ପରେ ମନ୍ଦିର ପରିଚାଳକ ଖବରକାଗଜ ଓ ଟେଲିଭିଜନ କାର୍ଯ୍ୟାଳୟକୁ ଖବର ଦେଲେ ଓ ମୋବାଇଲ୍‌ରେ ଫଟୋ ଉଠାଇ ପଠାଇ ଦେଲେ।

**ଭଗବାନଙ୍କ ରକ୍ତର ଗ୍ରୁପ୍ ବି ଜଣାପଡିଗଲା। ଏଭଳି ପବିତ୍ର ଓ ଦୁର୍ଲଭ ଦ୍ରବ୍ୟ ଠାକୁରଙ୍କ ବ୍ରହ୍ମ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ।**

ଫଳରେ ଘଣ୍ଟାଏ ଭିତରେ ଖବରଟି ରାଜ୍ୟସାରା ବ୍ୟାପିଗଲା। ସ୍ଥାନୀୟ ବିଧାୟକ ଟେଲିଭିଜନରୁ ଖବର ଜାଣି ସୁନା ଫରୁଆଟିଏ ଧରି ମନ୍ଦିରରେ ପହଞ୍ଚିଗଲେ। କହିଲେ, ଠାକୁରଙ୍କ ରକ୍ତରୁ ଛୋଟ ବକଳଟିଏ ଛଡ଼ାଇ ଏ ସୁନା ଫରୁଆରେ ଦିଅ।

ଏତକ କହି ବିଧାୟକ ମହାଶୟ ପକେଟରୁ ପାଞ୍ଚ ହଜାର ଟଙ୍କା ବାହାର କରି ମନ୍ଦିର ପରିଚାଳକଙ୍କ ହାତରେ ଧରାଇ ଦେଲେ। ପୁନଶ୍ଚ କହିଲେ, ଏ ରକ୍ତ ସିଧାସଳଖ ଆଉ କାହାକୁ ଦିଅ ନାହିଁ। ଦଶ ପନ୍ଦର ଜଣଙ୍କୁ ଦେଲା ପରେ ତ ସବୁ ସରିଯିବ। ଏଭଳି ପବିତ୍ର ଓ ଦୁର୍ଲଭ ଦ୍ରବ୍ୟ ଠାକୁରଙ୍କ ବ୍ରହ୍ମ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ତେଣୁ ଏହାକୁ ସମସ୍ତେ ପାଇବା ଉଚିତ। ଗୋଟେ କାମ କର। ମନ୍ଦିର ପରିସରରେ ଥିବା କୂଅରେ ରକ୍ତର ଖଣ୍ଡେ ବକଳ ପକାଇଦିଅ। ଆଉ ସେ ପାଣିକୁ ବିକ୍ରୀ କର। ଠାକୁରଙ୍କ ରକ୍ତ ମିଶ୍ରିତ ପବିତ୍ର ପାଣି, ଏକ ବୋତଲରେ ମୂଲ୍ୟ ଏକ ହଜାର ଟଙ୍କା।

ଟେଲିଭିଜନ୍‌ରେ ଅନବରତ ଠାକୁରଙ୍କ ଜୀବନ୍ତ ହେବା ବିଷୟ ପ୍ରଚାର ହୋଇ ଚାଲିଲା। ଠାକୁରଙ୍କ ରକ୍ତ ପାଣିରେ ମିଶାଇ ବିକ୍ରୀ କରାଯାଉଛି, ସେ କଥା ଜଣାଇ ଦିଆଗଲା। ଠାକୁରଙ୍କ ରକ୍ତ ସମସ୍ତ ଦୁଃଖ ହରଣ କରିପାରିବ। ମଣିଷକୁ ରୋଗମୁକ୍ତ କରିପାରିବ। ଧନବାନ କରିପାରିବ। ସୁଖୀ କରିପାରିବ। ସମସ୍ତ ପ୍ରକାର ଅସମ୍ଭବକୁ ସମ୍ଭବରେ ପରିଣତ କରିପାରିବ ବୋଲି ପ୍ରବଚକ, ପୁରାଣବିତ୍, ଜ୍ଞାନୀଗୁଣୀ ଲୋକମାନେ ଟେଲିଭିଜନ ଜରିଆରେ କହିବାକୁ ଲାଗିଲେ।

ତେଣୁ ରାଜ୍ୟସାରାର ଲୋକ ପବିତ୍ର ପାଣି କିଣିବା ପାଇଁ ମନ୍ଦିର ଅଭିମୁଖେ ଯାତ୍ରା କରିବାକୁ ଲାଗିଲେ।

ଭୁବନର ନିଦ ଭାଙ୍ଗିଲା ବେଳକୁ ସକାଳ ନଅଟା ହୋଇ ଯାଇଥିଲା। ଡାହାଣ ହାତଟା ଧକ୍‌ଧକ୍ ହୋଇ ବିନ୍ଧୁଥିଲା। ରକ୍ତ ବହିବା ବନ୍ଦ ହୋଇଯାଇଥିଲା। କିନ୍ତୁ ପାପୁଲିଟା ଫୁଲି ଯାଇଥିଲା। ବୋଧହୁଏ କୌଣସି ଗୋଟେ ଆଙ୍ଗୁଳିର ହାଡ଼ ଭାଙ୍ଗିଯାଇଥିଲା। ହାତ ପାପୁଲିକୁ ଗାମୁଛାରେ ଗୁଡ଼ାଇ ଭୁବନ ଗାଆଁ ମୁଣ୍ଡ ପୋଖରୀ ଆଡ଼କୁ ଚାଲିଲା। ଘରୁ ବାହାରିବା ମାତ୍ରେ ଶୁଣିଲା ମନ୍ଦିର ପାଖରେ ମାଇକ୍ ବାଜୁଛି। ପାଖରେ ପହଞ୍ଚି ଦେଖିଲା ପ୍ରବଳ ଭିଡ଼। ବହୁତ ଗାଡ଼ି ମଟର ଠିଆ ହୋଇଛି। ଅସ୍ଥାୟୀ ଦୋକାନ ଲାଗି ଯାଇଛି। ହଜାର ହଜାର ଲୋକ ଖାଲି ବୋତଲଟିମାନ ଧରି ଧାଡ଼ିରେ ଠିଆ ହୋଇଛନ୍ତି।

ଜଣେ ଗାଁ ଲୋକଙ୍କୁ ଦେଖି ଭୁବନ ପଚାରିଲା, ଆଜି କିଛି ପର୍ବ ଅଛି କି? କାଲି ତ କିଛି ଜଣାଯାଉ ନ ଥିଲା। ଆଜି ହଠାତ୍ କାହିଁକି ଏତେ ଭିଡ଼?

ଲୋକଟା କହିଲା, ତୋର ବୋଧହୁଏ ଏବେ ନିଦ ଭାଙ୍ଗିଲା। ସକାଳ ଛଅଟାରୁ ଭିଡ଼ ହେଲାଣି।


ଭୁବନ ପଚାରିଲା, ସମସ୍ତେ କ'ଣ ଗୋଟେ ଗୋଟେ ବୋତଲ ଧରିଛନ୍ତି?

- ଅସଲ କଥାଟା ତ ସେଇଠି। ଆମ ଠାକୁର କାଲି ରାତିରେ ଜୀବନ୍ତ ହୋଇଯାଇଛନ୍ତି। ତାଙ୍କ ନାକରୁ ରକ୍ତ ବାହାରିଛି।

- ସତେ ନା କ'ଣ?

– ଠାକୁରଙ୍କ ରକ୍ତ ମାନେ ପବିତ୍ର ରକ୍ତ। ସେ ରକ୍ତକୁ କୂଅ ପାଣିରେ ମିଶାଇ ଦିଆଯାଇଛି। ସେହି ପାଣି ବିକ୍ରି ହେଉଛି। ନଅଟା ସୁଦ୍ଧା ଦଶଲକ୍ଷ ଟଙ୍କାର ପାଣି ବିକ୍ରି ସରିଲାଣି। ସେ ପାଣି ଯିଏ ନେବ ତା'ର ଭାଗ୍ୟ ବଦଳିଯିବ।

ଏତିକି କହିଦେଇ ଲୋକଟା ପଳେଇଲା। ଭୁବନ ଭାବିଲା କହି ଦେବି କି ଏଗୁଡ଼ା ସବୁ ମିଛକଥା। ସେ ରକ୍ତ ଠାକୁରଙ୍କର ନୁହେଁ। ମୋର, ମାନେ ଭୁବନର।



ଭୁବନ ଲୋକ ଗହଳିକୁ ଚାହିଁଲା। ପାଣି ପାଇଁ ଲୋକେ ବୋତଲ ଧରି ଧାଡ଼ିରେ ଠିଆ ହୋଇଛନ୍ତି। ଯିଏ ପାଣି ନେଇ ମନ୍ଦିର ପାଖରୁ ଫେରୁଛି, ତା' ମୁହଁ ସଫଳତାରେ ହସ ହସ ଦେଖାଯାଉଛି। ଏ ପର୍ଯ୍ୟନ୍ତ ଦଶଲକ୍ଷ ଟଙ୍କା ରୋଜଗାର ହେଲାଣି। ଆହୁରି ରୋଜଗାର ହେବ। ସବୁଦିନେ ରୋଜଗାର ହେବ। ଯାହା ଚାଲିଛି ଠିକ୍ ଚାଲିଛି। ସେମିତି ଚାଲିଥାଉ।

ଭୁବନ ଭାବୁଥିଲା, ରକ୍ତ ତ ଭୁବନର। ରକ୍ତ ପାଣି ବିକ୍ରି ପଇସାରୁ କିଛି ଭୁବନକୁ ଦେଲେ ଠିକ୍ ହୁଅନ୍ତାନି। ତା'ର ଦୁଃଖ ବି ଦୂର ହୋଇ ଯାଆନ୍ତା। ଚିନ୍ତା କଲା, ଭିଡ଼ କମିଲେ ପୂଜାରୀଙ୍କୁ ସେ ଏ କଥା କହିବ।

କିନ୍ତୁ ଅନେକ ଦିନ ବିତିଗଲା। ମାସ, ବର୍ଷ ବିତିଗଲା। ପୂଜାରୀ ବା ପରିଚାଳକଙ୍କ ବ୍ୟସ୍ତତା କମିଲା ନାହିଁ। ତାଙ୍କ ବ୍ୟସ୍ତତାରୁ ତିଆରି ହେଲା ଧର୍ମଶାଳା, ଡାକ୍ତରଖାନା, ସ୍କୁଲ, କଲେଜ ଓ ମାଗଣା ଭୋଜନ ବ୍ୟବସ୍ଥା।

ଲୋକେ ଠାକୁରଙ୍କ ରକ୍ତମିଶା ପାଣି ନେଇ ପୂଜା କରୁଥିଲେ। ଶୁଭ କାମରେ ଗଲାବେଳେ ମୁଣ୍ଡରେ ମାରୁଥିଲେ ଓ ପାଦୁକ ରୂପରେ ପାଟିରେ ମାରୁଥିଲେ। ସମସ୍ତଙ୍କର ମନସ୍କାମନା ପୂରଣ ହେଉଛି ବୋଲି କହୁଥିଲେ।

ସମୟକ୍ରମେ ମନ୍ଦିର ପରିଚାଳନା କମିଟି ତରଫରୁ ଭୁବନକୁ ମନ୍ଦିର ସଫେଇ କାମଟିଏ ମିଳିଗଲା। ଦୈନିକ ଶହେ ଟଙ୍କା ମଜୁରୀ ସହିତ ମାଗଣାରେ ଦୁଇବକ୍ତ ଖାଇବାକୁ ମିଳିଲା। ସେତେବେଳକୁ ଗାଁ ସାରାର ସମସ୍ତ ପରିବାର ପବିତ୍ର ପାଣିରୁ ଏକ ଏକ ବୋତଲ କିଣି ଘରେ ରଖିସାରିଥିଲେ। ପିଲାମାନେ ସ୍କୁଲ କଲେଜକୁ ପରୀକ୍ଷା ଦେବାପାଇଁ ଗଲାବେଳେ, ବୟସ୍କ ମାନେ ଶୁଭ କାର୍ଯ୍ୟରେ ବାହାରିବା ବେଳେ ଓ ମହିଳା ମାନେ ପୂଜା ଶେଷ କଲାପରେ ଟୋପାଏ ପାଟିରେ ପକାଉଥିଲେ ଓ ଟୋପାଏ ମୁଣ୍ଡରେ ମରୁଥିଲେ। ଏବଂ ଏଥିରୁ ଶୁଭଫଳ ମିଳୁଛି ବୋଲି କହୁଥିଲେ।

ବାରମ୍ବାର ସମସ୍ତଙ୍କର ସଫଳତା କଥା ଶୁଣି ଭୁବନ ପ୍ରଥମ ମାସର ଦରମାରୁ ଏକ ହଜାର ଟଙ୍କା ଖର୍ଚ୍ଚ କରି ଗୋଟେ ବୋତଲ ପାଣି କିଣିଲା।

□□

ଲେଖକଙ୍କ ଇ-ମେଲ ଠିକଣା:
harekrushna.mugupal@gmail.com

**ସାହିତ୍ୟ ଚର୍ଚ୍ଚା ବର୍ତ୍ତମାନ ମୋବାଇଲ ଆପ୍ ରେ**




Search **Sahitya Charcha**
on Play Store

ଆପଣଙ୍କ **ଆଣ୍ଡରଏଡ୍ ମୋବାଇଲ ଫୋନ୍** ପାଇଁ **'ସାହିତ୍ୟ ଚର୍ଚ୍ଚା'**ର **ଆପ୍** ବର୍ତ୍ତମାନ **'ପ୍ଲେ ଷ୍ଟୋର୍'**ରେ ଉପଲବ୍ଧ ଅଛି।

ରମ୍ୟ ରଚନା



# ଓରିସା-ଉଡ଼ିଶା-ଓଡ଼ିଶା

ଡ.ଗୋପାଳକୃଷ୍ଣ ଆଚାର୍ଯ୍ୟ

ଇଂରେଜମାନଙ୍କ ଓଠ ତାଙ୍କ ମୂଳକରେ ଉହୁଉହୁ ହୋଇ ଥରୁଥାଏ ବୋଲି, ଓଡ଼ିଶାକୁ ଓରିଶା କଲେ। ଆପଣ ଦେଖିବେ ଯେ ଇଂରାଜୀରେ ଗଡ଼କୁ ଗର୍ହ (Garh) ବୋଲି ଆମେ ଏବେ ବି ଲେଖୁଛେ। ତାଙ୍କ ପାଟିରେ ଯେନ୍ତା ପଶିଲା ସେମାନେ ସେନ୍ତା କଲେ। କୁଟାକ, ଅଉଲ, ବାଲାଶୋର, ବେରହାମପୁର ଭଳି ନୂଆ ଶବ୍ଦ ଆମକୁ ଚିହ୍ନେଇଲେ। ଆମେ ବି ପାଦୁକ ପରିକା ଚାଟି ପକେଇଲେ। ମୁଁ ତ ପିଲାଦିନେ ଅନେକଥର ମୋର ସାଙ୍ଗିଆ ଆଚାରିଆ ବୋଲି ଗର୍ବରେ କହିଥିବି। ଆମର ଜଣେ ତାମିଲ ସାର୍ ଥିଲେ । ତାଙ୍କ ନାଁ ଏଲ୍.ଟି. ଆୟାର। ସେ ଉପସ୍ଥାନ ପକେଇବା ବେଳେ ନାଁ ଧରି ଡାକନ୍ତି। ମୋ ନାଁ'କୁ ଜମେଇକି ଡାକିବେ : ଗୋପକ୍କ୍ରୀଷ୍ଣା ଆଚାରିଆ। ମୁଁ ନିଜ ଉପରଛାତି ବୋତାମଟାକୁ ସେତିକି ବେଳେ ଖୋଲି ପକାଏ।





ଏମିତି ହେଲା ଯେ ମୋତେ ହଷ୍ଟେଲର ଯେଉଁ ଘର ମିଳିଲା, ସେଠି ମୋ ସହ ରହିବାକୁ ଜଣେ ପୂର୍ବତନ ମନ୍ତ୍ରୀଙ୍କ ଭଣଜାକୁ ଅନୁମତି ମିଳିଲା। ସେ ବିଚାରା ଡରିହରି ଛାନିଆ। ଯାଇ ଡାଇରେକ୍ଟର ସାରଙ୍କୁ ନେହୁରା ହେଲା: ସାର୍ ! ପ୍ଲିଜ୍ ଆଲଟ୍ ଆନାଦର୍ ରୁମ୍ ଫର ମି।

ଡାଇରେକ୍ଟର ପଚାରିଲେ: ଫର୍ ହ୍ୱାଟ୍ ?

ସେ କହିଲା: ବିକଜ୍ ମାଇ ରୁମମେଟ୍ ଇଜ୍ ନନ୍‌ଓଡ଼ିଆ ।

କି କଥା କହିଲେ। ମୁଁ ବ୍ରାହ୍ମଣ ଛୁଆଟା। ପୁଣି ଆଚାର୍ଯ୍ୟ। ଦ୍ରୋଣାଚାର୍ଯ୍ୟ, କୃପାଚାର୍ଯ୍ୟ, ଶଙ୍କରାଚାର୍ଯ୍ୟ, ବଲ୍ଲଭାଚାର୍ଯ୍ୟଙ୍କ ପରି ମୁଁ କେତେବଡ଼ ଓଡ଼ିଶାର ଆଚାର୍ଯ୍ୟ। ମୁଁ କିଆଁ ଅଣୋଡ଼ିଆ ହେବି !

ଡାଇରେକ୍ଟର ଆଜ୍ଞା ହସିଲେ। କହିଲେ: ବାବୁରେ ସେ ଆମ ଓଡ଼ିଆଚାର୍ଯ୍ୟ। ଅଣୋଡ଼ିଆଚାର୍ଯ୍ୟ ନୁହେଁ। ବୁଝିଲ ?

ତହୁଁ ମନ୍ତ୍ରୀଙ୍କ ଭାଗିନେୟ ଧାଇଁଲେ ନସରପସର ହୋଇ। ମୋ ସହିତ କରମର୍ଦ୍ଦନ କଲେ। ଆମ୍ଭର ବନ୍ଧୁତ୍ୱର ପରିବର୍ଦ୍ଧନ ହେଲା।

ବନ୍ଧୁ କହିଲେ: ମୁଁ ତ ଡରି ଯାଇଥେଲି ହୋ !

ମୁଁ କହିଲି: ହଉ। ମୋ ଭଳି ପାଣିହଗୁରା ଆଉ କାହାର ଏହି ବାଗରେ ହେଲେ ଡରର କାରଣ ହେଉ।

**ଆଚାରିଆ କହିବାର ସୁଆଦ**

ମୋର କିନ୍ତୁ ସେଇ ଆଚାରିଆ କହିବାର ସୁଆଦଟି ଓଠରେ ଅନେକ ଦିନ ଧରି ଲାଗିଥାଏ। ଥରେ ମାଡମ ଡକ୍ଟର ଅନ୍ନପୂର୍ଣ୍ଣା ମିଶ୍ର ଆମର ଫିଜିଓଲୋଜି କ୍ଲାସ୍ ନଉଥାନ୍ତି। ଗୋଟିଏ ପ୍ରଶ୍ନ ପଚାରିଲେ। ମୋର ସେଇ ବିଷୟଟି ଭଲ ହେଉଥିଲା। ମୁଁ କହିଦେଲି। ସେ ଗେହ୍ଲାରେ ମୋ ନାଁ ' ପଚାରିଲେ। ମୁଁ କହିଲି: ଗୋପକ୍କ୍ରୀଷ୍ଣା ଆଚାରିଆ।

ସେ ମୋ ଆଡ଼କୁ ସନ୍ଧାନୀ ଆଖିରେ ଚାହିଁଲେ। ମୁଁ ଡରି ଗଲି।

କହିଲେ: ତମେ ଆଚାର୍ଯ୍ୟଟି ?

ମୁଁ କହିଲି: ଆଜ୍ଞା।

ସେଇଠୁ ସେ ଗୋଟିଏ ତାଚ୍ଛଲ୍ୟହସର ଚଟକଣାଟେ ଫୋପାଡ଼ି ମୋତେ କହିଲେ: ବାବୁରେ ! କେତେ ସୁନ୍ଦର ନାଁ'ଟେ ତୋର। ତୁ ଏମିତି କାହିଁକି କହୁଛୁ। ମୁଁ ମିଶ୍ର। ମିଶ୍ରା କହୁନି ତ। ମୁଁ ଓଡ଼ିଆ। ଏହି ନାମରେ ହିଁ ମୋର ଓଡ଼ିଆତ୍ୱ ଲୁଚିଚି।

ମୁଁ ଲାଜରେ ଶାଙ୍କୁଳି ହୋଇଯାଉଥିଲି। ତା'ପରଠୁ ମୁଁ

ପ୍ରତିଜ୍ଞା କଲି ଯେ ଓଡ଼ିଆ ଥିଲି, ଅଛି, ରହିବି ମଧ୍ୟ। ଆଉ କାହା ଢଙ୍ଗରେ ନିଜକୁ ବ୍ୟଙ୍ଗ କରିବିନି। ମୁହଁରେ ପଛରେ ନାଲିବୋଲି ପାତିମାଙ୍କଡ଼ ବନି କାହାର ହାତରୁ ନଡ଼ିଆ ଛଡ଼େଇବିନି।

ଅଛି ତ! ଏଯାଏ ଅତି ଆବଶ୍ୟକ ନ ହେଲେ ଇଂରାଜୀ କହୁନି।

ମୋର କିନ୍ତୁ ଇଂରାଜୀ ଭାଷା ଓ ଇଂରେଜମାନଙ୍କ ପ୍ରତି ସମ୍ମାନବୋଧ ଯଥେଷ୍ଟ ରହିଛି। କାହିଁକି ସେକଥା ପରେ କହିବି।

ଏବେ ଆସିବା ମୂଳକଥାକୁ। ଏଇ ନଗଦାନଗଦି ଜଣେ ମହାନ ଜନନାୟକ ଆମ ମାଟିକୁ ଆସିଥିଲେ। ସେ ତାଙ୍କର ରାଜନୀତିକ ବକ୍ତବ୍ୟ ଛଳରେ ବାରବାର ଓଡ଼ିଶାକୁ ଉଡ଼ିଶା ଉଡ଼ିଶା ବୋଲି ଉଚ୍ଚାରଣ କଲେ। ଓଡ଼ିଆ ଜନତା ବି ତାଳି ଠୋକିଲେ ନାହିଁ କି। ମୋ'ଠି କିନ୍ତୁ ଶବ୍ଦଟି ଅଗ୍ନିମାନ୍ଦ୍ୟ ରଚିଦେଲା। ଏଣୁ,ଏହାକୁ ମୋ ଭଳି ବାମନର ବମନ ବୋଲି ଆପଣ ଧରି ନେଇ ପାରନ୍ତି।

ଦିନେ ଜଣେ ଅନାମଧେୟ ଭଟ୍ଟାଚାର୍ଯ୍ୟ ତା ତୋଡ଼ିମୋଡ଼ି ଓଷ୍ଠଶୈଳୀ ଭାଷାରେ 'ଉଡ଼ିୟା ଏକ୍ଟା ସ୍ୱତନ୍ତ୍ର ଭାଷା ନୟ' କହିଦେଲା ବୋଲି ଓଡ଼ିଶା ଚହଲିଗଲା, ଉଠିଲା ପଡ଼ିଲା।

ମଉ ବଳରାମ ଦାସଙ୍କ ପାଇଁ ଜଣେ ବଙ୍ଗାଳୀ ବି ପ୍ରଶସ୍ତି ଗାଇଥିଲେ: ବନ୍ଦେ ଉଡ଼ିୟା ବଳରାମ ଦାସ ମହାଶୟ/ଜଗନ୍ନାଥ ବଳରାମ ଯାର ବଶ ହୟ।

### ଆମେ ଥିଲୁ 'ଉଡ଼ିୟା'

ଆମେ ଖୁସି ହେଲେ। ସେତେବେଳେ କେହି ବି ପାଟି ଫିଟେଇ ନ ଥିଲେ। ଏମିତି ବି ଆମକୁ ବାହାରେ ଅନେକ ଉଡ଼ିୟା ବୋଲି ବଙ୍ଗାଳୀଙ୍କ ଉଚ୍ଚାରଣରୁ ଜାଣୁଥିଲେ। କାରଣ, ଆମ ନିମାପଡ଼ା, ଅସ୍ତରଙ୍ଗ, କାକଟପୁର, ଭୋଗରାଇର ପାନ ବାହାରେ କଲକତିପାନ୍ ହୋଇ ବିକ୍ରୀ ହୁଏ। ଆମେ କେବେ ବି ଏ ବିଷୟରେ ଆପତ୍ତି ଉଠାଇନେ। ସୁଭାଷଙ୍କୁ ଛାଡ଼-ଜୟଦେବ, ରସଗୋଲା ବି ତାଙ୍କର ହୋଇଗଲା। ସେମାନେ ରସଗୋଲା ଜିଆଇ ଟ୍ୟାଗ୍ ନେବା ପରେ ଆମେ ପାଇଲେ।

**୧୯୩୬ରେ ଭାଷାଭିତ୍ତିକ ପ୍ରଦେଶ ଗଠନ ହେବା ପରେ ଓଡ଼ିଶା ବି ଅନେକକାଳ ବ୍ରିଟିଶିଆ ଓ ବଙ୍ଗାଳିଆ ହୋଇ ବିକଳାଙ୍ଗ ରହିଗଲା।**

ମୁଗାମ୍ବୋ ଖୁସ୍ ହୁଆ। ରସଗୋଲା ବିବାଦ ଥମ ହୋଇଗଲା। ଜୟଦେବ ଏଯାଏ କୁହୁଳୁଛନ୍ତି।

ମୁଁ ଭୂମିଷ୍ଠ ପ୍ରଣାମ କରୁଛି କିଂବଦନ୍ତୀ କଥାକାର ଶାନ୍ତନୁ ଆଚାର୍ଯ୍ୟଙ୍କୁ ଯେ କି ତାଙ୍କ 'ଅନୋମାର କନ୍ୟା'ରେ ବୁଦ୍ଧଦେବଙ୍କ କପିଳବାସ୍ତୁ, ପୁରୀର କପିଳେଶ୍ୱରପୁର ବୋଲି ପ୍ରତିପାଦିତ କରିବାକୁ ପ୍ରାଣପଣେ ଅଣ୍ଟା ଭିଡ଼ିଛନ୍ତି। ଆମେ କିନ୍ତୁ ଓଡ଼ିଆ ହୋଇ ଓଠ ନେଫେଡ଼େଇ କହୁଛେ: ମୋର ଟିକେ ଓଡ଼ିଆ ଭଲ ହୁଏନି ତ...ସେ ତିନିଟା ଶ ଷ ସ ମୁଁ ଜାଣିପାରେନି କି ବନାନ ବି ଠିକ୍‌ସେ ଜାଣିପାରେନି। ହି ହି ହି।

ଛାଡ଼ନ୍ତୁ: ୧୯୩୬ରେ ଭାଷାଭିତ୍ତିକ ପ୍ରଦେଶ ଗଠନ ହେବା ପରେ ଓଡ଼ିଶା ବି ଅନେକକାଳ ବ୍ରିଟିଶିଆ ଓ ବଙ୍ଗାଳିଆ ହୋଇ ବିକଳାଙ୍ଗ ରହିଗଲା। ଓରିଶା, ଉଡ଼ିଶା ଏବେ ବି ଚମକୁଚି ଜୋକରଟୋପି ପିନ୍ଧି...

ଆମ ଓଡ଼ିଶାର ନାମକରଣ ବିଷୟରେ ଡକ୍ଟର ହରେକୃଷ୍ଣ ମହତାବଙ୍କ ଲିଖିତ 'ଓଡ଼ିଶା ଇତିହାସ' କ'ଣ କୁହେ ଦେଖନ୍ତୁ: ଗ୍ରୀକରେ 'ଓରୁଜା'ର ଅର୍ଥ ଚାଉଳ ଏବଂ ଗ୍ରୀକ୍? ଭାଷାକୁ ଏହା ପ୍ରାଚ୍ୟରୁ ଯାଇଛି ବୋଲି ପ୍ରମାଣ ରହିଛି । ସେହି ସୂତ୍ରରେ ଗ୍ରୀକ ଓରୁଜାକୁ ନେଇ 'ଓରିଟିସ୍' ବା 'ଓର' ହେଲା ଚାଉଳ ଉତ୍ପାଦନକାରୀ ବା ଭାତକୁ ମୁଖ୍ୟ ଭୋଜନ ଭାବରେ ଗ୍ରହଣ କରିଥିବା ଜାତିର ଲୋକ ସମୂହ। ଏଥିରୁ ଅନୁମାନ କରାଯାଏ ଯେ, ଓଡ଼ିଆପାଇଁ ନିର୍ଦ୍ଦିଷ୍ଟ ଭାବେ ଓରିଟିସ୍ ଶବ୍ଦ ବ୍ୟବହାର କରାଯାଇଛି। ନବମ ଓ ଦଶମ ଶତାବ୍ଦୀର ଦୁଇଜଣ ମଧ୍ୟଏସିଆର ଭୌଗୋଳିକ ଇବନ୍ ଖୁର୍ଦ୍ଦାଦଭି ଓ ହାଦୁଦ୍ ଅଲ୍ ଆଲାନ ଓଡ଼ିଶାକୁ 'ଉର୍ସିନ' ବା 'ଉର୍ସଫିନ' ବୋଲି ଉଲ୍ଲେଖ କରିଛନ୍ତି। ଏକାଦଶ ଶତାବ୍ଦୀରେ ଆଲବେରୁନି ତାଙ୍କ ପ୍ରସିଦ୍ଧ ପୁସ୍ତକ 'ଇଣ୍ଡିଆ'ରେ ଓଡ଼ିଶାକୁ 'ଉର୍ଦ୍ଧାବିଶାଉ' ବୋଲି ଲେଖିଛନ୍ତି, ଯାହାକୁ ସଂସ୍କୃତ 'ଓଡ୍ର ବିଷୟ' ବା ଓଡ୍ର ପ୍ରଦେଶର ଅପଭ୍ରଂଶ ଭାବରେ ଗ୍ରହଣ କରାଯାଏ। ପ୍ରଥମ ଥର ପାଇଁ ସ୍ପଷ୍ଟ ଶବ୍ଦରେ ଚତୁର୍ଦ୍ଦଶ ଶତାବ୍ଦୀରେ ସାମ୍‌ସଇ ସିରାଜ ଅଫିପ ନାମକ ଜଣେ ମୁସଲିମ୍ ଲେଖକ ଯାଜନଗର ଉଡ଼ିଶା କ୍ଷେତ୍ରର ନାମୋଲ୍ଲେଖ କରିଛନ୍ତି। ସେହି ସମୟରେ ସୀମାଚଳମର ଏକ

ଶିଳାଲେଖରେ 'ଓଡ୍ୟାଦେଶ' ନାମର ଉଲ୍ଲେଖ ରହିଛି। 'ଓଡିଶା', 'ଓଡ଼ିଶା ରାଷ୍ଟ୍ର', ତଥା 'ଓଡ଼ିଶା ରାଜ୍ୟ' ଆଦି ନାମର ବ୍ୟବହାର ଗଜପତି ରାଜା କପିଳେନ୍ଦ୍ରଦେବ ପଞ୍ଚଦଶ ଶତାବ୍ଦୀର ଆଦ୍ୟ ଭାଗରେ କରିଛନ୍ତି। ଏହା ପରେ ଉଭୟ ସରକାରୀ ନଥିପତ୍ରରେ ତଥା ଲୌକିକ ସ୍ତରରେ 'ଓଡ଼ିଶା' ନାମ ଲୋକପ୍ରିୟ ହୋଇଛି । ଓଡ଼ିଆ ମହାଭାରତର ରଚୟିତା ସାରଳା ଦାସ ମଧ୍ୟ ତାଙ୍କ ରଚନାରେ ଓଡ଼ିଶା ରାଷ୍ଟ୍ର ବା 'ଓଡ଼ରାଷ୍ଟ୍ର'ର ଉଲ୍ଲେଖ କରିଛନ୍ତି। ଏଥିରୁ ଗୋଟିଏ କଥା ସାବ୍ୟସ୍ତ ହୁଏ ଯେ, ଅନ୍ତତଃ ମଧ୍ୟକାଳରୁ ବା ହୋଇପାରେ ପ୍ରାଚୀନ କାଳରୁ, ଆଜି ଓଡ଼ିଶା ନାମରେ ଖ୍ୟାତ ଅଞ୍ଚଳକୁ ତଥା ଏହି ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ 'ଉଡ୍ର', 'ଓର' ଆଦି ନାମରେ ଲୋକ ଜାଣୁଥିଲେ। ସମୟ କ୍ରମେ ଅର୍ଥାତ୍, ଆଧୁନିକ କାଳରେ ଏହି ନାମକୁ ମହତ୍ତ୍ୱ ମିଳିଲା, କାରଣ ଏହାର ମୁଖ୍ୟ ଆଧାର ହେଲା ଭାଷା– ଯାହା 'କଳିଙ୍ଗ' ବା 'ଉତ୍କଳ' ନାମରେ ନ ଥିଲା।

**ଦ୍ରଶନ କରିବା କାହାକୁ ?**

ଅତଏବ ଯେଉଁ ଓଡ଼ିଆ ଭାଷା ପାଇଁ ଆମେ ଓଡ଼ିଶା ପାଇଛେ, ସେ ଉଡ଼ିଶ୍ୟା, ଉଡ଼ିଶା ହେବ କାହିଁକି ? ଆପଣମାନେ ଜାଣିଥିବେ ଯେ ପ୍ରଫେସର କଇଳାଶ ପଟ୍ଟନାୟକ ତାଙ୍କ ପିତୃଦତ୍ତ ନାମକୁ ପ୍ରାଧାନ୍ୟ ଦେଇ କୈଳାସ ନଲେଖି କଇଳାସ ହିଁ ଲେଖନ୍ତି। ସେମିତି ସାଲବେଗଙ୍କ ଭଜନରେ 'ଦ୍ରଶନ କରିବା କାହାକୁ' ଶବ୍ଦକୁ 'ଦର୍ଶନ କରିବା' କହି ବୋଲି ପାରିବେନି ବୋଲି ବିଶିଷ୍ଟ କିଂବଦନ୍ତୀ ପୁରୁଷ ସଂଗୀତସମ୍ରାଟ ଅକ୍ଷୟ ମହାନ୍ତି ଶ୍ରୋତାଗଣଙ୍କୁ ରୋକଠୋକ ମନା କରି ଦେଇଛନ୍ତି। ସନ୍ଥ ରାମଦାସଙ୍କ କୃତ୍ୟ 'ଦାର୍ଢ୍ୟତାଭକ୍ତି' ରସାମୃତ ବୈୟାକରଣିକଙ୍କ ଦୃଷ୍ଟିରୁ ଦୋଷଯୁକ୍ତ ଶବ୍ଦ ହେଲେ ମଧ୍ୟ କବିଙ୍କୁ ସମ୍ମାନ ଜଣାଇ ଏହି ନାମକୁ ଅକ୍ଷୁର୍ଣ୍ଣ ରଖାଯାଇଛି। ବଡ଼ ଦୁର୍ଭାଗ୍ୟ ଯେ ଆମର ଏହି ଶୁଦ୍ଧ ନାମଟିକୁ ବଡ଼ ବଡ଼ ଲୋକ ଆମ କାନରେ ସୋଲ ଭର୍ତ୍ତି କରି ଅଶୁଦ୍ଧ କରି ଏବେ ବି କହୁଛନ୍ତି, ଅଥଚ ଆମେ ଆଦୌ ପ୍ରତିକ୍ରିୟା ଦେଖାଉନେ।

> **ଆପଣ ଦକ୍ଷିଣୋଡ଼ିଶା ଯାଆନ୍ତୁ, ସେଠି ଯେଡ଼େ ଯେଡ଼େ ଶିକ୍ଷିତ ଜ୍ଞାନୀ ଥାଆନ୍ତୁ ପଛେ ସେ ତାଙ୍କ ଆଞ୍ଚଳିକ ଭାଷା ବୋଲି ମୋଟେ ଛାଡ଼ିବେନି।**

ଦେଖନ୍ତୁ ତ୍ରିଭେନ୍ଦ୍ରମ ହେଲା ତିରୁବାନନ୍ତପୁରମ୍, ମାଡ୍ରାଜ ହେଲା ଚେନ୍ନାଇ, ବମ୍ବେ ହେଲା ମୁମ୍ବାଇ, କିନ୍ତୁ ଆମେ ଏବେ ବି ଲେଖିଲୁ, କହିଲୁ ବାଲାଶୋର। ହଁ' ଥରେ ଜଣେ ସଚେତନ ମଣିଷଠୁ ମୁଁ ଠୋକର ଖାଇଥିଲି ବରହମପୁର କହି। ସେ ମୋତେ ସ୍ପଷ୍ଟ କହିଥିଲେ କୁହନ୍ତୁ 'ବ୍ରହ୍ମପୁର'। ମୁଁ ଆଉ ଭୁଲରେ କାହା ଆଗରେ ଏମିତି କହୁନି ସେଦିନଠୁ। ଭାଇ ଆପଣ ଦକ୍ଷିଣୋଡ଼ିଶା ଯାଆନ୍ତୁ, ସେଠି ଯେଡ଼େ ଯେଡ଼େ ଶିକ୍ଷିତ ଜ୍ଞାନୀ ଥାଆନ୍ତୁ ପଛେ ସେ ତାଙ୍କ ଆଞ୍ଚଳିକ ଭାଷା ବୋଲି ମୋଟେ ଛାଡ଼ିବେନି। ପଶ୍ଚିମ ଓ ଉତ୍ତର କଥା ବି ସେଇଆ। କିନ୍ତୁ ଦଳେ ପୂବେଇ ଓ ବିଶେଷ କରି ରାଜଧାନୀଆ ବହିଭାଷା ସହିତ ହିଙ୍ଗ୍ଲୋଡିଆ ଛୁଙ୍କେଇ ଏମିତି ଆମ ଭାଷାକୁ ବିଜାରିଆ କୁଆଖଣ୍ଡିଆ କରିଦେବେ ଯେ ରଷି ବାଳ ଛିଣ୍ଡେଇ ମରିବ।

ଯଥା: ମୋର ସେଠିକି ଥୋଡ଼ିନା ଯିବା ଜରୁରତ୍ ପଡ଼ିଚି। ଲିଟରାଲି ସ୍ପିକିଂ ମୁଁ ଫ୍ୟାକ୍ଟର ବଡ଼ ଫ୍ୟାନ୍।

ଯା ଭମାଲୁ ଥା...

ଏମାନଙ୍କ ପାଇଁ ଉଡ଼ିଶା, ଉଡ଼ିଶ୍ୟା ବା ଓରିସା କିଛି ଫରକ ପଡ଼ିବ କି ଭାଇ ? ?

ବହୁ ଡେରିରେ ଇଂରାଜିରେ ଉଚ୍ଚାରିତ ଆମ ରାଜ୍ୟର ନାମ 'ଓରିଶା', 'ଓଡ଼ିଶା' ଓ ଆମ ଭାଷାର ଇଂରାଜି ଉଚ୍ଚାରଣ 'ଓରିଆ' 'ଓଡ଼ିଆ' ହୋଇଛି। ଆମ ସଂବିଧାନରେ ଆମ ରାଜ୍ୟର ନାମ ହିନ୍ଦୀରେ ଆଗରୁ 'ଉଡ଼ିଶା' ଲେଖା ହୋଇଥିଲା। ତାହା ମଧ୍ୟ ବଦଳିଯାଇ 'ଓଡ଼ିଶା' ହୋଇଛି। ଓଡ଼ିଶା, ଓଡ଼ିଆ– ଏହି ଜାତୀୟ ସ୍ୱୀକୃତି ବିଲ୍‌ଟି। ମହାମାନ୍ୟା ରାଷ୍ଟ୍ରପତି ଶ୍ରୀମତୀ ପ୍ରତିଭାଦେବୀ ସିଂହ ପାଟିଲଙ୍କ ଅନୁମୋଦନ ଲାଭକରି ଆଇନରେ ପରିଣତ ହୋଇଛି। ଏ ସଂପର୍କିତ ଭାରତ ସରକାରଙ୍କ ଗେଜେଟ ନୋଟିଫିକେସନ୍ ପ୍ରକାଶ ପାଇଛି ୪.୧୧.୨୦୧୧ ତାରିଖରେ। ଏହି ବିଜ୍ଞପ୍ତି ଫଳରେ ୧–୧୧–୨୦୧୧ ତାରିଖଠାରୁ ଏହି ସଂଶୋଧିତ ନାମ ସାରା ଦେଶରେ କାର୍ଯ୍ୟକାରୀ ହୋଇଛି।

ଏହି ନାମ ପରିବର୍ତ୍ତନରେ ଓଡ଼ିଶାବାସୀ କାଳେ ଆନନ୍ଦରେ ବିଭୋର ହୋଇଯାଇଥିଲେ ବୋଲି 'ନୂତନ ଓଡ଼ିଶା'ର ପ୍ରଥମ ମୁଖ୍ୟମନ୍ତ୍ରୀ ଭାବରେ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ତାଙ୍କର ପ୍ରଥମ ପତ୍ର ତତ୍କାଳୀନ ରାଷ୍ଟ୍ରପତି ମାନନୀୟା ଶ୍ରୀମତୀ ପ୍ରତିଭା

ଦେବୀ ସିଂହ ପାଟିଲ୍‌ଙ୍କ ଉଦ୍ଦେଶ୍ୟରେ ଲେଖି ରାଜ୍ୟବାସୀଙ୍କ ପକ୍ଷରୁ ତାଙ୍କୁ କୃତଜ୍ଞତା ଜଣାଇଥିଲେ । ରାଜ୍ୟସାରା ଲୋକେ ଏହି ଖୁସିରେ ସାମିଲ ହେବାପାଇଁ ମୁଖ୍ୟମନ୍ତ୍ରୀ ୫-୧୧-୨୦୧୧ ତାରିଖ ଶନିବାର ଦିନଟିକୁ ଛୁଟି ଘୋଷଣା କରିଥିଲେ ।

**ଭଉଣୀ ନୁହେଁ ସିଷ୍ଟର୍**

ଆଉ ଗୋଟିଏ ପ୍ରସଙ୍ଗ ଏଠାରେ ନ ଲେଖିଲେ ମୋ ମନ ମୋତେ ଶାନ୍ତ ହେବନାହିଁ । ମୁଁ ପଢ଼ାଉଥିବା ଅନୁଷ୍ଠାନର ଜଣେ ଛାତ୍ରୀ ତା'ର ଜଣେ ସାଙ୍ଗ ସହିତ ଅନୁଷ୍ଠାନକୁ ଆସିଥାଏ । ତାର ସେ ସାଙ୍ଗ ସହିତ କି ସମ୍ପର୍କ ବୋଲି ପଚାରିବାରୁ ସେ 'ସିଷ୍ଟର' ବୋଲି କହିଲା । ଏ ସିଷ୍ଟର ଓ ସାର୍ ସମ୍ବୋଧନ ବର୍ତ୍ତମାନ ଭାରି ଗୋଳିଆମୋଳିଆ ହୋଇଗଲାଣି । ସିଷ୍ଟର କହିଲେ ପ୍ରାୟ ଆମେ ଡାକ୍ତରଖାନାର ଚିକିତ୍ସା ସହାୟିକାଙ୍କୁ ତତ୍‌କ୍ଷଣାତ ବୁଝିଯାଇଥାଉ । ମୋ ଦୃଷ୍ଟିରେ ଭଉଣୀ ସମ୍ବୋଧନର ସାରବତ୍ତା ଏହାଠାରୁ ଢେର୍ ଅଧିକ । ଏଣୁ, ମୁଁ ଏହି ପରିଚୟ ଶୁଣି ପ୍ରତିକ୍ରିୟାଶୀଳ ହେବା ସ୍ୱାଭାବିକ । ଆମେ ତ ଭାଷାଜନନୀ ପାଇଁ କିଛି ବି କରିପାରିଲେନି, ଅନ୍ତତଃ ମା'ର ଭାଷାକୁ କ'ଣ ଟିକିଏ ସମ୍ମାନ ଦେଇପାରିବାନି ?



ମୁଁ ଟିକିଏ ତାଗିଦ କରି କହିଲି: ଭଉଣୀ କହୁନୁ ଝିଅ ।

ସେ ଝିଅଟି ପିନ୍ଧିଥିଲା ଗୋଟିଏ ଛୋଟ ପୋଷାକ ଉପରେ ଅଧାଜାକେଟ । ସେଦିନ ଶିକ୍ଷାଦାନ ନ ଥିଲା ବୋଲି ଏକକ ପରିଧାନ ଛାଡ଼ି ଏହି ପୋଷାକରେ ଆସିଥିଲା ବୋଧହୁଏ । କାରଣ, ସାଧୁ ବନିବା ବା ଶୃଙ୍ଖଳିତ ହେବାର ଯନ୍ତ୍ରଣା ଆଜିକାଲି ଛୁଏ ବେଶ ଅଙ୍ଗେ ନିଭେଇଛନ୍ତି । କଥାକଥାକେ ବଡ଼ଙ୍କୁ ମୁହେଁ ମୁହେଁ ଉତ୍ତର, ସେମାନଙ୍କ ଆଗରେ ଉଚ୍ଚସ୍ୱରରେ କଥାଭାଷା ଓ ପ୍ରତିକ୍ରିୟାଶୀଳତା ବୋଧହୁଏ ଆମର ମାଖନମରା ନାଭିକୀୟ ପରିବାରର ବିରାଟ ଅବଦାନ । ଆଗରୁ ପରିବାର ନିୟନ୍ତ୍ରଣ ଡାକରା ଥିଲା: ତିନୋଟି ସନ୍ତାନ ଯଥେଷ୍ଟ । ତା'ପରେ ହେଲା:ଆମେ ଦୁଇ ଆମର ଦୁଇ । ଏବେ ଚାଲିଛି:ଆମେ ଦୁଇ ଆମର ଏକ ।

ଆଉ କେତେଦିନ ପରେ ପୃଥିବୀ ଅପତ୍ୟଶୂନ୍ୟ ହୋଇଯିବ । ନାରା ଆସିବ: ଆମେ ଦୁଇ ଆମର ନାହିଁ ।

ଏଠି ଆମ ଛଡ଼ା ଆଉ କେହି ନାହିଁ । ଜେଜେ, ଜେଜୀ, ଦାଦା, ଖୁଡ଼ୀ, ବଡ଼ବାପା, ବଡ଼ବୋଉ, ଭାଇ, ଭଉଣୀରେ ଗହଗହ ନନ୍ଦ କହ୍ନେଇର ସମୂହ ପରିଚର୍ଚ୍ଚା ଆଉ କାହିଁ ?

ଏଠି ଶିଶୁଙ୍କ ସାଥୀ ଯନ୍ତ୍ର । ସେ ମଥା କେତେ ସହିବ କହୁନ । ଚିଡ଼ିଚିଡ଼ାପଣ, ଅସୌଜନ୍ୟ ବ୍ୟବହାର ଛଡ଼ା ଏଥିରୁ ଉତ୍ତର ପିଢ଼ିଙ୍କଠାରୁ ଆମେ କ'ଣ ଆଶା କରିବା !

ଖାଲି ପଢ଼, ପଢ଼ । ରୋଜଗାର କର କୁଡ଼କୁଡ଼ । ବିଦେଶ ଯାଅ । ଖଟ । ପଶୁ ପାଲଟ । ନାଇଁ ନାଇଁ ଭୁଲ କହିଲି । ପଶୁଙ୍କ ସଂଗଠନ ଓ ଶୃଙ୍ଖଳା ଢେର । ପିମ୍ପୁଡ଼ି ଦଳାଚକଟାରେ ମରେନି । ମଣିଷ ଭିଡ଼ା କାମୁଡ଼ା ଠେଲାପେଲାରେ ଲହୁଲୁହାଣ ହୁଏ । ତଥାପି କିଛି ଶିଖି ନ ଥାଏ କି ଶିଖୁ ବି ନ ଥାଏ । ବାପମା' ଦେଶରେ ପଡ଼ । ମର । ଶଢ଼ ।

ଖାଉଥା' ଇଟାପଥର । ଚାଟୁଥା ହାମୁଡ଼େଇ ସୁନିର୍ମିତ, ସୁସଜ୍ଜିତ ବଙ୍ଗଳା । ସେପଟେ ଆଗଟା ସୁଦୁଲଙ୍ଗଳା । ଆମେ ସେତେବେଳେ ହେଙ୍ଗଳା ଥିଲେ ସତ, ମେରିରେ ବନ୍ଧା ହୋଇ ବେଙ୍ଗଳା ବି ବୁଲୁଥିଲେ । ଗଲା ସବୁ ।

ପିଲାଟି ମୋର ଏଭଳି ପରାମର୍ଶ ବା ତାଗିଦକୁ ସାମାନ୍ୟ ଖାତିର କଲା ନାହିଁ । କହିଲା: ହେଃ ! ଓଡ଼ିଆକୁ କିଏ ପଚାରେ !

ମୋ ଦେହରେ ରାଗ ଚରିଗଲା ।

ସବୁଠାରୁ କୌତୂହଳ କଥାଟି ହେଲା, ସେ ଇଂରାଜୀର ସବୁତକ ବର୍ଣ୍ଣ ମଧ୍ୟ ଠିକ ଭାବେ କହିପାରୁ ନ ଥିଲା । ମୁଁ ଆହୁରି ବିସ୍ମିତ ହେଲି, ଯେତେବେଳେ ଶୁଣିଲି କି ତା'ର ବାପାଙ୍କର ଆର୍ଥିକ ଅବସ୍ଥା ଅତି ଦୁର୍ବଳ ଥିଲା । ସେ ହୁଏତ ସ୍ୱପ୍ନ ଦେଖୁଥିବ ଗୋଟିଏ ଓଡ଼ିଆ ବିଦ୍ୱେଷୀ ବିଦେଶୀ ଶାବକର ଅଭିଭାବକ ବନିବାର ରାଜସୁଖ ପାଇବା ପାଇଁ ।

□□

ଲେଖକଙ୍କ ଇ-ମେଲ ଠିକଣା:
gacharyalulu@gmail.com




ଗଳ୍ପ

# ସାଇକେଲ୍

ବବିତା ସାହୁ

ବସ୍ ରୁ ଓହ୍ଲାଇ ପଡ଼ି ଦିନେ ଦୁଇ ଦିନ ଗାଁ ରେ ରହିବା ହିସାବରେ ସାଙ୍ଗରେ ଆଣିଥିବା ଗଞ୍ଜି ଟ୍ରାଉଜର ଆଉ ଗାମୁଛା ରଖିଥିବା ବ୍ୟାଗ୍‌ଟିକୁ କାନ୍ଧରେ ଗଳେଇ ଦେଇ କୃଷ୍ଣ ଓହ୍ଲେଇ ପଡ଼ିଲା ବିନ୍ଧାଣିମା ବସଷ୍ଟାଣ୍ଡରେ; ବସଷ୍ଟାଣ୍ଡ କହିଲେ ସେଇ କୋଉ ଅମଳର ବରଗଛଟାକୁ ହିଁ ବୁଝାଏ। କୃଷ୍ଣ ଚାଲିଆସିଲା ବୁଢ଼ା ବରଗଛ ପାଖରେ ଥିବା ବନ୍ଧୁ ଜଗନର ଜଳଖିଆ ଦୋକାନକୁ। କୃଷ୍ଣ ନିଜ ଗାଁ କଣ୍ଟିପୁରକୁ ଅନେକ ବର୍ଷ ହେବ ଆସୁନଥିଲେ ବି ଜଗନ ସହ ତା' ସମ୍ପର୍କ ଏକାବେଳେ ଭାଙ୍ଗି ଯାଇନି। ସମୟ ପାଞ୍ଚଟା ପାଖାପାଖି। ସୂର୍ଯ୍ୟ ଯିବେଯିବେ ହେଇକି ଏବେ ଯାଏଁ ବି ଯାଇନାହାନ୍ତି। ଦୋକାନର ସେଇ କାଠ ବେଞ୍ଚଟି ଉପରେ ବସିଯାଇଛନ୍ତି ତିନି ଚାରି ଜଣ ଲୋକ ଶିବ କୈଳାସ ଉପରେ ବସିବା ପରି। ଆଉ ଗପିଚାଲିଛନ୍ତି ରାଜନୀତି, ଅର୍ଥନୀତି, ଧର୍ମନୀତି ଆଉ ଦର୍ଶନ ଉପରେ କେତେ କଥା। ସେମାନଙ୍କ ତାତ୍ତ୍ୱିକ ଆଲୋଚନା ଗୁଡ଼ିକ କୋଟ୍ ସୁଟ୍ ପିନ୍ଧା ଭଦ୍ରବ୍ୟକ୍ତିଙ୍କ ଆଗମନରେ କିଛି କ୍ଷଣ ପାଇଁ ନୀରବ ହୋଇଗଲା। ଖାଲି ଯାହା ଦେଖାଯାଉଥିଲା ବିନା ଗୀତରେ ନାଚିବା ପରି ହାତ ଆଉ ଆଖିମାନଙ୍କର ନାଚ।



ଜଗନ ବେଶ୍ ଭଲ ଭାବରେ ଜାଣିଛି କୃଷ୍ଣ ଏବେ କଣ୍ଟିପୁର ଭଳି ମଫସଲ ଗାଁକୁ କ'ଣ ପାଇଁ ଆସିଛି। ସେଥିପାଇଁ ଜଗନ କୃଷ୍ଣକୁ କିଛି ନକହି ଦୋକାନର ସବୁ ଦାୟିତ୍ୱ ଦୋକାନରେ କାମ କରୁଥିବା ପିଲାଟି ଉପରେ ଛାଡ଼ି ଦେଇ ଗାଡ଼ି ବାହାରକଲା; କିନ୍ତୁ ଜଗନ ଭୁଲିଯାଇଥିଲା କାଲିଠୁ ଗାଡ଼ି ଖରାପ ହେଇଚି, ଷ୍ଟାର୍ଟ ହଉନି। ଜଗନ ଦୁଇ ଚାରିଥର କିକ୍ ମାରି ଗାଡ଼ି ଷ୍ଟାର୍ଟ୍ ନହେବାରୁ କୃଷ୍ଣ ରାଗିକରି କହିଲା, ଥାଉ ତୋ ଭଙ୍ଗା ଗାଡ଼ି ଅପେକ୍ଷା ମୁଁ ସାଇକେଲରେ ଯିବି ଭାରି। କୃଷ୍ଣ ପାଟିରୁ କଥା ସରୁ ନସରୁଣୁ ଜଗନ ବେଞ୍ଚରେ ବସିଥିବା ଜଣେ ଗରାଖଠାରୁ ଚାବି ଆଣି ସାଇକେଲ ଧରି ସାଙ୍ଗେ ସାଙ୍ଗେ ବାହାରି ପଡ଼ିଲା କଣ୍ଟିପୁର ଯିବା ପାଇଁ। ଜଗନ ସାଇକେଲରେ ଯିବା ଦେଖି ଦୋକାନରେ କାମ କରୁଥିବା ପିଲାଟି ନିଜ ସାଇକେଲର ଚାବି ଖୋଲି ସାଇକେଲଟି ବଢ଼େଇଦେଲା କୃଷ୍ଣ ହାତକୁ। ଅନନ୍ୟୋପାୟ ହୋଇ ଏଥର କୃଷ୍ଣ ମଧ୍ୟ ସାଇକେଲ୍ ଧରିବାକୁ ବାଧ୍ୟ ହେଲା। ପ୍ରଥମେ ପ୍ରଥମେ ସାଇକେଲରେ ଯିବା ପାଇଁ ଜଗନ ଉପରେ ବହୁତ ରାଗି ମନେ ମନେ ତାକୁ ଛୋଟ ଲୋକ ବୋଲି କହି ନିଜ କାମ ସରିଲେ କେମିତି ଏ ଗାଁ ଆଉ ଏ ଛୋଟଲୋକ ଠାରୁ ମୁକ୍ତି ପାଇବ ସେ କଥା ଭାବୁଥିଲା କୃଷ୍ଣ। ସାଇକେଲ୍‌ରେ ଯାଉଥିବା ବେଳେ ସେଇ ହାଲୁକା ହାଲୁକା ପବନ ତାକୁ ଧୀରେ ଧୀରେ ପେଲି ଦେଉଥିଲା ତ' ଅତୀତ କୋଳକୁ।

କୃଷ୍ଣ ଆଜି ଦୀର୍ଘ ପଚିଶି ବର୍ଷ ପରେ ତା' ନିଜ ଗାଁ କଣ୍ଟିପୁରକୁ ଆସିଛି। ତା' ମା' ତ ବହୁ ଆଗରୁ ସଂସାର ଛାଡ଼ି ଚାଲିଯାଇଥିଲେ। ଯୋଉ ବର୍ଷ ସେ କଲିକତାରେ ଚାକିରୀ ପାଇଲା ସେଇ ବର୍ଷ ତା' ବାପା ମଧ୍ୟ ଚାଲିଗଲେ। ବାପାଙ୍କ ବର୍ଷିକିଆ ତିନି ପକ୍ଷରେ ସାରିଦେଇ ସେ ନୂଆ ବାହାହୋଇଥିବା ସ୍ତ୍ରୀକୁ ନେଇ କଲିକତା ଚାଲିଯାଇଥିଲା। ଏବେ ଦୁଇ ବର୍ଷ ହେବ କଟକରେ ଆସି ରହିଲାଣି ପଛେ ସେ ଦିନେ ହେଲେ

ଗାଁକୁ ଆସିନି। ଦୀର୍ଘ ପଚିଶି ବର୍ଷ ପରେ ଆଜି ସେ ନିଜ ଗାଁ କଣ୍ଟିପୁରକୁ ଯାଉଛି; ସେ ଜାଣେ ଏବେ ଗାଁରେ ସେ କାହାକୁ ଆଉ ଚିହ୍ନିପାରିବ କି ନାହିଁ, କେହି ?ଯେ ତାକୁ ଚିହ୍ନିପାରିବେ ଏ ଆଶା ମଧ ତା'ର ନାହିଁ। କେବଳ ଜଗନ ସହ ତା'ର ଯାହା ଟିକେ କଥା ଅଛି ଆଉ ଏଇ ଦି'ବର୍ଷ ଭିତରେ କୌଣସି କାମରେ ଜଗନ କଟକ ଯିବା ବେଳେ ଥରେ ଦି'ଥର ଯାହା ତା' ଘରକୁ ଯାଇଛି। ଆଜି ଯଦି ଜମି ଭାଗ ପାଇଁ ଦାଦା ପୁଅ ଭାଇ କେଶବ ନ ଡାକିଥାନ୍ତା ତା'ହେଲେ ବୋଧେ କୃଷ୍ଣ ଏବେ ଅଫିସ୍‌ରେ ଥାଆନ୍ତା।

ସାଇକେଲ୍ ଚଲେଇବାର ଅଭ୍ୟାସ ନଥିଲେ ବି ଶୀତୁଆ ସକାଳର କଅଁଳିଆ ଖରାରେ ଚାଲୁଥିବା ଲୋକଟିଏ ଚାଲିବା ଭଳି କୃଷ୍ଣର ସାଇକେଲଟି ସାପ ଭଳି ଯାଇଥିବା ପିଚୁ ରାସ୍ତାରେ ସନ୍ଧ୍ୟାର ପବନ ବାଜି ଗଡ଼ି ଚାଲିଥିଲା। ବିନ୍ଧାଣିମା ବସଷ୍ଟାଣ୍ଡଠୁ ଚାରି କିଲୋମିଟର ଦୂରରେ ଥିବା ଗାଁ କଣ୍ଟିପୁର। ବିନ୍ଧାଣିମାଁ ବସଷ୍ଟାଣ୍ଡଠୁ ଓହ୍ଲେଇ କଣ୍ଟିପୁର ଯିବା ବାଟରେ ପଡ଼େ ବିନ୍ଧାଣିମାଁ ଗାଁ ମୁଣ୍ଡର ସେଇ ଛୋଟିଆ ନାଳଟି। ଏଇ ଛୋଟିଆ ନାଳଟିର ନାଁ ଗାଇନାଳ। କିଛି ପିଲା ସେଇ ନାଳରୁ ମାଛ ଧରୁଥିବା ଦେଖି ସାଇକେଲରୁ ଓହ୍ଲେଇ ପଡ଼ିଲା କୃଷ୍ଣ; ଆଉ ତା' ପଛେପଛେ ଓହ୍ଲେଇଲା ଜଗନ। ରାସ୍ତା କଡ଼ରେ ସାଇକେଲ ଦି'ଟାକୁ ଷ୍ଟାଣ୍ଡ ମାରିଦେଇ କୃଷ୍ଣ ଓ ଜଗନ ଯାଇ ବସିଲେ ନାଳର ବନ୍ଧ ଉପରେ। କିଛି ମୁହୂର୍ତ୍ତ ଭିତରେ କୃଷ୍ଣ ଆଗରେ ଭାସି ଆସିଲା ତା'ର ପୁରୁଣାଦିନର କଥା। ଏଇ ନାଳ ଉପରେ ବସି ମାଛ ମାରିବା, ସ୍କୁଲକୁ ଯାଉଥିବା ବେଳେ ଏଇ ଉଠାଣି ଉଠେଇ ନପାରି ଜଣେ ଆଉ ଜଣଙ୍କ ସାଇକେଲ୍ ପଛରୁ ପେଲିବା, ନଦୀବଢ଼ି ବେଳେ ଗାଁ ପାଣିଘେରରେ ଥିବାବେଳେ ଏଇ ନାଳ ବୁଡ଼ିଯିବା ଯୋଗୁଁ ଯୋଗାଯୋଗ ବିଚ୍ଛିନ୍ନ ହେବା, ଏମିତି ଅନେକ କଥା ତା' ଜାଣତରେ କି ଅଜାଣତରେ କେଜାଣି ଦୀର୍ଘ ବର୍ଷର ପୁରୁଣା ବନ୍ଧ ଭାଙ୍ଗି ପଶିଆସିଲା ବଢ଼ିପାଣି ଆସିବା ପରି। ଖରାଦିନ ଯୋଗୁଁ ନାଳଟିରେ ଖୁବ୍ କମ୍ ପାଣି ଥିଲେ ବି ନିଜ ଯୌବନର ଅର୍ଦ୍ଧେକ ସମୟ ଚୋରାଇ ନେଇଥିବା ଏଇ ନାଳଟିର କିଛି ଫୋଟୋ କୃଷ୍ଣ ନିଜ ଫୋନରେ ଉଠେଇଲା।

ଗାଁକୁ ଆସିବାକୁ ପ୍ରଥମେ ରାଜି ହେଉନଥିବା କୃଷ୍ଣ ଏବେ ଭାବୁଛି ନିଜ ସ୍ତ୍ରୀ କଥାରେ ହଉ ପଛେ ସେ ଗାଁକୁ ଆସିଛି। ସମ୍ପତ୍ତି ପାଇବା ଆଶାରେ ? ନା ! ନା ! ମୁଁ କ'ଣ ଗାଁରେ ଘର କରି ରହିବି କି ? କେଶବର ସୁବିଧା ପାଇଁ ମୋ ଭାଗରେ ପଡ଼ିବା ଜାଗା ଖଣ୍ଡକ ତା' ନାଁରେ କରିଦବା ପାଇଁ ମୁଁ ଯାହା ଗାଁକୁ ଆସିଛିନା ! ହଁ ଜାଗା ପାଇଁ ସେ ଅବଶ୍ୟ ମତେ କିଛି ଟଙ୍କା ଦବ। ତା'ବୋଲି ମୁଁ କ'ଣ ତାକୁ ଏତିକି ଦେ କି ସେତିକି ଦେ ସେମିତି କିଛି କହୁଛି କି ? ସେ ତା' ପସନ୍ଦରେ ଯାହା ଦବ, ମୁଁ ତ ସେଥିରେ ରାଜି। ହଁ ମ.. ଦିଅନ୍ତାନି କି କଟକରେ ଜଣାଶୁଣା ଲୋକ ତ ପୁଣି ଟଙ୍କା ଦେଇ ଭଡ଼ା ଘରେ ରହୁଛନ୍ତି। ମୁଁ ତ ତାକୁ ପୁରା ଜାଗା ଦେଇଦେବି; ତା' ମାନେ ମତେ କ'ଣ ଲୋଭୀ କୁହାଯିବ ! ନା ନା ମୁଁ ଲୋଭୀ ନୁହେଁ। ଯାହାବି ହଉ ଗାଁକୁ ନ ଆସିଥିଲେ କିନ୍ତୁ ମୁଁ କେତେ କ'ଣ ମିସ୍ କରିଦେଇଥାନ୍ତି। କିଛି ସମୟ ଅସ୍ତ ଯାଉଥିବା ସୂର୍ଯ୍ୟଙ୍କ ସେହି ନାଲି ରଙ୍ଗଟି ଆଡକୁ ଚାହିଁ ରହିବା ପରେ ସନ୍ଧ୍ୟା ହେବାକୁ ଯେ ଆଉ ଅଳ୍ପ କିଛି ମୁହୂର୍ତ୍ତ ବାକି ଅଛି। ଜଗନ ତା'ଠୁ ଏକଥା ଶୁଣି କୃଷ୍ଣକୁ ଗାଁକୁ ଚାଲ ବୋଲି କହି ତରତର ହୋଇ ତା ସାଇକେଲ୍ର ପେଡାଲ ଉପରେ ଗୋଡ଼ ରଖିଲା।

**କୃଷ୍ଣ ବିହ୍ୱଳ ହୋଇ ପେଡାଲ ଆଗ ପଛ କରୁଥାଏ ସତେ ଯେମିତି ଦୀର୍ଘ ପଚିଶି ବର୍ଷ ପରେ ସେ ଆଜି ମୁକ୍ତ ବାୟୁରେ ଉଡ଼ିବୁଲୁଛି।**

ଦୁହେଁ ସାଇକେଲ୍ ନେଇ ପୁଣି ଗାଁ ଅଭିମୁଖେ ଚାଲିଲେ। କିଛି ସମୟ ପରେ ଜଗନ ତାକୁ କହିଲା ଏଇଠୁ ଆମ ଗାଁ କଣ୍ଟିପୁର ଆରମ୍ଭ। ଏଠି ଯୋଉ ବରଗଛଟା ଥିଲା ରାସ୍ତା କାମ ପାଇଁ ତାକୁ ହାଣି ଦେଇଛନ୍ତି। ଏଇ ଦେଖ ସେଇ ଫଳକ ଉପରେ ମନ୍ତ୍ରୀଙ୍କ ନାଁ ଲେଖା ହେଇଛି ଯିଏ ଏ ରାସ୍ତା ଉଦ୍ଘାଟନ କରିଥିଲେ। ଏ ରାସ୍ତା ନାଁରେ କୁଆଡ଼େ ମନ୍ତ୍ରୀ ଆଉ ସରକାର ଘର ବାବୁମାନେ ଭଲ ହାତ ଚିକ୍କଣ କରିଛନ୍ତି। ରାସ୍ତାର ଦୁଇ ପଟରେ ଥିବା ଶୁଖିଲା ବିଲଗୁଡ଼ା ତଥାପି ସରିନଥାଏ। କୃଷ୍ଣ ବିହ୍ୱଳ ହୋଇ ପେଡାଲ ଆଗ ପଛ କରୁଥାଏ ସତେ ଯେମିତି ଦୀର୍ଘ ପଚିଶି ବର୍ଷ ପରେ ସେ ଆଜି ମୁକ୍ତ ବାୟୁରେ ଉଡ଼ିବୁଲୁଛି। ହଠାତ୍ ତା' ସାଇକେଲ୍‌ରୁ ଚେନ୍ ଖସିଗଲା। ସେ ସାଇକେଲରୁ ଓହ୍ଲେଇ କିଛି ସମୟ ଚେନ୍ ଲଗେଇବା ପାଇଁ ଚେଷ୍ଟା କଲା

କିନ୍ତୁ ପଛ ଚକାରୁ ଚେନ୍ ଖସିଥିବାରୁ କୃଷ୍ଣ ସାଇକେଲ୍ ଚେନ୍ ଲଗେଇପାରିନଥିଲା। ଜଗନ କଥାରେ ଦୁହେଁ କିଛି ବାଟ ସାଇକେଲ ଗଡ଼େଇ ଗଡ଼େଇ ଗଲେ। ଗୋଟିଏ ଭଙ୍ଗା ଚାଳିଆ ଘର ଆଗରେ ଜଗନ ସାଇକେଲ୍ ରଖି ଭିତରକୁ ଗଲା। କିଛି ସମୟ ପରେ ଜଗନ ସହ ଘର ଭିତରୁ ଗୋଟିଏ ବୁଢ଼ା ଆସି କୃଷ୍ଣର ସାଇକେଲ୍ ଚେନ୍ ଲଗେଇଦେଲା। କୃଷ୍ଣ ବୁଢ଼ାକୁ ଚିହ୍ନିପାରିଲା, ଏ ହେଉଛନ୍ତି ରଘୁ କାକା, ଯିଏ ଗାଁ-ଯାକର ସବୁ ପିଲାଙ୍କୁ ସାଇକେଲ ଶିଖେଇଥିଲେ। ଏକା ସେ ନୁହେଁ ତା'ରି ଭଳି ଆହୁରି କେତେ ପିଲା ଏଇ ରଘୁ କାକାଙ୍କଠୁ ସାଇକେଲ୍ ଶିଖିଛନ୍ତି, ପିଲାଙ୍କ ସାଇକେଲ ତ ବିନା ପଇସାରେ ସେ ଠିକ୍ କରିଦେଇଛନ୍ତି। ଏମିତିକି ଦରକାର ବେଳେ ପିଲାମାନେ ତାଙ୍କଠୁ ସାଇକେଲ ନେଇଛନ୍ତି ଦିନେ ଦୁଇ ଦିନ କୌଣସି ପରୀକ୍ଷା ପାଇଁ ଯିବାକୁ। ହଠାତ୍ ରଘୁ କାକାଙ୍କ ପାଟିରେ କୃଷ୍ଣର ସ୍ମୃତି ସବୁ ପବନରେ ଉଡ଼ିଗଲା ତାସର ପତା ପରି। ବୃଦ୍ଧ ରଘୁ କାକା ନିଜକୁ ନିଜେ କହିଚାଲିଲେ ଗାଁରେ ଆଉ ସାଇକେଲ୍ ଦୋକାନ ନାହିଁ ବାବୁ, କେବଳ ବିନ୍ଧାଣିମାରେ ଗୋଟିଏ କି ଦି'ଟା ଦୋକାନ ଅଛି। ଏଇ କଣ୍ଟିପୁରରେ ଏବେ ଡମକୁ ଗାଡ଼ି ସଜାଡ଼ିବା ଲୋକ ମିଳିଯିବେ ପଛେ ହେଲେ ସାଇକେଲ୍ ସଜାଡ଼ିବା ଦୋକାନ ମିଳିବନି ବାବୁ। ଏବେ ପରା ସମୟ ବଦଳି ଯାଇଛି ଆଉ ସେ ସମୟ ନାହିଁ ବାବୁ। ଆମେ ସାଇକେଲ୍ ସଜାଡୁଥିବା ଲୋକ ଆଜି ବୁଢ଼ା। ଆଉ ମୋରି ପରି କେତେଟା ବୁଢ଼ା ମରିଯିବା ପରେ କେତେ ଲୋକଙ୍କ ଜୀବନର ଦିନେ ସବୁଠୁ ବଡ଼ ଜିନିଷ ଥିବା ଏକ ସାଇକେଲ୍‌ଗୁଡ଼ିକ ଗାଡ଼ି ଚକ ତଳେ ମଡ଼ମାଡ଼ ହେଇ ଗୁଣ୍ଡ ହେଇଯିବ, ଆମେ ବୁଢ଼ାମାନେ ନିଆଁରେ ପାଉଁଶ ହେଲାପରି।



କୃଷ୍ଣ ଚମକି ପଡ଼ିଲା। ହଁ ତ ସେ ସମୟ ଆଉ ନାହିଁ। ମୁଁ ଆଜି ଟିକେ ଖୁସିରେ ସାଇକେଲ୍ ଚଲେଇଦେଇଥିଲି ନହେଲେ ତ ମୁଁ କେବେଠୁ ଆଉ ସାଇକେଲ୍ ଚଢୁନି; କିନ୍ତୁ ସେଦିନ ନଦୀବଢ଼ି ପାଣି ରାତି ଅଧରେ ମାଡ଼ି ଆସିବାରୁ ବାପା ଅନ୍ୟ କିଛି ସମ୍ପତ୍ତି ସାଙ୍ଗରେ ନଆଣି ଘରୁ ବାହାରି ଆସିଥିଲେ ମଧ୍ୟ ନିଜ ଶ୍ରେଷ୍ଠ ସମ୍ପତ୍ତି ଭାବୁଥିବା ମୋ ପସନ୍ଦର ସେଇ ଶେଷ ଜିନିଷ ସାଇକେଲଟିକୁ ଆଣିବା ପାଇଁ ଭୁଲି ନଥିଲେ। ବାପା ସେଇ ଛାତିଏ ଛାତିଏ ପାଣିରେ ସାଇକେଲ୍‌କୁ ଟେକି ଟେକି ଆଣିଥିଲେ। ବାବୁ ପଇସା ଦିଅ ଅନ୍ଧାର ହେଇଗଲାଣି, ମତେ ଆଉ କିଛି ଦିଶୁନି ବୋଲି ରଘୁ କାକାଙ୍କ ସ୍ୱର ଶୁଣି କୃଷ୍ଣ ନିଜ ସ୍ୱପ୍ନ ରାଜ୍ୟରୁ ଫେରି ଆସିଲା। ରଘୁ କାକାଙ୍କୁ ନିଜ ପରିଚୟ ନ ଦେଇ କି ଜଗନର ଆସିବାକୁ ଅପେକ୍ଷା ନକରି ଗାଁ ଭିତରକୁ ସାଇକେଲ ନେଇ ଚାଲିଗଲା କୃଷ୍ଣ।

ସେଦିନ ରାତିରେ କୃଷ୍ଣ କିମ୍ବା ଜଗନ କେହି କାହା ଘରକୁ ଆସିଲେ ନାହିଁ। କୃଷ୍ଣର ଦାଦା ନିଜ ଭାଇର ପ୍ରିୟ ଜିନିଷ ସେଇ ସାଇକେଲଟିକୁ ଆଜି ପର୍ଯ୍ୟନ୍ତ ନିଜ ଶ୍ରେଷ୍ଠ ସମ୍ପତ୍ତି ପରି ସାଇତି ରଖିଛନ୍ତି; ଏଇ ଭରସାରେ ଯେ ଦିନେ ନା ଦିନେ ଏ ସମ୍ପତ୍ତି ତା' ପ୍ରକୃତ ମାଲିକକୁ ଦେଇ ସେ ନିଜ ଦାୟିତ୍ୱରୁ ମୁକ୍ତି ପାଇବେ। ଘରେ ପହଞ୍ଚି କୃଷ୍ଣ ସେ ସାଇକଲଟି ଦେଖିବା ମାତ୍ରକେ ଗୋଟିଏ ପର୍ବତର ଓଜନ ସମ୍ଭାଳି ନପାରି ପକେଇଦେବା ପରି ହାତରୁ ଲଥ୍ କରି ବ୍ୟାଗଟି ପକାଇଦେଲା। ବିଲ କଥା ଜାଗାବାଡ଼ି କଥା ଗୋଟିଏ ରାତି ଭିତରେ କ'ଣ ହେଲା ଜଗନ ଜାଣେନି; କିନ୍ତୁ ପରଦିନ ସକାଳୁ ସକାଳୁ ଜଗନ ଦେଖିଲା ଯେ କୃଷ୍ଣ ତା' ବାପାଙ୍କ ସାଇକେଲ୍ ଧରି ବସ୍ ଉପରେ ଲଦୁଛି ଏବଂ ନିଜ ଦାଦା ପୁଅ ଭାଇ କେଶବକୁ କହୁଛି ମୋ ସମ୍ପତ୍ତି ମୁଁ ନେଇଗଲି ବାକି ଯାହା ରହିଲା ସବୁ ତୋରରେ କେଶବ। ଦାଦାଙ୍କୁ କହିଦେବୁ ମୁଁ ତାଙ୍କ ସ୍ମୃତିର ସମ୍ପତ୍ତିକୁ ଯତ୍ନରେ ରଖିବି। ତୁ ଘର କର, ମୁଁ ତୋ ଭାଉଜକୁ ନେଇ ଯାତ୍ରାକୁ ନିଶ୍ଚୟ ଆସିବି।

□□

ଲେଖିକାଙ୍କ ଇ-ମେଲ ଠିକଣା:
babitasahoo481@gmail.com

**ପ୍ରବନ୍ଧ**

# ଆମ ବିଜ୍ଞାନ କଥାସାହିତ୍ୟରେ ଆତ୍ମାର ଭୂମିକା



ଡ. ନିଖିଳାନନ୍ଦ ପାଣିଗ୍ରାହୀ

ମହାତ୍ମା ଗାନ୍ଧୀଙ୍କ ଜୀବନର ଗୋଟିଏ ଘଟଣା, ଏହା ଥିଲା ପୁନର୍ଜନ୍ମ ସଂପର୍କିତ। ଶାନ୍ତିଦେବୀ ନାମ୍ନୀ ମହିଳା ଦିଲ୍ଲୀରେ ୧୧ ଡିସେମ୍ବର ୧୯୨୬ରେ ଜନ୍ମଗ୍ରହଣ କରିଥିଲେ। ବାଲ୍ୟକାଳରେ ସେ ତାଙ୍କ ପୂର୍ବଜନ୍ମ ବିଷୟରେ ଘଟଣାମାନ ଯେତେବେଳେ ପ୍ରଘଟ କଲେ, ଏହା ଅନେକଙ୍କୁ ଆଚମ୍ବିତ କଲା। ତାଙ୍କ ବୟାନ ଥିଲା ଯେ, ପୂର୍ବ ଜନ୍ମରେ ତାଙ୍କ ନାମ ଥିଲା ଲୁଗଡ଼ି ଦେବୀ (୧୮ ଜାନୁଆରୀ ୧୯୦୨-୪ ଅକ୍ଟୋବର ୧୯୨୫)। ସେ ମଥୁରାର ଜଣେ ବ୍ୟବସାୟୀ କେଦାରନାଥଙ୍କୁ ବିବାହ କରିଥିଲେ। ଶାନ୍ତିଙ୍କୁ ଛଅ ବର୍ଷ ବୟସ ହୋଇଥିବା ବେଳେ ସେ ପରିବାରର ସଦସ୍ୟମାନଙ୍କୁ ଏହି ବିଷୟ ଜଣାଇ ତାଙ୍କ ପୂର୍ବ ବାସସ୍ଥାନ ମଥୁରା ଯିବା ପାଇଁ ଜିଦ୍ ଧରିଲେ। ଏଥିପୂର୍ବରୁ ଗତ ଜନ୍ମ କଥା ସେମାନଙ୍କୁ ଶୁଣାଉଥିଲେ ମଧ୍ୟ ସମସ୍ତେ ଏଇ ସବୁକୁ ହସରେ ଉଡ଼ାଇ ଦେଉଥିଲେ। ପରିଶେଷରେ ତାଙ୍କ କଥାର ସତ୍ୟାସତ୍ୟ ନିର୍ଣ୍ଣୟ କରିବାକୁ ତାଙ୍କୁ ମଥୁରାକୁ ନିଆଗଲା। ସେଠାରେ ପହଞ୍ଚି ସେ ତାଙ୍କ ଶିକ୍ଷକ ଓ ସ୍କୁଲର ପ୍ରଧାନଶିକ୍ଷକଙ୍କୁ କେବଳ ଚିହ୍ନିଲେ ନାହିଁ, ସ୍ଥାନୀୟ ଭାଷାରେ କଥାଭାଷା ଆରମ୍ଭ କଲେ। ନିଜ ସ୍ୱାମୀଙ୍କ ନାମୋଲ୍ଲେଖ କରିବା ସହ ଜଣାଇଲେ ଯେ, ସନ୍ତାନ ପ୍ରସବ କରିବାର ଦଶଦିନ ପରେ ତାଙ୍କ ମୃତ୍ୟୁ ଘଟିଥିଲା। କେଦାର ନାଥଙ୍କ ସହ ବିତାଇଥିବା ଦାମ୍ପତ୍ୟ ଜୀବନର ବହୁ ଘଟଣା ସେ ନିର୍ଭୁଲ ଭାବେ ବର୍ଣ୍ଣନା କଲେ। ଏହା ପୁନର୍ଜନ୍ମର ଏକ ପ୍ରମାଣ ବୋଲି ସେତେବେଳେ ଗ୍ରହଣ କରାଯାଇଥିଲା। (ଦ୍ରଷ୍ଟବ୍ୟ; 'ଏନ୍ ଏନକ୍ୱାରି ଇଣ୍ଟୁ ଦା କେସ୍ ଅଫ୍ ଶାନ୍ତି ଦେବୀ'- ଗୁପ୍ତା ଶର୍ମା ମାଥୁର, ଇଣ୍ଟରନାସନାଲ ଆର୍ଯ୍ୟାନ ଲିଗ୍, ଦିଲ୍ଲୀ, ୧୯୩୬)।

ଏହି ଘଟଣା ଗାନ୍ଧିଜୀଙ୍କ କର୍ଣ୍ଣପାତ ହେବାରୁ ସେ ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ଗୋଟିଏ କମିଶନ ଗଠନ କଲେ। ୧୫ ନଭେମ୍ବର ୧୯୩୫ରେ ଶାନ୍ତି ଦେବୀଙ୍କ ସହ କମିଶନ ମଥୁରାକୁ ଯାଇଥିଲେ। ସେତେବେଳେ ସେ ନିଜ ସ୍ୱାମୀଙ୍କୁ କେବଳ ଚିହ୍ନି ନ ଥିଲେ, ମୃତ୍ୟୁ ବେଳେ ସେ ତାଙ୍କୁ ଯେଉଁ ସବୁ ପ୍ରତିଶ୍ରୁତିମାନ ଦେଇଥିଲେ, ତାହା ସ୍ମରଣ କରାଇଲେ। ସେଠାରେ ପୂର୍ବ ପରିଚିତ ପରିବାର-ସଦସ୍ୟମାନଙ୍କ ସମେତ ନିଜ ଜେଜେଙ୍କ ସହ ଗତଜନ୍ମର ଘଟଣାମାନଙ୍କ ପ୍ରସଙ୍ଗ ଉଠାଇ କଥା ଭାଷା କରିଥିଲେ। ଶାନ୍ତି ଦେବୀଙ୍କ କଥନ ସଂପୂର୍ଣ୍ଣ ଭାବେ ବିଶ୍ୱାସଯୋଗ୍ୟ ବୋଲି କମିଶନଙ୍କ ହୃଦ୍‌ବୋଧ ହୋଇଥିଲା।

**ନିଜ ସ୍ୱାମୀଙ୍କୁ କେବଳ ଚିହ୍ନି ନ ଥିଲେ, ମୃତ୍ୟୁ ବେଳେ ସେ ତାଙ୍କୁ ଯେଉଁ ସବୁ ପ୍ରତିଶ୍ରୁତିମାନ ଦେଇଥିଲେ, ତାହା ସ୍ମରଣ କରାଇଲେ।**

## ପୁନର୍ଜନ୍ମ ପ୍ରସଙ୍ଗ

ଶ୍ରୀ ଅରବିନ୍ଦଙ୍କ ଜଣେ ଅନୁଗାମୀ ଏହି ରିପୋର୍ଟ ପ୍ରତି ଆସ୍ଥା ପ୍ରକଟ କରିଥିବା ବେଳେ, ବାଲ ଚାନ୍ଦ ନାହାଟା 'ପୁନର୍ଜନ୍ମ କୀ ପର୍ଯ୍ୟାଲୋଚନା' ବହିରେ ଏହା ଖଣ୍ଡନ କରିଛନ୍ତି। ଏହି ସଂପର୍କରେ ବିଭିନ୍ନ ବାଦାନୁବାଦ ସମ୍ବଳିତ ଗୋଟିଏ ପୁସ୍ତକ 'ଏ କେସ୍ ଅଫ୍ ଇନବିହେସନ' (ସୁସ୍କିଲ ବୋଷ, ସତ୍‌ସଙ୍ଗ, କଲିକତା, ୧୯୫୨) ଆତ୍ମପ୍ରକାଶ କରିଛି।

ଏହି ପ୍ରସଙ୍ଗରେ ଆଦି ଶଙ୍କରାଚାର୍ଯ୍ୟଙ୍କ ଶ୍ଳୋକ ଉଦ୍ଧୃତ କରାଯାଇପାରେ :

ପୁନରପି ଜନନଂ ପୁନରପି ମରଣଂ,<br>
ପୁନରପି ଜନନୀ ଜଠରେ ଶୟନମ୍।<br>
ଇହ ସଂସାରେ ବହୁ ଦୁସ୍ତାରେ,<br>
କୃପୟାଃ ପାରେ ପାହି ମୁରାରେ।

(ଭଜ ଗୋବିନ୍ଦମ୍, ଶ୍ଳୋକ-୨୧)

କେହି କେହି କହିପାରନ୍ତି ଯେ, ପୂର୍ବଜନ୍ମ, ପୁନର୍ଜନ୍ମ, ଜନ୍ମ

ଜନ୍ମାନ୍ତରବାଦ କେବଳ ପ୍ରାଚ୍ୟ, ବିଶେଷତଃ ଭାରତରେ, ଅଧିକ ସମର୍ଥନ ପାଉଛି। ଶିକ୍ଷୋନ୍ନତ, ଯୁକ୍ତିବାଦୀ ପାଶ୍ଚାତ୍ୟ ଦେଶରେ ଆସ୍ଥା ବା ବିଶ୍ୱାସକୁ ଗ୍ରହଣ କରାଯାଇ ନ ଥାଏ। ଏହା ପଛରେ ରହିଛି ବୈଜ୍ଞାନିକ ମନୋବୃତ୍ତି।

### ଆତ୍ମା ଅବିନଶ୍ୱର

ଆତ୍ମା ଅବିନଶ୍ୱର। ଶରୀର ବିନାଶଧର୍ମୀ। ତେଣୁ ଜୀବର ଦେହାନ୍ତ ପରେ ତା'ର ଆତ୍ମା ଅନ୍ୟ ଶରୀରରେ ପ୍ରବେଶ କରେ। ଜନ୍ମ-ଜନ୍ମାନ୍ତରବାଦର ଏହା ହେଉଛି ଭିତ୍ତିଭୂମି। ତେବେ ପରଲୋକଗତ ବ୍ୟକ୍ତିର ଆତ୍ମା ଯେ, କେଉଁଠି ନା କେଉଁଠି ବିଦ୍ୟମାନ ତାହା ଅସ୍ୱୀକାର କରିହେବ ନାହିଁ। ଏହି ଆତ୍ମାଟି ପୂର୍ବ ସମ୍ପର୍କ ରକ୍ଷା କରିବା ପାଇଁ ଏକ ମାଧ୍ୟମ ଖୋଜୁଥାଏ। ଯେତେଦିନ ପର୍ଯ୍ୟନ୍ତ ଗତ ଜୀବନର ପରିଚିତ ବ୍ୟକ୍ତି ବା ସମସ୍ୟାମାନଙ୍କ ସ୍ମୃତି ତା'ଠାରେ ସଚେତନ ରହି ବ୍ୟସ୍ତ କରୁଥାଏ, ସେ ସଂଯୋଗ ପାଇଁ କ୍ରିୟାଶୀଳ ଓ ତତ୍ପର ହୋଇଥାଏ। ବଞ୍ଚିଥିଲେ ସେ ଯାହା କରିବା କଥା, ତାହା ମରଣୋତ୍ତର ଭାବେ ସଂପନ୍ନ କରିବା ସକାଶେ ଆତ୍ମୀୟସ୍ୱଜନ, ସାଙ୍ଗସାଥୀ ବା ଅନ୍ୟ ଯୋଗ୍ୟ ଓ ଅନୁକୂଳ ମନୋଭାବାପନ୍ନ କାରକମାନଙ୍କ ସାହାରା ଲୋଡ଼ିଥାଏ। ସ୍ମୃତି-ବିଜଡ଼ିତ (ହୋଇପାରେ କ୍ଷଣିକ) ଆତ୍ମାର ଏହି ଆଚରଣ ଓ କାର୍ଯ୍ୟକଳାପ କେତେକ ଲେଖକଙ୍କୁ ଲେଖନୀ ଚାଳନା କରିବା ପାଇଁ ପ୍ରେରିତ କରିଥାଏ। ଏହାର ପ୍ରଭାବ କଳ୍ପ-ବିଜ୍ଞାନ ଓ ବିଜ୍ଞାନ-କଥା ସାହିତ୍ୟରେ ପ୍ରବେଶ କରିଛି।



ସଂପ୍ରତି ଅହରହ ବିଜ୍ଞାନ-ଗବେଷଣା ଯୋଗୁ ଏହି ମାମଲାରେ ଦିନକୁ ଦିନ ଅନେକ ଅଚିନ୍ତ୍ୟ ତତ୍ତ୍ୱର ଉପସ୍ଥାପନା ପରିଲକ୍ଷିତ ହେଉଛି। ଏହି ମର୍ମରେ ମଲ୍‌ଟିଭର୍ସର ଧାରଣା ପ୍ରଣିଧାନଯୋଗ୍ୟ। ମଲ୍ଟିଭର୍ସ ହେଉଛି ମଲିପୁର ୟୁନିଭର୍ସେସର ସଂକ୍ଷେପଣ। ସାଂକେତିକ ଅକ୍ଷର ସାହାଯ୍ୟରେ ଏହାକୁ ସଂକ୍ଷିପ୍ତ କରାଯାଇଛି। ବହୁସଂଖ୍ୟକ ବିଶ୍ୱବ୍ରହ୍ମାଣ୍ଡର ସମାହାରକୁ ମଲ୍‌ଟିଭର୍ସ କୁହାଯାଏ। ଏହାର ଉପାଦାନ ଭାବେ ରହିଥିବା ବ୍ରହ୍ମାଣ୍ଡମାନଙ୍କ ମଧ୍ୟରେ ଆମର ବ୍ରହ୍ମାଣ୍ଡ ହେଉଛି ଅନ୍ୟତମ। ଉଲ୍ଲେଖନୀୟ ଯେ, ଏଇ ବ୍ରହ୍ମାଣ୍ଡମାନଙ୍କ ମଧ୍ୟରୁ ପ୍ରତ୍ୟେକଟିର ସ୍ୱତନ୍ତ୍ର ବିଶେଷତ୍ୱ ରହିଛି। ଫଳରେ ଆମର ବ୍ରହ୍ମାଣ୍ଡରେ ପ୍ରକୃତିର ଯେଉଁ ମୌଳିକ ଓ ଅଲଂଘ୍ୟ ନିୟମମାନ ଅନୁସୃତ ହୁଏ, ଅନ୍ୟ ବ୍ରହ୍ମାଣ୍ଡରେ ତାହାର ବିଧିବଦ୍ଧତା ବା ଗ୍ରହଣୀୟତା ନିର୍ଧାର୍ଯ୍ୟ ନୁହେଁ। ଏତାଦୃଶ ବିଭିନ୍ନତା ଯୋଗୁ ମଲ୍ଟିଭର୍ସ ନାନା ପ୍ରକାର କଳ୍ପନା-ଜଳ୍ପନା (ସ୍ପେକୁଲେସନ) ସକାଶେ ଖୋରାକ ଯୋଗାଇଥାଏ। ଅବଶ୍ୟ କେହି କେହି ଯୁକ୍ତି କରନ୍ତି ଯେ, ମଲ୍ଟିଭର୍ସ ଏକ ଉଦ୍ଭଟ କଳ୍ପନା ଏବଂ ଏଥିରେ ମାତିବା ଆଦୌ ଯଥାର୍ଥତା ନୁହେଁ। ପୁନର୍ଜନ୍ମ ଏକ ବିତର୍କିତ ବିଷୟବସ୍ତୁ ଭାବେ ପରିଗଣିତ।

ମଲ୍ଟିଭର୍ସ ସଂପର୍କରେ ଜ୍ଞାତବ୍ୟ ତଥ୍ୟ ସହ ପରିଚିତ ହେବା ପାଇଁ ବିଶ୍ୱବିଖ୍ୟାତ ବ୍ରିଟିଶ ଲେଖକ ଓ ଗଣିତଜ୍ଞ ଲୁଇ କେରଲ (୧୮୩୨-୧୮୯୮)ଙ୍କ ଦୁଇଟି ବହୁଳ ପ୍ରସାରିତ ପୁସ୍ତକ ଆଲିସ ଆଡଭେଞ୍ଚରସ ଇନ୍ ଦା ୱାଣ୍ଡରଲାଣ୍ଡ ଓ ଥ୍ରୁ ଦା ଲୁକିଙ୍ଗ ଗ୍ଲାସ ପଠନଯୋଗ୍ୟ। ଆବାଳବୃଦ୍ଧବନିତା ଏହି ପୁସ୍ତକ ଦ୍ୱୟ ପଢ଼ି ବେଶ୍ ଉପଭୋଗ କରିଥାନ୍ତି। ଏହା ମଲ୍ଟିଭର୍ସ ବା ପାରାଲାଲ ୱାର୍ଲ୍ଡ (ସମାନ୍ତରାଳ ପୃଥିବୀ)ର ଏକ ପ୍ରାଥମିକ ଚିତ୍ର ବା ଆଭାସ ପ୍ରଦାନ କରେ, ଯାହାକି ଆମ ପରିଚିତ ପୃଥିବୀ ଠାରୁ ଭିନ୍ନ। ସେଠାକାର ଅଧିବାସୀମାନେ ବିଚିତ୍ର ଓ ଶ୍ଳେଷପ୍ରିୟ। ବିଲେଇମାନେ ଅସଂଯତ ଭାବେ ବୋକାଙ୍କ ପରି ହସିଥାନ୍ତି ଇତ୍ୟାଦି। ଏଥିରେ ନିହିତ ଅଛି ଅପ୍ରତ୍ୟାଶିତ ଓ ଅଦ୍ଭୁତ ଘଟଣାମାନ। ମଲ୍‌ଟିଭର୍ସ ସଂପର୍କିତ ବିଜ୍ଞାନ ସାହିତ୍ୟରେ ଏହି ପ୍ରକାର ଚିତ୍ର ସାମନାକୁ ଆସିଥାଏ। ସଂପ୍ରତି ଏହା ସୁପରମ୍ୟାନ-ସିରିଜରେ ପ୍ରବେଶ କରି ଦର୍ଶକମାନଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ ହେଲାଣି। ଏହି ଧାରା ପ୍ରଥମେ ଡିସି (ଡିଟେକ୍ଟିଭ କମିକ୍ସ)ରୁ ଆରମ୍ଭ ହୋଇଥିଲା- 'ସ୍ପାଇଡରମ୍ୟାନ : ଇଣ୍ଟୁ ଦା ସ୍ପାଇଡରଭର୍ସ', 'ସ୍ପାଇଡରମ୍ୟାନ : ନୋ ୱେ ହୋମ'ରୁ। ଏହି ଧାରାର ଆସ୍ଥାନ ଦୃଢ଼ ଭାବରେ ଲାଗିଛି।

### କଳ୍ପର ବିଜ୍ଞାନ

କଳ୍ପ-ବିଜ୍ଞାନ ଅନ୍ତର୍ଗତ ଗୋଟିଏ ଗଳ୍ପ 'ଶଙ୍କ' (ସାହିତ୍ୟ ଚର୍ଚ୍ଚା, ଅକ୍ଟୋବର ୨୦୨୩)ରେ ଗାଳ୍ପିକ ଡ. ଦୁର୍ଯ୍ୟୋଧନ

ଦାସ ସ୍ୱପ୍ନର ପ୍ରାଧାନ୍ୟକୁ ସ୍ଥାନ ଦେଇଛନ୍ତି। କାହାଣୀଟି ହେଉଛି ଜଣେ ନିରକ୍ଷରା, ଶୃଙ୍ଖଳାପ୍ରିୟା ମୃତ ବୃଦ୍ଧା ଜେଜେମା'ଙ୍କର, ଯିଏକି ଧର୍ମପ୍ରାଣା ଓ ଆଧ୍ୟାତ୍ମିକ ଚେତନା ଦ୍ୱାରା ଉଦବୁଦ୍ଧ। ତାଙ୍କଠାରୁ ତାଙ୍କ ନାତି ଶ୍ରୀମୟ (ପରେ ପେସାରେ ଡାକ୍ତର) ପିଲାଦିନ ଘରେ ପୂଜା ପାଉଥିବା ଶଙ୍ଖର ମହତ୍ତ୍ୱ ସମ୍ବନ୍ଧରେ ଯେଉଁ ପୌରାଣିକ ଜ୍ଞାନରୁ ପ୍ରାପ୍ତ ତତ୍ତ୍ୱ ଶୁଣିଥିଲେ, ତା'ର ଗଭୀର ପ୍ରଭାବ ଜୀବନସାରା ତାଙ୍କୁ ବିହ୍ୱଳ କରିଥିଲା। ଦୈବାତ୍ ତାଙ୍କର ଜମି ଚାଷ କରୁଥିବା ଗୋଟିଏ ମୂଲିଆ ଗାଁରେ ଥିବା ପୂଜା ଘରୁ କୁଳ ପୁରୋହିତଙ୍କ ପରାମର୍ଶ କ୍ରମେ ତ୍ରିନାଥ ମେଳା ପାଇଁ ଶୁଭ ଶଙ୍ଖ ନେଇଥିଲା। ଏହି ଘଟଣା ପରଲୋକଗତ ଜେଜେମା'ଙ୍କୁ ସ୍ୱର୍ଗରେ ଅଥୟ କଲା। ନିଜ ଗାଁ ଠାରୁ ଦୂରରେ ଡାକ୍ତରି ବୃତ୍ତିରେ ନିୟୋଜିତ ଶ୍ରୀମୟଙ୍କୁ ଜେଜେ ମା ସ୍ୱପ୍ନରେ ଏହି ଅପହରଣ କଥା ବାରମ୍ବାର ଜଣାଇ ବ୍ୟତିବ୍ୟସ୍ତ କଲେ। ଫଳରେ ଶ୍ରୀମୟ ଅସ୍ଥିର, ଅନ୍ୟମନସ୍କ ହୋଇ ରହିଲେ। ତାଙ୍କ ସହକର୍ମୀ, ଜଣେ ଭେଷଜ ଡାକ୍ତର ତାଙ୍କୁ ଉପଶମକାରୀ ଔଷଧର ନିଦାନପତ୍ର ଦେଲେ, ଯାହା ସେବନ କଲେ ଜଣେ ଉଭୟ ଶାରୀରିକ ପୀଡ଼ା ଓ ମାନସିକ ଅବସାଦରୁ ମୁକ୍ତ ହେବ। କିନ୍ତୁ ଏହା କାମ ଦେଲା ନାହିଁ।

ଶ୍ରୀମୟ ଯେଉଁ ସ୍ୱପ୍ନ ଦେଖୁଥିଲେ, ତାହା ଥିଲା ସଂଭ୍ରାନ୍ତ, ଉନ୍ମାଦନାର ଉଆସ। ସ୍ୱପ୍ନର ଆହ୍ୱାନ ତାଙ୍କୁ ଆବୋରି ନେଇଥିଲା। ବିଶ୍ୱାସ-ଅବିଶ୍ୱାସରେ ଦୋ'ଛକିରେ ଛିଡ଼ା ହୋଇ ସେ ଭାବୁଥାନ୍ତି ବିଜ୍ଞାନର ବିଜ୍ଞତାକୁ ଚିତା କାଟି ଦେବାର ତାକତ ଅଛି ସ୍ୱପ୍ନ ପାଖରେ। ଅବଶ୍ୟ ବହୁ ବ୍ୟକ୍ତିଙ୍କ ପରି ତାଙ୍କ ପତ୍ନୀ ସ୍ୱର୍ଗତ ଜେଜେମା'ଙ୍କ ସ୍ୱପ୍ନାଦେଶକୁ ଥଟ୍ଟା ପରିହାସ କରି ଉଡାଇ ଦେଲେ। ତଥାପି ଅଧୀର ଶ୍ରୀମୟ ଗାଁକୁ ଯାଇ ଅପହୃତ (ସାମୟିକ ଭାବେ) ଶଙ୍ଖକୁ ଉଦ୍ଧାର କରିଥିଲେ ଓ ସ୍ୱପ୍ନର ସତ୍ୟତାର ପ୍ରମାଣ ପାଇଥିଲା। ଏହି ମର୍ମରେ ସେ ସିଗମଣ୍ଡ ଫ୍ରୟେଡ୍‌ଙ୍କ ବାକ୍ୟ ସ୍ମରଣ କରିଛନ୍ତି 'ଡ୍ରିମ୍ସ ଆର ୱିଶ ଫୁଲ୍‌ଫିଲମେଣ୍ଟ।'

**ବିଶ୍ୱାସ-ଅବିଶ୍ୱାସର ଦୋ'ଛକିରେ ଛିଡ଼ା ହୋଇ ସେ ଭାବୁଥାନ୍ତି ବିଜ୍ଞାନର ବିଜ୍ଞତାକୁ ଚିତା କାଟି ଦେବାର ତାକତ ଅଛି ସ୍ୱପ୍ନ ପାଖରେ।**

ଏହି ନିର୍ଦ୍ଦିଷ୍ଟ ଗଳ୍ପଟିରେ ଲେଖକ ବିଜ୍ଞାନ ଓ ସ୍ୱପ୍ନର ସଂପର୍କକୁ ନେଇ ଯେଉଁ ପ୍ରଶ୍ନ ଉଠାଇଛନ୍ତି, ତାହା ଏକ ଅମୀମାଂସିତ ପ୍ରସଙ୍ଗ, ଯାହାର ଉତ୍ତର ଏକତରଫା ହୋଇ ନ ପାରେ। ତେବେ ଲୁସିଡ ଡ୍ରିମ୍‌ର ସ୍ୱତନ୍ତ୍ର ବିବେଚତା ଅବଧାର୍ଯ୍ୟ କାରଣ ଏହାର ସ୍ୱଭାବ ନିଆରା। ଏହି ମାର୍ଗରେ ସ୍ୱପ୍ନକୁ ଉପସ୍ଥାପନ କରିଛନ୍ତି।

ଆମ ସାହିତ୍ୟରେ ଉପଲବ୍ଧ କଳ୍ପବିଜ୍ଞାନର ଇତିହାସ ପ୍ରତି ଦୃଷ୍ଟିଦିଆଯାଉ। ଓଡ଼ିଆ ଭାଷାରେ ପ୍ରଥମ ମୌଳିକ ବିଜ୍ଞାନ ଆଧାରିତ ଉପନ୍ୟାସ ଗୋକୁଳାନନ୍ଦ ମହାପାତ୍ରଙ୍କ 'ପୃଥିବୀ ବାହାରେ ମଣିଷ' (୧୯୫୪)। ଭାରତୀୟ ଭାଷାରେ ମଧ୍ୟ ଏହା ପ୍ରଥମ କଳ୍ପବିଜ୍ଞାନ ରଚନା ହୋଇଥାଇପାରେ। ପରିଣାମ ଦୃଷ୍ଟିରୁ ପ୍ରଚୁର ନ ହେଲେ ମଧ୍ୟ ଓଡ଼ିଆ କଳ୍ପବିଜ୍ଞାନ ସାହିତ୍ୟ ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। ଓଡ଼ିଆରେ ଏହି ଶ୍ରେଣୀର ରଚନାଗୁଡ଼ିକରେ ମହାକାଶ ସଂପର୍କିତ କାହାଣୀର ପ୍ରାଧାନ୍ୟ ଦେଖାଯାଏ। ଏଗୁଡ଼ିକ ମଧ୍ୟରୁ ଅଧିକାଂଶ ଗଳ୍ପ ଓ ଉପନ୍ୟାସର ପୃଷ୍ଠଭୂମି ହେଉଛି ପ୍ରେମ। ସଦ୍ୟତମ ରଚନାଗୁଡ଼ିକରେ ଜୈବ ପ୍ରଯୁକ୍ତି ବିଦ୍ୟାର ପ୍ରଭାବ ଅନୁଭୂତ ହୋଇଥାଏ ଏବଂ ଏହା ହେଉଛି ବିଜ୍ଞାନ କ୍ଷେତ୍ରରେ ଏହି ବିଷୟର ସାଂପ୍ରତିକ ଗୁରୁତ୍ୱର ସ୍ୱାଭାବିକ ପ୍ରତିଫଳନ। (ସମୀକ୍ଷକ : ନିଖିଳ ମୋହନ ପଟ୍ଟନାୟକ, ସାହିତ୍ୟ କୋଷ)


ବିଜ୍ଞାନ କଥାସାହିତ୍ୟରେ ପୂର୍ବ ପ୍ରଚଳିତ ମହାକାଶ, ଜୈବ ପ୍ରଯୁକ୍ତି ତଥା ପ୍ରେମ-ପ୍ରସଙ୍ଗରୁ ଊର୍ଦ୍ଧ୍ୱକୁ ଯାଇ ଏଇ ଗପଟିରେ ଆତ୍ମା ଓ ସ୍ୱପ୍ନକୁ ଲେଖକ ଗୁରୁତ୍ୱ ଦେଇଛନ୍ତି। ଏହା ବିଜ୍ଞାନରେ ସାଂପ୍ରତିକତାର ଏକ ସ୍ୱାଗତଯୋଗ୍ୟ ଆଗମନ। କିନ୍ତୁ ମଲ୍ଟିଭର୍ସର ପ୍ରତ୍ୟକ୍ଷ ସଂପର୍କ ଜାଣିବା ପାଇଁ ଆମକୁ ନିକଟ ଅତୀତରେ ପ୍ରକାଶିତ ଅନ୍ୟ ସାହିତ୍ୟକୃତି ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ।

୨୦୨୨ରେ ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କର 'ବହୁ ବହୁ ଜନ୍ମ' ଶୀର୍ଷକ ଏକ ଉପନ୍ୟାସ ପ୍ରକାଶିତ ହୋଇଛି। ଏହି ଉପନ୍ୟାସର ମୁଖ୍ୟ ଚରିତ୍ର ହେଉଛନ୍ତି ଡାକ୍ତର ହରିଦାସ ଷଡଙ୍ଗୀ। ପତ୍ନୀ ଝରଣାଙ୍କୁ "ହରାଇଛନ୍ତି କିନ୍ତୁ ସେ ଜାଣିବାକୁ ପାଇଛନ୍ତି ଯେ ଝରଣାଙ୍କ ମୃତ୍ୟୁ ହୋଇ ନାହିଁ।" ଏହା ଏକ ଅଦ୍ଭୁତ ପରିସ୍ଥିତି। ହରିଦାସ ଚାହୁଁଛନ୍ତି 'ନିଖୋଜ' ପତ୍ନୀଙ୍କୁ ମିଶିବାକୁ। ତେବେ ସେ ମର୍ତ୍ତ୍ୟଲୋକରେ ନାହାନ୍ତି। ଏଥିପାଇଁ ତାଙ୍କୁ ତପଃଲୋକକୁ ଯିବାକୁ ପଡ଼ିବ।

## ମର୍ତ୍ତ୍ୟଲୋକର ପରିସୀମା

ଲେଖକଙ୍କ ଅନୁସାରେ ସୃଷ୍ଟି ଆମର ପରିଚିତ ମର୍ତ୍ତ୍ୟଲୋକ ମଧ୍ୟରେ କେବଳ ସୀମାବଦ୍ଧ ହୋଇନାହିଁ, ଯେଉଁଠାରେ ଲମ୍ବ, ପ୍ରସ୍ଥ, ଉଚ୍ଚତା ଓ ସମୟ ପରି ମାତ୍ର ଚାରୋଟି ନିତି ବା ଆୟାମ (ଡାଇମନସନ ବା ସାଂକେତିକ ଭାବେ ୪ଡି) ବିଦ୍ୟମାନ। ଏହାର ଉର୍ଦ୍ଧ୍ୱରେ କ୍ରମାନୁସାରେ ରହିଛି ପିତୃଲୋକ (୫ଡି), ସ୍ୱର୍ଗଲୋକ (୬ଡି), ମହାଲୋକ (୭ଡି), ଜନଲୋକ (୮ଡି), ତପଃ ଲୋକ (୯ଡି) ଓ ପୁରାଣବର୍ଣ୍ଣିତ ଚିର ଆନନ୍ଦମୟ ଧାମ ନିତ୍ୟ ବୃନ୍ଦାବନ ବା ବିଷ୍ଣୁ ଲୋକ (୧୦ଡି)।

ହରିଦାସ ଏହି 'ଲୋକମାନଙ୍କୁ ଅତିକ୍ରମ କରିବା ସକାଶେ ବିଜ୍ଞାନ ବହିର୍ଭୂତ ପୌରାଣିକ ଜ୍ଞାନକୌଶଳ ନେବାକୁ ବାଧ୍ୟ ହେଲେ। ଯଥା : ଅମୋନା ନାମକ ନଦୀ କୂଳରେ ବସି ଉକ୍ତ ନଦୀର ନାମକୁ ବୀଜମନ୍ତ୍ର ଭାବେ ତାଙ୍କୁ ଜପ କରିବାକୁ ପଡ଼ିଲା। ଏଥିରୁ ସେ ଦୈବୀ କୃପା ଲଭି ଗୋଟିଏ ପରେ ଗୋଟିଏ ଲୋକ ଅତିକ୍ରମ କଲେ। ଏହି ଯାତ୍ରା କାଳରେ ସେ ବିଭିନ୍ନ ଲୋକରେ ଭିନ୍ନ ଭିନ୍ନ ଧରଣର କିଛି ପରିଚିତ ବ୍ୟକ୍ତିଙ୍କୁ ଭେଟି ସେମାନଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ। ପିତୃଲୋକରେ କେତେକ ସ୍ୱର୍ଗତ କବି, ବୈଜ୍ଞାନିକ, ସ୍ୱର୍ଗଲୋକରେ ଅନ୍ୟ ଦେବଦେବୀଙ୍କ ମଧ୍ୟରେ ବିଶ୍ୱକର୍ମା, ମହାଲୋକରେ ଅତିବଡ଼ୀ ଜଗନ୍ନାଥ ଦାସ ଏବଂ ସେଠାରୁ ପରିବ୍ରାଜକ ହୁଏନସାଂଙ୍କ ନିର୍ଦ୍ଦେଶ ମାନି ବନଲୋକରେ ପ୍ରବେଶ କଲେ। ସେଥିରେ ବହୁ ବିଦ୍ୱାନଙ୍କ ମଧ୍ୟରେ ଉତ୍କଳ ଗୌରବ ମଧୁସୂଦନଙ୍କ ସହ ସାକ୍ଷାତ୍ ହେଲା। ଯାହାଙ୍କ ଦ୍ୱାରା ଏକ ଆଇନଗତ ସମସ୍ୟା ତୁଟିବାକୁ ସେ ଜନଲୋକରେ ପହଞ୍ଚିଲେ। ଜନଲୋକର ଜଣେ ବାବାଜୀ ତାଙ୍କ ଅଭୀପ୍ସିତ ତପଃଲୋକକୁ ତାଙ୍କୁ ପ୍ରେରିତ କରିଥିଲେ।




କିନ୍ତୁ ତପଃଲୋକରେ ରହୁଥିବା ତାଙ୍କ ପତ୍ନୀଙ୍କୁ ସେଠାରେ ଭେଟିବାକୁ ତାଙ୍କୁ ଆହୁରି ଅନେକ କଷ୍ଟସାଧ୍ୟ କାର୍ଯ୍ୟ ସଂପାଦନ କରିବାକୁ ପଡ଼ିଲା। ଯଥା ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କୁ ସାଙ୍କେତିକ ଭାବେ ତିନୋଟି ମୁଣ୍ଡଳିରେ ଚିହ୍ନଟ କରିଥିଲେ। ଏହି ତ୍ରିନାଥଙ୍କୁ ଗୁରୁମନ୍ତ୍ର ବୋଲି ମାନିଥିଲେ ଏବଂ ହଜାରେ କୋଟି ଥର (ଏକ ଶଙ୍ଖ) ଏହାକୁ ଭୂମିରେ ଲେଖିଥିଲେ। ଫଳରେ ପତ୍ନୀ ସହ ତାଙ୍କ ପୁନର୍ମିଳନ ସମ୍ଭବ ହୋଇପାରିଥିଲା।

ଏହି ଉପନ୍ୟାସର ମୂଳମନ୍ତ୍ର ହେଉଛି ଭାଗବତ ଗୀତାର ସେଇ ସୁପରିଚିତ ଧାଡ଼ି - 'ବ୍ରହ୍ମାଣ୍ଡ ମାଳ ମାଳ ହୋଇ, ତୋ ଲୋମ କୂପେ ବିରାଜଇ।' ଏହି ଉପନ୍ୟାସଟିରେ ମଲ୍ଟିଭର୍ସର ଏକ ପରୋକ୍ଷ ଚିତ୍ର ସାମନାକୁ ଆସିଥାଏ। ତେବେ ଏହାର ପ୍ରତି ଅକ୍ଷରରେ ହିନ୍ଦୁ-ଦର୍ଶନ ଓ ଆମ ସ୍ୱୀକୃତ ଆଧ୍ୟାତ୍ମିକତାର ଚିହ୍ନ ସୁସ୍ପଷ୍ଟ।

ଏଥିପୂର୍ବରୁ ଔପନ୍ୟାସିକ ଆଚାର୍ଯ୍ୟ 'ଜେଜେ ମଲା ପରେ' ନାମକ ଏକ ବିଜ୍ଞାନ ଉପନ୍ୟାସ ୨୦୨୦ରେ ପ୍ରକାଶ କରିଛନ୍ତି। ୧୯୨୨ରେ 'ନର କିନ୍ନର'ରୁ ଉପନ୍ୟାସ ଲେଖା ଆରମ୍ଭ କରି ଅବିରତ ଭାବେ 'ଅନୋମାର କନ୍ୟା' (୨୦୦୩) ଯାଏ ଉପନ୍ୟାସ ରଚନାର ଧାରା ଚାଲୁ ରଖିଥିଲେ। ତା'ପରେ ସେ ପ୍ରାୟ ଦୀର୍ଘ ଦୁଇ ଦଶନ୍ଧି ଧରି ଉପନ୍ୟାସ - ଲେଖାରୁ ବିରତ ରହିଲେ। ଏହାର କାରଣ ସଂପର୍କରେ ତାଙ୍କ ପତ୍ନୀ ନିରୁପମା ଆଚାର୍ଯ୍ୟ କହନ୍ତି ଯେ ସେ ନୂଆ ପ୍ରକାର ସୃଷ୍ଟି ପାଇଁ ଗବେଷଣାରତ ଥିଲେ। ଏଥିପାଇଁ ବିଭିନ୍ନ ବ୍ୟକ୍ତିଙ୍କ ସହ ନିରନ୍ତର ଆଲୋଚନା କରୁଥିଲେ। ଫଳରେ ବହୁ ଅଧ୍ୟବସାୟ ପରେ ସେ ଅବହିତ ହେଲେ ଯେ, ବିଜ୍ଞାନ କ୍ଷୀପ୍ରଭାବେ ଅବଶ୍ୟ ଅଗ୍ରଗତି କରୁଛି। ତଥାପି ସର୍ବୋପରି ରହିଥିବା ଶେଷ ପ୍ରଶ୍ନଟିର ଉତ୍ତର ପାଇନାହିଁ। ଏଥିପାଇଁ ଆବଶ୍ୟକ ହେଉଛି ଗୋଟିଏ ତତ୍ତ୍ୱ, ଯାହା ଥିଓରି ଅଫ ଏଭିରିଥିଙ୍ଗ (ଟିଓଇ) ଭାବେ ପରିଚିତ। ଏହା ହାସଲ କରିବା ସକାଶେ ସମ୍ଭାବ୍ୟ ବିବର୍ତ୍ତନ ତତ୍ତ୍ୱ (ରିଭୋଲ୍ୟୁସନ ଥିଓରି) ଓ ଏକ ବହୁ ଆୟାମଯୁକ୍ତ ବିଶ୍ୱ (ମଲ୍ଟି ଡାଇମେନସନାଲ ୟୁନିଭର୍ସ) ସହାୟକ ହେବ। ସାଂପ୍ରତିକ ଜ୍ଞାନ ରାଜ୍ୟର ଏହି ଅଭାବନୀୟ ସ୍ଥିତି ଲେଖକଙ୍କ ଚିନ୍ତିତ କରିଛି। ଜଣେ ସମୀକ୍ଷକଙ୍କ ମତରେ 'ଜେଜେ ମଲା ପରେ' ଉପନ୍ୟାସରେ ଉକ୍ତ ବିଷୟବସ୍ତୁ ମଧ୍ୟରେ 'ଇତିହାସ ଏବଂ ଧାର୍ମିକ ପରମ୍ପରା ସମେତ ହିନ୍ଦୁ କର୍ମକାଣ୍ଡର ଗୂଢ଼ ମନସ୍ତାତ୍ତ୍ୱିକ

ଏବଂ ଆଧ୍ୟାତ୍ମିକ ଅର୍ଥାନ୍ତରୀକରଣ' ସ୍ଥାନ ପାଇଛି।

ଉକ୍ତ ଉପନ୍ୟାସର ମୁଖ୍ୟ ଚରିତ୍ର ହେଉଛି ଆମେରିକାର ଏକ ହାଇସ୍କୁଲରେ ଦ୍ୱାଦଶ ଶ୍ରେଣୀରେ ପଢୁଥିବା ଜଣେ ସତର ବର୍ଷୀୟ ଛାତ୍ର କିଂଶୁକ (ଡାକ ନାମ କିଂ)। ଦିନେ ସିଏନଏନ ଚାନେଲ ଦେଖୁଥିବା ବେଳେ ହଠାତ୍ ମେଜିକ ଭଳି ଜଣେ ଶହେ ବର୍ଷର ଅଚିହ୍ନା ଆଗନ୍ତୁକଙ୍କ ଦୃଶ୍ୟ ଦେଖାଦେଲା। ସେ ଆଶ୍ଚର୍ଯ୍ୟର ସହ ନିଜ କମ୍ପ୍ୟୁଟର ବିଜ୍ଞାନୀ ବାପାଙ୍କୁ ଡାକ ପକାଇଲା। ବାପା କହିଲେ ଯେ, ଉକ୍ତ ବୟସ୍କ ବ୍ୟକ୍ତିଟି ହେଉଛନ୍ତି ତା'ର ଜେଜେ ବାପା, ଯିଏ ଓଡ଼ିଶାର ଆଲାରପୁରରେ ଏବେ ରହୁଛନ୍ତି।

ଟିଭି ସ୍କ୍ରିନରେ ଏମିତି ଏକ ଅସ୍ୱାଭାବିକ ଦୃଶ୍ୟ ବାପାଙ୍କ ମନରେ ନାନା ପ୍ରକାର ଦୁଶ୍ଚିନ୍ତା ସୃଷ୍ଟି କରିବାରୁ ବାପା ଗାଁକୁ ଫୋନ କଲେ। ଖବର ପାଇଲେ ଅଳ୍ପ ସମୟ ପୂର୍ବରୁ ତାଙ୍କର ବାପାଙ୍କ ଦେହାନ୍ତ ହୋଇଛି। ତେଣୁ ସେ କିଂକୁ ଧରି ଅନ୍ତ୍ୟେଷ୍ଟିକ୍ରିୟାରେ ଭାଗ ନେବାକୁ ଆମେରିକାରୁ ଗାଁକୁ ଗଲେ। ଗାଁରେ ଅବସ୍ଥାନ କାଳରେ କମ୍ପ୍ୟୁଟର ବିଜ୍ଞାନୀ ବାପା ଟିଭି ପରଦାରେ ଦେଖିଥିବା ଦୃଶ୍ୟଟି ବିଷୟରେ ଚିନ୍ତା କଲେ। ହଜାର ହଜାର ମାଇଲ ଦୂରରେ ଘଟିଥିବା ଘଟଣାକୁ ତୁରନ୍ତ କିପରି ଆମେରିକାର ତାଙ୍କ ଘରର ଟିଭିରେ ଦୃଶ୍ୟମାନ ହେଲା, ସେ ବୁଝିପାରୁ ନ ଥିଲେ। ମୃତକର ଶୁଦ୍ଧିକ୍ରିୟାର କେତେକ ଦିବସରେ କିଂ ଖୁବ୍ ଆଗ୍ରହର ସହ ଭାଗ ନେଲା। ସେତେବେଳେ ତା'ର ହୃଦବୋଧ ହେଲା ଯେ, 'ଜେଜେ ବାପାଙ୍କର ସ୍ୱର୍ଗତ ଆତ୍ମା ତା' ମାଧ୍ୟମରେ କୌଣସି ଏକ ବୈଜ୍ଞାନିକ ରହସ୍ୟର ଉଦ୍‌ଘାଟନ ପାଇଁ ତାକୁ ଆମେରିକାରୁ ଡାକି ଆଣିଛନ୍ତି।

**ହଜାର ହଜାର ମାଇଲ ଦୂରରେ ଘଟିଥିବା ଘଟଣାକୁ ତୁରନ୍ତ କିପରି ଆମେରିକାର ତାଙ୍କ ଘରର ଟିଭିରେ ଦୃଶ୍ୟମାନ ହେଲା, ସେ ବୁଝିପାରୁ ନ ଥିଲେ।**

### ସେମିକଣ୍ଡକ୍ଟର ତୁଲ୍ୟ

କିଂ ଏହି ବୈଜ୍ଞାନିକ ରହସ୍ୟ ଅନୁସନ୍ଧାନ କରି ପରିଶେଷରେ ଜାଣିପାରିଲା ଯେ, ଏହା ପଛରେ, ଯେଉଁ ବସ୍ତୁଟି ମୁଖ୍ୟତଃ ମହତ୍ତ୍ୱପୂର୍ଣ୍ଣ, ତାହା ହେଉଛି ସେମିକଣ୍ଡକ୍ଟର ତୁଲ୍ୟ। ଏହା ମାଧ୍ୟମରେ ଆମର ବାସସ୍ଥାନ ସହ ଆମଠାରୁ ଦୂର ବହୁ ଦୂରରେ, ଅବସ୍ଥିତ ବିଶ୍ୱମାନଙ୍କ (ମଲ୍ଟିଭର୍ସ) ସହ ଯୋଗାଯୋଗ କରିପାରିବା। ତେଣୁ ଜଣେ ମର୍ତ୍ତ୍ୟବାସୀ ପିତୃଲୋକ ସହ ଯୋଡ଼ି ହେବା ସମ୍ଭବ। ତେବେ ବର୍ତ୍ତମାନ ପାଇଁ ଏହା ଅସମ୍ଭବ ମନେ ହେଉଥିଲେ ମଧ୍ୟ ଭବିଷ୍ୟତରେ ଏହାର ସଫଳତା ପ୍ରତି ଆଶାବାନ ହେବା ଉଚିତ।


ଦୂରବର୍ତ୍ତୀ ଟିଭିରେ ଜଣେ ବ୍ୟକ୍ତିର ଦେହାବସାନ ଖବର ଆପେ ଆପେ ଚିତ୍ରିତ ଭାବେ ପରିବେଷଣର ଖବର ଯେପରି 'ଜେଜେ ମଲା ପରେ' ଉପନ୍ୟାସରେ ବର୍ଣ୍ଣିତ। ଏହି ସମ୍ବାଦ ଜଣେ ପାଠକ କେତେଦୂର ଗ୍ରହଣ କରିବ, ତାହା ପ୍ରଶ୍ନବାଚୀ। ଆତ୍ମାର ଅସ୍ତିତ୍ୱ ଉପରେ ତା'ର ଯଦି ଭରସା ନ ଥିବ, ସେ ବହିଟି ଶେଷ କରିବାକୁ ଚାହିଁବ ନାହିଁ। ସେମିତି 'ବହୁ ବହୁ ଜନ୍ମ'ରେ ଅନେକ ଘଟଣା ପ୍ରକାଶିତ, ଯାହା ସାଧାରଣ ଜ୍ଞାନର ପରିପନ୍ଥୀ। ସେଥିରେ ଉପସ୍ଥାପିତ ବିଭିନ୍ନ 'ଲୋକ', ପୁଣି ନବମ ଲୋକ (ତପଃଲୋକ)ରେ ସ୍ୱଶରୀରେ ଜଣେ ମହିଳାଙ୍କ ନିବାସ ବିଷୟରେ ପାଠକ ଅନାସ୍ଥା ଭାବ ପ୍ରକଟ କରିପାରେ। ତେବେ କେବଳ ଏଇ ବିଜ୍ଞାନ ଉପନ୍ୟାସ ଦୁଇଟି ନୁହେଁ, କେତେକ ସମାଲୋଚକଙ୍କ ମତ ହେଉଛି ଯେ, ତାଙ୍କର ଅଧିକାଂଶ ଉପନ୍ୟାସରେ ବୌଦ୍ଧିକତାର ମୋହର ଥିବାରୁ କେତେକଙ୍କ ପାଇଁ ଦୁର୍ବୋଧ ହୋଇଥାଏ। ତେବେ ତାହା ପାଠ କଲେ ପାଠକଟି 'ଆପଣା ଚେତନ ଜଗତରେ ଚାଲିବାକୁ ଆରମ୍ଭ କରେ।'

ଔପନ୍ୟାସିକ ବର୍ଣ୍ଣିତ ଦୁଇଟି ବିଜ୍ଞାନ ଉପନ୍ୟାସରେ ରହିଥିବା ନକାରାତ୍ମକ ଦିଗ ପ୍ରତି ସଚେତନ ଅଛନ୍ତି। ତାଙ୍କ ଲେଖାରେ ପ୍ରଚ୍ଛନ୍ନ ଭାବେ ରହିଥିବା ଧାରଣା ହେଉଛି ଯେ, ବିଜ୍ଞାନର ଅଗ୍ରଗତି କେତେକ କ୍ଷେତ୍ରରେ ଏମିତି ଉଦ୍‌ଭଟ କଳ୍ପନାରୁ ଶ୍ରୀଗଣେଶ ହୋଇଥାଏ। ପରେ ପରେ ବୈଜ୍ଞାନିକ କାର୍ଯ୍ୟକଳାପ ପରୀକ୍ଷା ନିରୀକ୍ଷା ଓ ଉଦ୍ଭାବନ ତଥା ଉପକରଣ ଦ୍ୱାରା ତାହା ବାସ୍ତବ ରୂପ ନିଏ। ଏହା ସମାଜ ପାଇଁ ସେତେବେଳେ ଏକ ବରଦାନ ପରି ସାବ୍ୟସ୍ତ ହୁଏ। ଅବଶ୍ୟ ଭବିଷ୍ୟତରେ ଏତାଦୃଶ କଳ୍ପନା ଅସାର ବୋଲି ବିଳାସ ପରିତ୍ୟାଗ କରାଯାଇଥିବା ଦୃଷ୍ଟାନ୍ତ ମଧ୍ୟ ବିଜ୍ଞାନର ଇତିହାସ ଅଧ୍ୟୟନ କଲେ ଜଣାପଡେ। ତଥାପି ଫଳାଫଳ ବିଷୟରେ ବିଚଳିତ ନ ହୋଇ ଉଦ୍ୟମ ଜାରି ରଖିବା କରଣୀୟ।

ଉପରୋକ୍ତ ବହି ଦୁଇଟି ଉପରେ ଆଲୋକପାତ କରିବାକୁ ଯାଇ ଦେବକାନ୍ତ ମିଶ୍ର ସୁଚିନ୍ତିତ ମନ୍ତବ୍ୟ ଦେଇଛନ୍ତି :

"..... ପ୍ରଫେସର ଆଚାର୍ଯ୍ୟଙ୍କ ସମଗ୍ର ସୃଷ୍ଟି ସମ୍ଭାରରେ ଜଣେ ଅନନ୍ୟ ଦ୍ରଷ୍ଟାପୁରୁଷ ଭାବେ ସେ ଆମକୁ ପ୍ରାଚୀନ ଭାରତୀୟ ପ୍ରଜ୍ଞା ସହିତ ସର୍ବାଧୁନିକ ବିଜ୍ଞାନର ସାମଞ୍ଜସ୍ୟ ବିଷୟରେ ସଚେତନ କରି ଆସିଛନ୍ତି। ଏହା ସହିତ ମୁଁ ମଧ୍ୟ କହିବି ଯେ ଆଚାର୍ଯ୍ୟଙ୍କ ରଚିତ ଏହି ଉପନ୍ୟାସ। 'ବହୁ ବହୁ ଜନ୍ମ'କୁ ଇଂରେଜୀ ଭାଷାରେ ଅନୁବାଦ କରାଗଲେ ତାହା ଆନ୍ତର୍ଜାତିକ ମର୍ଯ୍ୟାଦାସଂପନ୍ନ ସ୍ୱୀକୃତି ଲାଭ କରିବା ସମ୍ପର୍କରେ ମୁଁ ସୁନିଶ୍ଚିତ।"

'ଜେଜେ ମଲା ପରେ' ବିଷୟରେ ଶ୍ରୀ ମିଶ୍ରଙ୍କ ଆଲୋଚନାରେ ଲିପିବଦ୍ଧ ହୋଇଛି, "ପ୍ରଫେସର ଶାନ୍ତନୁ ଆଚାର୍ଯ୍ୟ ନିଜର ଗଭୀର ପାଣ୍ଡିତ୍ୟ ଏବଂ ଅସାଧାରଣ ପ୍ରଜ୍ଞା ବଳରେ ଲେଖାଗୁଡ଼ିକର ଉଦ୍ଦିଷ୍ଟ ଲକ୍ଷ୍ୟ ସ୍ଥଳରେ ତାଙ୍କର ଏହି ଉଲ୍ଲେଖନୀୟ ସାମାଜିକ ବୈଜ୍ଞାନିକ ଉପନ୍ୟାସଟିକୁ ପହଞ୍ଚାଇ ଦେଇପାରିଛନ୍ତି। ସେହି କାରଣରୁ ମୁଁ ଏହି ଉପନ୍ୟାସ ସଂପର୍କରେ ନିଜର ଅଭିମତ ପ୍ରକାଶ କରିବାକୁ ଇଚ୍ଛୁକ ହେଲି। ..... ମୋର ଏପରି ଦାବି କରିବାର କାରଣ ହେଉଛି - ଏହି ଉପନ୍ୟାସର ଅନନ୍ୟ ପ୍ଲଟ୍ ଓ ଚରିତ୍ର ଚିତ୍ରଣର ବିରଳ ବୈଚିତ୍ର୍ୟ!"




ପୂର୍ବରୁ ସୂଚିତ ହୋଇଛି ଯେ, ଗୋକୁଳାନନ୍ଦ ମହାପାତ୍ରଙ୍କ ବିଜ୍ଞାନ-ଉପନ୍ୟାସ (ପୃଥିବୀ ବାହାରେ ମଣିଷ, ୧୯୫୪) ସମ୍ଭବତଃ ଭାରତୀୟ ଭାଷାର ପ୍ରଥମ କଳ୍ପ-ବିଜ୍ଞାନ ରଚନା। ପ୍ରଶ୍ନ ଉଠୁଛି : ସଂପ୍ରତି ଓଡ଼ିଆ ଭାଷାରେ ବିଜ୍ଞାନ - କଥା ସାହିତ୍ୟର ଅବସ୍ଥା କ'ଣ ?

**ଗେଣ୍ଡାର ମନ୍ଥରତା**

ଏହା ହେଉଛି ଏକ ଦୁଷ୍ଟ ଆନନ୍ଦ। ଜଣକୁ ଅପମାନ ଦେଇ ଖୁସି ବ୍ୟକ୍ତ କରିବା ଶୋଭନୀୟ ନୁହେଁ। ଗେଣ୍ଡାର ମନ୍ଥରତା ପାଇଁ ଦାୟୀ ତା'ର ଶରୀର। ଯେଉଁଠି ଗଛଲତା ବା ଉଦ୍ଭିଦ ଜନ୍ମନ୍ତି, ସେଇ ସ୍ଥଳରେ ଗେଣ୍ଡା ଦେଖାଯାନ୍ତି। ସେମାନଙ୍କ ତଳିପେଟ ଖୁବ୍ ଟାଣ ହୋଇଥିବାରୁ ତାହା ପାଦ ପରି ବ୍ୟବହାର କରିହେବ। ତା'ର ଶାରୀରିକ ଗଠନ ଏପରି ଯେ, ତା'ର କଠିନ ଖୋଳପା ମଧ୍ୟରେ ସେ ନିଜର ସମଗ୍ର ଶରୀରକୁ ଆବଦ୍ଧ କରିପାରିବ। କିନ୍ତୁ ଏହି ଖୋଳପାଟି ସୁଠାମ ବା ପ୍ରତିସମ (ସିମେଟ୍ରିକାଲ) ହୋଇ ନ ଥିବାରୁ ଅଡୁଆ ଦେଖାଦିଏ। ଏହା ପ୍ରାୟତଃ ଡାହାଣକୁ ମୋଡି ହୋଇଥାଏ। ପିଚ୍ ଉପରେ ଶରୀରର ସାରା ବୋଝ ଲଦି ହେଉଥିବାରୁ ଏବଂ ତତ୍ ସହ ଗୋଡ଼ ନ ଥିବା ପାଦ ଦ୍ୱାରା ଚାଲୁଥିବାରୁ ସେ ଧୀର ଭାବେ ଆଗାଏ। ପ୍ରକୃତି ତାକୁ ଏମିତି ଦୁର୍ବଳ ଭାବେ ସୃଷ୍ଟି କରିଛି ଏହା ଜନ୍ମଗତ।

କିନ୍ତୁ ଆମ କଳ୍ପବିଜ୍ଞାନକୁ ଗେଣ୍ଡା ସହ ତୁଳନା କରିବା ଯଥାର୍ଥ ନୁହେଁ। ବିଷୟବସ୍ତୁ ନିର୍ବାଚନକୁ ଦେଖାଯାଉ। ଗୋକୁଳାନନ୍ଦ ମହାପାତ୍ରଙ୍କ ସମୟରେ ଜ୍ୟୋତିର୍ବିଜ୍ଞାନ ମୁଖ୍ୟ ଆଲୋଚ୍ୟ ବିଷୟ ହୋଇଥିଲା। ତେଣୁ ତାଙ୍କୁ ତାଙ୍କ ଉପନ୍ୟାସ ପାଇଁ ଏହା ଉପଜୀବ୍ୟ ହେଲା। ସଂପ୍ରତି ଥିଓରି ଅଫ ଏଭିରିଥିଙ୍ଗ, ମଲ୍ଟିଭର୍ସ ଇତ୍ୟାଦି ବୈଜ୍ଞାନିକ ମହଲରେ ଗବେଷକମାନଙ୍କୁ ବ୍ୟସ୍ତ ରଖିଛି। ଆମ ସାହିତ୍ୟରେ ଉଲ୍ଲିଖିତ ଆଲୋଚିତ କଳ୍ପ ବିଜ୍ଞାନରେ ତାହା ପରିଦୃଷ୍ଟ ହୋଇଛି। ସମୟ ସହ ତାଳ ଦେଇ ଆମେ ଚାଲୁଛେ, ଯାହାକି ଅଭିନନ୍ଦନୀୟ।

ଅବଶ୍ୟ ଗୋଟିଏ ଦୃଷ୍ଟିରୁ ଆମେ ଗେଣ୍ଡା ସହ ତୁଳନୀୟ ଯେ, ଆମର ଗୋଡ଼ ନାହିଁ; ପାଦରେ ଚାଲିବାକୁ ପଡୁଛି। ତେଣୁ ଆମ ଗତି ଧିମା। ମାତ୍ର ଗେଣ୍ଡା ପରି ଗୋଡ଼-ହୀନ ହେବା ପ୍ରକୃତି-ଦତ୍ତ ନୁହେଁ ବା ଆମ ଜନ୍ମଗତ ଲକ୍ଷଣ ନୁହେଁ। ଆମର ଗୋଡକୁ ସବଳ କରି କାର୍ଯ୍ୟକ୍ଷମ କଲେ, ଆମେ ଘୋଡ଼ା ପରି ଦୌଡ଼ି ପାରିବା। ସଂପ୍ରତି ଆମର ଗୋଡ଼ର ମାଂସପେଶୀ ଦୌର୍ବଲ୍ୟ ବା ତାନ-ସ୍ୱଚ୍ଛତା (ହିପୋଟୋନିଆ) ଦ୍ୱାରା ପୀଡ଼ିତ। ଏହା ଏକ ଜନ୍ମଗତ ସ୍ଥାୟୀ ବିଲକ୍ଷଣ ନୁହେଁ। ପୁଣି ସୁସ୍ଥ ସବଳ ହେବା ସକାଶେ ଆବଶ୍ୟକ ଲେଖକ, ପାଠକ ଓ ପ୍ରକାଶକଙ୍କ ସମନ୍ୱିତ ଉଦ୍ୟମ।

□□

ଲେଖକଙ୍କ ଇ-ମେଲ ଠିକଣା:
nikhilanand.panigrahy@gmail.com

# ସାକ୍ଷାତକାର ଭାବ ଓ ଶବ୍ଦର କବି ବିପିନ ନାୟକଙ୍କ ସହ ଏକ ଅନ୍ତରଙ୍ଗ ଆଳାପ

*ସ୍ୱନାମଧନ୍ୟ କବି ବିପିନ ନାୟକଙ୍କୁ ବୟସ ଏବେ ୭୪ ବର୍ଷ। ଓଡ଼ିଆ କବିତା ସମ୍ଭାରକୁ ତାଙ୍କର ମୂଲ୍ୟବାନ ଅବଦାନ ସ୍ୱତନ୍ତ୍ର ପରିଚୟ ରଖେ। ୨୦୧୪ ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରରେ ସମ୍ମାନିତ ଏହି ଯଶସ୍ୱୀ କବି ନିଜର ନିଆରା ରଚନା ଶୈଳୀ ପାଇଁ ପାଠକମାନଙ୍କ ଦ୍ୱାରା ବିଶେଷ ଭାବରେ ଆଦୃତ। ବହୁ ବର୍ଷ କାଳ ଓଡ଼ିଶାର ବିଭିନ୍ନ ସରକାରୀ କଲେଜର ଅର୍ଥନୀତି ବିଭାଗରେ ଅଧ୍ୟାପନା କରିବା ପରେ ସେ ୨୦୦୮ ମସିହାରେ ସେବା ନିବୃତ୍ତ ହୋଇଛନ୍ତି। ତାଙ୍କ ସହିତ ବାର୍ତ୍ତାଳାପ କରିଥିଲେ 'ସାହିତ୍ୟ ଚର୍ଚ୍ଚା'ର ସଂପାଦକ ନିହାର ଶତପଥୀ।*



**ସାହିତ୍ୟ ଚର୍ଚ୍ଚା:** କଲେଜ ଜୀବନରେ ଆପଣ ଚେନ୍ ସ୍ମୋକର୍ ଥିଲେ ବୋଲି ଶୁଣିଛୁ। ସିଗାରେଟ୍ କ'ଣ ଆପଣଙ୍କ କବିତ୍ୱକୁ ପ୍ରସ୍ଫୁଟିତ କରିବାରେ ଏକ ଭୂମିକା ନେଇଥିଲା?

**ବିପିନ ନାୟକ:** (ପ୍ରବଳ ହସି) ହଁ, ସିଗାରେଟରେ ମୁଁ ଧ୍ୟାନସ୍ଥ ହୁଏ। ଥରେ ମୁଁ ଲେଖିଥିଲି କେଉଁଠି ଯେ 'କପେ ଚାହା ପରେ, ଗୋଟାଏ ସିଗାରେଟ୍ ହେଲା ପରେ, ମୋତେ କବିତା ଲେଖିବାର ମିଂଜାସ୍ ଆସେ।'

**ସାହିତ୍ୟ ଚର୍ଚ୍ଚା:** ତା'ହେଲେ ସିଗାରେଟକୁ କ'ଣ ଆପଣ ନିଜ କବିତ୍ୱର ଶ୍ରେୟ ଦେବେ?

**ବିପିନ ନାୟକ:** ହଁ, ଏହାକୁ କିଛିଟା ଶ୍ରେୟ ଦେବି। ଅଥଚ ଏହା ମୋତେ ଧୂଆଁ ଧୂଆଁ କରିବାରେ କିଛିଟା ସାହାଯ୍ୟ କରେ।

**ସାହିତ୍ୟ ଚର୍ଚ୍ଚା:** ସେ ଅଭ୍ୟାସଟି ଏବେ ଅଛି, ନା ଛାଡ଼ିଦେଲେଣି?

**ବିପିନ ନାୟକ:** ଏବେ ଭାଙ୍ଗିଗଲାଣି। ୨୦୧୮ରୁ ସେଇଟା ଛାଡ଼ିଦେଲି। ସେ ଅବଶ୍ୟ ବହୁତ ମୂଲ୍ୟ ନେଇକରି ଗଲା।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କ ସର୍ଜନା ଭିତରେ ମଧ୍ୟ ସିଗାରେଟ କେବେ ଆବିର୍ଭୂତ ହୋଇଛି ନା ନାହିଁ!

**ବିପିନ ନାୟକ:** ଗୋଟିଏ ଗପ ଲେଖିଥିଲି: 'ସିଗାରେଟ୍ ମୋ'ର ସେଇ ପ୍ରେମିକା, ଯାହାର ସଫେଦ ଆବରଣ ଭିତରେ ଅତି ଗୋପନରେ ମୁଁ ତାହା ସହିତ ପ୍ରେମାଳାପ କରେ।'

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କ ଛାତ୍ରାବସ୍ଥା ବିତିଛି ପାରଳାଖେମୁଣ୍ଡିରେ। ଶୁଣାଯାଏ ସେତେବେଳକୁ ବାମପନ୍ଥୀ ବିଚାରଧାରା ଆପଣଙ୍କ କାବ୍ୟମାନସକୁ ପ୍ରଭାବିତ କରିଥିଲା। ସେଇ ମତାଦର୍ଶ ଆଡ଼କୁ କେମିତି ଢ଼ଳିପଡ଼ିଲେ?

**ବିପିନ ନାୟକ:** ସେତେବେଳେ ଯୁବକ ଅବସ୍ଥାରେ ମୁଁ

ଜଣେ ଆଦର୍ଶବାଦୀ ମଣିଷ ଥିଲି। ବିଶେଷ ପ୍ରବଣତା ଥିଲା ସମାଜ ପାଇଁ କିଛି କରିବାକୁ। ଦୁଃଖୀରଙ୍କୁ ଦେଖିଲେ ମୁଁ ଟିକିଏ ବିହ୍ୱଳିତ ହେଉଥିଲି। ମୁଁ ଯେହେତୁ ଅର୍ଥନୀତିର ଛାତ୍ର ଥିଲି, ମୋତେ ମାର୍କ୍ସବାଦ ପଢ଼ିବାପାଇଁ ପଡ଼ିଲା।

**ସାହିତ୍ୟ ଚର୍ଚ୍ଚା**: ତେଣୁ ବୋଧହୁଏ ଆପଣଙ୍କୁ ମାର୍କ୍ସବାଦ ଟିକିଏ ପ୍ରଭାବିତ କଲା।

**ବିପିନ ନାୟକ**: କିନ୍ତୁ ମାର୍କସୀୟ ଚେତନାର କବିତା ମୁଁ ଲେଖିନାହିଁ।

**ସାହିତ୍ୟ ଚର୍ଚ୍ଚା**: ଆପଣଙ୍କର ଆଦ୍ୟ କାବ୍ୟସମ୍ଭାରରେ କିଛି ମାର୍କସବାଦୀ ସ୍ୱର ଅଛି ବୋଲି ସମାଲୋଚକମାନେ ମତ ଦିଅନ୍ତି।

**ବିପିନ ନାୟକ**: ମୋ'ର କିନ୍ତୁ ସେମିତି ମନେହୁଏ ନାହିଁ।

**ସାହିତ୍ୟ ଚର୍ଚ୍ଚା**: କେତେଜଣ କହନ୍ତି ଯେ ମାର୍କସବାଦରୁ ଏବେ ଆପଣଙ୍କ ମୋହଭଙ୍ଗ ହୋଇଛି !

**ବିପିନ ନାୟକ**: ପୁରା ମିଛ। ତା'ର କାରଣ, ମୋ'ର କୌଣସି କବିତାରେ ମାର୍କ୍ସବାଦୀ ଚିନ୍ତା ନାହିଁ। କେବେ ନଥିଲା, ଏବଂ ଏବେ ବି ନାହିଁ।

**ଗଦ୍ୟ ଓ ପଦ୍ୟ ଭିତରେ ତଫାତ୍ କ'ଣ ? ଗଦ୍ୟ ପ୍ରଲମ୍ବିତ, ଗଦ୍ୟରେ ବିସ୍ତାର ଅଛି। କବିତା ନୃତ୍ୟ ପରି ଛନ୍ଦୋବଦ୍ଧ, ମାଧୁର୍ଯ୍ୟ ଓ ମୁଦ୍ରାମୟ।**

**ସାହିତ୍ୟ ଚର୍ଚ୍ଚା**: ଶ୍ରେଣୀ ସଂଘର୍ଷର କଥା ମଧ୍ୟ କେଉଁଠି କହିନାହାଁନ୍ତି ?

**ବିପିନ ନାୟକ**: ମୋ 'ପାଦଶବ୍ଦ' ସଂକଳନର ପ୍ରଥମ କବିତା କ'ଣ ଜାଣିଛନ୍ତି ? "ଛାତିକୁ ବିନ୍ଧ କରୁଥିବା କଣ୍ଟାକୁ କେମିତି ଫିଙ୍ଗିବି/ ଯୁଆଡ଼େ ଫିଙ୍ଗିଲେ କେହି ନା କେହି ତ ରକ୍ତାକ୍ତ ହେବ।" କୌଣସି ଯାଗାରେ ମୋ'ର ଶ୍ରେଣୀ ସଂଘର୍ଷ ବା ଦ୍ୱନ୍ଦ୍ୱର ଚେତନା ନାହିଁ। ପ୍ରକୃତରେ ମୁଁ ମାର୍କ୍ସବାଦୀ ନଥିଲି। କିନ୍ତୁ ମାର୍କ୍ସବାଦ କ'ଣ ତାହା ଜାଣିବା ପୂର୍ବରୁ ମୋ'ର ଗୋଟିଏ ବ୍ୟକ୍ତିଗତ ଆକର୍ଷଣ ତା'ପ୍ରତି ଥିଲା।

**ସାହିତ୍ୟ ଚର୍ଚ୍ଚା**: ତେବେ ଆପଣଙ୍କ ପ୍ରଥମ କେତେକ କବିତାରେ ଯେଉଁ ବିପ୍ଳବାତ୍ମକ ଉଗ୍ରତା ଥିଲା, ତାହା ମନେହୁଏ ଏବେ ଧୀମା ପଡ଼ିଯାଇଛି।

**ବିପିନ ନାୟକ**: ମୋ'ର ସେମିତି ମନେ ହୁଏନାହିଁ। (ବହିଟିଏ ଦେଖାଇ) ଏଇଟା ହେଉଛି ମୋ'ର ପ୍ରଥମ କବିତା ସଂକଳନ। ଏଥିରେ କେଉଁ କବିତାରେ ମୋ'ର ମାର୍କ୍ସବାଦୀ ସ୍ୱର ଅଛି ? ବରଂ ଆପଣ ଦେଖିବେ; ତା' ଭିତରେ ରୋମାନ୍ସ ଅଛି, ସ୍ୱପ୍ନ ଅଛି, ମାନବୀୟତା ମଧ୍ୟ ଅଛି; ଯେମିତି, "ହଠାତ୍ କେଉଁ ନିରବିତ ମୁହୂର୍ତ୍ତରେ ନିକ୍ୱଣିତ ହୋଇଯାଏ କାହାର ନୂପୁର ? କି ଅପୂର୍ବ ଆଳାପରେ ବେଳେ ବେଳେ ଉଚ୍ଚାରିତ ହୋଇଯାଏ ବହୁଦିନୁଁ ଭୁଲିଥିବା ପ୍ରିୟତମ ସଂଗୀତର ସ୍ୱର। ... ବେଳେବେଳେ କାନ୍ଦିବାକୁ ଇଚ୍ଛା ହୁଏ ଏ ପୃଥିବୀରୁ ମରିସାରିଥିବା ସବୁ ଲୋକଙ୍କ ଉଦ୍ଦେଶ୍ୟରେ; ନିଜକୁ ବିହ୍ୱଳିତ ବିହ୍ୱଳିତ ଲାଗେ, ଶୋକାତୁର ବିଧବାର ସଫେଦ ଦୁଃଖରେ।" ଏହାତ ମାନବୀୟତା ! ବିହ୍ୱଳିତ ହୋଇଯାଉଥିବା ଗୋଟିଏ ବିଧବାର କାରୁଣ୍ୟ ଅଛି ମୋ' ଭିତରେ।

**ସାହିତ୍ୟ ଚର୍ଚ୍ଚା**: ତା' ତ ଦିଶିଯାଉଛି, ନିଶ୍ଚିତ ଭାବରେ।

**ବିପିନ ନାୟକ**: ସେ ଖଣ୍ଡା, ଖଡ୍ଗ, ଦଳିତ, ଫଳିତ ... ନା, ନେଭର୍ ! ମୋ'ର କୌଣସି କବିତାରେ କାହିଁକି ଏହା ନାହିଁ, ତା' ବି ଏକ ଆଶ୍ଚର୍ଯ୍ୟ। ହୁଏତ କବିତା ଲେଖିବାପାଇଁ ମୋ'ର ଯେତେବେଳେ ପରିପକ୍ୱତା ଥିଲା, ସେ ଚେତନା ହିଁ ମୋ'ର ନଥିଲା। ମୁଁ ହୁଏତ ଏକ ଅସଫଳ ଆଦର୍ଶ ଭିତରୁ ଘୁଞ୍ଚି ଆସିଲି ପ୍ରେମ ପାଖକୁ।

**ସାହିତ୍ୟ ଚର୍ଚ୍ଚା**: ଆପଣଙ୍କର ସବୁତକ କବିତା ସଂକ୍ଷିପ୍ତ। କବିତାର ଏହି ସଂକ୍ଷିପ୍ତପଣିଆ ପାଠକର ହୃଦୟକୁ ଛୁଇଁବା ପାଇଁ ଅଧିକ ଭାବରେ ସକ୍ଷମ ହୁଏ ବୋଲି ଆପଣ ଭାବନ୍ତି କି ?

**ବିପିନ ନାୟକ**: ମୁଁ ଭାବେ, କବିତା ନୃତ୍ୟ ପରି ଏକ କଳା। ଗଦ୍ୟ ଓ ପଦ୍ୟ ଭିତରେ ତଫାତ୍ କ'ଣ ? ଗଦ୍ୟ ପ୍ରଲମ୍ବିତ, ଗଦ୍ୟରେ ବିସ୍ତାର ଅଛି। କବିତା ନୃତ୍ୟ ପରି ଛନ୍ଦୋବଦ୍ଧ, ମାଧୁର୍ଯ୍ୟ ଓ ମୁଦ୍ରାମୟ।

**ସାହିତ୍ୟ ଚର୍ଚ୍ଚା**: କିନ୍ତୁ ଦୀର୍ଘ କାବ୍ୟର ସମ୍ଭାର ତ ବହୁତ ଅଛି ଆମ ସାହିତ୍ୟରେ, ବିଶେଷତଃ ମଧ୍ୟଯୁଗରେ !

**ବିପିନ ନାୟକ**: ଦେଖନ୍ତୁ, ମଧ୍ୟଯୁଗରେ ରହିବ। ତା'ର ଗୋଟିଏ କଥାବସ୍ତୁ ଅଛି। ଆଜିର କବିତାରେ କଥାବସ୍ତୁ ନାହିଁ; କଥକତା ନାହିଁ। ଇଏ ଗୋଟିଏ ମୁହୂର୍ତ୍ତର ପ୍ରଜ୍ୱଳନ; ଇଏ ଗୋଟିଏ ମୁହୂର୍ତ୍ତର ଆବେଗ।

**ସାହିତ୍ୟ ଚର୍ଚ୍ଚା**: ତେଣୁ ଆଜିର କବିତା ସଂକ୍ଷିପ୍ତ ହେବାକୁ

ବାଧ !

**ବିପିନ ନାୟକ**: ହେବାକୁ ବାଧ ନୁହଁ। କବିର ସାଧ, କବିର ଆବେଗ, କବିର ରୁଚି ଅନୁଯାୟୀ ଏହା ରୂପ ନିଏ।

**ସାହିତ୍ୟ ଚର୍ଚ୍ଚା**: ଆମେ ଭାବୁ ଯେ ଆପଣଙ୍କ କବିତାରେ ଅତି ଏକ ସାନ୍ଦ୍ର ଭାବ ପରିବେଷିତ ହୁଏ; ସେଥିପାଇଁ ତାହାର କଳେବର ମଧ୍ୟ ସଂକ୍ଷିପ୍ତ। ପାଠକର ମନ ଭିତରକୁ ଏହା ଭେଦିଯାଏ ସହଜରେ।

**ବିପିନ ନାୟକ**: ଏକ୍ଜାକ୍ଟଲି, ଏହା ଅତି ସାନ୍ଦ୍ର। ମୁଁ ଭାବେ ଯେ କବିତାରେ ଅବାନ୍ତର ଶବ୍ଦ ରହିବା ଜରୁରୀ ନୁହେଁ। ପ୍ରଥମ ସଂକଳନରେ କେଉଁଠି ଲେଖିଛି, "କେଉଠେଇବତ ଉଠଉ / ମୋ କବିତାର ଓଜନରେ ଛିଣ୍ଡିଯିବ / କାହାରନା କାହାରତ ଡ଼େଣା।"




**ସାହିତ୍ୟ ଚର୍ଚ୍ଚା**: ଏକଥା ଆମେ ମଧ୍ୟ ଲକ୍ଷ୍ୟ କରିଛୁ। ଆପଣଙ୍କ କବିତାରେ ଶବ୍ଦର ଅପବ୍ୟୟ ହୁଏନାହିଁ; ସବୁ ଯେମିତି ମପାଚୁପା। ଆପଣ ମଧ୍ୟ ଜଣେ ସଫଳ କଥାକାର। ତେବେ କବିତା ତୁଳନାରେ ଆପଣଙ୍କ ଗଳ୍ପସମ୍ଭାରର ସଂଖ୍ୟା ଟିକିଏ କମ୍ କାହିଁକି ?

**ବିପିନ ନାୟକ**: ପତ୍ରପତ୍ରିକାମାନଙ୍କରେ ଓ ସଂକଳନ ଆକାରରେ ମୋର ବହୁ ଗଳ୍ପ ଅବଶ୍ୟ ପ୍ରକାଶିତ ହୋଇଛି। ତେବେ ସେତେ ବେଶି ଲେଖିନାହିଁ। ଏଇଥିପାଇଁ ଲେଖିନାହିଁ ଯେ ମୋତେ ଅତିକ୍ରମ କଲା ଭଳି ଗଳ୍ପ ଅନ୍ୟ କେହି ଲେଖିପାରେ; ମୋ'ଠାରୁ ସାର୍ଥକ କଥାଶିଳ୍ପୀ ଥାଇପାରନ୍ତି। କିନ୍ତୁ କବିତାରେ ହୁଏତ ମୁଁ ଭାବୁଛି ଯେ ମୋ'ର କିଛି ଦକ୍ଷତା ଅଛି, କିଛି ଅନିର୍ବାଯ୍ୟତା ଅଛି, କିଛି ଅନନ୍ୟତା ଅଛି। ଅବଶ୍ୟ ଗପ ଏଥିପାଇଁ ଲେଖେ ଯେ, କବିତାରେ ସବୁକଥା କହିହୁଏ ନାହିଁ।

**ସାହିତ୍ୟ ଚର୍ଚ୍ଚା**: ଆପଣଙ୍କ ପ୍ରତ୍ୟେକ ଗଳ୍ପରେ ଗୋଟିଏ କବିତା ଥାଏ, ଏବଂ ପ୍ରତ୍ୟେକ କବିତାରେ ବି ଗୋଟିଏ ଗଳ୍ପ।

**ବିପିନ ନାୟକ**: ହଁ, ପ୍ରତ୍ୟେକ କବିତା ପଛରେ ଗପଟିଏ ଥାଏ। ଗୋଟିଏ ଚଳମାନ ସ୍ରୋତ ଭିତରୁ କିୟଦଂଶ ହେଉଛି କବିତା।

**ସାହିତ୍ୟ ଚର୍ଚ୍ଚା**: ଆପଣଙ୍କ 'ବିପିନୀୟ କାବ୍ୟସମ୍ଭାର – ବିଦଗ୍ଧ ବିଚାର' ପୁସ୍ତକରେ ଆପଣ ଠାଏଁ କହିଛନ୍ତି ଯେ 'କବିତାରେ କଥ୍ୟ ଗୌଣ। ଶବ୍ଦର ବିନ୍ୟାସ ଓ ଶୈଳ୍ପିକ ସୁଷମା ପାଠକକୁ ରସସିକ୍ତ, ବିଭୋର କରିବାର ସାମର୍ଥ୍ୟ ରଖେ।' ଆପଣ କ'ଣ ମନେ କରନ୍ତି ଯେ ଆଜିକାଲିର ଅନେକ କବି କବିତାର ଏହି ଶୈଳ୍ପିକ ସୁଷମା ବା କାରିଗରୀ ପ୍ରତି ଧ୍ୟାନ ଦିଅନ୍ତି ନାହିଁ ?

**ବିପିନ ନାୟକ**: ଦିଅନ୍ତି ନାହିଁ।

**ସାହିତ୍ୟ ଚର୍ଚ୍ଚା**: ଅର୍ଥାତ୍ କେବଳ ମନର ଉଦ୍ବେଳନକୁ ହିଁ ଢ଼ାଳିଦିଅନ୍ତି ?

**ବିପିନ ନାୟକ**: ଏକଥା ସତ୍ୟ। ବହୁତ କବିତା ଲେଖାହେଉଛି; କିନ୍ତୁ ଭଲ କବିତା ବେଶି ଲେଖାଯାଉନି। କବିତା କେବଳ ଏକ କଥ୍ୟ ନୁହେଁ; କବିତା ଏକ ଇଙ୍ଗିତ, କବିତା ଏକ ଆଭାସ, କବିତା ଏକ ସଂକେତ; କବିତା ଛକରେ ଠିଆ ହେଇକରି ହାତ ହଲେଇବାର କଥା। ହାତ ଧରି ଡାକିନେବା କଥା ନୁହଁ କବିତା। ଅକଥନୀୟ କଥା କହିପାରେନି ବୋଲି ମୁଁ କବିତା ଲେଖେ। କହିପାରୁଥିଲେ ମୁଁ କବିତା ଲେଖନ୍ତି ନାହିଁ।

**ସାହିତ୍ୟ ଚର୍ଚ୍ଚା**: କବିତାର ତେବେ ବିକଳ୍ପ ନାହିଁ !

**ବିପିନ ନାୟକ**: ବିକଳ୍ପ କେଉଁଠି ଅଛି ? ପ୍ରେମରେ ଆଖି ମାରିବାର କ'ଣ ବିକଳ୍ପ ଅଛି ? ଚୁମ୍ବନର କ'ଣ ବିକଳ୍ପ ଅଛି !

**ସାହିତ୍ୟ ଚର୍ଚ୍ଚା**: ଆଗାମୀ ଦିନମାନଙ୍କରେ ଆପଣଙ୍କର କେଉଁ ବହି ପ୍ରକାଶିତ ହେବାର ଅଛି ?

**ବିପିନ ନାୟକ**: ବର୍ତ୍ତମାନ ଦୁଇ ବା ତିନୋଟି ବହି ପ୍ରକାଶନର ଅପେକ୍ଷାରେ ଅଛି। ତା'ଭିତରୁ ଗୋଟିଏ ହେଲା ଆତ୍ମୋପନ୍ୟାସ ବା ଅଟୋଫିକ୍ସନ୍।

**ସାହିତ୍ୟ ଚର୍ଚ୍ଚା**: ଏହା ବୋଧହୁଏ ଏକ ନୂଆ ଜନର୍।

**ବିପିନ ନାୟକ**: ହଁ, ଓଡ଼ିଆ ସାହିତ୍ୟ ପାଇଁ ନୂଆ। ଅବଶ୍ୟ ମୁଁ ଏହା ଆତ୍ମୋପନ୍ୟାସ ବୋଲି ଭାବିକରି ଲେଖିନଥିଲି। ଲେଖୁ ଲେଖୁ ଜାଣିଲି ଯେ ଏଇଟା ସେଇ ଜନର୍‌ର।

**ସାହିତ୍ୟ ଚର୍ଚ୍ଚା**: ଆଜିର ଏହି ମନୋରମ ବାର୍ତ୍ତାଳାପଟି ପାଇଁ ଆପଣଙ୍କୁ ଅଶେଷ ଧନ୍ୟବାଦ।

□□

ଗଳ୍ପ




# ନୀରବତାର ପରିଭାଷା

ନାରୁ ମହାନ୍ତି

ବିଳମ୍ବରେ ବିଶ୍ୱଦେବ ପ୍ରାତଃ ଭ୍ରମଣରୁ ଫେରି ଦେଖନ୍ତି ତ ତାଙ୍କ ଦାଣ୍ଡଗେଟ୍ ସାମ୍ନାରେ ଗୋଟେ ଇଞ୍ଚିକିଆ ପ୍ଲାଷ୍ଟିକ୍ ପାଇପ୍ ଲମ୍ବିଛି ରାସ୍ତା ଆର ପାଖକୁ ପଡ଼ିଆକୁ। ଭିତରକୁ ଆସି ସେ ଦେଖିଲେ ତାଙ୍କ ଦାଣ୍ଡ ପାଖ ପାଣିଟାପ୍‌ରୁ ପାଣି ଯାଉଛି।

କଥା କ'ଣ? ଏ କିଏ? କଥାବାର୍ତ୍ତା ନାହିଁ, ହଠାତ୍ ଆସି କାହିଁକି ଏମିତି ପାଣି ନଉଛନ୍ତି? ଦେଖିଲେ, ସାମ୍ନା ପଡ଼ିଆ ପ୍ଲଟ୍‌ରେ ପ୍ରାୟ ଦଶ ପନ୍ଦର ଜଣ କେଳା ଝୁଡ଼ି ଫାଉଡା କୋଡି ଶାବଳ ଧରି ମହଜୁଦ।

ଘର ଭିତରକୁ ଆସି ସେ ପଚାରିଲେ ପତ୍ନୀଙ୍କୁ - ହଇଓ, ଆମ ଦାଣ୍ଡ ଟ୍ୟାପ୍‌ରୁ ପାଇପ୍ ଲାଗି ଆରପାଖ ପଡ଼ିଆ ଜମିକୁ କ'ଣ ପାଣି ଯାଉଚି? କିଏ ନଉଛନ୍ତି?



ପତ୍ନୀ କହିଲେ - ସେ ଆମ ପାଖ ପ୍ଲଟ୍‌ର ମାଲିକ ଆସିଥିଲେ। କହିଲେ ତାଙ୍କ ପ୍ଲଟରେ ନିଅଁ ଖୋଳାଯିବ। ପାଖପଡ଼ୋଶୀ ଦି' ଜଣଙ୍କୁ ପାଣି ପାଇଁ ସେ କହିଲେ। ସେମାନେ କ'ଣ ମନା କଲେ। ଏ ତ ପଥୁରିଆ ମାଟି। ଏ ମେ' ମାସରେ ଶାବଳ ଫାଉଡା ମାଟି ଭିତରକୁ ପଶୁନି। ସେ ବାବୁ ବହୁତ ନେହୁରା ହେଲେ ପାଣି ପାଇଁ। ନାଇଁ ତ ସେ କାମ ବନ୍ଦ କରିବାକୁ ବାଧ ହେବେ, କେଳାଙ୍କୁ ଫେରେଇ ନେବେ ବୋଲି କହିଲେ।

ବିଶ୍ୱଦେବ ଚୁପ୍ ହେଇ ଡାଇନିଙ୍ଗ୍ ସୋଫାରେ ବସି ପଡ଼ିଲେ। ସହଜେ ତ ଗରମ ଗୁଳୁଗୁଳି। ପାଣି ପାଇଁ ପ୍ରତି ଘଣ୍ଟେ ଦି' ଘଣ୍ଟାରେ ମଟର ଚଳେଇବାକୁ ପଡୁଛି। ତେବେ ଦାଣ୍ଡପାଖ ଟ୍ୟାପ୍‌ଟାରେ ସରକାରୀ ପାଣି ଆସୁଛି। ଇଲେକ୍ଟ୍ରି ନ ଥିଲେ କି ମଟର ଖରାପ ଥିଲେ ସେଇ ବାହାର ପାଖ ଟ୍ୟାପ୍‌ରୁ ଘରଖର୍ଚ୍ଚ ପାଇଁ ବିଶ୍ୱଦେବ କି ଶ୍ରୀମତୀଙ୍କୁ ପାଣି ଆଣିବାକୁ ହୁଏ ବାଲ୍‌ତିରେ।

ଯା' ଭିତରେ ଏମିତି ପାଞ୍ଚ ସାତ ମିନିଟ୍ ଯାଇଛି, କିଏ ଜଣେ କଲିଙ୍ଗ୍‌ବେଲ୍ ବଜେଇଲେ। ବିଶ୍ୱଦେବ ଯାଇ ଦେଖିଲେ ଗେଟ୍ ଆର ପାଖରେ ଜଣେ ମଧ ବୟସ୍କ ବ୍ୟକ୍ତି।

ଗ୍ରୀଲ୍ ଗେଟ୍ ଖୋଲିବା ମାତ୍ରେ ସେ କହିଲେ - ମଉସା, ମୁଁ ନିଲୁ ମିଶ୍ର। ଆପଣଙ୍କ ଘର ଆଗ ଖାଲି ପ୍ଲଟ୍‌ଟା ମୋର। ମୁଁ ମାଉସୀଙ୍କୁ କହିଚି ପାଣି ନବା ବିଷୟରେ। ନ ହେଲେ ତ ମୁଁ ବଡ଼ ଅସୁବିଧାରେ ପଡ଼ିଥାନ୍ତି।

ବିଶ୍ୱଦେବ ତଳକୁ ଯାଇ ଗେଟ୍ ଖୋଲୁ ଖୋଲୁ ନିଲୁ ମିଶ୍ର ଭିତରକୁ ମାଡ଼ି ଆସି ତାଙ୍କ ପାଦ ଛୁଇଁ ନମସ୍କାର କରିବାକୁ ଉଦ୍ୟତ ହେଇ ଏସବୁ କହିଲେ।

ବିଶ୍ୱଦେବ କିଛିଟା ପଛେଇ ଯାଇ କହିଲେ - ଆରେ ନାଇଁ ନାଇଁ ନିଲୁବାବୁ, ଏସବୁ କ'ଣ? ଆଜିକାଲି କ'ଣ ଏମିତି ଚଳୁଚି, ଥାଉ ଥାଉ!

- ନାଇଁ ମଉସା, ଆପଣଙ୍କ ପାଦ ଛୁଇଁଲେ ଆମର ମଙ୍ଗଳ ହବ। କଥା ହେଲା, ଯେତେ ଚେଷ୍ଟା କଲେ ବି ଆଜି ପାଇଁ ପାଣି ଟ୍ୟାଙ୍କର୍ ଯୋଗାଡ଼ ହେଇପାରିଲାନି। ଏଣେ ଏ କେଳା ସବୁ ଆସି ହାଜର। ଏଠି କେହି ଖରାଦିନେ ପାଣି ଦବାକୁ ରାଜି ହେଲେନି। ଯାହା ହଉ, ମାଉସୀ ଦୟା ନ କରିଥିଲେ କେଳା ଫେରିଯାଇଥାନ୍ତେ। କାଲିଠୁଁ ଅବଶ୍ୟ ଟ୍ୟାଙ୍କର ପାଣି ଆସିବ। ଖାଲି ଆଜି ଦିନକ।

ବିଶ୍ୱଦେବ କହିଲେ - ଦେଖନ୍ତୁ, ସରକାରୀ ପାଣି ବି ବେଶି

ଆସୁନି। କେତେ ଦୂର ଆପଣଙ୍କ କାମକୁ ପାଣି କୁଳେଇବ, କହି ହବନି। ଏବେ ଯାଇ କାମରେ ଲାଗନ୍ତୁ ନିଲୁ ବାବୁ।

ଚାରିଟା ଦିନରେ ଜାଣି ନିଅଁ ଖୋଳା ସରିଗଲା। ନିଅଁ ଖୋଳା କ'ଣ ? ବଡ଼ ବଡ଼ ଚାରିକଣିଆଁ ଗାତ ତିନିଚାରି ଫୁଟିଆ, ସେଥିରୁ ପିଲାର୍ ଉଠିବ ପନ୍ଦର କୋଡ଼ିଏଟା। ତାଙ୍କ ସମୟରେ ସିନା ତିନିଫୁଟ ମାଟି ତଳୁ କାନ୍ଥ ଉଠୁଥିଲା, କୋଡ଼ିଏ ଇଞ୍ଚରୁ ଦଶ ଇଞ୍ଚ, ତା'ପରେ ସବୁ ଦଶଇଞ୍ଚ ମଝିରେ ମଝିରେ ଦି' ଚାରିଟା ପିଲାର୍ ଉଠିଲେ କାଫି। ତାଙ୍କ ନିଜ ଘରେ, ନଅ ଶହ ସ୍କୋୟାରଫିଟ୍ ଘରେ ଗୋଟାଏ ହେଲେ ପିଲାର ନ ଥିଲା। ପରେ ପରିବର୍ଦ୍ଧିତ ଅଂଶରେ ଅବଶ୍ୟ ପିଲାର ଉଠିଲା - ତେବେ ଆଗ ପ୍ଲଟ୍ ପରି ନୁହେଁ।

ଅନଉଁ ଅନଉଁ ଏହା ଭିତରେ ଦଶବର୍ଷ ବିତିଗଲାଣି। ନିଲୁ ବାବୁଙ୍କ ଚକାଚକ୍ ତିନିତାଲା କୋଠା ସାମନାରେ। ସିଏ ଏବେ ଆଉ ନୂଆ ହେଇ ରହି ନାହାନ୍ତି। ତାଙ୍କ ପଛକୁ ପଛ ଆଉ କେତେ ଖାଲି ପ୍ଲଟ୍ କିଣି ବେଶ୍ ବଡ଼ ବଡ଼ କୋଠା ଠିଆ କରି ସାରିଲେଣି। ଏବେ ଆଉ ଏଠି ଖାଲି ଜାଗା ନାହିଁ କହିଲେ ଚଳେ।

**କେତେ ଯେ ସାହାଯ୍ୟ ଭିକ୍ଷା ନେବେ ସେ ? ବେଳେବେଳେ ତ ନିଜ ଭିତରେ କମ୍ପିଉଠନ୍ତି ସେ - ଧେତ୍, ଏଇଟା କି ଜୀବନ ?**

ନିଲୁବାବୁ କିନ୍ତୁ ସମ୍ପର୍କ ରଖିବାରେ ଖିଲାପ୍ କରିନାହାନ୍ତି। ପୂଜାପାର୍ବଣରେ ସେ ଯଥାରୀତି ପଡ଼ୋଶୀ ସମ୍ପର୍କ ରକ୍ଷାକରିଛନ୍ତି ବିଶ୍ୱଦେବଙ୍କ ସହ।

ସମ୍ପର୍କ ଆଉ କ'ଣ ? ମାମୁ ମାଇଁ ଦି' ପ୍ରାଣୀ - ବିଶ୍ୱଦେବ ଓ ତାଙ୍କର ପତ୍ନୀ ରାନୁଦେବୀ। ବିଶ୍ୱଦେବଙ୍କୁ ପଞ୍ଚସ୍ତରି, ରାନୁଦେବୀଙ୍କୁ ଏକସ୍ତରି।

ଆଉ କ'ଣ ପୂର୍ବ ସାଙ୍ଗସାଥୀ, ବନ୍ଧୁବାନ୍ଧବ ସମ୍ପର୍କ ଆଜିକାଲି ଠିକ୍ ରଖିହଉଚି। ଆଣ୍ଠୁଗଣ୍ଠି ବାତ, ବି.ପି, କ୍ଲୋଲେଷ୍ଟରଲ୍, ଥାଇରଏଡ୍ ଆଦି ନାନା ରୋଗରେ ପୀଡ଼ିତ ଦୁଇପ୍ରାଣୀ। କାହା ଘରକୁ ଯିବା ଆସିବା ପ୍ରାୟତଃ ନାହିଁ। ସେମିତି ବନ୍ଧୁବାନ୍ଧବ ସବୁ। କିଏ ଯେ ଆସୁଛି କାହା ପାଖକୁ ଆଉ ?

ଆଉ ଝିଅ ଜୋଇଁ ତ ଗାଜିଆବାଦ୍‌ରେ। ସେଇମାନେ ଯାହା ସାହା ଭରସା। ବର୍ଷକୁ ଥରେ ଦି'ଥର ଆସୁଛନ୍ତି, ଦଶପନ୍ଦର ଦିନ ରହୁଛନ୍ତି, ତା'ପରେ ତାଙ୍କର କର୍ମକ୍ଷେତ୍ରକୁ ପ୍ରତ୍ୟାବର୍ତ୍ତନ। ଏକାକିତ୍ୱ ଓ ଅସହାୟତା ଉଭୟ ବୁଢ଼ାବୁଢ଼ୀଙ୍କୁ ସନ୍ଦିଗ୍ଧ ରଖୁଛି ସବୁବେଳେ - କାଳେ କ'ଣ ଘଟିଯିବ।

ଘଟୁଛି, ଘଟିସାରିଲାଣି କେତେ ଥର। ବାଧ୍ୟ ହୋଇଛନ୍ତି ସେ ସାହାଯ୍ୟ ନେବା ପାଇଁ। କିଏ ଆଉ ସାହାଯ୍ୟ କରିବ ? ସେଇ ନିଲୁ ମିଶ୍ର ପ୍ରଥମେ। ଅନ୍ତତଃ ଝିଅଜୋଇଁ ଆସି ପହଞ୍ଚିବା ପର୍ଯ୍ୟନ୍ତ, ନିହାତିପକ୍ଷେ ଗୋଟାଏ ଦିନ।

ତେବେ ଡାକଟେ ଦେଲେ କି ଫୋନ୍ କରିଦେଲେ ହାଜର ହୋଇଯାଆନ୍ତି ନିଲୁବାବୁ ଆସି। ଆବଶ୍ୟକୀୟ ସାହାଯ୍ୟ ତ କରନ୍ତି ଏବଂ ଆଶ୍ୱାସନା ବି ଦିଅନ୍ତି - କିଛି ଅସୁବିଧା ହେଲେ ମତେ ଜଣଉଥିବେ ମଉସା, କୁଣ୍ଠା କରିବେନି। ମୁଁ ଅଛି ନା !

କୁଣ୍ଠା କରିବେ କ'ଣ ? ଏହା ଭିତରେ ଦୁଇଥର ବିଶ୍ୱଦେବଙ୍କୁ ହସ୍ପିଟାଲ୍ ନେଇକି ଗଲେଣି ନିଲୁ ବାବୁ। ବର୍ଷ ଗୋଟାକରେ ଦୁଇଥର। ସହଜେ ତ ନିଲୁବାବୁଙ୍କ ସ୍ତ୍ରୀଙ୍କର ନାନାଦି ବେମାରି। ସେଥିକୁ ପୁଣି ଦୁଇଟି ପୁଅ ଝିଅ ତାଙ୍କର। ପୁଅକୁ ଚଉଦ, ଝିଅକୁ ଦଶବର୍ଷ। ଏଣେ କଟକ ରୋଡ୍‌ରେ ନିଜର ବଡ଼ କମ୍ପ୍ୟୁଟର୍ ଦୋକାନଟେ।

ଦିନକୁ ଦିନ ବିଶ୍ୱଦେବଙ୍କୁ କେମିତି ଗୋଟେ ଅଖଞ୍ଜ ଲାଗୁଥାଏ ଏସବୁ ନେଇ। କେତେ ସେ ସାହାଯ୍ୟ ନେବେ ନିଲୁବାବୁଙ୍କଠାରୁ ? କରୋନା ବେଳେ, ଏପରିକି ଅନ୍ୟବେଳେ ନିଲୁବାବୁ ଏବଂ ତାଙ୍କର ଇଞ୍ଜିନିୟର୍ ଯୁବ ଭଡ଼ାଟିଆ ରାଜୁବାବୁ ତାଙ୍କୁ କିଛି କମ୍ ସାହାଯ୍ୟ କରିନାହାନ୍ତି। ସେମାନେ ଦେବଦୂତ ପରି ଆଗ ସାହାଯ୍ୟ କରି ନ ଥିଲେ ସେ ବଞ୍ଚି ରହି ନ ଥାନ୍ତେ ! ଏହା ହିଁ ବେଶି ମାଡ଼ି ମାଡ଼ି ପଡୁଥାଏ ବିଶ୍ୱଦେବଙ୍କୁ। କେତେ ଯେ ସାହାଯ୍ୟ ଭିକ୍ଷା ନେବେ ସେ ? ବେଳେବେଳେ ତ ନିଜ ଭିତରେ କମ୍ପିଉଠନ୍ତି ସେ - ଧେତ୍, ଏଇଟା କି ଜୀବନ ? ଏ ଜୀବନର ଅର୍ଥ କ'ଣ ? ଏମିତି ଗୁଡ଼େ ବଞ୍ଚିରହି କ'ଣ ନିହାଲ କରିପକେଇବେ ସେ ?

ଯାହା ହଉ, ଏଇ ବର୍ଷେ ଦେଢ଼ ବର୍ଷ ଭିତରେ ନିଲୁବାବୁଙ୍କ ପୂର୍ବ ଲୌକିକତାରେ ଅନେକଟା ପରିବର୍ତ୍ତନ ଦେଖାଦେଲାଣି - କ୍ରମେ କ୍ରମେ।

ଦେଖୁ ଦେଖୁ ନମସ୍କାର କରିବା, ଏପରିକି ଦିନକୁ ଏକାଧିକ

ଥର ନ ହେଲେ କିଛି ନା କିଛି ଆଳରେ ଗପିବା ଆଦି ଏବେ ଆଉ ନାହିଁ କହିଲେ ଚଳେ - ଯେମିତିକି ଆମେ ସବୁଦିନକୁ ପଡ଼ୋଶୀ ହେଇ ରହୁଚେ ନା! ଆଉ କ'ଣ ଅଧିକା! ବେଶି ଗୁଡେ ଦେଖେଇ ହେବା କ'ଣ ଶୋଭନୀୟ ନା ଆବଶ୍ୟକ!

ସମ୍ପର୍କ ହେଉଛି ଅନ୍ତରର କଥା। ତାହା କ'ଣ ଏମିତି ଦେଖେଇ ହେବା ଜରୁରୀ? ଅନ୍ତରର କଥା ଅନ୍ତରରେ ରହିଲେ ସିନା ଶୋଭନୀୟ।

**ସମ୍ପର୍କ ହେଉଛି ଅନ୍ତରର କଥା। ତାହା କ'ଣ ଏମିତି ଦେଖେଇ ହେବା ଜରୁରୀ? ଅନ୍ତରର କଥା ଅନ୍ତରରେ ରହିଲେ ସିନା ଶୋଭନୀୟ।**

ତଥାପି କ'ଣ ହେଲା କେଜାଣି, ଦିନେ ଆଉ ସମ୍ଭାଳି ନ ପାରି ନିଜ ମନକଥା ଖୋଲି ପକେଇଲେ ବିଶ୍ୱଦେବ। ଗୋଟେ ରବିବାରିଆ ଉପରବେଳା, ଯେତେବେଳେ କି ନିଲୁବାବୁ ଦାଣ୍ଡରାସ୍ତାରେ ଟହଲ ମାରୁଥିଲେ ଏକା ଏକା।

- କ'ଣ ନିଲୁବାବୁ, ମୋ' ଉପରେ ଆପଣ ରାଗିଛନ୍ତି କି? କାହିଁକି ଅନେକ ଦିନ ହେଲା ଆପଣଙ୍କ ସ୍ୱରଶବ୍ଦ ଶୁଭୁନି?

- ନାଇଁମ ମଉସା, ସେମିତି କାହିଁକି ଭାବୁଛନ୍ତି? ସେସବୁ ମନ ଭିତରେ ଅଛି ନା!

ତା'ପରେ ନିଲୁବାବୁ କ୍ଷିପ୍ରପାଦରେ ଏକମୁହାଁ ନିଜ ଷ୍ଟିଲ୍‌ଗେଟ୍ ଖୋଲି ଘର ଭିତରକୁ ଚାଲିଗଲେ।

ବିଶ୍ୱଦେବ ନିଜ ଗେଟ୍ ଆଗରେ ପୂର୍ବବତ୍ ଛିଡ଼ା ହେଇ ଚାହିଁ ରହିଲେ ନିଲୁବାବୁଙ୍କ ଘରକୁ କିଛି ସମୟ।

□□

ଲେଖକଙ୍କ ଇ-ମେଲ ଠିକଣା:
narumohanty1943@gmail.com

**ବର୍ତ୍ତମାନ 'ଗୁଗୁଲ୍ ପ୍ଲେ-ବୁକ୍ସ'ରେ ପଢ଼ନ୍ତୁ 'ସାହିତ୍ୟ ଚର୍ଚ୍ଚା' ପତ୍ରିକାର ଇ-ବୁକ୍ ସଂସ୍କରଣ, ଅତି ସୁଲଭ ମୂଲ୍ୟରେ।**

***It's Easy !***

1. **Download 'Google Play Books' from Play Store.**
2. **Register by using your Gmail ID and password.**
3. **In the Search box please type 'Sahitya Charcha'. Select the issue you wish to read.**
4. **Pay Rs.11.80 by using Google pay, UPI or any other payment mode.**
5. **Download the 'Sahitya Charcha' Magazine into your device.**

ପ୍ରତି ସଂଖ୍ୟାର ମୂଲ୍ୟ-
**ଟ.୧୧.୮୦**
(ଏଗାର ଟଙ୍କା ଏବଂ ଅଶୀ ପଇସା ମାତ୍ର)

Google Play Books


**ପ୍ରବନ୍ଧ**

# ୨୦୧୦ ପରବର୍ତ୍ତୀ ଓଡ଼ିଆ ଉପନ୍ୟାସରେ ପ୍ରବାସୀ ଶ୍ରମିକଙ୍କ ମାଟିପ୍ରୀତି



**ବିଭୂତି ଭୂଷଣ ପଧାନ**

ଏକବିଂଶ ଶତାବ୍ଦୀର ଓଡ଼ିଆ ସାହିତ୍ୟକୁ ଅନୁଶୀଳନ କଲେ ଦେଖାଯାଏ ଯେ, ସାଂପ୍ରତିକ ସମୟର ସାମାଜିକ ବାସ୍ତବତା ସାହିତ୍ୟରେ ପ୍ରତିଫଳିତ। ଏହି କାଳଖଣ୍ଡରେ ଅନେକ ନୂଆ ନୂଆ କଥାକାରଙ୍କ ଆବିର୍ଭାବ ଘଟି ସେମାନେ ନିଜର ସୃଷ୍ଟିବଳୟ ମଧ୍ୟରେ ମାନବ ଜୀବନର ନାନାବିଧ ସମସ୍ୟାକୁ ରୂପାୟିତ କରିଛନ୍ତି। ସେଥିମଧ୍ୟରୁ ଦଙ୍ଗା, ଦାଦନ, ବିସ୍ଥାପନ, ଜଗତୀକରଣ, ଗଣ ଆନ୍ଦୋଳନ, ଦଳିତଚେତନା, ବାମାବାଦୀ ତଥା ପର୍ଯ୍ୟାବରଣଭିତ୍ତିକ ଭାବଶିଳ୍ପ ପର୍ଯ୍ୟାପ୍ତ ପରିମାଣରେ ପରିଦୃଷ୍ଟ ହୁଏ। ତହିଁରେ ପ୍ରବାସୀ ଶ୍ରମିକଙ୍କ ସମସ୍ୟା ମଧ୍ୟ ଏକ ବଳିଷ୍ଠ ସ୍ୱର ରୂପେ ପ୍ରତୀୟମାନ ହୋଇ ଓଡ଼ିଆ କଥାଜଗତକୁ ସମୃଦ୍ଧ କରିଛି। ଯେଉଁଥିରେ ନିରୀହ ମଣିଷର ଦୁଃଖ-କଷ୍ଟ, ଦାରୁଣ ଦୁର୍ବିପାକ, ଅଭାବ-ଅସୁବିଧାର କରୁଣ ଅଭିବ୍ୟକ୍ତି ପ୍ରତିଫଳିତ। ଭାରତ ସ୍ୱାଧୀନତା ଲାଭ କରିବାର ଦଶନ୍ଧି ଦଶନ୍ଧି ପରେ ମଧ୍ୟ ଏଠାକାର ମଣିଷ ପେଟ ପାଇଁ ଡହଳବିକଳ, ତେଣୁ ବିଭିନ୍ନ କାରଣରୁ ବିଭିନ୍ନ ସମୟରେ ସେ ହୁଏ ଦେଶାନ୍ତରୀ। ଦେଶରୁ ଗୋରା ସରକାରଙ୍କ ଅନ୍ୟାୟ, ଅତ୍ୟାଚାର ବିଲୟ ହୋଇଥିଲେ ମଧ୍ୟ ଦେଶୀୟ ସାହୁକାର, ମାଲିକ, ଦଲାଲ ଓ ଧନିକ ଗୋଷ୍ଠୀର ଶୋଷକ ଦ୍ୱାରା ସରଳ ମଣିଷଙ୍କ ଜୀବନ ଅଧିକ ନିଷ୍ପେଷିତ। ଏହି ଭାବଭୂମିକୁ ବହନ କରି ଗଢ଼ିଉଠିଛି ଅନେକ କଥାଶିଳ୍ପ, ତନ୍ମଧ୍ୟରୁ ୨୦୧୦ ମସିହା ପରବର୍ତ୍ତୀ ସମୟରେ ପ୍ରକାଶିତ ଉପନ୍ୟାସ ସାହିତ୍ୟରେ ପ୍ରବାସୀ ଶ୍ରମିକଙ୍କ ମାଟିପ୍ରୀତି ମଧ୍ୟ ଲକ୍ଷ୍ୟ କରାଯାଏ। ଏଇ ଧରଣର ପ୍ରମୁଖ ଉପନ୍ୟାସଗୁଡ଼ିକ ହେଲା, 'ଦାଗ'(୨୦୧୩) 'ପଡ଼ାପୋଡ଼ି'(୨୦୧୪) 'ଜାଲ' (୨୦୧୪), 'ଦାଦନ ସୁନ୍ଦରୀ' (୨୦୧୪), 'ଦେଶାନ୍ତର'(୨୦୧୬), 'ଦାଦନ ରାଜ୍ୟ'(୨୦୧୬), 'ଦାଦନ'(୨୦୧୬) 'ବସୁନ୍ଧରାର କୋହ' (୨୦୧୮), 'ମରୁଡ଼ି-୧୯୬୫' (୨୦୨୧) , 'ପ୍ରବାସୀ'(୨୦୨୨) ଇତ୍ୟାଦି ଅନ୍ୟତମ।




**ମାଟିପ୍ରୀତିର ବ୍ୟାପକତା**

ମାଟିପ୍ରୀତି କହିଲେ ଆମେ ସାଧାରଣତଃ ଜନ୍ମଭୂମି ପ୍ରୀତି, ସ୍ଥାନୀୟତାର ଗୁରୁତ୍ୱ ବା ମାଟି ପ୍ରତି ମଣିଷର ଆନ୍ତରିକତାକୁ ବୁଝିପାରିବା। ବ୍ୟାପକ ଅର୍ଥରେ ଅତୀତପ୍ରୀତି, ସଂସ୍କୃତିପ୍ରୀତି, ନିଜସ୍ୱ ରୀତିନୀତି, ପରମ୍ପରାକୁ ଭଲପାଇବା ମଧ୍ୟ ଏହାର ଅଂଶ ବିଶେଷ। ମାଟି ଓ ମଣିଷର ସମ୍ପର୍କ ସୃଷ୍ଟି ପ୍ରକ୍ରିୟାର ପ୍ରାରମ୍ଭରୁ। ମାନବ ତଥା ସମଗ୍ର ରାଷ୍ଟ୍ରର ଉନ୍ନତି ଅବନ୍ନତି ମୃତ୍ତିକା ଉପରେ ନିର୍ଭର କରେ। ତେଣୁ ସାହିତ୍ୟ ମଧ୍ୟ ଆଦିମ କାଳରୁ ମାଟିର ବିଶେଷତ୍ୱକୁ ସୂଚାଇ ଆସୁଛି। ମାଟି ସହ ମଣିଷର ସଂପର୍କକୁ ନିବିଡ଼ କରିଛି। ଓଡ଼ିଆ ଉପନ୍ୟାସ ସୃଷ୍ଟିର ପ୍ରାକ-କାଳରୁ ମାଟିକୁ କେନ୍ଦ୍ରକରି ମଣିଷର ସାମାଜିକ, ସାଂସ୍କୃତିକ, ଆର୍ଥନୀତିକ ସଂଘର୍ଷ ବର୍ଣ୍ଣିତ। ଯଦିଓ ତତ୍କାଳୀନ ସମୟରେ କେବଳ ଜୀବିକା ନିର୍ବାହର ପ୍ରମୁଖ ଉପାଦାନ ଭାବେ କେବଳ ଗଣନା କରାଯାଉଥିଲା। କାଳକ୍ରମେ ମଣିଷର ପ୍ରତ୍ୟେକ କାର୍ଯ୍ୟରେ ମାଟି ଜରୁରୀ ହୋଇପଡିଛି, ତା'ର ଚାହିଦା ବଢିଛି ସୃଷ୍ଟି ହୋଇଛି ଦ୍ୱନ୍ଦ୍ୱ, କଳହ ରକ୍ତାକ୍ତ ସଂଘର୍ଷ। ଅନ୍ୟତ୍ର ଅର୍ଥ ଲାଳସାରେ ଜନ୍ମମାଟିରୁ ମଣିଷ ବିଚ୍ୟୁତ ହୋଇଛି। ତୁଳନା କରିଛି ସ୍ନେହଶ୍ରଦ୍ଧା ବୋଳା ଭିଟାମାଟି ଓ କର୍ମସ୍ଥଳୀ ମଧ୍ୟରେ ପାର୍ଥକ୍ୟ, ସୁଗୁଣ-ଦୁର୍ଗୁଣ ସବୁ ଦିଗରୁ ଜନ୍ମସ୍ଥଳୀ ସର୍ବଦା ନିରାପଦ ଓ ଶ୍ରେଷ୍ଠ ରୂପେ ପ୍ରତିପାଦିତ ହୋଇଛି। ଘଟଣାକ୍ରମେ ବିଭିନ୍ନ ଉପନ୍ୟାସରେ ମଧ୍ୟ ଚିତ୍ରିତ। ଏଠାରେ ପ୍ରବାସୀ ଶ୍ରମିକଙ୍କ ମାଟିପ୍ରୀତିକୁ ବିଭିନ୍ନ ଦୃଷ୍ଟିକୋଣରୁ ଲକ୍ଷ୍ୟ କରିବା।

ଜଣେ ମଣିଷ ଭିଟାମାଟି, ବନ୍ଧୁ, ପରିଜନ ସମସ୍ତ ସମ୍ପର୍କ ଛିନ୍ନକରି ଦେଶାନ୍ତରୀ ହେବାର ବିଭିନ୍ନ କାରଣ ମଧ୍ୟରେ ପ୍ରାକୃତିକ ବିପର୍ଯ୍ୟୟ, ସାହୁକାରଙ୍କ ଶୋଷଣ, ସରକାରଙ୍କ ଅପାରଗତା, ପ୍ରଶାସନର ଦୁର୍ନୀତି ଓ ଅତ୍ୟାଚାର, ନେତାମନ୍ତ୍ରୀଙ୍କ ପ୍ରତାରଣା ଇତ୍ୟାଦି ପ୍ରମୁଖ। ସାଧାରଣତଃ ଓଡ଼ିଶାର ଜନତାଙ୍କ ପାଇଁ ବନ୍ୟା, ବାତ୍ୟା, ମରୁଡ଼ି ଚିରସହଚର। ତା'ର ପ୍ରଭାବରେ ଫସଲ ନଷ୍ଟହୋଇ ଏଠିକାର ପ୍ରଜା ଖାଇବାକୁ ମୁଠାଏ ପାଏ ନାହିଁ, ଅନ୍ୟପଟେ ସାହୁକାରର କରଜ ଅଣ୍ଟା ଭାଙ୍ଗିଦିଏ। କଳେବଳେ କୌଶଳେ ସାହୁକାରଙ୍କ ବହୁଗୁଣିତ ପ୍ରାପ୍ୟ ଆଦାୟ ଓ କୂଟଚକ୍ରାନ୍ତରେ ସର୍ବସ୍ୱାନ୍ତ ହୋଇଯାଏ ଗରିବ ମଣିଷ। ଫଳତଃ ଗୋଟିଏ ମଣିଷ ଜନ୍ମମାଟି, ସମାଜ, ପରିବାର, ଗାଁ' ଛାଡ଼ି ଚାଲିଯାଏ ଅନେକ ଦୂର ଏବଂ ସେ ଯେଉଁଠି ଥାଉନା କାହିଁକି ନିଜ ସମାଜ ପରିବାର, ପରିବେଶକୁ ଅନ୍ତରରୁ ଭଲପାଏ। ତେଣୁ ପ୍ରବାସୀ ମଣିଷ ନିଜର କ୍ଲିଷ୍ଟ ଜୀବନ ସତ୍ତ୍ୱେ ଝୁରିହୁଏ ନିଜ ଜନ୍ମମାଟିକୁ। ଏହିସବୁର ନିଚ୍ଛକ ପ୍ରତିଛବି ଅନେକ ଉପନ୍ୟାସରେ ଫୁଟି ଉଠିଛି।

> **କଳେବଳେ କୌଶଳେ ସାହୁକାରଙ୍କ ବହୁଗୁଣିତ ପ୍ରାପ୍ୟ ଆଦାୟ ଓ କୂଟଚକ୍ରାନ୍ତରେ ସର୍ବସ୍ୱାନ୍ତ ହୋଇଯାଏ ଗରିବ ମଣିଷ।**

### ଜନ୍ମମାଟି

ସେଥିମଧ୍ୟରୁ ଆଦିତେଶ୍ୱର ମିଶ୍ରଙ୍କ 'ଦେଶାନ୍ତର'ରେ ଗୋଟିଏ ହରିଜନ ପରିବାରଙ୍କ ଦୁର୍ଦ୍ଦଶା ପରିଦୃଷ୍ଟ ହୁଏ। ଯେଉଁମାନେ ପେଟର ଭୋକକୁ ହାଡ଼େହାଡ଼େ ହୃଦୟଙ୍ଗମ କରିଛନ୍ତି, ମୁଠାଏ ଦାନା ପାଇନାହାନ୍ତି ଖାଇବାକୁ। ଦୁଇଟଙ୍କିଆ ରାସନ କାର୍ଡ଼ଖଣ୍ଡକ ବନ୍ଧାପଡ଼ିଛି, ଦୋକାନରେ ଖଣ୍ଡେ କଂସା ବାସନ ବନ୍ଧାଦେଇ ଆଣିଥିବା ଚାଉଳ ମଧ୍ୟ ସରିଯାଇଛି। ଶ୍ରାବଣ ମାସରେ ମାଟିଫଟା ଖରା। ଏପରି ପରିସ୍ଥିତିରେ ଦାଦନୀ(ବଇନା) ବା ବାହାବନ୍ଧା ହିଁ ତାଙ୍କର ଭରସା ପାଲଟିଛି। ଶ୍ରମିକଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସରକାରଙ୍କ ଯାହା କିଛି ଯୋଜନା ଆସିଛି ସବୁରେ ବଡ଼ବଡ଼ ନେତାମନ୍ତ୍ରୀ ଠିକାଦାରମାନଙ୍କ ବ୍ୟାଗଭର୍ତ୍ତି ହୋଇଛି। ସମସ୍ତ ଯୋଜନାରେ ସେମାନେ ମେସିନ ଲଗାଇ କାମ କରିଛନ୍ତି। ଫଳରେ ଜଣେ ପରିଶ୍ରମୀ ମଣିଷକୁ ପଙ୍ଗୁ କରିଦେଇଛି ମେସିନ। କାଳକ୍ରମେ ଦଲାଲର ଚକ୍ରାନ୍ତରେ ସମଗ୍ର ପରିବାର ଇଟା ଗଡ଼ିବା ପାଇଁ ଆନ୍ଧ୍ର ଚାଲି ଯାଇଛନ୍ତି। ଦଲାଲର ଅତ୍ୟାଚାରରେ ନାୟକ ବାରଣର ମୃତ୍ୟୁ ଘଟିଛି ତା' ସ୍ତ୍ରୀ ନିଜ ଗାଁକୁ ଫେରିଯିବାକୁ ଅନେକ ଚେଷ୍ଟା କରିଛି। ଦଲାଲର ଲୋଲୁପ ଦୃଷ୍ଟିର ଶିକାର ହୋଇଛି। ଏସବୁଥିରେ ଅତିଷ୍ଠ ହୋଇ ନାୟିକା ଗାଁ'କୁ ଯାଇ ଚାଷକାମ କରି ଜୀବିକା ନିର୍ବାହ କରିବା ପାଇଁ ମନସ୍ଥ କରିଛି, ଗାଁ'ରେ ପଡ଼ିରହି ବାସି ତୋରାଣି ମୁନ୍ଦାଏରେ ଜୀବନ ବଞ୍ଚିବା ମଧ୍ୟ ଶ୍ରେୟସ୍କର ବୋଲି ଭାବିଛି କିଶରୀ। ସଞ୍ଜୟ କୁମାର ମିଶ୍ରଙ୍କ 'ଦାଦନ ସୁନ୍ଦରୀ'ରେ ମରୁଡ଼ି ପ୍ରପୀଡ଼ିତ ଜନକପୁରି ଗାଁ'ର ରୋହିତ ପରାଭୁଏ ସବୁ ଜମିବାଡ଼ି ବିକ୍ରିକରି ସମଗ୍ର ପରିବାର ପ୍ରବାସୀ ଶ୍ରମିକ ସାଜିଛନ୍ତି। ଆନ୍ଧ୍ର ଇଟାଭାଟିରେ ପହଞ୍ଚିବା ପରେ ତାଙ୍କର ସ୍ୱାଧୀନତା କ୍ଷୁଣ୍ଣ ହୋଇଛି। ଶ୍ରମିକକୁ ମାଲିକମାନଙ୍କର ପଶୁଭଳି ବ୍ୟବହାର, କାମରେ ଟିକିଏ ଅବହେଳା ହେବାରୁ ମାଲିକ ତାଙ୍କୁ ଅଧିକ ସାତବର୍ଷ ବନ୍ଧାରଖିବା; କୌଣସି ପର୍ବପର୍ବାଣିରେ ଗାଁ'କୁ ଯିବାକୁ ନ ଦେବା; ଦେହ ଖରାପ ହେଲେ ଟିକେ ବିଶ୍ରାମ ପାଇଁ ମଧ୍ୟ ସୁଯୋଗ ନ ଦେବା; କିଛି ଜାଗାରେ ମାଲିକ ମାଡ଼ମାରି ଶ୍ରମିକର ଗୋଡ଼ହାତ ଭାଙ୍ଗି ଦେଉଥିବା ଦେଖାଯାଇଛି। ଏତେସବୁ ଶାରୀରିକ ଓ ମାନସିକ ଯନ୍ତ୍ରଣା ଭିତରେ ଦାଦନ ଶ୍ରମିକ ପରିବାର କାଳ କାଟିଛନ୍ତି। ସେମାନଙ୍କ ମୁକ୍ତିର ବାଟ ଅସମ୍ଭବ ହୋଇପଡ଼ିଛି ଫଳରେ ଗାଁ ପ୍ରତି ତାଙ୍କର ଆକର୍ଷଣ ଗଭୀର ହୋଇଛି। ବର୍ଷ ବର୍ଷ ଧରି ବନ୍ଦୀଜୀବନ କାଟୁଥିବା ଶ୍ରମିକ ପରିବାର ଏକ ସୁନେଲି ସକାଳର ସ୍ୱପ୍ନ ଦେଖି ଆଗେଇ ଆସିଛନ୍ତି। ଗାଁ ମାଟିରେ ପାଦ ଥାପିବାର ଦୁର୍ବାର ଆକାଂକ୍ଷା ଜାଗରୁକ ହୋଇଛି। ଯେଉଁ ଘର ଦିନେ ପେଟର ଜ୍ୱାଳାରେ ଅଲୋଡ଼ା ହୋଇ ପଡ଼ିଥିଲା ସେହି ଘରକୁ ଫେରିବାର ଖୁସି ସମସ୍ତଙ୍କୁ ବିହ୍ୱଳିତ କରିଛି। ଔପନ୍ୟାସିକ କହିଛନ୍ତି- "ଦିନରାତି କାମକରି କରି ପଥର ପାଲଟିଯାଇଥିବା ତାଙ୍କ ଛାତି, ମୁହଁ, ଆଖି, ପିଠି ଓ ବାଳସବୁ ଯୁଗଯୁଗରୁ ବ୍ୟାକୁଳ ଥିଲେ ପାଇବାକୁ ମଣିଷପଣର ସାନ୍ନିଧ୍ୟ। ତାଙ୍କ ଆତ୍ମା, ଓଠ, ଆନନ୍ଦ, ଆଳସ୍ୟପଣ ସବୁ କାନ୍ଦୁଥିଲେ ମୁଠାଏ ଧୂସର ଆଲୁଅ ପାଇଁ, ଜଠର ସାରା ଭରି ରହିଥିଲା ଅୟୁତ ଯୁଗର ଭୋକ।" (ଦାଦନ ସୁନ୍ଦରୀ,ପୃ-୧୩)

ହାଇଦ୍ରାବାଦରେ ଥିବା ସମୟରେ ନାୟିକା ତୀର ବାରମ୍ବାର ନିଜ ଗାଁର ସୁବିଧା ସୁଯୋଗକୁ ଝୁରିଛି, ଯାହା ଇଟାଭାଟିର ଚଉହଦି ପୂରଣ କରିପାରିନି । ନିଜ ଗାଁର ଜଳାଶୟର ଉପକାରକୁ ଝୁରିଛି ତୀର । ମନେପଡ଼ିଛି ଜଙ୍ଗଲ ଝରଣାକୁ କିପରି ଜମି କରିଛନ୍ତି ଲୋକେ- ପାହାଡ଼ରୁ ଝରି ଆସୁଥିବା ଝରଣାଗୁଡିକୁ ବାନ୍ଧି ବାହାଲ ଜମି କରିଛନ୍ତି ଗାଁ ଲୋକ । ବାକି ସବୁ ଉଚ୍ଚ ଜାଗା ବା ଆଁଟ ଜମି ଗାଁର ତିରିଶ ଭାଗରୁ ଅଧିକ ଲୋକ ଜମିହୀନ, ସୁଖବାସୀ, ଦାଦନ ଶ୍ରମିକ । ପ୍ରତିପତ୍ତିଶାଳୀଙ୍କ କବ୍‌ଜାରେ ଭଲ ଜମି ଓ ଅନ୍ୟସବୁ ଦୁଃଖିରଙ୍କଙ୍କ ପାଇଁ ଯାହାକୁ ନେଇ ତୀରର ମନ ବିଦ୍ରୋହ କରି ଉଠିଛି ପ୍ରବାସରେ । ସେହିପରି 'ବସୁନ୍ଧରାର କୋହ'ରେ ମଧ୍ୟ ମାଟିଆ ଗାଁର ଅଧିକାଂଶ ପରିବାର ମରୁଡ଼ି ଯୋଗୁ ଦଲାଲର ଚକ୍ରାନ୍ତରେ ରାୟପୁର ଯାଇଛନ୍ତି ଓ ସେଠାରେ ବିଭିନ୍ନ ଦୁର୍ଦ୍ଦିନରେ ଜୀବନଧାରଣ କରିଛନ୍ତି । ନାୟକ ତପନ ଗାଁ ଛାଡ଼ି ଆସିବା ପରେ ଦଲାଲଠାରୁ ଅନେକ ଯନ୍ତ୍ରଣା ଭୋଗିଛି । ନିଜ ଘରକଥା ମନେ ପକାଇ ଅନୁତାପ କରିଛି । ମରୁଡ଼ି ଯୋଗୁ ଘର ଚଳାଇବା କଷ୍ଟ ହେଲା ବୋଲି ଭିଟାମାଟି ଛାଡ଼ି ସେ ବିଦେଶ ଯାଇଛି । ସେଥିରେ ମନେ ପକାଇଛି ତା' ଚାଷ ଜମିରେ ଲହଡ଼ା ମାରୁଥିବା ଧାନ କେଣ୍ଡା ।



ଔପନ୍ୟାସିକଙ୍କ ଭାଷାରେ, ତା' ଚାଷ ଜମିର ଧାନ ଗଛରେ ଓହଳୁଥିବା କେଣ୍ଡା ଭାଙ୍ଗିଯାଉଛି ପାଣି ନ ପାଇ ଗୋଟିଗୋଟି ଶୁଖି ମରିଯାଉଛି ଏସବୁ ଦେଖି ଛାତି ତାର ଫାଟି ପଡିଲା ।" (ବସୁନ୍ଧରାର କୋହ, ପୃ-୧୨୮) ସେ ରାୟପୁରରେ ଥିବା ସମୟରେ ନିଜ ଚାଷ ଜମିର କଥା, ଜଳ ଅଭାବରେ ଧାନଗଛ ମରିଯାଉଥିବା ଦୃଶ୍ୟ ମନେପଡ଼ି ଆଖିରୁ ଲୁହଝରି ଯାଇଛି । ସରକାରଙ୍କ ଅଦୂରଦର୍ଶୀ ଯୋଜନା ଯୋଗୁ ସେମାନେ ବିଦେଶ ଯିବାକୁ ପଡୁଛି ବୋଲି କହିଛି । ଯଦି ସରକାର ନଈନାଳର ପାଣି ବାନ୍ଧି ଚାଷଜମିକୁ ସଂଯୋଗ କରନ୍ତା ତାହେଲେ ଲୋକେ ନିଜ ଭିଟାମାଟିରେ ରହନ୍ତେ ବୋଲି ତପନ କହିଛି- "ଆମ ଜମିକୁ ପାଣି ଯୋଗାଇ ଦେଇଥିଲେ ଆଜି ଆମେ ଦାଦନ ଖଟିବାକୁ, ଚାଷଜମି ଛାଡ଼ି ଭିଟାମାଟି ଛାଡ଼ି ଏଭଳି ଜାଗାକୁ ଆସିଥାନ୍ତୁ କାହିଁକି ?" (ବସୁନ୍ଧରାର କୋହ, ପୃ-୧୨୯) ତପନ ବାହାରେ ରହି ଟଙ୍କା ପଠେଇଛି ଓ ସେହି ଟଙ୍କାରେ ଗାଁରେ କୂଅଖୋଳା ହୋଇଛି । ସେଥିରେ ଚାଷକାମ ହେବ ନିଜ ଜମି ପ୍ରତି ଏହି ଆନ୍ତରିକ ମନୋଭାବ ମାଟିପ୍ରୀତିର ପରିଚୟ ଦେଇଛି । ଏହିସବୁ ଉପନ୍ୟାସରେ ଦେଖାଯାଇଛି ଯେ ପ୍ରବାସୀ ଶ୍ରମିକ ଅତ୍ୟାଚାର କଷଣ ଭୋଗକରିବା ପରେ ହିଁ ବେଶି ପରିମାଣରେ ମାଟିମୁହାଁ ହୋଇଛି ।

**ପ୍ରବାସୀର ଜୀବନ ଯନ୍ତ୍ରଣା**

'ମରୁଡ଼ି-୧୯୬୫' ଉପନ୍ୟାସରେ ମଧ୍ୟ ସାମୁଏଲ ଦାନୀ, ୧୯୬୫-୬୬ ମସିହାରେ ଅକାଳ ମରୁଡ଼ି ଯୋଗୁ କଳାହାଣ୍ଡି ଜିଲ୍ଲାର କିଛି ଅଞ୍ଚଳ ଜଳ ବିହୁନେ ଜଳି ଯାଉଥିବାର ଅଭାବନୀୟ ଦୃଶ୍ୟ ମାଧ୍ୟମରେ ପ୍ରବାସୀ ଶ୍ରମିକଙ୍କ ଜୀବନଯନ୍ତ୍ରଣା କଥା ଉପସ୍ଥାପନ କରିଛନ୍ତି । ବୋଡେନ ସିନାପାଲି ଅଞ୍ଚଳର ଅଧିକାଂଶ ପରିବାର ଗାଁ ଛାଡି ରାୟପୁର ଚାଲିଯାଇଛନ୍ତି । ସୁନାଧର, କୃପା, ଗଙ୍ଗା, ବୈରାଗ୍ୟ ସମସ୍ତେ ରାୟପୁର ଚାଲିଯାଇଛନ୍ତି । ଗାଁ ମାଟି ଛାଡ଼ି ଯିବାବେଳେ ଖୁଟୁଲୁ ଅନେକ କାନ୍ଦିଛି ନିଜ ପୂର୍ବ ପୁରୁଷଙ୍କ ପାଖରେ କ୍ଷମା ମାଗିଛି । ଯଦିଓ ପରବର୍ତ୍ତୀ ସମୟରେ ରମାଦେବୀ ଓ ପାର୍ବତୀ ଗିରି ଦୁଇ ମହୀୟସୀ ମହିଳାଙ୍କ ନେତୃତ୍ୱ ଓ ସେବା ବଳରେ ପରିସ୍ଥିତିକୁ ଆୟତ୍ତ କରାଯାଇଛି । 'ଦାଗ'ରେ ନାୟକ ଧ୍ରୁବଳେ ଇଟାଭାଟିରେ କାମକରିବା ପରେ ମୁନସି ହଇରାଣ କରିଛି, ଖାଏରୀ ଟଙ୍କା ପାଇଁ ଅନେକ କଥା ଶୁଣିବାରୁ ତାକୁ ବାଧିଛି । ସେ ନିଜର ସବୁ ସ୍ମୃତି ମନେ ପକାଇଛି, "କେମିତି କେଜାଣି ଗାଁ ଛାଡ଼ିବାର ଏତେ ବର୍ଷ ପରେ ବି ତା ଆଖି ଆଗରେ ନାଚିଯାଏ ଗାଁର ଘର, କ୍ଷେତ, ବାରି, ଲେର । କ୍ଷେତ ମଝିର ଚୁଆଁ, ଗାଁର ପୂରୁବ ଦିଗରେ ଥିବା ସେ ପିଲାହାରୀ ଡଙ୍ଗର । ବାରିରେ ଥିବା ନିମ୍ବ, ବେଲ, ପିପଳ ଆଉ ମହୁଲ ଗଛ ।" (ଦାଗ, ପୃ-୮୪ ) ବେଳେବେଳେ କୋହ ଉଠେ ଏହିସବୁ କ୍ଷେତଖଳା, ବୃକ୍ଷଲତାକୁ ମନେପକାଇ । ଜମି ମଧ୍ୟରେ ପିଲାହାରୀ ଡଙ୍ଗର ତଳକୁ ଥିବା ବାହାଲ ଯାହା ଅଧା ବର୍ଷର ଚାଉଳ ଯୋଗାଉଥିଲା । ମରୁଡ଼ି ବେଳେ ମହାଜନକୁ ଦିଆଯାଇଛି, ତାହା ଥିଲେ ଦାଦନ ଆସିବାକୁ ପଡ଼ି ନ ଥାନ୍ତା ବୋଲି ଧ୍ରୁବଳେ ଭାବିଛି । ଏସବୁ ଉପନ୍ୟାସରେ ଚରିତ୍ରମାନେ ବିଭିନ୍ନ ସମୟରେ

ନିଜ ମାଟିପ୍ରୀତିର ପରିଚୟ ଦେଇଛନ୍ତି।

ସରକାରଙ୍କ ଅସଂଖ୍ୟ ଯୋଜନା ତେଲିଆ ମୁଣ୍ଡରେ ତେଲ ନୀତିରେ ପଥଭ୍ରଷ୍ଟ ହେବାବେଳେ ପ୍ରଶାସନର ଦୁର୍ନୀତି, ଲାଞ୍ଚଖୋର୍ ପ୍ରବୃତ୍ତି ଅନେକ ସାଧାରଣ ଜନତାଙ୍କୁ ନିଜ ଅଧିକାରରୁ ବଞ୍ଚିତ କରୁଛି। ବିଭିନ୍ନ ସରକାରୀ ଯୋଜନାର ବିଫଳ ହେତୁ ପ୍ରକୃତ ଯୋଗ୍ୟ ହିତାଧିକାରୀ ଅବହେଳିତ ହୋଇ ଦଲାଲ ରୂପକ ଜାଲରେ ଛନ୍ଦିହୋଇ ପ୍ରବାସୀ ଶ୍ରମିକ ସାଜିଛନ୍ତି। ଏଇ ସମାନ ଭାବଭୂମିରେ ପ୍ରାୟ ପ୍ରତ୍ୟେକ ଉପନ୍ୟାସର କଳେବର ପୁଷ୍ଟ। ସେହି ବନ୍ଦି ଜୀବନରୁ ମୁକ୍ତି ପାଇଁ ଜୀବନ ମଧ୍ୟ ତ୍ୟାଗ କରିଛନ୍ତି। ନିଜ ଜନ୍ମମାଟିକୁ ଫେରିଯିବାର ଖୁସିରେ ଶ୍ରମିକମାନେ ସମସ୍ତ ଦୁଃଖ, ଅତ୍ୟାଚାର, ନିର୍ଯାତନା ଭୁଲି ମାଟିର ଆକର୍ଷଣରେ ବିଭୋର ହୋଇଛନ୍ତି। 'ଦେଶାନ୍ତର'ରେ ଗାଁ'କୁ ଫେରିବାର ଖୁସିରେ ନାୟିକା କିଶରୀ ଆଖିରେ ଦଲାଲର ସମସ୍ତ ଶୋଷଣ ତୁଚ୍ଛ ମନେ ହୋଇଛି। ପେଟରେ ଭୋକଥିଲେ ମଧ୍ୟ ପେଡ଼ିପୁଟୁଳି ବାନ୍ଧି ଘରକୁ ଆସିବା ପାଇଁ ପାଦ ବଢେଇଛି। 'ଦାଦନସୁନ୍ଦରୀ'ରେ ମଧ୍ୟ ତୀରଙ୍କ ପରିବାର ଗାଁ ମାଟିରେ ପାଦ ଥାପିବାର ଖୁସିରେ ଭୋକଶୋଷ ଭୁଲି ରେଳଗାଡ଼ିରେ ବସିଛନ୍ତି। ଦୀର୍ଘ ତିନିବର୍ଷ ପରେ ଦାଦନ ଶ୍ରମିକରୁ ମୁକ୍ତି ପାଇବା ଭଗବାନଙ୍କ ବରଦାନ ବୋଲି ମନେ କରିଛନ୍ତି। ଏ ସମସ୍ତଙ୍କ ମନରେ ମାଟିକୁ ଛୁଇଁବାର ବ୍ୟାକୁଳତା ଦେଖାଯାଏ। ଅନେକ ଶ୍ରମିକଙ୍କ ମନରେ ଜନ୍ମଭୂଇଁକୁ ଫେରିବାର ଆଶଙ୍କା ମଧ୍ୟ ଦେଖାଯାଇଛି। କିଶରୀ ନିଜ ଘରକୁ ଫେରିପାରିବ କି ନାହିଁ, ଯଦିବା ଫେରିବ ମୃତ କି ଜୀବନ୍ତ ଏହି ସବୁ ଦ୍ୱନ୍ଦ୍ୱ ଭିତରେ କହିଛି, "ସତରେ କ'ଣ ସେ ଦାଦନରୁ ତା' ଭିଟାମାଟିକୁ ଜୀବନଧରି ଫେରିବ?'' (ଦେଶାନ୍ତର, ପୃ-୨୮୨) ଏହି ଆଶଙ୍କା ଭିତରେ ଫୁଟି ଉଠିଛି ଜନ୍ମଭୂଇଁର ଆକର୍ଷଣ। ସେ ଚାହିଁଛି ତା' ସ୍ୱାମୀ ବଳଦ ବେପାର ପଛକେ କରୁ କିନ୍ତୁ ଏ ବଇନାରୁ ମୁକ୍ତି ମିଳୁ। ସେତେବେଳେ ଜନ୍ମମାଟିର ଖାଦ୍ୟପେୟ, ବାଣିଜ୍ୟ, ବ୍ୟବସାୟ ସବୁକିଛି ତାକୁ ସୁନ୍ଦର ଲାଗିଛି।


**ପ୍ରତ୍ୟେକ ଦାଦନ ଶ୍ରମିକଙ୍କ ଆଖିରେ ଆଖିଏ ସ୍ୱପ୍ନ; ବିଦେଶ ଯାଇ ଟଙ୍କା ଆଣି ନିଜର ସବୁ ଅସୁବିଧା ପୋଛି ପକେଇବେ।**

ପ୍ରତ୍ୟେକ ଦାଦନ ଶ୍ରମିକଙ୍କ ଆଖିରେ ଆଖିଏ ସ୍ୱପ୍ନ ବିଦେଶ ଯାଇ ଟଙ୍କା ଆଣି ନିଜର ସବୁ ଅସୁବିଧା ପୋଛି ପକେଇବେ। ଅଥଚ ବାସ୍ତବରେ ସବୁ ଉଭେଇଯାଏ। କିଶରୀ ମଧ୍ୟ ସ୍ୱପ୍ନ ଦେଖିଛି ଇଟାଗଡ଼ି ବଇନା ଟଙ୍କା ଶୁଝି ଆଉ ଦି' ପଇସା ଧରି ଗାଁ'କୁ ଫେରିଯାଇଥିଲେ। ପୁଣି ତା' ଘଇତା ଯୋଡିଯାଇଥାନ୍ତା (ଦେଶାନ୍ତର, ପୃ-୨୯୦) ସେମାନେ ହଳବଳଦ କରି ମୁକୁଳାଇଥିବା ବନ୍ଧକ ଜମିରେ ଚାଷ କରିଥାନ୍ତେ। ଘରକୁ ଟିଣ ଛପର କରିଥାନ୍ତା, ଭଲଘର ଦେଖି ଝିଅକୁ ବାହା କରାଇଥାନ୍ତା। ଆ! କେତେ ସ୍ୱପ୍ନ, କିନ୍ତୁ ସବୁ ସ୍ୱପ୍ନ ଆଶାରେ ହିଁ ରହିଯାଇଛି। 'ପ୍ରବାସୀ'ରେ ସେମିତି ଶିବ ପ୍ରଧାନର ପୁଅ ରାମ ଆସାମ ଯାଇଛି ଅଶେଷ ଆଶା ନେଇ, ନିଜ ଘରର ଆର୍ଥିକ ସ୍ଥିତି ସୁଧାରିବା ପାଇଁ ଅଥଚ କାମରେ ପେଷିହୋଇ ଘରଦ୍ୱାର ସବୁ ଭୁଲି ଯାଇଛି। ଶେଷରେ ଗାଁ'କୁ ଫେରିଯାଇ ପୁରୀ ଜଗନ୍ନାଥଙ୍କୁ ଦର୍ଶନ କରିବ ବୋଲି ବ୍ୟାକୁଳ ହୋଇଛି ଅଥଚ ଯାଇପାରିନି, ତା'ର ମୃତ୍ୟୁ ଘଟିଛି। ଅନେକ ଉପନ୍ୟାସରେ ଚରିତ୍ରମାନେ ନିଜ ଆରାଧ୍ୟ ଦେବଦେବୀଙ୍କୁ ମଧ୍ୟ ଝୁରିଛନ୍ତି ଅଥଚ ଗାଁ' ମଶାଣିରେ ସ୍ଥାନ ପାଇବାର ଦୁର୍ବାର ଆକାଂକ୍ଷାରୁ ବଞ୍ଚିତ ହୋଇଛନ୍ତି।

### ଦୁଃଖର ପ୍ରାବଲ୍ୟ

ବାସସ୍ଥାନ ଛାଡ଼ି ଅଦୂର ବିଦେଶକୁ ଚାଲିଯିବା ସମୟରେ କିଛି ଶ୍ରମିକ ପରିବାର ମ୍ରିୟମାଣ ହୋଇପଡିଛନ୍ତି। ରୋଗ ବୈରାଗ୍ୟ ଓ ମରୁଡ଼ି ଯୋଗୁ ବିଦେଶକୁ ଦାଦନ ଯିବା ଭଳି ସମସ୍ୟା ଉପୁଜେ, ଦୈନନ୍ଦିନ ଜୀବନରେ ରୋଗ ଦୁଃଖର ସୀମା ଟପିଯିବାରୁ ଗାଁ ଛାଡ଼ିବା କଥା କହିଛି ତୀର, କେବଳ ଗାଁର ସ୍ମୃତି ନୁହଁ; "ଛାଡିବାକୁ ପଡୁଛି ଦାଣ୍ଡର ଧୂଳି, ବନ୍ଧର ପାଣି, ଦେ ଦେବତା, ସିଆନସୁଜନ" ଏ ସମସ୍ତଙ୍କୁ ଛାଡ଼ିଯିବାର ଦୁଃଖ ଭୋକଠୁ ବଳି ପଡୁଛି। 'ପଡ଼ାପୋଡ଼ି'ରେ ପୁଅକୁ ରକ୍ଷା କରିବା ପାଇଁ ମଙ୍ଗଲୁ ଓ ତା' ସ୍ତ୍ରୀ ଘର ଛାଡ଼ିଛନ୍ତି। ଯେଉଁଠି ମଙ୍ଗଲୁ ପ୍ରତିବାଦ କରି କହିଛି- "ଗାଁ ଛାଡ଼ି ଦେବା ଏତେ ସହଜ ନୁହେଁ ଯେତେହେଲେ ବି ଭିଟାମାଟି। ଆମକୁ ଜନ୍ମ ଦେଇଛି। ପାଳନ ପୋଷଣ କରିଛି ଯାକୁ ଛାଡ଼ି କେଉଁ ଠିକି ଯିବା?"

(ପଢ଼ାପୋଡ଼ି, ପୃ- ୨୮) ଶେଷରେ ଅନନ୍ୟୋପାୟ ହୋଇ ଗାଁ ଛାଡ଼ିବାକୁ ପଡିଛି। ଯିବାବେଳେ ଅନେକ କାନ୍ଦିଛି ମଙ୍ଗଲୁ ଯେଉଠି ସେ ଜନ୍ମହୋଇ ଛୋଟରୁ ବଡ ହୋଇଥିଲା। ତାକୁ ଦିନେ ଛାଡ଼ିବାକୁ ପଡ଼ିବ ସେ କଳ୍ପନା ସୁଦ୍ଧା କରି ନ ଥିଲା। 'ଦାଗ'ରେ ହାଇଦ୍ରାବାଦ ଇଟାଗଢି ବାହାରିବା ସମୟରେ ନାୟିକା ଟେବା ମଧ୍ୟ ଘରଛାଡ଼ି ଯିବାକୁ ଇଚ୍ଛା କରିନି, ନିଜେ ଲଗେଇଥିବା ଶିମ୍ବଲତାକୁ ଦେଖି ଲୁହ ଜକେଇ ଆସିଛି। ସମାନଭାବେ 'ଦେଶାନ୍ତର', 'ବସୁନ୍ଧରାର କୋହ', ଆଦି ଉପନ୍ୟାସରେ ପ୍ରବାସୀ ଶ୍ରମିକମାନଙ୍କ ନିଜ ଚାଷବାସ, ଭିଟାମାଟି ପ୍ରତି ଭଲପାଇବା, ତା'ର ଆକର୍ଷଣ ଯୋଗୁ ଅନେକ କଷ୍ଟରେ ଘର ଛାଡୁଥିବା ଦେଖାଯାଏ।




'ପଢ଼ାପୋଡ଼ି'ରେ ମଙ୍ଗଲୁର ମାଟିପ୍ରୀତି ଅନନ୍ୟ। ତା'ର ଗୋଟିଏ ଇଛାଥିଲା ସେ ମରିଗଲେ ମାଟିରେ ପୋତିଦେବ ଏବଂ ମରିବା ପୂର୍ବରୁ କହିଥିଲା, "ଆମେ ମାଟିର ଲୋକ, ମାଟିରେ ଚାଷ କରୁଛନ୍ତି, ମାଟିରେ ଘର କରୁଛନ୍ତି, ମାଟିରେ ହଗୁଛନ୍ତି, ମାଟିରେ ସବୁ କରୁଛନ୍ତି ତେଣୁ ସିଏ ମାଟିକୁ ଭଲ ପାଉଥିଲା। ତାଙ୍କର ମାଟି ଦେବତା।" ତେଣୁ ସେ ବିଶ୍ୱାସ କରୁଥିଲା ମାଟିରେ ପୋତିହୋଇ ପଚିଶଢ଼ି ଯିବାଟା ହିଁ ଠିକ। ତା'ର ପୂର୍ବ ପୁରୁଷ ମାଟିରେ ପୋତା ହେଉଥିଲେ ସେ ମଧ୍ୟ ମାଟିରେ ମିଶିବ ବୋଲି ଦୁର୍ବାର ଇଚ୍ଛା। ମଙ୍ଗଲୁର ଏଇ ବିଶ୍ୱାସ ଗଭୀରଭାବେ ମାଟିକୁ ଭଲପାଉଥିବା ବ୍ୟକ୍ତି ହିଁ ଅନୁଭବ କରିପାରିବ। ତା'ର ପୁଅ ମକାରୁ ମଧ୍ୟ ନିଜ ସ୍ମୃତିରେ ଗାଁ'ରେ ଡ୍ୟାମ ହେବାକଥା, ନିଜ ଜମିର ଧାନ ପାଣି ଅଭାବରେ କିପରି ମରିଯାଉଥିଲା, ଘଟଣା ସ୍ମୃତିଚାରଣ କରିଛି। ଲାଠୋରରେ ସବର୍ଣ୍ଣମାନେ ଗଣାପରାକୁ ଜାଳି ଦେଇଥିବା ବେଳେ ରକ୍ତ ସମ୍ପର୍କୀୟଙ୍କ ଦୁଃଖ ଟାଣିଆଣିଛି ଗାଁ'କୁ। ନିଜ ଗାଁ'ର ଦୁଃଖରେ ମ୍ରିୟମାଣ ହୋଇଛି।

ଏହି କାଳଖଣ୍ଡରେ ରଚିତ ଉପନ୍ୟାସଗୁଡ଼ିକ ମଧ୍ୟରେ ଚରିତ୍ରମାନେ ନିଜ ଜନ୍ମମାଟିରୁ ବିଚ୍ଛିନ୍ନ ହେବାପରେ ସେମାନେ କିପରି ନିଜ ଜନ୍ମମାଟିକୁ ଝୁରି ହୋଇଛନ୍ତି। ନିଜର ଧାନକ୍ଷେତ, ବିଲ, ବାଡି ତାଙ୍କୁ ଆଛନ୍ନ କରି ରଖିଛି, ନିଜସ୍ୱ ସଂସ୍କୃତି, ରୀତିନୀତି ପ୍ରତିଫଳିତ ହୋଇଛି ତାହା ଅନୁଶୀଳନ କରାଯାଇଛି। ଏହା ସ୍ୱୟଂସମ୍ପନ୍ନ ନୁହେଁ, ବିହଙ୍ଗାବଲୋକନ ମାତ୍ର। ଏହାର ବିସ୍ତୃତ ଦିଗ ଗବେଷଣାସାପେକ୍ଷ।

**ସହାୟକ ଗ୍ରନ୍ଥସୂଚୀ :**


୧– ପଣ୍ଡା ଚିତ୍ତରଞ୍ଜନ : ଓଡିଆ ଉପନ୍ୟାସ ସ୍ରଷ୍ଟାଙ୍କ କୃତି ଓ କୃତିତ୍ୱ – ଏକେ ମିଶ୍ର ପବ୍ଲିଶର୍ସ, କଟକ, ୨୦୨୦, ୧ମ ସଂ

୨– ପଟ୍ଟନାୟକ କଇଳାଶ : ଓଡ଼ିଆ ଉପନ୍ୟାସର ସମାଜତତ୍ତ୍ୱ- ବିଦ୍ୟାପୁରୀ, କଟକ –୨୦୧୯, ୨ୟ ସଂ

୩– ମିଶ୍ର ସ୍ୱପ୍ନା : ଦାଗ- ପଶ୍ଚିମା ପବ୍ଲିକେଶନ, ଭୁବନେଶ୍ୱର –୨୦୧୩, ୧ମ ସଂ

୪– ମିଶ୍ର ସ୍ୱପ୍ନା : ଜାଲ- ଶ୍ରଦ୍ଧା ପବ୍ଲିକେଶନ, ବାଲେଶ୍ୱର –୨୦୧୪, ୧ମ ସଂ

୫– ମିଶ୍ର ଆଦିତେଶ୍ୱର : ଦେଶାନ୍ତର- ସାମ୍ନା ପୂଜାସଂଖ୍ୟା-୨୦୧୬

୬– ହୋତା ହିମାଂଶୁ କୁମାର : ଦାଦନ ରାଜ୍ୟ- ପଶ୍ଚିମା ପବ୍ଲିକେଶନ, ଭୁବନେଶ୍ୱର –୨୦୧୬, ୧ମ ସଂ

୭– ବେହେରା ରାସବିହାରୀ: ବସୁନ୍ଧରାର କୋହ - ଲେଖାଲେଖି, ଭୁବନେଶ୍ୱର, ୨୦୧୮, ୧ମ ସଂ

୮– ଦାନୀ ସାମୁଏଲ: ମରୁଡ଼ି-୧୯୬୫- କାବ୍ୟଲୋକ, ଭୁବନେଶ୍ୱର, ୨୦୨୧, ୧ମ ସଂ

୯– ମିଶ୍ର ସଞ୍ଜୟ କୁମାର: ଦାଦନ ସୁନ୍ଦରୀ – ଅନ୍ୟା, ୨୦୧୧

୧୦– ସାହୁ ସରୋଜିନୀ : ଦାଦନ- ପଶ୍ଚିମା ପବ୍ଲିକେଶନ, ଭୁବନେଶ୍ୱର, ୨୦୧୬

୧୧– ମିଶ୍ର ଶରତ ଚନ୍ଦ୍ର : ପ୍ରବାସୀ- ସୁଧନ୍ୟା ପ୍ରକାଶନୀ, ଭୁବନେଶ୍ୱର, ୨୦୨୨, ୧ମ ସଂ

୧୨–ସୁନାନୀ ବାସୁଦେବ : ପଢ଼ାପୋଡ଼ି- ପକ୍ଷୀଘର ପ୍ରକାଶନୀ , ଭୁବନେଶ୍ୱର, ୨୦୧୪ , ୧ମ ସଂ


□□


ଲେଖକଙ୍କ ଇ-ମେଲ ଠିକଣା:
bibhutibhusanpadhan@gmail.com



ଧାରାବାହିକ ବ୍ୟଙ୍ଗ

# ଫୁଆ ହୋ

ଡ. ଅଜୟ କୁମାର ମିଶ୍ର

ଘଟଣ-ଅଘଟଣର ଗୁନ୍ଥାମାଳ ଏ ସଂସାର କେତେବେଳେ ଘଟଣାଗୁଡ଼ିକ ବଢ଼ିନଈର ସୁଅ ଭଳିଆ ଘଟିଯାଆନ୍ତି, କିହୋ ! ଢେଉ ଗଣିବାକୁ କାହାର ବେଳ ଅଛି ? କେହି କେହି ଘଟଣା ଘଟାନ୍ତି, କେହି କେହି ଘଟଣାରୁ ଉପଘଟଣା, ଅତିରିକ୍ତ ଘଟଣାଗୁଡ଼ିକ ସହ ଛାଆଁକୁଛାଆଁ ଝଳେଇ ହେଇଯାଆନ୍ତି । କାହା ଆଗରେ ଘଟିତ ଘଟଣା ସିଲିପ୍ କରିଯାଏ । ଉଁଚ୍ଚାଗଛରେ ନଟା ଗୁଡ଼େଇ ହେବା ଭଳିଆ ଆଉ କାହା କାହା ସହିତ ଘଟଣା ଛାଆଁକୁ ଛନ୍ଦି ହେଇଯାଏ । ପଡିଆରେ ପଡିଥିବା ପଥର ତଳର ଦୂବ, ପଥର ଚାପା ତଳୁ ଉଠି ପଥକୁ ଘୋଡ଼େଇ ପକେଇବା ଭଳି କେହି ଘଟଣା ଉପରେ ମାଡ଼ି ଯାଆନ୍ତି । ନାଆ ଉପରେ ଗାଡ଼ି, ଗୁଡ଼ି ଗାଡ଼ି ଉପରେ ନାଆ, ଘଟଣାକୁ ନେଇ ଲୋକ, ଲୋକଙ୍କୁ ନେଇ ଘଟଣା । ଘଣ୍ଟୁ ଧୀର ପାଣିରେ ଆଡୁଆଳରୁ ପଥର ପକେଇ ଚହଲେଇ ଦେବା ଭଳିଆ, ଘଟଣା ଆଗରେ ଥାଇ ନିଜକୁ ଗୋପ୍ୟକରେ, ଠିକ୍ ସିନିମା ଓ ଯାତ୍ରାର ନିର୍ଦ୍ଦେଶକ ଭଳି ।




'ଟି' ଚରୁଥିବା ଟିଚର୍‌ମାନଙ୍କ ଖଟି, ମହାଭାଳେଣି । ରାଇଜସାରା ଚାଲିଛି ନୂଆ ହୋ କାମ । ଏଥକୁ ଭାଷଣ ଚାଲିବ । ପିଲାଏ ଶୁଣିବେ ଭାଷଣ, ଫଅଟ ଛପେଇ ହେବ, ଉପରକୁ ପଠାଯିବ । ଏକାବେଳକେ ସବୁ ଆଡ଼େ କାମ । ଏତେ ଭାଷଣିଆ ମିଳିବେ କେଉଁଠୁ ? ତିଥିରେ ଅତିଥି ବରଣ ହେବେ । ଘଣ୍ଟୁ ମନଧ୍ୟାନ ଦେଇ ଶୁଣୁଥିଲେ ଏକଥା । ଭାବିଲେ ଯାକୁ ନେଇ ଗୋଟାଏ ଘଟଣା କଲେ କେମିତି ହୁଅନ୍ତା ? ଟିଚର୍‌ମାନଙ୍କୁ ନିଜ ଆଡୁ ପ୍ରସ୍ତାବ ଦେଲେ, ଯେତେ ଭାଷଣିଆଁ ଭାଟ ଦରକାର, ସେ ଯୋଗାଇଦେବେ, ଏଥକୁ ଚିନ୍ତା ନ କରି, ଥାନ, ଅନୁଷ୍ଠାନ ଓ ତାରିଖମାନ ଟିପା କରେଇବା ଆଗରୁ ସମସ୍ତଙ୍କଠାରୁ କୌଶଳରେ କାନଫୁଙ୍କା ନମ୍ବର ସଂଗ୍ରହ କରିନେଲେ ।

ଘଣ୍ଟୁ ଗୋଟେ ଜାଣିଥିବା କେତେଜଣ ଚାଲୁଭାଟଙ୍କ, କେତେଜଣ ମହାଭାଟ, କେତେ ଜଣ ନୂଆଭାଟଙ୍କ ଠା ଠଣା ଠିକଣା ସଂଗ୍ରହ କରି ବଡ଼ ଖସଡ଼ାରେ ଟିପାକଲେ । ଚାଲିଲା ଘନ ଘନ ଯୋଗାଯୋଗ । କେତେଜଣ ମଞ୍ଚ କାଙ୍ଗାଳିଆଙ୍କୁ ସେ ଭଲ ଭାବରେ ଜାଣନ୍ତି । ଜଗନ୍ନାଥଙ୍କ ଧଣ୍ଡା, ତୁଳସୀ ଦିନେ ଅଧେ ବନ୍ଦ ହେଇପାରେ, ଏମାନଙ୍କ ଭାଷଣ ଉଦ୍‌ଗାରଣ ଦିନେ ବି ଠପ୍ ହେବାର ନାହିଁ । ତା' ତଳକୁ ଆଉ କେତେଜଣ ଧନ୍ୟବାଦିଆଙ୍କ ଠିକଣା ନେଲେ । ପରେ ପରେ ନୂଆ ନୂଆ ଭାଟଗିରି ତାଲିମ ନେଉଥିବା ଅତିଥି ପରିଚୟଦାତାଙ୍କୁ ବି ଲୋଡ଼ିଲେ । ଏମାନଙ୍କୁ କିଛି ନ ଦେଲେ ବି, ଏମାନେ ଭାଷଣ ମଞ୍ଚରେ ଛାଆଁକୁ ଛାଆଁ ଆସି ପୁରେହିପଣ୍ଡା ସାଜନ୍ତି । ଏମାନଙ୍କ ଶବଦ ବାଣରେ ପ୍ରଶଂସାର ଧୂଆଁ । ଆଉ କେତେଜଣ ଅତିଥି ପରିଚୟ ନାଆଁରେ ଅତି ସଂକ୍ଷେପରେ ଅଧଘଣ୍ଟାକାଳ ତୈଳାକ୍ତ ବଚନରେ ତେଲ ଜୁଡୁବୁଡୁ କରିପକାନ୍ତି । ଆଜିର ଅଭାବ ସମୟରେ ଏଇମାନେ ହେବେ ମହାଭାଟ । ବିଷୟ-ପ୍ରସଙ୍ଗ କିଛି ଦରକାର ନାହିଁ, ମଞ୍ଚ ଚଢ଼ିଲେ, ଏମାନଙ୍କ ତୁଣ୍ଡରେ ସରସ୍ୱତୀ ବାଣୀଠାକୁରାଣୀ ଛାଆଁକୁ ଆସି ବିଜେ କରନ୍ତି ।

**ନଲେଜ୍ ସେଣ୍ଟର**

ଆଗେ ଏଇମାନଙ୍କୁ ନେଇ ନଲେଜ୍ ସେଣ୍ଟର୍‌ଗୁଡ଼ିକରେ ଭାଷାଉଠାଣ ସଭାରେ ମୁଖ୍ୟଭାଟ କରାଇବାର ଯୋଜନା କଲେ । କେବଳ ମଝିପାତ୍ର ହେଲେ କଥାଟା ଆଗେଇବ । ଏମନ୍ତ କାମରେ ଦି'ଆଡ଼ିଆ ମୁନାଫା । ଏମାନଙ୍କୁ ମଞ୍ଚ ଦରକାର, କଲେଜିଆଙ୍କୁ ଭାଟ ଦରକାର । ମଞ୍ଚ ପାଇଁ ମହାଭାଟ, ଅତିରିକ୍ତ ଭାଟ, ସବ୍‌ଭାଟ, ପାଳିଆଭାଟ, ଯୁଗ୍ମଭାଟଙ୍କୁ ଠାରୁ କମିଶନି

ମିଳିବ, ପୁଣି କଲେଜିଆଙ୍କଠାରୁ ଭାଟ ଯୋଗାଣ କରିଥିବାରୁ କମିଶନି ବି ମିଳିବ। ମାତିଲେ ଘଣ୍ଟୁ। ଭାଟମାନେ ଗୋଡ଼ ଲମ୍ବେଇବେ, ତେଣୁ ସବ୍‌ଭାଟଙ୍କୁ, ପାଳିଆଭାଟଙ୍କୁ ଯୋଗସୂତ୍ର କରାଇ ବିଭିନ୍ନ କଲେଜ୍‌ରେ ଥୟ କରିବା ଯୋଜନା କଲେ। ଦି'ପକ୍ଷ ଖୁସି। ଦି' ପକ୍ଷଙ୍କୁ ନିଜ ଘର ଠିକଣା ଓ ସମୟ ଦେଇଦେଲେ। ନିର୍ଧାର୍ଯ୍ୟ ତାରିଖ ଅନୁଯାୟୀ, ଭାଟେ ଏଠି ପହଞ୍ଚିବେ, କଲେଜର ସଭା ମେନେଜର୍‌ମାନେ ଆସି ଅତିଥିରୂପୀ ଭାଟମାନଙ୍କୁ ଏଇଠାରୁ ନେଇଯିବେ।

ଗୋଟାଏ କଲେଜ୍‌ର ସଭାମେନେଜର୍ ଫୋନ୍ କରି, ଗାଡ଼ି କେଉଁଠି ପହଞ୍ଚିବ ବୋଲି ଜଣାଇଲେ। ଘଣ୍ଟୁ ବି ଜଣେ ପାଳିଆବକ୍ତାଙ୍କୁ ଯୋଗାଡ଼ିଲେ। ଏ ପାଳିଆବକ୍ତା ନିଜେ କିଛି କହନ୍ତି ନାହିଁ, ଯିଏ ଯିଏ ଯାହା କହନ୍ତି, ସେମାନଙ୍କ କଥାକୁ ଦୋରସ୍ତ କରନ୍ତି, ତେଲ ନୁହେଁ, ଘିଅରେ କାରବାର। ସଭାମେନେଜର୍‌ଙ୍କୁ ଘଣ୍ଟେ ଇଙ୍ଗିତରେ ସୂଚେଇ ଦେଲେ ଗାଡ଼ି ଦରକାର ନାହିଁ, ଦିଚକିଆ ହେଲେ ଚଳିବ, ଚାରିଚକିଆ ଭଡ଼ାରେ ଯାହା ଯାଇଥାନ୍ତା, ତହିଁରୁ କିଛି ସେ ପାଇଗଲେ ବକ୍ତାଙ୍କୁ ବୁଝେଇ ସୁଝେଇ ସେଇଥିରେ ଥୋଇ ବିଦା କରିଦେବେ, ଫେରିବା ବେଳକୁ ଆଉ ଧରାଛୁଆଁ ନ ଦେଲେ, ଏ ବକ୍ତା ବଳେ ବସ୍ ଧରି ଫେରିବେ। ବକ୍ତାଙ୍କୁ ବୁଝେଇ ଦେଲେ, "ଆପଣ ଯେଉଁଠିକି ଯାଉଛନ୍ତି ବହୁ ସମ୍ମାନ ମିଳିବ, ତାଙ୍କ କାଆର୍ ଖରାପ, ତେଣୁ ସଭା କ'ଣ ଭଣ୍ଡୁର ହେବ? ଏଇ କେତେ କୋଡ଼ିଏ ତିରିଶି କି.ମି. ବାଟ, ଆପଣ ସାଆରଙ୍କ ବାଇକ୍‌ରେ ଗଲେ, ତୁରନ୍ତ ସଭାରେ ପହଞ୍ଚିବେ। ଖିଆପିଆ, ମାଳ, ମାନପତ୍ର ପୁଣି ଦକ୍ଷିଣା କାନ୍ଧଝୁଲା ଦେଇ ସେମାନେ ଆପଣଙ୍କୁ ଚମକେଇଦେବେ। ଆପଣ ନ ଗଲେ, ବରଂ ଆଉ କାହାକୁ ପଠେଇବା"। ଉଭୟପକ୍ଷ ରାଜି, ଆତୁରିଆ ପାଳିଆବକ୍ତା କଲେଜ୍‌ର ସଭାମାନେଜର୍ ପଠାଇଥିବା ଦିବ୍ୟବାନାମ୍ବରର ବାଇକାରୋହଣ କରି ବିଦାହେଲେ।

**ବକ୍ତା ଯୋଗାଣ**

ମୂଲିଆଷ୍ଟାଣ୍ଡ ମେନେଜର୍ କାମ ପାଇଁ ବିଭିନ୍ନ ମିସ୍ତ୍ରୀ ମୂଲିଆଙ୍କୁ ବିଭିନ୍ନ ଜାଗା ପଠାଇବା ଭଳିଆ, ଘଣ୍ଟୁ ଠା ଦେଖି ବକ୍ତା ଯୋଗାଣ କରି ହାତ ଚିକ୍କଣ କଲେ। ଏମିତିକି ଗଣେଶ ପୂଜା ବେଳେ ନାନା ସର୍ଟେଜ୍, ଏଇ ସମୟରେ ନୂଆ ନୂଆ ମଣ ହେଇଥିବା ନନାଙ୍କ ଭାଉ ଆକାଶଛୁଆଁ। କେହି କେହି ତ ଗୋଟାଏ ଦିନରେ ଡଜନେ ଦେଢ଼ ଡଜନ୍ ଥାନରେ ଗଣେଶଙ୍କୁ ଟାଣ ଟାଣ ମନ୍ତ୍ରରେ ଥୟ କରି ଦିଅନ୍ତି। ସେମିତି ହେଲା ଏଇ 'ଫୁଆ ହୋ' ସିଜିନ୍‌ରେ। କେତେଜଣ ବକ୍ତା, ପୂର୍ବସଭାର ଛାଟିମରା କାଗଜ ନ ଓହ୍ଲାଇ ଅନ୍ୟ ମଞ୍ଚରେ, କାହାର ବି ବରଣିମାଳ ବେକରୁ ଉତୁରିନି, ସେ ମଧ୍ୟ ଆଉ ମଞ୍ଚରେ ଉଭା। ଜଣେ ଜଣେ କର୍ମକାଣ୍ଡିଆ ବି ଏ ସମୟରେ ମହାବକ୍ତା ହେଇ ନୂଆ ନୂଆ ତଥ୍ୟ ବଖାଣିଲେ। କାନ ଶୁଣି ନ ଥିବା କଥା ମଧ ଏ ସମୟରେ ବକ୍ତାଙ୍କଠାରୁ ଶୁଣାଗଲା।

ଜଗନ୍ନାଥ ବଖାଣ ସଭାରେ କର୍ମକାଣ୍ଡିଆ ଉଚ୍ଛବନନା ଲୁଗା, ଓଡା ଗାମୁଛା, ଉତାରି ମଖମଲି ପଞ୍ଜାବୀ ପରିଧାନ କରି ଧଇଲେ ମାଇକ୍ରୋଫୋନ୍। ବଖାଣିଲେ- "ଅନୁଷ୍ଠାନର ଭକ୍ତସମାଜ! ଆପଣମାନେ ନିତି ନିତି ଭାଷଣ ଶୁଣି ଶୁଣି, ଅତିଖିଆ ଲୋକର ପେଟ ଦାନା ତର୍ଣ୍ଣିବାଟେ ଓକାଳ ଉଠେଇବା ଭଳିଆ, ଆପଣମାନଙ୍କ ଭାଷଣ ବଦହଜମି ହେଲାଣି । ମୁଁ ଏବେ ଭଗତି ଇନୋ ପାନେ ଦେଉଛି। ପୁରୁଣା ଲିଷ୍ଟରେ ଜଗନ୍ନାଥଙ୍କ ନାଁ ଥିଲା ଯଦୁନାଥ । ତାଙ୍କର ଭଉଣୀନାଥ ହେଲେ ଅର୍ଜୁନ। ଜାଣିଛନ୍ତି ତାଙ୍କର ଜନ୍ମ କେବେ? ଅର୍ଜୁନ ପରା ସିଷ୍ଟର୍ ସୁଭଦ୍ରାଙ୍କର ସାରଥି। ମୁଁ ଉପରଠାଉରିଆ କିଛି ବକିବିନି, ଗୀତାରେ ଆପେ ଜଗନ୍ନାଥ ରୂପୀ କୃଷ୍ଣ କହିଛନ୍ତି – 'ବହୁନି ମେ ବ୍ୟତୀତାନି ଜନ୍ମନି ତବ ଚାର୍ଜୁନ' (୪ ଅଧ୍ୟାୟ, ୫ ଶ୍ଳୋକ) - ହେ ଅର୍ଜୁନ ତୁମ ଜନ୍ମ ଚାର୍ + ଜୁନ୍ । ଅର୍ଥାତ୍ ଜୁନ୍ ଚାରି ତମ ଜନ୍ମଦିନ।" ଏକଥା କେହି ବକ୍ତା କହିଛନ୍ତି କି? ସଘନ ତାଳି ମାଡ଼। ଗୀତାର ଅର୍ଥରୁ ଏମିତି ଅନେକ କଦର୍ଥରେ ଭାଷଣ ଶେଷ।

**ନିତି ନିତି ଭାଷଣ ଶୁଣି ଶୁଣି, ଅତିଖିଆ ଲୋକର ପେଟ ଦାନା ତର୍ଣ୍ଣିବାଟେ ଓକାଳ ଉଠେଇବା ଭଳିଆ ଭାଷଣ ବଦହଜମି ହେଲାଣି ।**

ଜଗନ୍ନାଥ ବଖାଣ ଭାଷଣରେ ଅନ୍ୟ ଏକ ମଞ୍ଚରେ ଜଣେ ଚଣ୍ଡୀପାଠୁଆ ଘନାପଣ୍ଡାଏ ଆଉ ଗୋଟେ ଚମକିଆ ଭାଷଣ ନାଛିଦେଲେ। କହିଲେ, "ମାଆ ମାହାଲକ୍ଷ୍ମୀ ଜଗନ୍ନାଥଙ୍କ ପରମାନେଣ୍ଟ ଧର୍ମପତ୍ନୀ। ସେ ଟେରେଇ ଅନେଇ ଦେଲେ

ଆଷାଢ଼ିଆ ବର୍ଷା ଭଳିଆ ସ୍ୱର୍ଗରୁ ମୁଷଳଧାରାରେ ଧନଧାନ୍ୟ ଅଜାଡ଼ି ହେଇ ପଡ଼ିବ। ତେରେଛେଇ ଅନେଇ ଦେଲେ, ଯେତେ ଧନଧାନ୍ୟ ପାଣି ଫୋଟକା ଭଳିଆ ମିଳେଇ ଯିବ, ଖରାଟିଆ ଆଇସ୍‌କ୍ରିମ୍ ଭଳି ବରଫିଆ ଥଣ୍ଡା ଥପ୍ ଥପ୍ ହେଇ ମିଳେଇଯିବ। ସେଇ ଲକ୍ଷ୍ମୀ ହେଲେ ଆମର ଦେବୀ ଚଣ୍ଡୀ। ସେ ହେଲେ ଚଷା ଦେବୀ, ଚଷାମାନଙ୍କର ଦେବୀ, ତାଙ୍କ ଦେଢ଼ଶୁର ହଳ ଲଙ୍ଗଳ ଧରିଛନ୍ତି। ମାଆ ଚଣ୍ଡୀଙ୍କୁ ଦଇନି କଲେ, ସେ ଦେଢ଼ଶୁରଙ୍କୁ କହି ହଳଲଙ୍ଗଳ ଯୋଗେଇ ଦେବେ। ମାଆଙ୍କୁ ମୁଁ ଚଷା ଦେବୀ କହୁନି, ସପ୍ତସତୀ ଚଣ୍ଡୀରେ ଜଳ ଜଳ କରି ଲେଖା ଯାଇଛି– "ଏବଂ ମୁକ୍ତା ଚ ସା ଦେବୀ ଗମ୍ଭୀରାନ୍ତସ୍ଥିତା ଜଗୌ।" ଏଇ କଥା କହୁ କହୁ ଚଷାମାନଙ୍କ ଦେବୀ ଗମ୍ଭୀରା ଭିତରକୁ ପଶି ଯାଇ ଭିତରପଟୁ ଡୋର୍ କ୍ଲୋଜ୍ କରିଦେଲେ।" ଏମିତି ଶ୍ଳୋକରେ ଥିବା 'ଚ ସା' କୁ 'ଚଷା' ଦେବୀ ଭାବେ ମହାବ୍ୟାଖ୍ୟା କରି, ଶ୍ରୋତାଙ୍କଠାରୁ ଗୁଡ଼ାଏ ତାଳି ଆଦାୟ କରିନେଲେ । ଜଗନ୍ନାଥ କଥାରେ ସବୁ ଚଳେ ଏ ରାଇଜରେ।



**ଭାଟଙ୍କ ମେଳଣ**

ଘଣ୍ଟୁ ପ୍ରେରିତ ଭାଟେ, ମହାଭାଟେ, ସବ୍‌ଭାଟେ, ଇଣ୍ଟେନ୍‌ସିପ୍ ଭାଟେ, ଜୁନିଅର୍‌ଭାଟେ ମହାନ ବକ୍ତା ଭାବରେ ମଞ୍ଚ ମଣ୍ଡନ କଲେ। ଜଗନ୍ନାଥ କଥା, ଭାଷା କଥାକୁ ନେଇ ନାନା ଥାନରେ ରୋଚକ କଥାମାନ ଭାଷଣରେ ଚାଲିବ କ'ଣ ହାଇ ସ୍ପିଡ୍‌ରେ ଦୌଡିଲା। ଗୋଟେ ଗୋଟେ ବିଷବିଦାଳୟରେ ଏମନ୍ତ ବକ୍ତାଏ ଅତି ଚତୁରେ ଚତୁରେ ବତୁରେଇ ଦେଲେ। ଏମନ୍ତଙ୍କ ମଧ୍ୟରେ ଥିଲେ କେତେ ମୁର୍ଦ୍ଦାରିଆ ଫୁଲଶ୍ରୀ। ତାଙ୍କୁ ନେଇ ମଞ୍ଚରେ ଥାପନା କଲାବେଳକୁ ଚଉଠଘଣ୍ଟା ସମୟ ବିତିଛି। ମଞ୍ଚରେ ଗୋଟେ କଣକୁ ଅତି ଦୟନୀୟ ଭାବେ ସକାଳୁ ସକାଳୁ ଭାଷଣାମୃତ ତେଣ୍ଡିବାକୁ ଆମ ଜଗନ୍ନାଥେ ବି ଭାଇ ଭଉଣୀ ଓ ମେନେଜର ସୁଦର୍ଶନଙ୍କୁ ନେଇ ଅନେଇଛନ୍ତି। ତାଙ୍କୁ ଫୁଲ, ଧୂପ ଦିଆଚାଲେ, ଏମନ୍ତ କାଳରେ ଭାଟମାନେ କ୍ୟାମେରାକୁ ଅନେଇ ପୋଜ୍ ଦେବାବେଳକୁ ଫୁଲ କେଉଁଠି ତଳେ ପଡ଼େ ତ, କେଉଁଠି ଧୂପର ପାଉଁଶ ଝୁଲ ସବୁ ଗଦାହୁଏ। ପୁଣି ଫୁଲଶ୍ରୀଙ୍କ ଡେଣା ଧରି, ଚୌକ୍ୟାସୀନ କରାଇବାରେ ଗଡ଼ିଯାଏ ସମୟ।

ଭାଷା କଥାକୁ ନେଇ ଚାଲେ ଭାଷଣ। କେତେ କେତେ କହିଲେ, ଭାଷା ପାଇଁ ମୋ ପରିବାର ନରଖର । ମୁଁ ଜୀବନ ସାରା ବୁଲି ବୁଲି ନାନା ଠାଆରୁ ଅନେକ କିଳାଲେଖ, ତାମ୍ରଲେଖ ନୁହେଁ ଲୁହାଲେଖ ପିତଳଲେଖମାନ ଆବିଷ୍କାର କରିଛି। ସେଗୁଡ଼ିକ ଲୋକ ଆଖିରେ ଖୁଞ୍ଚି ହେଲେ, ଇତିହାସ ବଦଳିଯିବ, ନୂଆ ନୂଆ ଅଧ୍ୟାୟ ଆରମ୍ଭ ହେଇଯିବ। ତେଣେ ଯମ ଘରୁ ମତେ ଡେଲି ଫୋନ୍ ସହ ମେସେଜ୍ ଆଉଚି, ମୁଁ କିନ୍ତୁ ତାକୁ ଆଡ଼େଇ ଦେଇ ଏ ବଅସରେ ନୂଆ ନୂଆ କଥାମାନ ଦରଣ୍ଡାଦରଣ୍ଡି କରୁଛି। ନିଶ୍ଚୟ ଆମ ଭାଷା ଇତିହାସରେ ଅଲଗା ଫର୍ଦ୍ଦ ଯୋଡ଼ି ହେଇଯିବ। ଭାଷାକୁ ନେଇ ଘଟୁଥିବା ଅନେକ ଅଡୁଆ,ଏସବୁ ଦେଖିଲେ ଛାଆଁକୁ ସମାଧାନ ହେଇଯିବ, ଭାଷା ପଣ୍ଡିତମାନଙ୍କ ଆଖି ଯାଇ ତାଳୁରେ ଖପିଯିବ।

ଉ କେତେକ ମଞ୍ଚରେ ଅମଣିଆ ହୁରୁମାବଳଦ ଲିଆ ତାତୁଣିଆ ଭାଷଣିଆମାନେ, ଇଲିଶି ପାଇଥିବା ରଙ୍କୁଣୀ କଣ୍ଟା କଣ୍ଟା କରି ଦାନ୍ତେଇବା ଭଳିଆ, ମାଇକ୍ରୋଫୋନ୍ ଧରୁ ନ ଧରୁଣୁ ଆରମ୍ଭନ୍ତି ଫିମ୍ପିମରା ଭାଷଣ। ନଈବାଲି ଭଳିଆ ଭାଷା, ନା ନଈ ବାଲିକି ଗଣି ହେବ, ନା ଭାଷାକୁ କଳି ହେବ। ଭାଷା ଟା – ଗୋଟାଏ ଲେଖାଭାଷା, ଗୋଟା କୁହାଭାଷା ବା ତୁଣ୍ଡଭାଷା। ମଣିଷ ଜାତିର ବଅସ ଭଳିଆ ଭାଷାର ବଅସ। ଆମେ ତୁଣ୍ଡେ ତୁଣ୍ଡେ କହୁଛେ, ଆମ ବୋପାଏ, ଗୋସଁବୋପାଏ, ତାଙ୍କ ଚଉପୁରୁଷେ ବି ଭାଷା କହି ଆସିଛନ୍ତି। ତେଣୁ ଆମ ଭାଷା କେତେ ପୁରୁଣା ଏଇଠୁ ଜଣାଯାଏ। ତୁଣ୍ଡ ଭାଷା ସବୁଠୁ ବଳୁଆ। ତା' ଭିତରେ ରହିଛି ଦେହଭାଷା, ବଡ ସରଳ ସେ ଭାଷା। ପିଲାଠୁଁ ବୁଢ଼ାଏ ସମସ୍ତଙ୍କର ଏ ଜଣାଶୁଣା । ଉପରଆଡୁ ତର୍ଜମା କଲେ ମଥାରେ ଥିବା ବାଳ ସହିତ ଯୋଡ଼ିତ ଭାଷା ହେଲା ବାଳଭାଷା, ମୁହଁ ଜଡ଼ିତ ଭାଷା ମୁଖାଭାଷା, ଆଖି ଯୋଡ଼ି ତ ହେଲା ଆଖାଭାଷା, ଆଖିରେ ଆଖିରେ ବହୁ କାଣ୍ଡ । କାନାଭାଷାରେ ଘର ଭାଙ୍ଗେ, ନାକାଭାଷାରେ ସୁଗନ୍ଧ ଓ ଦୁର୍ଗନ୍ଧ ଥାଏ। ଓଠା ଭାଷା ସବୁ କହିପାରେ, ବେକାଭାଷା, କାନ୍ଧାଭାଷା, ହାତାଭାଷା, ଛାତିଆ ଭାଷା– ଏମିତି ପେଟାଭାଷା ଓ ଆଉ ଅନେକ। ଶ୍ରୋତାଙ୍କ ଭିତରୁ କେହି କେହି ଅତି ଉକ୍କଟ କୋରସିଆ ସୁରରେ

କୁହାଟିଲେ- "ଆଉ ତଳକୁ ଖସାନା" ବହୁ କାଣ୍ଡ ହେବ। ଏମିତି ବାଚାଳତାକୁ ବିଚରା ସଭାନାଥେ ବ୍ରେକ୍ ଦେବାକୁ ବାଧ୍ୟ ହୁଅନ୍ତି। ଚାଦରପକା, ଉପହାର ଦିଆନିଆ ପରେ ବି ଗୋଟେ ଗୋଟେ ଜାଗାରେ ବହକାଧନ୍ୟବାଦିଆମାନେ, ପିମ୍ପାରେ ବସିଯାଇଥିବା କାଣ୍ଟିତେଲ ନିଗାଡ଼ି ଏମନ୍ତ ଯୁଗଶେଷକାରୀ ଭାଷଣ ପାଇଁ ବିଶେଷ କି ସ୍ୱତନ୍ତ୍ର ନୁହେଁ, ଏକ କି ଶହେ ନୁହେଁ, ଅନନ୍ତ କୋଟି ଧନ୍ୟବାଦ ଅଜାଡ଼ି ଦିଅନ୍ତି। ଶ୍ରୋତାଏ ମନେ ମନେ ଦିଅଁ ସୁମରଣା କରନ୍ତି, ଏ ନିଲଠାଧନ୍ୟବାଦିଆଟା ପୁଣି ଆମ ଭୋକ ପେଟକୁ ନାତ ମାରିବାକୁ ଥିଲା।

**ଜୀବନରେ ଖଣ୍ଡେ କି ଚିରୁଡ଼ାଏ ବହି ଲେଖି ନ ଥିବା ଏମାନେ ହେଲେ ମହାନ୍ ଗ୍ରନ୍ଥକାର, ଗୋବେଷକ।**

ଭାଷା- ଭାଷୁଆଙ୍କ କାରନାମା ତଲାସିଲେ କେବଳ ହତାଶ। ଏମାନେ ପୋଡ଼ାମୋବିଲ୍ ଦେଇ ଉପରିସ୍ଥଙ୍କୁ ବଶ କରି ବହୁ ଦିନ ଚୌକିଦାର ହେଇଛନ୍ତି। ଜୀବନରେ ଖଣ୍ଡେ କି ଚିରୁଡ଼ାଏ ବହି ଲେଖି ନ ଥିବା ଏମାନେ ହେଲେ ମହାନ୍ ଗ୍ରନ୍ଥକାର, ଗୋବେଷକ। ମାଳ ଚଦରରେ ଘୋଡ଼େଇ ହେଇ ଯାଙ୍କ ଦିହକ ସଇଲାଣି। ଭାଷା ମୋହ ନୁହେଁ ବରଂ ମଞ୍ଚ ମୋହ ତୁଟିନି। ଏଇ ଫୁଲଶ୍ରୀ ମୁର୍ଦ୍ଦାର ପୂଜାରେ ଘଣ୍ଟୁଆ ମନ ନ ଦେଇ, ଯାଙ୍କୁ ବି ମଞ୍ଚ ଯୋଗେଇ କିଛି ହାତେଇଛି। ଯାଙ୍କ ସହ ଘଷିହେଇ ଠିଆ ହେଇ ଫଅଟ୍ ଛପେଇ ସ୍ମାର୍ଟଫୁନ୍‌ରେ ଜାରି କରେଇଛି।

'ଫୁଆହୋ' ସିଜିନ୍‌ରେ ଘଣ୍ଟୁର ବେପାର ମନ୍ଦ ନୁହେଁ, ମଞ୍ଚ ଓ ଭାଷଣିଆ ଯୋଗାଣରେ ଭଲ କିଛି କମେଇଛି। ଭାବୁଛି ରାଇଜରେ ଏମିତିଆ ସାଂସ୍କୃତିଆ କାଣ୍ଡକାରଖାନାମାନ ସବୁବେଳେ ଭିଆଣ ହେଲେ, କିଛି ଦିନ କେଇଟାରେ ସେ ଚାରିଚକିଆଟେ ଖରିଦ କରନ୍ତା।

'ଏଠାରେ ସୁଲାଭରେ ବକତା ମିଳନ୍ତି'- ସାଇନ୍‌ବୋର୍ଡଟେ ଲେଖିବାକୁ ଅରଡ଼ ଦେବ ବୋଲି ଭାବୁଥିଲା ସେ ।

କିଏ କହିବ, ଫିକରିଆ ଘଣ୍ଟୁର ଏ ସପନ ସତ ହେବା ପାଇଁ ଆଉ କେଉଁ ସିଜିନ୍ ନ ଆସିବ?

□□

ଲେଖକଙ୍କ ଇ-ମେଲ ଠିକଣା:
mishrasala.ctc@gmail.com


# 'ସାହିତ୍ୟ ଚର୍ଚ୍ଚା' ପତ୍ରିକାର ବାର୍ଷିକ ସଂଗ୍ରହ

## ଦୁଇ ବର୍ଷର ୧୨+୧୨ଟି ସଂଖ୍ୟା ଏକତ୍ର ବନ୍ଧାଇ ହୋଇ ଉପଲବ୍ଧ ଅଛି।




ଭୁବନେଶ୍ୱର ପୁରୁଣା
ବସ୍‌ଷ୍ଟାଣ୍ଡରେ ଥିବା
ନାରାୟଣୀ ବୁକ୍‌ଷ୍ଟଲ୍‌ରୁ
ଆଗ୍ରହୀ ପାଠକମାନେ ଏହାକୁ
ସଂଗ୍ରହ କରିପାରିବେ।

**ପ୍ରତ୍ୟେକଟିର**
**ମୂଲ୍ୟ : ଟ.୩୬୦/- ମାତ୍ର**





ଅନୁବାଦ


# କାନ୍ଥ ଭିତରର ମୁହଁଟି



ମୂଳ ଲେଖା : ଇ.ଭି. ଲୁକାସ୍
ଅନୁବାଦ : ରେବା ପଟ୍ଟନାୟକ

**ସେ**ଦିନ ଖରାବେଳେ ଡାବ୍‌ନିଙ୍କ ଘରେ ଆସର ବସିଥିଲା। ବିଭିନ୍ନ ପୁରୁଣା ଘଟଣାମାନଙ୍କର ସ୍ମୃତିଚାରଣ ଚାଲିଥିଲା। ଜଣେ ଜଣେ ଗୋଟିଏ ଘଟଣାର ଖିଅରେ ନିଜସ୍ୱ ଅନୁଭୂତିରୁ କାହାଣୀଟିଏ କହୁଥିଲେ। ପ୍ରତିଟି କାହାଣୀ ବିଶେଷ ରୋମାଞ୍ଚକର ନ ହୋଇଥିଲେ ମଧ୍ୟ ଆମେ ସବୁ ଚୁପ୍‌ଚାପ୍ ହୋଇ ଶୁଣୁଥିଲୁ। ଅବସର ବିନୋଦନ ସାଙ୍ଗକୁ କିଛିଟା ସ୍ମୃତି ରୋମନ୍ଥନ ମଧ୍ୟ ହେଉଥିଲା।

ଆମମାନଙ୍କ ମଝିରେ ଜଣେ ଛୋଟିଆ ଲୋକଟିଏ, କିଞ୍ଚିତ୍ ଚିନ୍ତିତ ମନେ ହେଉଥିଲା ତାଙ୍କ ମୁଖମଣ୍ଡଳ। ସେ ପ୍ରତିଟି ମଣିଷଙ୍କୁ ନିଜ ନିଜ ଅନୁଭୂତି ବର୍ଣ୍ଣନା କଲାବେଳେ ନିରୀକ୍ଷଣ କରି ରହିଥିଲେ ଏବଂ ବେଶ୍ ମନଧ୍ୟାନ ଦେଇ ସେମାନଙ୍କ କଥା ଶୁଣୁଥିଲେ। କିଛି କହୁ ନ ଥିଲେ ବା ମନ୍ତବ୍ୟ ଦେଉ ନ ଥିଲେ ଅବଶ୍ୟ। ଡାବ୍‌ନି ତାଙ୍କୁ ଆମ ଗହଣରେ ସାମିଲ କରିବାକୁ ଚାହିଁଲେ। ତାଙ୍କ ଆଡ଼େ ବୁଲିପଡ଼ି ଜାଣିବାକୁ ଚାହିଁଲେ, "କ'ଣ ଆପଣଙ୍କ ପାଖରେ କିଛି ସେଭଳି ରୋମାଞ୍ଚକ ଗଳ୍ପ ବା କିଛି ବିଶେଷ ଅଭିଜ୍ଞତା ନାହିଁ କି ଆମ ସମସ୍ତଙ୍କ ସହ ବାଣ୍ଟିବା ପାଇଁ?" ସେ କିଛିକ୍ଷଣ ଭାବିବାକୁ ସମୟ ନେଲେ।



"ବିଶେଷ କରି ମୋ ପାଖରେ ସେଭଳି କିଛି ନାହିଁ ଯାହାକୁ ଆକ୍ଷରିକ ଅର୍ଥରେ ଗଳ୍ପ କୁହାଯାଇପାରିବ। ତେବେ ମୋ' ଅଭିଜ୍ଞତାରୁ କିଛି ସତକଥା ମୁଁ ଏଠାରେ ଉପସ୍ଥାପନ କରିବି। ସତ କଥାଟିଏ ଅବାସ୍ତବ କାହାଣୀମାନଙ୍କଠାରୁ ବେଶ୍ ଉତ୍ସାହପ୍ରଦ ଓ ଆମୋଦଦାୟକ ଅଟେ। ମୁଁ ତୁମମାନଙ୍କୁ ମୋ ସହ ଘଟିଥିବା ଗୋଟିଏ ସତ ଘଟଣା ବିଷୟରେ କହିବି। ଆଜି ଖରାବେଳେ ହିଁ ସେ ଘଟଣାର ପରିସମାପ୍ତି ଘଟିଛି।"

ଆମେ ବେଶ୍ ଆଶାବାଦୀ ହୋଇ ତାଙ୍କୁ ଶୀଘ୍ର ତାଙ୍କ ଗଳ୍ପ ଆରମ୍ଭ କରିବା ପାଇଁ ନିବେଦନ କଲୁ। "ବର୍ଷେ କି ଦୁଇ ବର୍ଷ ତଳେ ମୁଁ ଏଇ ଲଣ୍ଡନର 'ଗ୍ରେଟ୍ ଓରମଣ୍ଡ୍ ଷ୍ଟ୍ରିଟ୍'ରେ ଗୋଟିଏ ଅତି ପୁରୁଣା ଘରଟିଏ ଭଡ଼ା ନେଲି। ମୋ ପୂର୍ବରୁ ଥିବା ଭଡ଼ାଟିଆ ଜଣକ କାନ୍ଥଗୁଡ଼ିକ ରଙ୍ଗ କରାଇଥିଲେ। କିନ୍ତୁ ଜାଗାଟି ଭୀଷଣ ସନ୍ତସନ୍ତିଆ ଥିବାରୁ ଓଦା କାନ୍ଥ ସାରା ପାଣିଜନିତ ବିଭିନ୍ନ ଛାପ ପଡ଼ିଥିଲା। ଛାପି ଛାପିକା ଚିହ୍ନରେ ଚିତ୍ରିତ ହୋଇଥିଲେ କାନ୍ଥଗୁଡ଼ିକ। ସତେ ଯେପରି ଗୋଟିଏ ଗୋଟିଏ ଛବି। ତା' ଭିତରୁ ଗୋଟିଏ ଛବି ମୋତେ ଜଣେ ମଣିଷଙ୍କ ମୁହଁ ସଦୃଶ ପ୍ରତୀୟମାନ ହେଉଥିଲା। ବେଳେ ବେଳେ ସେପରି ଲାଗେ ନାହିଁ କି? ଦିନେ ସକାଳୁ ଉଠି, କ'ଣ ମନ ହେଲା କେଜାଣି, ସେ ମୁହଁକୁ ଚାହିଁ ରହିଥିଲି। ମୋତେ କେମିତି ମନେ ହେଲା ସେ ସେଇ ଚିତ୍ରଟି କେଉଁ ଜଣେ ପ୍ରକୃତ ଜୀବନ୍ତ ମଣିଷର ମୁହଁ ନିଶ୍ଚୟ। ମୋ ସାଙ୍ଗରେ ରହୁଥିବା ଆଉ ଜଣକ ମଧ୍ୟ ସେଇୟା ହିଁ ଭାବୁଥିଲେ। ମୋ ସହ ସେ ମଧ୍ୟ ଏକମତ ଥିଲେ। ସମୟ ସାଙ୍ଗରେ ସବୁ ଚିହ୍ନମାନଙ୍କର ଆକୃତି ବଦଳୁଥିଲା। କିନ୍ତୁ ସେ ଛବିଟି ସବୁବେଳେ ଅବିକଳ ସେହିଭଳି ହିଁ ରହିଥିଲା। ସବୁ ଚିହ୍ନ ଭିତରେ ସେ ଚିହ୍ନଟି ସ୍ୱଷ୍ଟ ବାରି ହୋଇପଡୁଥିଲା।

ସେଠି ଥିବା ଅବସ୍ଥାରେ ମୋତେ ଥରେ ଜ୍ୱର ହୋଇଗଲା।

ଥଣ୍ଡା, କାଶ, ଜ୍ୱର। ସାରାଦିନ ବିଛଣାରେ ପଡିରହିବା ଛଡ଼ା ଆଉ କିଛି କରିବାର ନ ଥିଲା। କେବଳ କିଛି ପଢ଼ାପଢ଼ି କରିବା ବା ଶୋଇ ଶୋଇ ଭାବିବା ଛଡ଼ା। କିଛି କରିବାକୁ ନ ଥିବା ଉତ୍ତାରୁ କିମ୍ବା ବେଶି ସମୟ ଆଖିରେ ପଡୁଥିବାରୁ କି କ'ଣ, ସେଇ ମୁହଁଟି ପ୍ରତି ମୁଁ ଗୋଟେ କେମିତି ବେଶି ବେଶି ଆକର୍ଷିତ ହୋଇପଡୁଥିଲି। ମୋ ଆଖି ଯୋଡ଼ିକ ବାରମ୍ବାର ଚାହିଁବାକୁ ଚାହୁଁଥିଲା ସେଇ ଚିତ୍ରଟି ଆଡ଼େ। ଧୀରେ ଧୀରେ ପ୍ରାୟ ଅଧିକାଂଶ ସମୟରେ ଚିତ୍ରଟି ଉପରେ କେନ୍ଦ୍ରୀଭୂତ ରହୁଥିଲା ମୋର ମନ ଓ ମସ୍ତିଷ୍କ। ସେ ଚିତ୍ରରେ ନାକଟି ସୁସ୍ପଷ୍ଟ ଥିଲା। ବେଶ୍ ତୀକ୍ଷ୍ଣ ଓ ଆଗଟା ଟିକିଏ ବଙ୍କା। ସୁଦୀର୍ଘ ଚଉଡ଼ା କପାଳ ଚିତ୍ରଟିକୁ ଏକ ଦୃଢ଼ ବ୍ୟକ୍ତିତ୍ୱର ପରିଚୟ ଦେଉଥିଲା। ସେହି ଚେହେରାଟି ସାଧାରଣ ମନେ ହେଉ ନ ଥିଲା। ତାହା ଗୋଟିଏ ଅସାଧାରଣ ବ୍ୟକ୍ତିତ୍ୱ ଭାବେ ମୋତେ ପ୍ରଭାବିତ କରୁଥିଲା। ହୁଏତ ହଜାରଟି ମୁହଁ ଭିତରେ ଆମେ ଜଣଙ୍କୁ ପାଇବା ସେହିପରି। ହଁ, ମୁଁ ତା' ଭିତରେ ସମ୍ପୂର୍ଣ୍ଣ ସୁସ୍ଥ ହୋଇସାରିଥିଲି। କିନ୍ତୁ ମୋ ଚିନ୍ତା ଓ ଚେତନାରେ ସର୍ବଦା ସେହି ମୁହଁଟି ହିଁ ରହିଥିଲା। ମୁଁ ପ୍ରାୟ ସଂପୂର୍ଣ୍ଣ ବଶୀଭୂତ ହୋଇଯାଇଥିଲି ଯେପରି।

**ଲୋକେ ଶେଷକୁ ମୋତେ ପାଗଳ ଭାବିବା ଆରମ୍ଭ କରିଦେଇଥିଲେ। ପୋଲିସ୍ ମଧ୍ୟ ମୋ ବିଷୟରେ ସମୟ ସମୟରେ ସନ୍ଦିହାନ ହୋଇଉଠୁଥିଲା।**

ମୁଁ ରାସ୍ତାଘାଟ ଚାରିଆଡ଼େ ସେହି ମୁହଁଟିକୁ ଖୋଜିବା ଆରମ୍ଭ କରିଦେଇଥିଲି। ଖୋଜାଖୋଜିର ଏହି ଅଭିଯାନ ମୋର ନିଶାରେ ପରିଣତ ହୋଇଯାଇଥିଲା। କେମିତି ଗୋଟେ ମୁଁ ଅନୁଭବ କରୁଥିଲି, ଏହି ମଣିଷଟିକୁ ଦିନେ ନିଶ୍ଚୟ ଖୋଜି ପାଇବି। କାହିଁକି କେଜାଣି ତାଙ୍କ ପ୍ରତି ମୋ ଭିତରେ ଏକ ଦୁର୍ବାର ଆକର୍ଷଣ ଅନୁଭବ କରୁଥିଲି। ଅଭିନବ ଥିଲା ସେ ଅନୁଭବ। ଭାଗ୍ୟ ଆମକୁ କେଉଁ ସଂପର୍କର ଶକ୍ତ ରଜ୍ଜୁରେ ବାନ୍ଧିଥିଲା କେଜାଣି। ଯେଉଁଠି ଗହଳିଥିଲା, ରେଳଷ୍ଟେସନ୍‌ଠାରେ, ଫୁଟବଲ୍ ମ୍ୟାଚ୍‌ମାନଙ୍କରେ, ରାଜନୈତିକ ସଭା ସମିତିରେ, ମୁଁ ସବୁଠି ପହଞ୍ଚିଯାଇ ସେଇ ମୁହଁଟିକୁ ଖୋଜି ଚାଲିଥିଲି। କୁଆଡ଼େ କୁଆଡ଼େ ନ ଖୋଜିଛି ମୁଁ ସେଇ ମୁହଁଟିକୁ।

ଖୋଜାଖୋଜିର ପାଗଳାମି ଜାରି ରହିଥିଲା ମୋର। ସହରର ବିଭିନ୍ନ ଛକରେ ଗୋଟିଏ କୋଣରେ ଛିଡ଼ା ହୋଇ ମୁଁ ସେଇ ମୁହଁଟିକୁ କେବଳ ଲକ୍ଷ୍ୟ କରି ଚାଲିଥିଲି। ଲୋକେ ଶେଷକୁ ମୋତେ ପାଗଳ ଭାବିବା ଆରମ୍ଭ କରିଦେଇଥିଲେ। ପୋଲିସ୍ ମଧ୍ୟ ମୋ ବିଷୟରେ ସମୟ ସମୟରେ ସନ୍ଦିହାନ ହୋଇଉଠୁଥିଲା। ଏମିତି କେତେ ଦିନ ଚାଲିଲା କେଜାଣି ମୋ ମନେ ପଡୁନାହିଁ ସଠିକ୍।

ତେବେ ଦିନେ ମୋର ଭାଗ୍ୟ ଉଦୟ ହେଲା। ରାସ୍ତାଧାରରେ ଛିଡ଼ା ହୋଇଥାଏ ଆରପଟକୁ ଯିବା ପାଇଁ। ଗାଡ଼ିମାନଙ୍କର ଲମ୍ବା ଲାଇନ୍ ଲାଗିଥାଏ। ହଠାତ୍ ଆଖି ପଡ଼ିଗଲା ଗୋଟିଏ ଟ୍ରାକ୍ସି ଭିତରକୁ। ଆରେ ମୁଁ ଏ କ'ଣ ଦେଖୁଛି ! ସତ ନା କ'ଣ ? ମୋ ନିଜକୁ ନିଜେ ଟିକେ ଚିମୁଟି ଦେଲି। ଗୋଟିଏ ଟ୍ୟାକ୍ସି ଭିତରେ ତାଙ୍କୁ ବସିଥିବାର ଦେଖିଲି। ଟ୍ୟାକ୍ସିଟି ପିକାଡ଼ିଲି ଆଡ଼େ ମୁହାଁଇଥିଲା। ଆଗପଛ ଚିନ୍ତା ନ କରି ତା' ପଛରେ ଆସୁଥିବା ଗୋଟିଏ ଖାଲି ଟାକ୍ସିକୁ ଅଟକାଇ ମୁଁ ପ୍ରାୟ ଡେଇଁ ପଡ଼ିବା ପରି ତା' ଭିତରେ ବସିପଡ଼ି ଆଗ ଟ୍ୟାକ୍ସିକୁ ଅନୁଧାବନ କରିବାକୁ କହିଲି। ଗାଡ଼ିର ଚାଳକଟି ଆଗ ଟାକ୍ସିକୁ ଲକ୍ଷ୍ୟ କରି ଆମ ଗାଡ଼ିକୁ ଚାରିଙ୍ଗ କ୍ରସ୍‌ରେ ପହଞ୍ଚାଇଲା। ମୁଁ ଦଉଡ଼ି ଯାଇ ସେ ଭଦ୍ରବ୍ୟକ୍ତିଙ୍କୁ ପ୍ଲାଟ୍‌ଫର୍ମ ଉପରେ ପାଇଲି। ତାଙ୍କ ସାଙ୍ଗରେ ଦୁଇ ଜଣ ମହିଳା ଓ ଗୋଟେ ଛୋଟ ଝିଅ ଥିଲେ। କଥାବାର୍ତ୍ତାରୁ ଜାଣିଲି ସେମାନେ ଫ୍ରାନ୍ସ ଯାଉଥିଲେ। କେମିତି ତାଙ୍କ ପାଖରେ ପହଞ୍ଚିବି, ଦୋ ଦୋ ପାଞ୍ଚ ହୋଇ ଦୂରେଇ ଠିଆହେଲି। ପଦେ କଥା ହେବା ପାଇଁ ଚେଷ୍ଟା କରି କୃତକାର୍ଯ୍ୟ ହୋଇ ପାରିଲି ନାହିଁ। ସେମାନେ ବନ୍ଧୁଙ୍କ ଗହଣରେ ରେଳ ଡବା ଭିତରକୁ ପଶିଗଲେ।


ଟ୍ରେନ୍‌ଟି ଫକ୍‌ଷ୍ଟୋନ୍ ଯାଉଥିଲା। ମୁଁ ତରତର ହୋଇ ଗୋଟିଏ ଟିକେଟ୍ କିଣି ଟ୍ରେନ୍‌ରେ ଚଢ଼ିଲି। ଭାବିଥିଲି ଫକ୍‌ଷ୍ଟୋନ୍‌ରେ ପହଞ୍ଚି ସେମାନେ ଯାଉଥିବା ଜାହାଜରେ ହିଁ ତାଙ୍କୁ ଭେଟିବି। ମୁଁ ଜାଣିଥିଲି ଫକ୍‌ଷ୍ଟୋନ୍‌ରୁ ସମୁଦ୍ର ପଥରେ ଜାହାଜଟି ଫ୍ରାନ୍ସର ବୋଲୋନ୍‌ଠାରେ ପହଞ୍ଚେ। ଫକ୍‌ଷ୍ଟୋନ୍‌ରେ ପହଞ୍ଚି ମୁଁ ଜାହାଜ ଆଡ଼କୁ ଆଗେଇଲି। ଦୂରରୁ ଲକ୍ଷ୍ୟ କଲି ଭଦ୍ରବ୍ୟକ୍ତି ଜଣଙ୍କ ତାଙ୍କ ସାଙ୍ଗମାନଙ୍କ ଗହଣରେ ଗୋଟେ ବଡ଼ କ୍ୟାବିନ୍ ଭିତରକୁ ପଶିଯାଇ ଭିତରୁ କବାଟ ବନ୍ଦ କରିଦେଲେ।

କ୍ୟାବିନ୍‌ଟି କେବଳ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଥିଲା।

ପୁଣି ଥରେ ମୁଁ ହାରିଗଲି। କିନ୍ତୁ ଏତେ ଶୀଘ୍ର ହାର ମାନିବାକୁ ମୁଁ ପ୍ରସ୍ତୁତ ନ ଥିଲି। ମୁଁ ଯେମିତି ହେଲେ ତାଙ୍କୁ ଦେଖା କରିବାକୁ ବଦ୍ଧପରିକର ଥିଲି। ମୋ ପାଖରେ ବେଶି ପଇସାପତ୍ର ମଧ୍ୟ ନ ଥିଲା। କେବଳ 'ବୋଲୋନ୍'ରେ ପହଞ୍ଚିବା ପାଇଁ ଯେତିକି ଦରକାର, ସେତିକି ମାତ୍ର ଥିଲା। ତେବେ ମୋର ମନୋବଳ ଓ ଦୃଢ଼ ଆତ୍ମବିଶ୍ୱାସ ମୋତେ ତାଙ୍କ ପାଖକୁ ପହଞ୍ଚିବା ପାଇଁ ମୋର ସାଙ୍ଗ ହେଲେ। କୌଣସି ବାଧାବିଘ୍ନ ମୋତେ ଅଟକାଇ ପାରିଲା ନାହିଁ। କ୍ୟାବିନ୍ ଦୁଆର ଖୋଲିବା ଆଗରୁ ମୁଁ ତା' ସାମ୍ନାରେ ଛିଡ଼ା ହୋଇ ଅପେକ୍ଷା କରି ରହିଲି। ପ୍ରାୟ ଅଧଘଣ୍ଟାଏ ସେମିତି ଛିଡ଼ା ହୋଇରହିବା ପରେ କବାଟଟି ଖୋଲିଲା ଓ ସେ ତାଙ୍କ ସାଙ୍ଗରେ ଛୋଟ ଝିଅଟିକୁ ଧରି ବାହାରକୁ ଆସିଲେ। ମୋ ଛାତିଟା ଧଡ଼ ଧଡ଼ କରି ଉଠିଲା। ମୁହଁଟି ଅବିକଳ କାନ୍ଥର ଚିତ୍ର ସହ ମିଶୁଥିଲା। ଏପରିକି ମୁହଁର ପ୍ରତିଟି ସୂକ୍ଷ୍ମରେଖାର ସାମଞ୍ଜସ୍ୟ ମୋ ଆଖିରୁ ବାଦ୍ ଯାଇ ନ ଥିଲା। ମୋ ଆଡ଼େ ଟିକିଏ ତୀର୍ଯ୍ୟକ୍ ଦୃଷ୍ଟି ନିକ୍ଷେପ କରି ସେ ପାହାଚ ଚଢ଼ି ଡେକ୍ ଆଡ଼କୁ ଆଗେଇଲେ। ଏଇଟା ହିଁ ଠିକ୍ ସମୟ। ମୁଁ ଅନୁଭବ କଲି, ଏବେ ନୁହେଁ ତ କେବେ ନୁହେଁ।

"କ୍ଷମା କରନ୍ତୁ, ମୁଁ ଆପଣଙ୍କଠାରୁ କାର୍ଡ଼ ଖଣ୍ଡେ ଆଶା କରି ପାରିବି କି ? ଏହି ମାଗିବା ପଛରେ ମୋର ଗୋଟିଏ ଅତ୍ୟନ୍ତ ଜରୁରୀ କାରଣ ରହିଛି।" ମୋର ଏତାଦୃଶ ବ୍ୟବହାରରେ ସେ ଆଶ୍ଚର୍ଯ୍ୟ ହେଲେ ନିଶ୍ଚୟ। କିନ୍ତୁ ମୋର ଅନୁରୋଧକୁ ଆଡେଇ ନ ପାରି ଖଣ୍ଡେ କାର୍ଡ଼ ମୋ ଆଡ଼କୁ ବଢ଼ାଇ ଦେଇ ସେ ତରତର ହୋଇ ଝିଅଟି ସାଙ୍ଗରେ ଆଗେଇଗଲେ। ସେ ମୋତେ ପାଗଳ ଭାବିଥିବେ ନିଶ୍ଚୟ, କିନ୍ତୁ ମୋତେ ନିରାଶ କରିବାକୁ ଚାହିଁଲେ ନାହିଁ, ଯାହାହେଉ।

କାର୍ଡ଼ଟିକୁ ହାତ ମୁଠାରେ ଜାକି ଧରି ମୋ ଭିତରର ରକ୍ତ ପ୍ରବାହ ଥମିଗଲା ପରି ଅନୁଭବ କରୁଥିଲି। ମୋ ଭିତରର ଅସ୍ଥିରତା ମୋତେ ବିଚଳିତ କରି ପକାଉଥିଲା। ଜାହାଜର ଗୋଟିଏ କୋଣକୁ ଯାଇ କାର୍ଡ଼ଟିକୁ ପଢ଼ିବାକୁ ଆରମ୍ଭ କଲି। କାର୍ଡ଼ ଉପରେ ଛପା ଥିଲା, 'ମିଷ୍ଟର ଓରମଣ୍ଡ ୱାଲ୍'। ଠିକଣା ଥିଲା ସୁଦୂର ଆମେରିକାର ପିଟ୍‌ସବର୍ଗ ସହରର। ଲକ୍ଷେ ସର୍ପ କାମୁଡ଼ାର ଦଂଶନ ଅନୁଭବ ମୋତେ ଘାରି ପକାଉଥିଲା। ଆଉ କିଛି ଜାଣିନି ମୁଁ। ପରଦିନ ସକାଳୁ ମୁଁ ନିଜକୁ ଆବିଷ୍କାର କରିଥିଲି ବୋଲୋନ୍ ସହରରେ ସ୍ଥିତ ଥିବା ଏକ ଡାକ୍ତରଖାନାରେ।"



ଗଳ୍ପ କହିବା ମଝିରେ ସେ ଅନେକ ଉତ୍ତେଜିତ ହୋଇ ପଡ଼ିଥିଲେ। କିଛି କ୍ଷଣ ବିଶ୍ରାମ ଉଦ୍ଦେଶ୍ୟରେ ହୁଏତ ଶାନ୍ତ ହୋଇଗଲେ। ପୁରୁଣା ସ୍ମୃତିକୁ ରୋମନ୍ଥନ କରୁଥିଲେ ହୁଏତ ମନେ ମନେ। ଆଖି ପତା ମୁଦି ହୋଇଯାଇଥିଲା ତାଙ୍କର। "ଦେହ ଓ ମନର ଭଗ୍ନ ଅବସ୍ଥାକୁ ନେଇ ମୁଁ କିଛିଦିନ ସେହି ଡାକ୍ତରଖାନାରେ ପଡ଼ି ରହିଲି। ସାଧାରଣ ଅବସ୍ଥାକୁ ଫେରିବାକୁ ବେଶ୍ କିଛି ସମୟ ଲାଗିଗଲା ମୋତେ। ତା' ପରେ ସୁସ୍ଥ ହୋଇ ପୁଣି ମୁଁ ଫେରିଲି 'ଗ୍ରେଟ୍ ଓରମଣ୍ଡ ଷ୍ଟ୍ରିଟ୍'ର ମୋର ସେହି ଛୋଟ ବଖରାଟିକୁ। ଚାରିଆଡ଼େ ଖବର ନେବା ଆରମ୍ଭ କଲି ତାଙ୍କ ବିଷୟରେ। କାଳେ କିଛି କେଉଁଠୁ ସୁରାକ୍ ପାଇଯିବି। କ'ଣ ସାମଞ୍ଜସ୍ୟ ରହିଥିଲା ସେହି ଆମେରିକାନ୍ ବ୍ୟକ୍ତିଜଣଙ୍କର ମୋର କାନ୍ଥରେ ଥିବା ସେହି ଚିତ୍ରଟି ସହ। ମୋର ହାତ ସେତେ ସୁଦୂରପ୍ରସାରୀ ନ ଥିଲା। ବେଳେବେଳେ ମସ୍ତିଷ୍କର ଶିରା ପ୍ରଶିରା ଟିଣ୍ ଟିଣ୍ କରି ଉଠୁଥିଲା ଏ ସବୁର ରହସ୍ୟଭେଦ କରିବାକୁ ଚେଷ୍ଟା କଲାବେଳେ। ଏହିଭଳି ସମୟ ଗଡ଼ି ଚାଲିଲା ତା' ବାଟରେ। ମୁଁ ପାଗଳ ପ୍ରାୟ ଚେଷ୍ଟା କରି ଏହି ରହସ୍ୟଭେଦର କୌଣସି ଛିଦ୍ର ମଧ୍ୟ ପାଉ ନ ଥିଲି। ଅନୁସନ୍ଧିତ୍ସୁ ମନ ଅନାବନା ବାଟରେ ଧାଉଁଥିଲା ଯାହା। ତେବେ ଆଜି ସକାଳେ ହିଁ ଏସବୁର ପରିସମାପ୍ତି ଘଟିଲା।

ଆଜି ସକାଳେ ମୋର ଟିକିଏ ଡେରିରେ ନିଦ ଭାଙ୍ଗିଲା। ଯେତେବେଳେ ମୋର ଆଖି ଖୋଲିଲା, ସୂର୍ଯ୍ୟ ସେତେବେଳକୁ ମୁଣ୍ଡ ଉପରକୁ ଉଠିଗଲେଣି। କୋଠରି ସାରା

ଆଲୁଅ ବିଛାଡ଼ି ହୋଇ ପଡିଥିଲା। ମୋର ନିଜର ଅଭ୍ୟାସବଶତଃ ସେହି କାନ୍ଥ ଆଡ଼କୁ ଚାଲିଗଲା। କିଛି ବିଭ୍ରାନ୍ତ ଥିଲା ପରି ମନେ ହେଲା। ପୁଣି ଥରେ ଆଖି ମଳି ମଳି ଚାହିଁଲି। ତା'ପରେ ମୋର ବିଛଣାରୁ ଡେଇଁ ପଡ଼ିବା ପାଳି। ଚିତ୍ରଟି ଏତେ ଝାପ୍‌ସା ଦିଶୁଥିଲା କାହିଁକି ? କାଲି ରାତିରେ ଶୋଇଲାବେଳକୁ ତ ବେଶ୍ ପରିଷ୍କାର ଦେଖିଥିଲି ଚିତ୍ରଟିକୁ, ଯେମିତି ସମ୍ପୂର୍ଣ୍ଣ ଜୀବନ୍ତ ଥିଲା। ଆଉ ଏବେ ଯେମିତି ଅସଲ ଚିତ୍ରଟିକୁ ନୁହେଁ, ତା' ଭୂତ ଦେଖିଲା ପରି ମନେ ହେଉଥିଲା। କେଡେ ବିଚିତ୍ର ସତରେ। ଭାରାକ୍ରାନ୍ତ ମନରେ କୋଠରି ଭିତରେ ପଦଚାରଣ କରି ବାହାରକୁ ବାହାରିଲି। ବାହାରେ ସକାଳର ସମ୍ବାଦପତ୍ର ପଡ଼ିଥିଲା, ତାକୁ ଗୋଟାଇଲି। ଶିରୋନାମା ଉପରେ ଆଖି ପଡ଼ିଲା 'ଆମେରିକାର କୋଟିପତିଙ୍କ ମଟର ଦୁର୍ଘଟଣା'। ତଳରେ ପଢ଼ିଲି, ଇଟାଲି ଭ୍ରମଣ କରୁଥିବା ଅବସ୍ଥାରେ ଆମେରିକାର ପିଟ୍‌ସବର୍ଗ ସହରର ଖ୍ୟାତନାମା କୋଟିପତି ଓର୍‌ମଣ୍ଡ ଓ୍ୱାଲ୍‌ଙ୍କ ଗାଡ଼ି ଗୋଟିଏ ଟ୍ରକ୍ ସହିତ ମୁହାଁମୁହିଁ ଧକ୍କା ହୋଇ ତାଙ୍କ ଗାଡ଼ିଟି ସମ୍ପୂର୍ଣ୍ଣ ଓଲଟି ପଡ଼ିଛି। ମିଷ୍ଟର ଓ୍ୱାଲ୍‌ଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତାଙ୍କର ଅବସ୍ଥା ଅତି ସଙ୍କଟାପନ୍ନ ଅଛି।

**ଯନ୍ତ୍ରଣା ଜର୍ଜରିତ ଆଲୋଡ଼ନ ମୋ ଦେହ ମନକୁ ବିଦାରି ପକାଉଥାଏ। ଭିତରେ ମୋର ଦ୍ୱନ୍ଦ୍ୱଯୁଦ୍ଧ, କ'ଣ ଏ ସମ୍ପର୍କର ଗୂଢ଼ତତ୍ତ୍ୱ ?**

ମୁଁ କୋଠରି ଭିତରକୁ ଫେରିଯାଇ ବିଛଣା ଉପରେ ବସି ପଡ଼ିଲି। ହାତ, ଗୋଡ଼ ଓ ମନ ଅବଶ ହୋଇପଡୁଥାଏ। କାନ୍ଥର ଚିତ୍ରଟି ଆଡ଼େ ଚାହିଁବା ପାଇଁ ଆଉ ସାହସ ପାଉ ନ ଥାଏ। ଏ କି ପ୍ରକାର ଅସ୍ଥିରତା ଅନୁଭବ କରୁଛି ମୁଁ ନିଜ ଭିତରେ। ଏକ ଯନ୍ତ୍ରଣା ଜର୍ଜରିତ ଆଲୋଡ଼ନ ମୋ ଦେହ ମନକୁ ବିଦାରି ପକାଉଥାଏ।

ହଠାତ୍ କାନ୍ଥକୁ ଚାହିଁଦିଏ, ସେ ମୁହଁଟି ଆଉ ସେଠାରେ ନ ଥିଲା। କୁଆଡ଼େ ଉଭେଇଗଲା ହଠାତ୍। ଭିତରେ ମୋର ଦ୍ୱନ୍ଦ୍ୱଯୁଦ୍ଧ, କ'ଣ ଏ ସମ୍ପର୍କର ଗୂଢ଼ତତ୍ତ୍ୱ ? ପରେ ଅବଶ୍ୟ ଖବର ପାଇଲି ଯେ ମିଷ୍ଟର ଓ୍ୱାଲ୍ ଠିକ୍ ସେହି ସମୟରେ ହିଁ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।"

ଏଥର ଗଳ୍ପଟି ସାରି ସେ ନୀରବ ହୋଇଗଲେ।

"ସତରେ ଚମତ୍କାର ଗଳ୍ପଟିଏ। ସଂପୂର୍ଣ୍ଣ ରୂପେ ଅସାଧାରଣ, ଆଉ ବେଶ୍ ଚାଞ୍ଚଲ୍ୟକର ମଧ୍ୟ।"

"ହଁ", କହିଲେ ସେ। "ମୋ ଗଳ୍ପର ତିନୋଟି ଉଲ୍ଲେଖନୀୟ ପ୍ରସଙ୍ଗ ରହିଛି। ସେ କଥା ଆପଣମାନେ ଲକ୍ଷ୍ୟ କଲେ କି ?

ପ୍ରଥମତଃ, ଲଣ୍ଡନରେ ଥିବା ଗୋଟିଏ ଛୋଟ ବଖରାରେ ପାଣିଦାଗ ଦ୍ୱାରା ହୋଇଥିବା କାନ୍ଥର ଛବିଗୁଡ଼ିକ ମଧ୍ୟରୁ ଗୋଟିଏ ଛବିର ସୁଦୂର ଆମେରିକାର ଜଣେ କୋଟିପତିଙ୍କ ମୁହଁ ସହ କେବଳ ସାମଞ୍ଜସ୍ୟ ନ ଥିଲା, ତାଙ୍କ ଜୀବନ ସହ ଏହା ଅଙ୍ଗାଙ୍ଗୀ ଭାବେ ଜଡ଼ିତ ମଧ୍ୟ ଥିଲା। ଦ୍ୱିତୀୟତଃ ସେହି ଆମେରିକୀୟ ଭଦ୍ରବ୍ୟକ୍ତିଙ୍କ ନାଁ ସହିତ ଜଡ଼ିତ ଲଣ୍ଡନରେ ଏହି ରାଜରାସ୍ତାଟି ଯେଉଁଠି ଗୋଟିଏ କୋଠରିର ଓଦା କାନ୍ଥରେ ତାଙ୍କ ମୁହଁର ଛବି ଦୃଶ୍ୟମାନ ହୁଏ। କ'ଣ କହୁଛନ୍ତି ଆପଣମାନେ ? ଅଦ୍ଭୁତ ଯୋଗାଯୋଗ ନୁହେଁ କି ?"

ଆମେମାନେ ସମସ୍ତେ ତାଙ୍କ କଥାରେ ସମ୍ମତ ହେଲୁ ଏବଂ ସେତିକିରେ ଆମର ସେଦିନର ଅତିଭୌତିକ ଓ ମାନବୀୟ ଚେତନାଗ୍ରସ୍ତ ଗଳ୍ପ ଆସରର ପରିସମାପ୍ତି ଘଟିଲା। ସମ୍ମୋହନରୁ ବାହାରି ଆମେ ବାସ୍ତବ ଦୁନିଆରେ ପଦାର୍ପଣ କଲୁ। ତା'ପରେ ସେ 'ଶୁଭରାତ୍ରି'ର ସମ୍ଭାଷଣ ଜଣାଇ ତାଙ୍କ ଜାଗାରୁ ଉଠି ପଡ଼ିଲେ। ଠିକ୍ କବାଟ ପାଖରେ ପହଞ୍ଚିଛନ୍ତି, ଆମ ଭିତରୁ କେହି ଜଣେ ତାଙ୍କର ଏହି ରୋମାଞ୍ଚକର ଗଳ୍ପଟିର ତୃତୀୟ ପ୍ରସଙ୍ଗ ବିଷୟ ଉତ୍‌ଥାପନ କଲେ।

"ଓଃ, ସେ କଥା ତ ମୁଁ ସଂପୂର୍ଣ୍ଣ ଭୁଲିଯାଇଥିଲି।"

କବାଟଟି ଅଧା ଖୋଲା ରଖି, ସେ ପୁଣି ଆରମ୍ଭ କଲେ। "ତୃତୀୟ ଉଲ୍ଲେଖନୀୟ ପ୍ରସଙ୍ଗଟି ହେଲା ଯେ ମୁଁ ଏହି ଗଳ୍ପଟି ଅଧଘଣ୍ଟାଏ ଆଗରୁ ଏଇଠି ବସି ମନେ ମନେ କଳ୍ପନାରେ ପ୍ରସ୍ତୁତ କରିଥିଲି। ସଂପୂର୍ଣ୍ଣ କଳ୍ପନା ପ୍ରସୂତ, କାଳ୍ପନିକ ଓ ଅବାସ୍ତବ ଗଳ୍ପଟିଏ। ହେଉ, ପୁଣି ଥରେ ଶୁଭରାତ୍ରି।"

□□

ଅନୁବାଦିକାଙ୍କ ଇ-ମେଲ ଠିକଣା:
rebapatnaik1@gmail.com




ପ୍ରବନ୍ଧ

# ଗଳ୍ପାୟନ ସତ୍ୟଶୀଳତାର ପରିପନ୍ଥୀ

ଡ. ଆଦିକନ୍ଦ ସାହୁ

ଗଳ୍ପ ଲେଖିବାକୁ ଯାଇ କେବଳ ଗୋଟେ ଗଳ୍ପ ତିଆରି କରିବାରେ ଲାଗିଯିବା ଗୋଟେ ନିମ୍ନମାନର ବିଷୟ । କେବେ କାହାର ଚେତନା ଉଜ୍ଜାଗ୍ରତ କରି ପାରେନି ସେମିତି ଗଳ୍ପ ପ୍ରଧାନ କଳାକୃତି ।

ତୃତୀୟ ପୁରୁଷମାନଙ୍କ ଜୀବନକୁ ନେଇ ଖାଲି କୌତୂହଳପ୍ରଦ ଗଳ୍ପ ନିର୍ମାଣ କରିବା ଗୋଟେ ପ୍ରକାର ପିଲାଳିଆମି ଅସାମର୍ଥ୍ୟର ବିଷୟ । ସ୍ଥିତିବାଦୀ ଲେଖକମାନେ ଏମିତି ଗଳ୍ପକାରିତା ସର୍ବସ୍ୱ ଲେଖାକୁ ବଡ଼ ବିରୋଧ କରିଛନ୍ତି ଓ କହିଛନ୍ତି ଲେଖା ଅଧିକାରୁ ଅଧିକ ଆତ୍ମନିଷ୍ଠ ନ ହେବା ଚକ୍ଷୁକୁଟା ସହିତ ସମାନ । ସେଥିରୁ ଚାଉଳ ବାହାରିବନି ।



ଆଜି ବି ସାହିତ୍ୟରେ ଏତେ କଥା ବଦଳିବା ସତ୍ତ୍ୱେ ଆମେ ପିଲାଙ୍କ ଭଳି ଗଳ୍ପ ଶୁଣିବାରେ ମାତିଛୁ । ଗଳ୍ପ ଉପନ୍ୟାସ କହିଲେ ଆମେ ସାନବଡ଼ ଗଳ୍ପକୁ ହିଁ ବୁଝୁ । ଆମ ସେ ମୋହନାଙ୍ଗ ଓ ଚଞ୍ଚଳାକ୍ଷୀଙ୍କ ପ୍ରେମ କାହାଣୀ ଚତୁର ବିନୋଦ ସୃଷ୍ଟି ଦିନରୁ ଆଜି ପର୍ଯ୍ୟନ୍ତ ସେମିତି ନାୟକ ନାୟିକାଙ୍କ ସମ୍ପର୍କକୁ ନିର୍ଧୂମ ଗଳ୍ପାୟିତ କରିବାରେ ଲାଗିଛୁ ।

ପୃଥିବୀ ଓ ପୃଥିବୀର ସାହିତ୍ୟାଦର୍ଶ କେତେ ଦ୍ରୁତ ଗତିରେ ବଦଳୁଛି । ଅଥଚ ଆମ କାହାଣୀ ସର୍ବସ୍ୱ ଗଳ୍ପଲେଖା ବଦଳୁନି ।

ପୁଅ ଝିଅମାନଙ୍କର ମିଳନ କାହାଣୀ ହିଁ ତଥାପି ଆମ ଗଳ୍ପ ଉପନ୍ୟାସର ବିଷୟପିଣ୍ଡ ହୋଇଛି । ସେଇ ପୁଅଝିଅଙ୍କ ମିଳନ ଆତୁରତାକୁ ତଥାପି ଆମେ ଅବିଶ୍ରାନ୍ତ ଭାବେ ଲେଖି ଚାଲିଛେ; ପ୍ରକୃତରେ ତା'ର ଅନ୍ତ ନାହିଁ ।

ଯେଉଁ କଥାକାରମାନେ କାହାଣୀକୁ ଆଗରେ ଚଳାନ୍ତି ସେମାନେ ମନୁଷ୍ୟ ପ୍ରାଣର ଅତଳକୁ ଦେଖିବା ପାଇଁ ଉତ୍ସୁକ ହୋଇ ନ ଥାନ୍ତି । ଗଳ୍ପ ଉପନ୍ୟାସ ରଚନା କ୍ଷେତ୍ରରେ ଏପରି ଦୁର୍ଦ୍ଦଶା ହୁଏତ ଆମ ଓଡ଼ିଶାରେ ବେଶି । ବିଶ୍ୱଗର୍ଭିକ ସ୍ଥିତିବାଦୀ ସାହିତ୍ୟାଦର୍ଶର ସେଇ ମଞ୍ଜି କଥାଟିକୁ ବୁଝିବା ପାଇଁ ସେମାନେ ନାରାଜ ।

ନିଜକୁ ଲେଖିବାରେ ଗୋଟେ ବଳଶାଳୀ ରଚନାଦର୍ଶକୁ ଆମେ ଏବେ ବି ସ୍ୱାଗତ କରିପାରିନାହୁଁ । ଆତ୍ମ ସ୍ୱୀକାରୋକ୍ତିମୂଳକ ଲେଖା ଲେଖିବା ଯେମିତି ସତ୍ୟଶୀଳତାର ଅପେକ୍ଷା ରଖେ, ସେମିତି ସାହସିକତାର ଅପେକ୍ଷା ରଖେ ।

**ନିଜକୁ ଜାଣ**

ସ୍ଥିତିବାଦୀ ଲେଖକମାନେ କହୁଥିଲେ ନିଜକୁ ଜାଣ ଆଉ ନିଜକୁ ଲେଖ । ନିଜେ ନିଜ ଲେଖାର ନାୟକ ବା ହିରୋ ହୁଅ । ଅସ୍ତିତ୍ୱବାଦର ଲେଖକ ତା' ନିଜ ଲେଖାରେ ଆପଣାକୁ ହିଁ ଚିତ୍ରଣ କରିଥାଏ । ଜଣେ ଲେଖକର ଜୀବନଠାରୁ ତା' ଲେଖାକୁ ଅଲଗା କରାଯାଇ ନ ପାରେ ।

ସ୍ଥିତିବାଦୀମାନେ ନିଜ ଲେଖା ବିଷୟରେ ଭାରି ସ୍ୱାଭିମାନୀ ଓ ଯତ୍ନଶୀଳ । ଆପଣା ଜୀବନ ବାହାରେ ସେମାନଙ୍କ ଲେଖା ନ ଥାଏ । ସେମାନଙ୍କ ସବୁ ଲେଖା ସ୍ୱନିଷ୍ଠ । ସେମାନେ କେବେ ତୃତୀୟ ପୁରୁଷ ଓ ପରନିଷ୍ଠ ପୃଥିବୀକୁ ଲେଖି ନାହାନ୍ତି । ତୃତୀୟ ପୁରୁଷ ଓ ବସ୍ତୁନିଷ୍ଠ ଜ୍ଞାନକୁ ଲେଖିବାରେ ତାଙ୍କର କି ଅଧିକାର ଅଛି ?

ଅସ୍ତିତ୍ୱବାଦୀମାନଙ୍କର ଜୀବନ ଚିନ୍ତା ଓ ସେମାନଙ୍କ ଲେଖା ଅଲଗା ଅଲଗା ନୁହେଁ । ଜୀବନ ଯେଉଁ ପ୍ରକାରେ ଲେଖା ସେହି ପ୍ରକାର । ଅଦେଖା, ଅଜଣା ମଣିଷଙ୍କ ହୃଦ ସ୍ଥଳର କଥାକୁ ଯେତେ ପାଖରେ ଥିଲେ ବି ଲେଖକ ଜଣେ ଜାଣିବ କିପରି ? ଗୋଟେ ବଢ଼ିଲା ଝିଅର ସ୍ୱପ୍ନକୁ ଏତେ ପାଖଲୋକ ହୋଇ

ବାପ ମାଆ ଜାଣି ପାରନ୍ତି କି? ତା' ସ୍ୱପ୍ନର ରୂପ କୁମାର କିଏ? କାହାକୁ ସେ ନିଜକୁ ସମର୍ପି ଦେଇଛି ସେ କଥା ତା' ଭିନ୍ନ ଆଉ କିଏ ଜାଣିପାରିବ ?

ଜଣେ ବଡ଼ ଲେଖକ ହେଉ ବା ସାନ ଲେଖକ, ତା' ଭିନ୍ନ ସେ ଅନ୍ୟ ଜୀବନକୁ ଜାଣିପାରିବନି। ଅନୁମାନ କରିବ କେବଳ। ଅନେକ ମିଛ କଳ୍ପନା ମିଶାଇ ତା' ଜୀବନକୁ ଚିତ୍ରଣ କରିବ କେବଳ।

## ତୃତୀୟ ପୁରୁଷ

ଯେକୌଣସି ଲେଖକ ଲେଖିକାଙ୍କ ଆଗରେ ସବୁ ମଣିଷ ପ୍ରାୟ ତୃତୀୟ ପୁରୁଷ। ସେମାନଙ୍କ ଜୀବନ ସବୁ ଉଭା ଯେତିକି ପୋତା ସେତିକି। ପ୍ରଥମ ପୁରୁଷ ଆଗରେ ଦ୍ୱିତୀୟ ପୁରୁଷର ଉପସ୍ଥିତି ଏକାନ୍ତ ମଧୁର, ବିଶ୍ୱସନୀୟ ଓ ପ୍ରାସଙ୍ଗିକ। ଜୀବନଟା ହେଉଛି ଦ୍ୱିତୀୟ ପୁରୁଷଙ୍କ ସହିତ ଗୋଟେ ସଂଳାପ ବା ଡାଇଲଗ। ତୃତୀୟ ପୁରୁଷ ପ୍ରଥମ ଦ୍ୱିତୀୟ ପୁରୁଷଙ୍କ ପ୍ରେମକୁ ଭାଙ୍ଗନ୍ତି ବୋଲି ସେମାନଙ୍କ ଉପସ୍ଥିତି ନରକ ସଦୃଶ। ଥାର୍ଡ ପର୍ସନ ଇଜ୍ ଦି 'ଏଚ୍'।

**କଥାୟିତ କରିବା ଗୋଟେ ଅର୍ଥହୀନ କୃତ୍ରିମତା। ସେଥିରୁ ବେଶି ବଡ଼କଥା କିଛି ମିଳେନା।**

କଥାୟିତ କରିବା ଗୋଟେ ଅର୍ଥହୀନ କୃତ୍ରିମତା। ସେଥିରୁ ବେଶି ବଡ଼କଥା କିଛି ମିଳେନା। ଅଳ୍ପ ଗଳ୍ପକାରିତା ସହନୀୟ। ଗଳ୍ପ ହେଉ ବା ଡାଇରୀ ଲେଖା, ଯେ କୌଣସି ପ୍ରକାର ଲେଖା ଲକ୍ଷ୍ୟ ହେଉଛି ପାଠକର ନିଜ ପ୍ରାଣରେ ମାନସିକ ଦୋଳନ ସୃଷ୍ଟି କରିବା। ତା' ରୁଚିକୁ ସଂପ୍ରସାରିତ କରିବା, ତା' ଚେତନାକୁ ଉଜ୍ଜାଗ୍ରତ କରିବା।

ଖାଲି କବି କଳାକାର ହେବା ପାଇଁ ନୁହେଁ, ବିଶ୍ୱାସର ବୀର ହେବା ପାଇଁ ଆପଣାକୁ ଲେଖୁଥିବା, ଆପଣା ଲେଖାରେ ହିରୋ ହେଉଥିବା ସ୍ଥିତିବାଦୀ ଲେଖକମାନେ ଚାହାନ୍ତି।

ଯେକୌଣସି ଲେଖାରେ ଆତ୍ମପ୍ରବେଶ କରିବା ଅର୍ଥ ଲେଖାରେ ସତ୍ୟକୁ ବୟାନ କରିବାର ଅବସର ସୃଷ୍ଟି କରିବା। ମନୁଷ୍ୟ ଭାଗ୍ୟର ଅନିବାର୍ଯ୍ୟ ବିଡ଼ମ୍ବନାକୁ ଲେଖିବାରେ ସେଇ ଅସ୍ତିତ୍ୱବାଦୀ ଲେଖକମାନେ ମନ ପ୍ରାଣ ଢାଳି ଦେଇଛନ୍ତି।

ଆମ ଭାଷାରେ ସେଇ ଆତ୍ମପ୍ରବେଶମୂଳକ କନଫେସନାଲ ଲେଖା ସେଇ ପରିମାଣରେ, ସେଇ ଭାବରେ ଲେଖା ଯାଇନାହିଁ। ତମାମ ଜୀବନ ନିଜକୁ ଲେଖି ନିଜକୁ ଲେଖାରେ ନିଜ ହିରୋ କରି ଜଣେ ବେଶି ନାଁ କରା ବଡ଼ ଲେଖକ ହୋଇପାରେ ଏ ପ୍ରତ୍ୟୟ ଆମ ଅଧିକାଂଶ ଓଡ଼ିଆ ଲେଖକଙ୍କର ପ୍ରାୟ ନାହିଁ। ତରୁଣ ପ୍ରବୀଣ ଅନେକ ଲେଖକ ଲେଖିକା ଏହି ବିଶ୍ୱବିଖ୍ୟାତ ସ୍ଥିତିବାଦୀ ସାହିତ୍ୟ ଆନ୍ଦୋଳନ ସହିତ ହୁଏତ ପରିଚିତ ନାହାନ୍ତି। ନିଜକୁ ଲେଖିବାରେ ସେମାନଙ୍କର କୁଣ୍ଠା ଅନେକ। ଲେଖାଲେଖିରେ ବି ଗୋଟେ ଛଳନା କେତେକଙ୍କୁ କବଳିତ କରି ରଖିଛି। ନିଜକୁ ଲେଖିବା କେତେ ଗରୀୟାନ ଆଉ କେତେ ସତ୍ୟନିଷ୍ଠ ତା'ର ଉପଲବ୍ଧି ଯେମିତି ଆମର ଏଯାବତ୍ ହୋଇନି।

ଯେଉଁ ଲେଖକ ଆପଣା ଜୀବନକୁ ଦୁଃଖାଗ୍ନିରେ ଜାଳି ପୋଡ଼ି ପାରିନି ଜୀବନ ବିଷୟରେ ଗହୀରିଆ ଅନୁଭବ ସେ କାହୁଁ ପାଇବ? ସେ ବି କିପରି ଜୀବନରେ ଭାବ ବିଭୋର ମୁହୂର୍ତ୍ତ ସବୁକୁ ତା' ସ୍ମୃତିରେ ସଂପାଦି ପାରିବ? ସେ ଖାଲି ପରନିଷ୍ଠ ପୃଥିବୀର କାଳ୍ପନିକ ତୃତୀୟ ପୁରୁଷମାନଙ୍କୁ ଲେଖି କଳାକାର ବୋଲାଇବ।

ଯେଉଁ ଶିଳ୍ପୀର ନିଜ ଭିତରଟା ଚହଲି ଉଠେନି, ଆପଣା ଭିତରେ କୋଟି ମଣିଷଙ୍କ ଜୀବନତୃଷ୍ଣାକୁ ଉପଲବ୍ଧି କରିପାରେନି ସେ ଲେଖାରେ ପ୍ରାଣ ପ୍ରାଚୁର୍ଯ୍ୟ (ଆବଣ୍ଡାନ୍ସ ଅଫ୍ ଲାଇଫ) ତା'ର ତାଜାପଣ କିପରି ଫୁଟିବ?

ବସ୍ତୁନିଷ୍ଠ ଜ୍ଞାନ କରି ପରନିଷ୍ଠ ପୃଥିବୀର ଚିତ୍ର କାହାକୁ ସ୍ପର୍ଶ କରେନି କି ପ୍ରବୋଧିତ କରେନି। ଅସଲ ସୃଜନ ଦୀପ୍ତି ରହିଥାଏ ଆପଣା ପ୍ରାଣର ଉଚ୍ଚାରଣରେ।

ପ୍ରାଣର ଉଚ୍ଚାରଣକୁ ଅସଲ କଳାକାର ଜଣେ କଥାୟିତ କରେନି ବରଂ କନଫେସ କରେ। କଥାୟିତ କଲେ ସତ୍ୟ ସେଠି ବିନଷ୍ଟ ହୁଏ ଜୀବନର ବିବର୍ଦ୍ଧନର ଦୀପ୍ତ ଛବି ସେଠି ଆଉ ଫୁଟେ ନାହିଁ।

ଜଣେ ଅସଲ କଳାକାରଙ୍କ ଡାଇରୀର ନିଭୃତ ଉଚ୍ଚାରଣ ବେଳେ ବିଶାଳକାୟ ଗଳ୍ପ ଉପନ୍ୟାସଠାରୁ ଅଧିକ ଚିତ୍ତ ଉଲ୍ଲାସକ ହୋଇଥାଏ।

ଜଣେ ଲେଖକ କଲମ ଧରେ ଆପଣାକୁ ବ୍ୟକ୍ତ କରିବା ପାଇଁ; ଆପଣାକୁ ଅବରୁଦ୍ଧ କରି ରଖିବା ପାଇଁ ନୁହେଁ। ଆପଣା ଜୀବନର ଚରମ ଲାଞ୍ଛନା, ଉତ୍କଟ ଦାରିଦ୍ର୍ୟ, କାରବାର ବ୍ୟର୍ଥ

ବିଫଳ ହେବାର ସନ୍ତାପ ସବୁକୁ ଯେ ଲେଖି ଦେଇପାରେ ତା' ଭିତରୁ ଜଣେ ପାଠକ ସତ୍ୟର ଜ୍ୟୋତିର୍ମୟ ରୂପ ଦେଖିପାରେ।

## ଗୋପନ ପାପ

ଆପଣା ଜୀବନରେ ଗୋପନ ପାପ ସବୁକୁ ଲେଖିଦେବାର ସାହସ ସେମାନେ ଦେଖାଇ ପାରିନାହାନ୍ତି। ଅବଶ୍ୟ କେତେଜଣ ନିରୁତା ଜୀବନଟାକୁ ଆତ୍ମଜୀବନୀରେ ପ୍ରକଟିତ କରି ଦେବାକୁ ଚାହିଛନ୍ତି। ସେମିତି ଆତ୍ମକଥା ସବୁ ଅନେକ ଆଳଙ୍କାରିକ ଲେଖାଠାରୁ ଅନେକ ଗୁଣରେ ସତ୍ୟନିଷ୍ଠ ଓ ଶକ୍ତିଶାଳୀ। ଯେଉଁ ଲେଖାରେ, ତାହା ଗଳ୍ପ ଉପନ୍ୟାସ ହେଉ ବା ଡାଇରୀ କି ଆତ୍ମଜୀବନୀ ହେଉ, ସତ୍ୟଶୀଳତା ଥିବ, ଜୀବନ ବିଛାଡ଼ି ହୋଇ ପଡ଼ିଥିବା ସେ ଲେଖାର ଓଜନ ଅଲଗା, ତା'ର ଆବେଦନ ବି ଅଲଗା। କଥାକୁ ବ୍ୟକ୍ତିନିଷ୍ଠ ରଚନାରେ ପରିଣତ କରିବା ସତରେ ଗୋଟେ ବଡ଼ ଲେଖକୀୟ ବାହାଦୁରୀ।



ବ୍ୟକ୍ତିସତ୍ତା, ପାପର ହେଉ କି ପୁଣ୍ୟର ହେଉ, ଗୋଟେ ଗଭୀର ସମୁଦ୍ର ଭଳି, ଗୋଟେ ରହସ୍ୟମୟ ଅଥଚ ସବୁଜିମା ଭରା ବନସ୍ପତି ପରି। ତାହା ଲେଖାରେ ଉଦ୍‌ଭାସିତ ହେବା କଥା।

ଜୀବନ ଅଭ୍ୟନ୍ତରରୁ ଯେଉଁ ଶୈଳୀର ଲେଖାଟି ଫୁଟି ବାହାରେ ତାହା ଗଳ୍ପ କବିତାର ସୀମା ସରହଦ ମାନେ ନାହିଁ। ଗଳ୍ପ, କବିତା, ଆତ୍ମଜୀବନୀ, ଡାଇରୀ ସବୁକୁ ଏକାକାର କରିଦିଏ। ବହିର୍ଜଗତ ନୁହେଁ, ଆପଣା ଜୀବନ ହିଁ ସେ ଲେଖାର ମୂଳଭୂମି, ମୂଳ ପ୍ରୋତ୍ସାହନ ହୋଇଥାଏ।

ଆତ୍ମଦର୍ଶନ ହେଉଛି ରଚନାର ବହୁଗୁଣ। ଆପଣାକୁ ଲେଖିବା ପାଇଁ ପଣ କରିଥିବା ଅସ୍ତିତ୍ୱବାଦୀମାନେ ଏହି ସ୍ୱନିଷ୍ଠ ରଚନା ଶୈଳୀ ସପକ୍ଷରେ ବାଡି ଧରିଛନ୍ତି।

ଜୀବନର ସୂତ୍ରୀୟ ବ୍ୟାଖ୍ୟାକୁ ସେମାନେ ପରିହାର କରିଛନ୍ତି। ଯେ ଯେଉଁ ପ୍ରକାରର ଜୀବନ ବଞ୍ଚିଲା ସେଇ ଜୀବନକୁ ଲେଖିବାର ଅଧିକାର ତା'ର ଅଛି। ଶୈଳୀଗତ ଚମତ୍କାରିତା ପାଇଁ ଜଣେ କଳ୍ପନାଶ୍ରୟୀ ଲେଖା ନ ଲେଖୁ।

ସମଷ୍ଟି କେବେ ସ୍ୱନିଷ୍ଠ ରଚନାର ବିଷୟ ହୁଏନି। ନିଜ ଜୀବନକୁ ବଡ଼ ବଡ଼ ଲେଖକମାନେ ସେମାନଙ୍କ ଲେଖା, ସେମାନଙ୍କ ଦର୍ଶନର କର୍ମଶାଳା କରିଥାନ୍ତି। ସତ୍ୟବୟାନ ପାଇଁ ନିଜ ଜୀବନକୁ ବାଜି ଲଗାଇଲା ପରି। ମହାତ୍ମାଗାନ୍ଧୀ ନିଜ ଜୀବନକୁ ସତ୍ୟର ପରୀକ୍ଷାଗାର କରିଥିଲେ। ତାଙ୍କ ଆତ୍ମ ଜୀବନୀଟି ଏକ ଆତ୍ମକଥା ଭାବେ ବିଶ୍ୱବିଖ୍ୟାତ। ଲେଖକଙ୍କ ସତ୍ୟନିଷ୍ଠା ଆଉ ନିର୍ଭୀକତା ତାଙ୍କ ବହିର ସୌନ୍ଦର୍ଯ୍ୟ। ଏମିତି ଯେଉଁ ସବୁ ଆତ୍ମକଥା ଏହି ଏହି ପ୍ରକାରର ସେଗୁଡ଼ିକ ସତ କହିଲେ ଜୀବନ ପୁଷ୍ପ; ଯାହାର ପାଖୁଡ଼ାଗୁଡ଼ିକ ସତ୍ୟର ବର୍ଣ୍ଣବିଭାରେ ବର୍ଣ୍ଣାଢ଼୍ୟ।

ସତ କହନ୍ତୁ ତ ଜଣେ ଲେଖକ ଲେଖେ କି ଆଉ କିଏ ସେସବୁ ଲେଖାର ମୂଳ ଗୁଣ କ'ଣ ? ସବୁ ଲେଖାର ମୂଲ୍ୟବାନ ବିଷୟଟି ହେଲା ଲେଖକୀୟ ଉପଲବ୍ଧିର ପ୍ରକାଶ। ଏତକ ପାଇଁ ବିଷୟଟିକୁ କଥାଚାରି କରିବାର ଅର୍ଥ କ'ଣ? ବରଂ ଯେ କୌଣସି ଲେଖା ଆପଣା ପ୍ରାଣର ମଧୁର ଝଙ୍କାର ହେଉ। ଏମିତି ଆତ୍ମଗୀତି ଭିତରେ ଗଦ୍ୟରଚନା ବି କାବ୍ୟାତ୍ମକ ହୋଇଯିବ। ପ୍ରେମ ଯେମିତି ଜୀବନ ପରିଧି ଭିତରେ ସ୍ୱନିଷ୍ଠ, ସେହିପରି ଈଶ୍ୱରାନୁଭୂତି; ଯାହା ପ୍ରେମ ପରି ସ୍ୱନିଷ୍ଠ।

ଜଣକର ପ୍ରକମ୍ପିତ ଆତ୍ମା ସ୍ୱତଃ କବିତା ବା ସଙ୍ଗୀତର ପ୍ରଭାବ ଆବେଦନ ସୃଷ୍ଟି କରିଦେଇପାରେ। ଜୀବନର ଅଭ୍ୟନ୍ତରର ଉଦ୍‌ବେଳନକୁ ଲେଖିଲେ ତାହା ବେଳେ ବେଳେ ମହାସଙ୍ଗୀତ ହୋଇଯିବ। ସେଥିପାଇଁ ନିଜକୁ ପାତ୍ରପାତ୍ରୀ କରିବା ଦର୍କାର। ଗଳ୍ପ ତିଆରି କରିବା ତ ଗୋଟେ କୃତ୍ରିମତା, ତା' ବାଦ ତାହା ଗୋଟେ ନିରର୍ଥକ ପ୍ରଚେଷ୍ଟା। ଲେଖକର କଞ୍ଚା ଆବେଗସବୁ ଗଳ୍ପ ତିଆରି ଭିତରେ ମରିଯାଏ। ଗଳ୍ପ ତିଆରି କରିବା ଭିତରେ ଜୀବନ ସହିତ ସୁନ୍ଦରକୁ, ପ୍ରେମକୁ, କରୁଣାକୁ ମିଶାଇବାର ପ୍ରବଣତା କିପରି ଶିଥିଳ ହୋଇଯାଏ। ପ୍ରଚଣ୍ଡ ଆବେଗରେ ସେଦିନ ନିତ୍‌ସେ ଗଦ୍ୟ ଧାଡି ସବୁ ଲେଖୁଲେଖୁ ଆତ୍ମ ବିସ୍ମୃତ ହୋଇ ମଝିରେ ମଝିରେ ପଦ୍ୟ ସବୁ ଲେଖି ଯାଇଛନ୍ତି ତାହା କାବ୍ୟାତ୍ମକ ମୂର୍ଚ୍ଛନାରେ ଶେଷ ହୋଇଛି।

## ଅନୁଭବର ପ୍ରଗାଢ଼ତା

ଅନୁଭବର ଗାଢ଼ତା ହିଁ ରଚନାର ସବୁଠାରୁ ବଡ଼ ଗୁଣ। ଗଳ୍ପ ତିଆରି କରିବା ନୁହେଁ କି ଗୋଟେ ବିଷୟକୁ ଲାଗି ପାଡି ଶିଳ୍ପାୟିତ କରିବା ନୁହେଁ।

ପ୍ରଥମ ପୁରୁଷର ଆବେଗ ବା ମନୋଭାବ ହେଉଛି ଆମ ସର୍ଜନଶୀଳତାର ମୂଳ। ଗୋଟେ ଗୋପନ ଜୀବନକୁ ପ୍ରକଟିତ କରିବା ପାଇଁ କେବଳ ପ୍ରଥମ ପୁରୁଷ ହିଁ ସମର୍ଥ। ଫ୍ରାନ୍ଜ କାଫକା କେ' ନାମରେ ପ୍ରଥମ ପୁରୁଷ ଆଙ୍ଗିକରେ ଲେଖୁଥିଲେ, ପୂରାପୂରି ଡାଇରୀ କିମ୍ବା ଆତ୍ମଜୀବନୀ ପରି ଆତ୍ମ ସ୍ୱୀକାରୋକ୍ତିମୂଳକ (କନ୍‌ଫସେନାଲ) ରଚନା। ଗତ ଶତାବ୍ଦୀରେ ଯେ ଥିଲେ ସମଗ୍ର ବିଶ୍ୱରେ ସର୍ବଶ୍ରେଷ୍ଠ ଜୀବନବାଦୀ ଲେଖକ।

ଯେଉଁମାନେ ତୃତୀୟ ପୁରୁଷମାନଙ୍କ କଥା ଅନୁମାନ କରି ଲେଖୁଛନ୍ତି ସେମାନେ ଏ ବିଷୟରେ ଅବହିତ ହେବା ଉଚିତ। ଆତ୍ମଲିପି ଲେଖି ସ୍ଥିତିବାଦୀମାନେ କେତେ ଶକ୍ତିଶାଳୀ ସାହିତ୍ୟ ଲେଖିଛନ୍ତି ସେ ବିଷୟରେ ଆମର ସଚେତନତା ରହିବା ଦର୍କାର। ନ ହେଲେ ଆମେ ଚକ୍ଷୁକୁଟିଲା ପରି ଗୁଡ଼ାଏ ଉପର ଠାଉରିଆ ଭାବେ କାଳ୍ପନିକ ସାହିତ୍ୟ ଲେଖୁଥିବା ମାତ୍ର।

**ଆତ୍ମଲିପି ଲେଖି ସ୍ଥିତିବାଦୀମାନେ କେତେ ଶକ୍ତିଶାଳୀ ସାହିତ୍ୟ ଲେଖିଛନ୍ତି ସେ ବିଷୟରେ ଆମର ସଚେତନତା ରହିବା ଉଚିତ୍।**

ପ୍ରାଚୀନ ଓ ମଧ୍ୟଯୁଗ ସାହିତ୍ୟରେ କଳ୍ପନା ଗୋଟେ ପ୍ରକାର ଥିଲା। ଏବର ସାହିତ୍ୟରେ ଆଉ ଗୋଟେ ପ୍ରକାର କାଳ୍ପନିକତା। ସେତେବେଳେ ସ୍ୱର୍ଗ ଓ ଗନ୍ଧର୍ବ ଗନ୍ଧର୍ବୀମାନଙ୍କ ପରି ଅଦେଖା ଅଜଣା କଥା ଲେଖାଯାଉଥିଲା। ସେ ସାହିତ୍ୟ ଆଉ ଚଳିଲା ନାହିଁ। ଆମେ ତା'କୁ ବର୍ଜନ କରି ବାସ୍ତବବାଦୀ ସାହିତ୍ୟ ଲେଖିଲୁ। ସେ କାଳର କବିମାନେ ଆପଣାର ଇନ୍ଦ୍ରିୟାନୁଭୂତିକୁ ସାହିତ୍ୟ ଲେଖାର ମୂଳ ପୁଞ୍ଜି କରୁ ନ ଥିଲେ। ବିତାଡିତ, ବିପତ୍ନୀକ ରାଜପୁତ୍ର ଉପେନ୍ଦ୍ର ଭଞ୍ଜ ସେଦିନ ନିଜ ଜୀବନର ପ୍ରେମ ଅପ୍ରେମକୁ ପ୍ରାୟ ନ ଲେଖି କଳ୍ପନାରେ ରାମସୀତାଙ୍କ ଜୀବନକୁ ତାଙ୍କ ବୈଦେହୀଶ ବିଳାସରେ ଲେଖିଛନ୍ତି।

ନିଜ ଇନ୍ଦ୍ରିୟାନୁଭୂତିର ପ୍ରକାଶ ଅବସର ନ ରଖି ଉପେନ୍ଦ୍ର ଓ ତାଙ୍କ ସମକାଳୀନ ସମଧର୍ମୀମାନେ ଅଧିକାଂଶରେ 'ଫାଣ୍ଟାସି' ପ୍ରକାରେ ରଚନା ଲେଖିଛନ୍ତି। ଆଜିର ସାହିତ୍ୟିକ ବି ଆଉ ପ୍ରକାରେ ତୃତୀୟ ପୁରୁଷମାନଙ୍କ ପ୍ରେମ ପ୍ରଣୟର ରୋମାଞ୍ଚକୁ ଲେଖି ଫାଣ୍ଟାସି ଲେଖୁଛନ୍ତି। ସେସବୁ ରଚନାରେ ସ୍ଥାନ କାଳ ପାତ୍ର ସବୁ କାଳ୍ପନିକ। ନଗ୍ରଟି କାଳ୍ପନିକ ନାୟକ ନାୟିକା ବି କାଳ୍ପନିକ। ସେମାନଙ୍କ ଭିତରେ ପ୍ରେମ ଅପ୍ରେମ ସଂପର୍କ ବି କାଳ୍ପନିକ। ଜଣେ ଜିଦ୍‌ଖୋର ପ୍ରକାରେ ବ୍ୟକ୍ତିବାଦୀ ନ ହେଲେ ନିଜର ଲେଖାରେ ଅଥର୍ ହିରୋ ହୋଇପାରିବନି। ନିଜକୁ ଲେଖିବା ପାଇଁ ପ୍ରତ୍ୟୟ ଖୋଜିପାଇବନି।

ଭାତ ହାଣ୍ଡିରୁ ଗୋଟିଏ ଭାତ ନେଇ ଦେଖିଲେ ହାଣ୍ଡି ସାରା ଭାତକୁ ଜାଣି ହେବ। ସେମିତି ଗୋଟିଏ ମଣିଷ; କୋଟିଏ ମଣିଷକୁ ଜାଣି ହେବ ସେଇ ଗୋଟିଏ ମଣିଷରେ। ଅବସ୍ଥା ବିଶେଷରେ ଗୋଟେ ମଣିଷଠାରୁ ହୁଏତ ଆଉ ଗୋଟେ ମଣିଷର ଜୀବନ ଅଲଗା ହୋଇଯାଇପାରେ। ଜଣେ ସୁଖ ପାଏ, ଆଉ ଜଣେ ପାଏନି। ଜଣେ ପ୍ରେମ ପାଏ। ଆଉ ଜଣେ ହୁଏତ ପାଏନି। ଜଣେ ପ୍ରଭୁ ହେବାରେ ଜୀବନ କଟାଏ ତ ଆଉ ଜଣେ ଭୃତ୍ୟ ହେବାର ଭାଗ୍ୟ ପାଇଥାଏ।

ଜଣେ ଲେଖକ ପ୍ରେମକୁ ଲେଖୁ ବା ବିଷାଦକୁ ଲେଖୁ ଯଦି ତା' ସହିତ ଅସଲରେ ସତ୍ୟ ଅଲିଭିପିତ ହେବ ତା'ହେଲେ ସେ ନିଜ ଜୀବନର ପ୍ରେମ ଓ ବିଷାଦକୁ ହିଁ ଲେଖିବ। ଏହା ଦ୍ୱାରା ଗୋଟେ ଅନନ୍ୟ ଜୀବନମୟତା ସହିତ ଗୋଟେ ଅନ୍ତର୍ମୁଖୀ କାବ୍ୟ ପ୍ରଭାବ ସୃଷ୍ଟି ହୋଇ ପାରିବ।

ଗୋଟେ ଉତ୍କୃଷ୍ଟ ରଚନାର ମୂଳ ଗୁଣ ହେଉଛି ତା'ର ଗୋଟେ ଅନ୍ତରୀଣ କାବ୍ୟାତ୍ମକତା। ଜୀବନ ଅତଳର ମଞ୍ଜି କଥା ସବୁ ଲେଖି ସ୍ଥିତିବାଦୀ ଲେଖକମାନେ ଲେଖାରେ ଆତ୍ମପ୍ରକାଶ କରାଇଛନ୍ତି; ଯେଉଁଥିପାଇଁ ସେମାନଙ୍କ ଲେଖା ପାଠକପାଠିକାଙ୍କ ପରିଚିତ ଅନୁଭୂତିକୁ ଆର୍ଦ୍ର କରିଦିଏ। ସତ କହିଲେ ଜୀବନ ଅନ୍ତଃସ୍ଥଳର ବାସ୍ତବତା ମାର୍ମିକତାର ସର୍ବୋତ୍ତମ ଉତ୍ସ।

କଥା ପାଇଁ ଅଳ୍ପ ଗଳ୍ପ ବା ପତଳା ଗଳ୍ପ ସପକ୍ଷରେ ଯେଉଁମାନେ ଯୁକ୍ତି ବାଢ଼ନ୍ତି, ସେମାନେ ପାଖାପାଖି ଭାବନିଷ୍ଠ ଲେଖା ସମ୍ପର୍କରେ ହିଁ କହନ୍ତି। ଜଣେ ଲେଖକର ସ୍ୱନିଷ୍ଠ ଅନୁଭବ ହିଁ ଭାବପ୍ରଧାନ ଲେଖାକୁ ଭାରି ପ୍ରୋତ୍ସାହିତ କରେ; ଯାହା ମୁଖ୍ୟତଃ ଆତ୍ମଦର୍ଶନମୂଳକ ଓ ସୁନିବିଡ଼ ଅନ୍ତର୍ମୁଖୀନତାର ସ୍ମାରକୀ।

□□

ଲେଖକଙ୍କ ଇ-ମେଲ ଠିକଣା:
adikandas64@gmaill.com



ଅନୁଭୂତି

# ସ୍ମୃତି : ମାର୍କଣ୍ଡେଶ୍ୱର ସାହି

**ଶୈଳବାଳା ମହାପାତ୍ର**

'କ'ଣ ହେଲା ସେଇଠୁ ---- ମୁଁ ଯାହା ରାନ୍ଧେ। ଯାହା ଖାଏ। ମୋ ଘରେ ମୁଁ ଯାହା କରେ ---- ମୁଁ ମଣିଷ ମୁଣ୍ଡ ରାନ୍ଧିକି ଖାଇଛି --- ତମର କ'ଣ ଗଲା --- ତମେ କିଏ ହୋ ମୋ ପିଲାକୁ ସବୁଦିନ ପଚାରିବ ----?'

ସେତେବେଳକୁ ମୁଁ ବୋଉର ଲୁଗାକାନି ଧରି ଘର ଭିତରକୁ ଆସିବାକୁ ଟାଣୁଥାଏ। ବୋଉ କିନ୍ତୁ କିଛି ଶୁଣିବା ଅବସ୍ଥାରେ ହିଁ ନ ଥାଏ। ନରସିଙ୍ଗ ମହାନ୍ତିଙ୍କ ଉଚ୍ଚା ଦାଣ୍ଡ ପିଣ୍ଡାରୁ ବୋଉର ରଡ଼ି ଯେ ସଞ୍ଜୁ ଅପା ଘର ପଛପଟ ଶିଡ଼ି ଯାଏଁ ବା ତାଙ୍କ ଘର ଯାଏଁ ପହଞ୍ଚିପାରୁ ନ ଥିବ; ଏକଥା ବୁଝିବା ବୟସ ମୋର ହୋଇ ନ ଥିଲା। ମତେ ଲାଗୁଥାଏ କାଳେ ସଞ୍ଜୁ ଅପା ବୋଉ ମୋ ବୋଉର ଏଇ କଥା ଶୁଣିଦେବେ ଆଉ ମତେ ଖରାପ ଭାବିବେ।




ସଞ୍ଜୁ ଅପା ବୋଉଙ୍କ କାନକୁ ହୁଏତ ଏକଥା ଯାଇ ନ ଥିବ। କିନ୍ତୁ ପିଣ୍ଡା ଉପରୁ ବୋଉ ଗର୍ଜନ କରିବାର ଦୃଶ୍ୟ ଓ କଥା ଦୁଇ ପଡ଼ିଶା ଓ ଗଲା ଅଇଲା ଚିହ୍ନା ଲୋକ କିଛି ଜାଣିଲେ। ସେମାନେ ଜାଣିଲେ ଯେ ମହାନ୍ତି ବାବୁଙ୍କ ସ୍ତ୍ରୀ ମତେ କିଛି ପଚାରିଛନ୍ତି ଓ ମୋ ବୋଉ ଏମିତି ଦୁର୍ଗା ମୂର୍ତ୍ତି ଧାରଣ କରିଛି।

କଥାଟା ସେମିତି କିଛି ନ ଥିଲା। ମାର୍କଣ୍ଡେଶ୍ୱର ସାହିର ଢିପ ଉପରୁ ଆସି ମିଶ୍ର ସାହି ଆଡ଼କୁ ଗଲାବେଳକୁ ଡାହାଣ ପଟେ ପଡ଼େ ବିମଳ ମିଶ୍ରଙ୍କ ଘର। ତାଙ୍କ ଘର ପାଖକୁ ନମିତା ନାନୀଙ୍କ ଘର। ନମିତା ନାନୀ କିଏ, କ'ଣ ପଢ଼ନ୍ତି କ'ଣ କରନ୍ତି ମୁଁ ଜାଣେନା। ମୋ ସାଙ୍ଗମାନେ ନମିତା ନାନୀ ଡାକନ୍ତି ତ ମୁଁ ବି ତାଙ୍କୁ ସେଇ ନାଁରେ ଡାକେ। ତାଙ୍କ ସହ ମୋ ପରିଚୟ ବା କ'ଣ? ତାଙ୍କ ଘରକୁ ଲାଗି ଗୋଟେ ଭଙ୍ଗା ଘରର ଡିହ ଥାଏ। ତା' ପାଖକୁ ଲାଗି ହରିଶ ଦୋକାନ। ମୁଁ ହରିଶ ଦୋକାନକୁ କିଛି ଆଣିବାକୁ ଗଲାବେଳେ ସେ ମତେ ଡାକନ୍ତି ଓ ମୋ ହାତରେ ଗୋଟେ ଅଧେ ଜିନିଷ ମଗାନ୍ତି। ଆଜି ଭାବୁଛି, ରକ୍ଷା ହେଇଛି, ବୋଉ ସେକଥା ଜାଣିନି।

### ବୋଉର ଉଗ୍ରରୂପ

ନମିତା ନାନୀଙ୍କ କଥା ବର୍ଣ୍ଣନା ନୁହେଁ। ବୋଉର ଉଗ୍ର ରୂପର କାରଣ କହିବା ମୋର ଉଦ୍ଦେଶ୍ୟ।

ହରିଶ ଦୋକାନକୁ ଲାଗି ଗୋଟେ ରାସ୍ତା। ସେଇ ରାସ୍ତାର ଆରପଟ ଧାରରେ ଗୋଟେ ବଡ଼ କୋଠାଘର। ସେଇ ଘରକୁ ମୁଁ ଯାଏ ଟିଉସନ୍ ପଢ଼ିବାକୁ। ମୁଁ ଏକା ନୁହଁ। ଆମେ କେତେଜଣ ସେଇ କୋଠାର ଗୋଟେ ବଖରାରେ କୃଷ୍ଣ ସାର୍ (କୃଷ୍ଣ ଚନ୍ଦ୍ର ନାୟକ)ଙ୍କ ପାଖେ ଟିଉସନ୍ ପଢୁ। ସେତେବେଳକୁ ମୁଁ ଚତୁର୍ଥ ଶ୍ରେଣୀରେ ପଢୁଥାଏ। ପ୍ରାଥମିକ ଶ୍ରେଣୀର ପିଲାମାନଙ୍କୁ ସାର୍ ଟିକେ ଶୀଘ୍ର ମାନେ ଆଠଟା ବେଳକୁ ଛାଡ଼ି ଦିଅନ୍ତି।

ଟିଉସନ୍‌ରୁ ଘରକୁ ଫେରିବା ବେଳେ ଡାହାଣ ପଟେ ପଡ଼େ ସଞ୍ଜୁ ଅପା ଘର। ବିରାଟ ଉଚ୍ଚା ପିଣ୍ଡା। ବିରାଟ ଘର। ଘର ଭିତରୁ ଛିଟିକି ପଡୁଥାଏ ନିଅନ୍ ଆଲୁଅର ଧାର। ଆମେ ନରସିଙ୍ଗ ମହାନ୍ତି ଘରେ ଭଡ଼ା ଥାଉ। ଡିବି ଲଣ୍ଠନ ଆଲୁଅ ସହ ଜୀବନ ବେଶ୍ ଖାପଖୁଆଇ ଚାଲିଥାଏ। ତାଙ୍କ ଘର ଆଡ଼କୁ ମାନେ ସଞ୍ଜୁ ଅପା ଘର ଆଡ଼କୁ ମୁଁ ଅନେଇ ଅନେଇ ଆସେ। ଅନେଇବାର କେତେଗୁଡ଼ିଏ କାରଣ ଥିଲା। ମୁଁ ତାଙ୍କ ଘରକୁ ଚାହେଁ ଯେ କାଳେ ସଞ୍ଜୁ ଅପା କି ନମି ସହ ଦେଖା ହେଇଯିବ। ସେମାନେ ମୋ ସାଙ୍ଗ ଥିଲେ। ତା'ସହ ଏ ନିଅନ୍ ଆଲୁଅର ମୋହ ବି ମୋର ଥିଲା। ତେବେ ମୁଁ ଯେତେବେଳେ ତାଙ୍କ ଘର ଆଡକୁ ଚାହେଁ, ଦେଖେ ମାଉସୀ ମତେ ଚାହିଁଛନ୍ତି। ଦୁଇ ତିନି ଦିନ ପରେ ସେ ଦିନେ ମତେ ହାତ ଠାରି ଡାକିଲେ। ଛାତକୁ ଶିଡ଼ି ପରି ସେ ସାହିର ଉଚ୍ଚା ପିଣ୍ଡାର ପାହାଚ। ସେ ପାହାଚ ଅତିକ୍ରମ କରି ତାଙ୍କ ଦାଣ୍ଡ ଘରେ ପହଞ୍ଚିବା ପରେ ଦେଖିଲି, ସେଠି ସଞ୍ଜୁ ଅପା ମଞ୍ଜୁ, ଅପା ନମି, ଇତ୍ୟାଦି ପଢୁଛନ୍ତି। ଡଲି ଅପା ଓ ମାଉସୀ ବସିଛନ୍ତି। ଘର ସାରା ଉଜ୍ଜ୍ୱଳ ଆଲୋକ। ଡଲି ଅପା ମତେ ଟିକେ ଆଉଁଶି ଦେଲେ। ମାଉସୀ ମତେ ମୋ ନାଁ, ବାପାଙ୍କ ନାଁ, କୋଉ ଶ୍ରେଣୀରେ ପଢୁଛୁ କ'ଣ ଖାଇଛୁ ଇତ୍ୟାଦି ପଚାରିଲେ। ସାଧାରଣତଃ ଯେମିତି ପିଲାମାନଙ୍କୁ ପଚରାଯାଏ!

**ଏମିତି ପ୍ରାୟ ପ୍ରତ୍ୟେକ ଦିନ ଚାଲିଲା। ବୋଧହୁଏ ମାଉସୀଙ୍କୁ ଭଲ ଲାଗେ ମୋ ନିରୀହପଣ। ମତେ ଭଲ ଲାଗେ ତାଙ୍କ କଥା ଓ ଟ୍ୟୁବ୍ ଲାଇଟର ନିଅନ୍ ଆଲୁଅ!**

ଏମିତି ପ୍ରାୟ ପ୍ରତ୍ୟେକ ଦିନ ଚାଲିଲା। ବୋଧହୁଏ ମାଉସୀଙ୍କୁ ଭଲ ଲାଗେ ମୋ ନିରୀହପଣ। ମତେ ଭଲ ଲାଗେ ତାଙ୍କ କଥା ଓ ଟ୍ୟୁବ୍ ଲାଇଟର ନିଅନ୍ ଆଲୁଅ!

ଦିନେ ଏମିତି ବସୁ ବସୁ ମୋର ଡେରି ହେଇଗଲା। ଡେରିର କାରଣ ପଚାରିବାରୁ ମୁଁ ଡରରେ ମାଉସୀଙ୍କ ସାଙ୍ଗେ କଥା ହେଉଥିଲି ବୋଲି କହିଲି।

- ମାଉସୀ? କୋଉ ମାଉସୀ?

- ସଞ୍ଜୁ ବୋଉ ମାଉସୀ।

- ତୋ ସାଙ୍ଗେ ସିଏ କ'ଣ କଥା ହେଉଥିଲେ?

- ନାଇଁ, ଏମିତି ପଚାରୁଥିଲେ କ'ଣ ଖାଇଛୁ, କ'ଣ ପଢିଛୁ?

- କ'ଣ ଖାଇଛୁ ପଚାରିଲେ? ଏମିତି ଆଜି ପଚାରିଲେ ନା ସବୁଦିନେ ପଚାରନ୍ତି?

କ'ଣ ଉତ୍ତର ଦେଇଥିଲି ଆଜି ଆଉ ମନେ ନାହିଁ। କିନ୍ତୁ ତା'ପରେ ବୋଉର ଏ ବିଶ୍ୱମୂର୍ତ୍ତି!

- ମୁଁ ମଣିଷ ମୁଣ୍ଡ ରାନ୍ଧିକି ଖାଇବି। ତମର କ'ଣ ଗଲା ହେ! ହୟେ, ତମେ ଏଡିକି ବକଟେ ପିଲାକୁ ଓଗାଳି ଏତେ କଥା ପଚାରୁଛ!

ତା'ପର ଦିନଠୁଁ ମୁଁ ଆଉ ସେପଟକୁ ଚାହେଁନି। କେତେଗୁଡେ ଦିନ ପରେ ଥରେ ତାଙ୍କ ଘର ଆଡକୁ ଚାହିଁଲା ବେଳକୁ ଦେଖିଲି ମାଉସୀ ମତେ ଚାହିଁଛନ୍ତି। ଓଠରେ ଧାରେ ମୁରୁକି ହସ!!

ଆଜି ପରିଣତ ବୟସରେ କୌଣସି ଛୋଟ ପିଲାକୁ ଏମିତି ସବୁ ପଚାରିବା ବେଳେ ପିଲାଦିନର ସେକଥା ମୋ ମନକୁ ଆସିଯାଏ। ସେଥିରେ ଭୁଲ୍‌ଟା କୋଉଠି ଥିଲା ଏପର୍ଯ୍ୟନ୍ତ ମୁଁ ଜାଣିପାରିଲିନି। ମୁଁ ଏବେ ଉତ୍ତର ଷାଠିଏରେ। ବୋଉ ବିଛଣାରେ। ବୋଉକୁ ଦିନେ ପଚାରିଲି :

- ବୋଉ, ତୋର ମାର୍କଣ୍ଡେଶ୍ୱର ସାହି ସଞ୍ଜୁ ଅପା ଡଲି ଅପା ଇତ୍ୟାଦିଙ୍କ କଥା ମନେ ଅଛି?

- ହଁ, ମନ ଅଛି। ମନ କାଇଁ ରହିବନି!

ବୋଉ ଖନେଇ ଖନେଇ କହିଲା।

- ତୁ ଏମିତି ପ୍ରଚଣ୍ଡ କାଇଁକି ହେଲୁ ଲୋ ବୋଉ! ସେ ଏମିତି କ'ଣ --!

- ଆଉ ମୋ ପିଲା ଝିଅକୁ ବାଟ ଓଗାଳି ସେ ମାଇପି ପଚାରିବ - କ'ଣ ଖାଇଛୁ!

## ସାହିର ଚିତ୍ର

ପୂର୍ବ ପଟୁ ସାହି ଭିତରକୁ ଆସିଲେ ପ୍ରଥମେ ପଡ଼ିବ ବାନାମ୍ବର ଛକ। ତାପରେ କିଛି ନିର୍ଜନ ପିଚୁ ରାସ୍ତା ଦୁଇପଟେ ଅରମା। ତା'ର ଟିକିଏ ପରେ ଗୋଟେ ବଡ଼ ପଡ଼ିଆକୁ ରାସ୍ତା। ସେ ପଡିଆଟି ଗୋଟେ କାହାର ଜାଗା ଥିଲା ବୋଲି ପରବର୍ତ୍ତୀ ସମୟରେ ଜାଣିବାକୁ ପାଇଥିଲି। ତେବେ ସେଇଠି ଥିଲା ସୁନା ନାନୀର କୁଡ଼ିଆ। ତା'ପରେ ଚାରି ପାଞ୍ଚ ହାତ ଅରମା। ତା'ପରେ ମଣି ମିଶ୍ରଙ୍କ ଘର। ମଣି ମିଶ୍ରେ ବିଖ୍ୟାତ କବି ଶ୍ରୀ ହରିହର

ମିଶ୍ରଙ୍କ ନନା (ବାପା)।

ଗୋଟେ ଲମ୍ବା ପିଣ୍ଡା। ତା' ଉପରେ ଏପଟ ସେପଟ ହେଉଥିବେ ଜଣେ ଲମ୍ବା ମଣିଷ। ଭାବେ, ଏଇ ବୋଧେ ମଣି ମିଶ୍ରେ। ତିନିଟା ଚାରିଟା ବେଳକୁ ତାଙ୍କ ପିଣ୍ଡାରେ ଥାଏ ଗୋଟେ ଶିଳ। ମିଶ୍ରେଙ୍କ ସହ ଆଉ ଜଣେ ଦୁଇ ଜଣ ସେଠାରେ ଥାଆନ୍ତି। ମୁଁ ଜାଣି ନ ଥାଏ ସେମାନେ କିଏ। ଶିଳରେ କ'ଣ ଗୋଟେ ବଟା ଚାଲିଥାଏ। ମୁଁ ସେମାନଙ୍କୁ ଚାହିଁ ଚାହିଁ ସେ ଖଣ୍ଡକ ପାର ହେଇଯାଏ। ସେ ଶିଳରେ କ'ଣ ବଟା ଚାଲିଥାଏ; ସେକଥା ତ ମୁଁ ବଡ଼ ହେଲା ପରେ ବୁଝିପାରିଲି।



କିନ୍ତୁ ସେ ପିଣ୍ଡା, ସେ ମଣିଷମାନେ, ସେ ଭାଙ୍ଗ ବଟାର ଦୃଶ୍ୟ କାହିଁକି କେଜାଣି ମତେ ଭାରି ଭଲ ଲାଗେ। ମୁଁ ସେଇ ସବୁ ଦୃଶ୍ୟକୁ ଅନେଇ ଅନେଇ କେତେବେଳେ ସେ ଖଣ୍ଡକ ପାର ହେଇଯାଇ ପହଞ୍ଚି ଯାଇଥାଏ ଦାମ ମହାପାତ୍ରଙ୍କ ଘର ପାଖେ।

ଏବେ ଦିନେ ହରି ଭାଇନା (କବି ହରିହର ମିଶ୍ର)ଙ୍କ ଘରକୁ ଯାଇଥିଲି। ସାହି ଚିହ୍ନି ପାରିଲିନି। ଘର କଥା ଦୂର। କେବଳ 'ଶଙ୍ଖନାଭି' ନାଁ ରୁ ଘରଟି ଚିହ୍ନିଲି। ଅଦୃଶ୍ୟ ଥିଲା ସୁନା ନାନୀ କୁଡ଼ିଆ। ଲମ୍ବା ପିଣ୍ଡା ମିଶ୍ରଙ୍କ ପୁରୀଆ କଥା, ସୁନା ନାନୀର ଗାଳି ଭାଙ୍ଗବଟା ଦୃଶ୍ୟର ଅପୂର୍ବ ମହକ ଆବୋରି ଯାଉଥିଲା ମନକୁ। ମୁଁ ଭିତରେ ଭିତରେ ଓଦା ହୋଇଯାଉଥିଲି। କୁଆଡ଼େ ହଜିଗଲା ସେ ଦିନ ସବୁ!!

ଏମିତି ଦିନେ ବାନାମ୍ବର ଛକରୁ ସାହି ଆଡ଼କୁ ଆସୁଥିଲି। ଜଣେ ଭାଇନା; ସେତେବେଳେ ସେ ପଢୁଥିଲେ କି ଚାକିରି କରିଥିଲେ କି କ'ଣ ତାଙ୍କ କାମ ଥିଲା ସେ ବିଷୟ ମୁଁ ଜାଣେନି। ମୁଁ ଅନେକ ସମୟରେ ଦେଖେ ତାଙ୍କ ଘରୁ ସେ ଓ ଜଣେ ଅନ୍ଧ ଦେଖାଯାଉଥିବା ବୁଢ଼ୀ ହିଁ ବାହାରନ୍ତି। ଆଉ କାହାକୁ କେବେ ଦେଖିନି। ସେଦିନ ମୁଁ ଏକା ଫେରୁଥାଏ। ଭାଇନା ଜଣକ ମତେ ସୁନା ନାନୀ ଓ ମଣି ମିଶ୍ରଙ୍କ ଘର ମଝିର ସେଇ ଅରମା ଆଡ଼କୁ ଭିଡ଼ି ନେଲେ। ମୁଁ ଆଶ୍ଚର୍ଯ୍ୟ ହେଇ ତାଙ୍କୁ ଚାହିଁଥାଏ। ହଠାତ୍ କିଛି କହିପାରିଲିନି। ତା'ପରେ ସେ ଯେତେବେଳେ ମତେ କହିଲେ, ' ରହ , ପାଟି କରେନା। ସୁନା'ନୀ ଘରକୁ ଯିବା ଚାଲେ।'

ମତେ କାବା କାବା ଲାଗିଲା। ମୁଁ ସୁନା ନାନୀ ଘରକୁ କାହିଁକି ଯିବି, ବୁଝିପାରିଲିନି। ତା' ଛଡ଼ା ସୁନା ନାନୀ ତ ଏ ସମୟରେ ପାଣି ଦେବାକୁ ସାହି ଭିତରକୁ ଯାଇଥିବ! ସେତେବେଳେ ଦାଣ୍ଡ ମ୍ୟୁନିସିପାଲିଟି କଳରୁ ପାଣି ବୁହା ହେଇ ଘରକୁ ଆସେ। ଆଉ ସୁନା'ନୀ ତ ଏଡ଼େ କାଣ୍ଡେଇ। ସବୁବେଳେ କ'ଣ ନାଇଁ କ'ଣ ବକୁଥାଏ। ମୁଁ କାହିଁକି ତା' ଘରକୁ ଯିବି ? ଜାଣିନି। ମତେ କାହିଁକି କେମିତି ଗୋଟେ ଲାଗିଲା। ମୁଁ ଅଚାନକ୍ ଦୌଡ଼ିକି ଘରକୁ ପଳେଇ ଆସିଲି। ସେତେବେଳକୁ ମୁଁ ପୂରା ଧଁ ସଁ। ବୋଉ ପଚାରିଲା - କ'ଣ ହେଲା ? ଧାଇଁ ଧାଇଁ କାଇଁକି ଆସିଲୁ ? ପଡ଼ି ଯାଇଥାନ୍ତୁ!

ବୋଉକୁ ସବୁ କଥା କହିଲି। ଅଣ୍ଟାରେ ଲୁଗା ଗୁଡେଇ ବୋଉ ଆସିଲା। କ'ଣ କ'ଣ ତାଙ୍କୁ ବକିଥିଲା, ମୋର ମନେ ନାହିଁ। ସେ ଘଟଣାର ଅନେକ ଦିନ ଅନେକ ମାସ ଏବଂ ଅନେକ ବର୍ଷ ପରେ ମୁଁ ସେ ଭାଇନାଙ୍କ ଅସଲ ଉଦ୍ଦେଶ୍ୟ ବୁଝିପାରିଥିଲି।

ମୋ ବାହାଘରର ପାଞ୍ଚ ଛ' ବର୍ଷ ପରେ ଦିନେ ଦେଖିଲି ସେ ବ୍ୟକ୍ତି ଜଣକ ଆମ ବସ୍‌ରେ କଣ୍ଡକ୍ଟର କାମ କରୁଥିଲେ। ପରବର୍ତ୍ତୀ ସମୟରେ ବାପା ବସ୍ ବିଜନେସ୍‌ରେ ଥିଲେ। ତାଙ୍କୁ ଦେଖି ମୋର ସେକଥା ମନେ ପଡ଼ିଗଲା। ସେକଥା ମୋର ଯଦି ମନେ ଅଛି, ତାଙ୍କର ବି ତ ମନେ ଥିବ ନା!

ବୋଉ ଗୋଟେ ଅଭେଦ୍ୟ ଢାଲ!

□□

ଲେଖିକା ଇ-ମେଲ ଠିକଣା:
sailabala.mahapatra@gmail.com


ଗଳ୍ପ

# ଚନ୍ଦ୍ର



ଯଦୁନାଥ ପଣ୍ଡା

ସଚେତନ ଜୀବନରେ ପ୍ରଥମ ଥର ବୋଉ ଭଳି ମମତାମୟୀ ମଣିଷଟି ଉପରେ ଶୁଭୁର ବିଶ୍ୱାସ ଚହଲି ଯାଇଥିଲା ସେଦିନ, ଯେଉଁଦିନ ତା'ର ମାଇନର ସ୍କୁଲର ଶିକ୍ଷକ ଚନ୍ଦ୍ର ବିଷୟକ ଅଧ୍ୟାୟଟିର ଆରମ୍ଭ କରିବା ପୂର୍ବରୁ ପ୍ରାରମ୍ଭିକ ସୂଚନା ଭାବରେ ଶ୍ରେଣୀରେ ପିଲାମାନଙ୍କ ସାଧାରଣ ଜ୍ଞାନ ପରୀକ୍ଷା କରିବା ପାଇଁ ଜହ୍ନରେ ଥିବା କଳାଦାଗଗୁଡ଼ିକ ସବୁ କ'ଣ ବୋଲି ପଚାରି ଥିଲେ। ଭଲ ପାଠ ପଢୁଥିବାରୁ, ନିପଟ ମଫସଲରୁ ନିକଟରେ ଅପର ପ୍ରାଇମେରୀ ପାସ୍ କଲାପରେ ସେଠି ମାଇନର ସ୍କୁଲ୍ ଅଭାବରେ, ନିତି ତିନି କୋଶ ବାଟ ଚାଲି ଶୁଭୁକୁ ଅଳ୍ପ ମଫସଲ-ମିଶ୍ରିତ ମଧୁବନ ବଜାରର ମାଇନର ସ୍କୁଲ୍‌କୁ ପଢ଼ିବାକୁ ଯିବାକୁ ହେଉଥିଲା।



ଶାସ୍ତ୍ରବିଦ୍ୟା ବିବର୍ଜିତ ବଜାରିଆ ପିଲାମାନେ ଯେ ଶିକ୍ଷକ ପଚାରିଥିବା ବିଷୟରେ ନିଶ୍ଚିତ ଅଜ୍ଞ ଥିବେ ଏବଂ ପୁରାଣ ବର୍ଣ୍ଣିତ ଏ ଗୂଢ଼ ତଥ୍ୟ ବିଷୟରେ ସେ ହିଁ କେବଳ ସଚେତନ ଏହି ଆତ୍ମବିଶ୍ୱାସରେ ଉତ୍ତର ଦେବାକୁ ଆଗଭର ହୋଇଥିଲା ଶୁଭୁ। ଅତି ଉତ୍ସାହରେ ସେ ବୋଉଠାରୁ କେତେଥର ଶୁଣିଥିବା କାହାଣୀଟି ଭିତ୍ତିରେ ଉତ୍ତର ଦେଇଥିଲା- ଚନ୍ଦ୍ରକୁ ଜଳ ଭାବି ଧାଇଁଧାଇଁ ମରିଥିବା ବିଚରା ଶୋଷିଲା ଠେକୁଆଟିର ଛବି ଚନ୍ଦ୍ରମା ଦେହରେ ଆଜିଯାଏ କଳଙ୍କର ଦାଗ ହେଇ ରହିଛି; ସେଇ ତ ସେ କଳାଦାଗ।

ତଥାପି ପୁରାଣ ଯୁଗରେ ବାସ କରୁଥିବା ନବାଗତ ମଫସଲି ସାଙ୍ଗଟିର ନିରୀହ ଅଜ୍ଞତାକୁ ଉପହାସ କରି ନିଜକୁ ଅପେକ୍ଷାକୃତ ଅଗ୍ରଗାମୀ ମନେ କରୁଥିବା କେତେଜଣ ସହପାଠୀ ଶିକ୍ଷକଙ୍କ ସହ ମିଶି ହାସ୍ୟରୋଳରେ ଫାଟି ପଡ଼ିଥିଲେ। ପରେ ଅଗ୍ରଣୀ ସହପାଠୀଙ୍କ ମଧ୍ୟରୁ ଜଣେ ଉତ୍ତର ଦେଇଥିଲା- ସେସବୁ ଚନ୍ଦ୍ର ପୃଷ୍ଠରେ ଥିବା ବଡ଼ ବଡ଼ ଗହ୍ୱର ଏବଂ ପାହାଡ଼ର ଛବି, ଯାହାକୁ ଶିକ୍ଷକ ପରେ ଆହୁରି ପ୍ରାଞ୍ଜଳ ଭାବରେ ବିଜ୍ଞାନର ନୂଆନୂଆ ଆବିଷ୍କାରର ସୂଚନା ଦେଇ ବୁଝେଇ ଦେଇଥିଲେ।

ଉପହସିତ ଶୁଭୁ ମନଟା ଗୋଟେ ହୀନମନ୍ୟତା ସାଙ୍ଗକୁ ବୋଉ ଉପରେ କେତେ ଅଜଣା ଅଭିମାନରେ ଭରିଯାଇଥିଲା ସେଦିନ। ବୋଉଟା ସତରେ ଏଡ଼େ ମିଛେଇ? ଏମିତି ମିଛକଥାରେ ତାକୁ ଭୁଲେଇ ଦେଇ କି ଲାଭ ହଉଥିଲା ତା'ର? ପିଲାଦିନେ ଅଝଟିଆ ଶୁଭୁକୁ କାଖରେ ଧରି ଜହ୍ନମାମୁଁ ଆଡ଼କୁ ହାତଠାରି ଗୀତ ଗାଇଗାଇ କେତେଥର ଏ କାହାଣୀଟି କହିଛି ବୋଉ- ଥିଲା ଯେ ଗୋଟେ କୁନି ଠେକୁଆ.....ଛନଛନିଆ ରୁମ ଆଉ ମୁଚୁମୁଚିଆ କାନ ....। ସବୁଥର ଶୁଭୁର କୁନି ଛାତି ଭିତରଟା ହାହାକାର କରି ଉଠିଛି- ଏଡ଼େ ସୁନ୍ଦର କୁନୁମୁନିଆ ଠେକୁଆଟି ପାଣି ମୁନ୍ଦେ ନ ପାଇ ମରିଗଲା? ହାଏ!। କେବେକେବେ ସେ ସଞ୍ଜରେ ଏକା ଏକା ଜହ୍ନମାମୁଁ ଦେହରେ ଥିବା ଠେକୁଆଟିର କଳା ଛାଇ ଆଡ଼କୁ ବିଷଣ୍ଣ ମନରେ ଚାହିଁ ଭାବିଛି ବିଚରା ଠେକୁଆଟି ଯେମିତି ତାକୁ ପାଣି ମୁନ୍ଦେ ଦେଇ ପାରି ନ ଥିବା ଏ ନିଷ୍ଠୁର ପୃଥିବୀ ଉପରେ ଅଭିମାନ କରି ଯାଇ ଜହ୍ନ ଦେହରେ ରୁଷି ବସିଛି। ହାଏ କେମିତି ଏକାଏକା ରହୁଛି କେଜାଣି ସେଠି ସେ, ତା' ବୋଉ ତ ସେଠି ନ ଥିବ?

ଅଥଚ ଆଜି ଜାଣିଲାବେଳକୁ ସବୁ ମିଛ! ଶୁଭୁକୁ ଲାଗିଥିଲା ଯେମିତି ନିଜେ ଏ ବୋଉଟା ବି ଗୋଟେ ମିଛ। ଏ ଯାକେ ଜିଇଁ ଆସିଥିବା ଏ ବୋଉକୈନ୍ଦ୍ରିକ ଜଗତଟାକୁ ପ୍ରଥମ କରି ସନ୍ଦେହ ଦୃଷ୍ଟିରେ ଦେଖିଥିଲା ସେ। ବୋଉମୟ କାଳ୍ପନିକ ଜଗତ ବାହାରେ ଆହୁରି ଯେ ଏକ ବାସ୍ତବତର ଜଗତ ରହିଛି ତା'ର

ପ୍ରଥମ ସନ୍ଧାନ ସେଦିନ ପାଇଥିଲା ସେ। ସତରେ ଏମିତି ଏକ ଅନଗ୍ରସର, ଅପନ୍ତରା ବୋଉମୟ ଜଗତ ଭିତରେ ଏ ଯାକେ ସେ ବଢ଼ି ଆସିଥିଲା ! ମଧୁବନ ବଜାରରୁ ତା' ଗାଆଁର ଦୂରତା ସେଦିନ ପ୍ରଥମ କରି ମାପିଥିଲା ସେ।

ପୁରାଣ, ଶାସ୍ତ୍ର ତଥା ଆଈ ଭଳି ସ୍ନେହଶୀଳା ଆଦରର ମଣିଷଟିର କାହାଣୀ କି ଗୀତ– ଏସବୁରୁ ଯେତେ ଉଦ୍ଧୃତି ଦେଇ ବୁଝେଇବାକୁ ଚେଷ୍ଟା କଲେ ବି ଶୁଭୁର ହୃତ ବିଶ୍ୱାସକୁ ଫେରେଇ ଆଣିବାକୁ ସଫଳ ହୋଇ ନ ଥିଲା ବୋଉ। ଶେଷରେ ଦିନେ କଥା ପହଞ୍ଚିଥିଲା, ଅନେକ ପାଞ୍ଜି ପୁରାଣରେ ପଣ୍ଡିତ ବୋଲି ପ୍ରସିଦ୍ଧ, ସଂସ୍କୃତ ବିଶାରଦ ତଥା ସେ ଅଞ୍ଚଳର ପ୍ରତ୍ୟେକ ପୂଜା, ପାର୍ବଣରେ ପୁରୋହିତ ସାଜି ଯାଉଥିବା ଶୁଭୁର ବୃଦ୍ଧ ବଡ଼ବାପାଙ୍କ ଇଜ୍‌ଲାସ୍‌ରେ। ଗାଆଁର ପଣ୍ଡିତ ହିସାବରେ ତାଙ୍କ ପୌରୋହିତ୍ୟରେ ନିତି ସନ୍ଧ୍ୟାରେ ତାଙ୍କ ଘରେ ପୁରାଣ ଚର୍ଚ୍ଚାରେ ଆସର ବସୁଥିଲା। ସେଦିନ ସନ୍ଧ୍ୟାରେ ଧୂପେ ଗଞ୍ଜେଇ ସେବନ ପରେ ବିଶେଷ ଆଲୋଚନାର ବିଷୟ ଥିଲା ଶୁଭୁ ପ୍ରଚାରିତ ଏ ତଥାକଥିତ ବୈଜ୍ଞାନିକ ତଥ୍ୟର ସତ୍ୟତାକୁ ନେଇ। ଏ ବିଷୟରେ ପ୍ରକୃତରେ ପୁରାଣ କ'ଣ କହୁଛି !... ଶୁଭୁ ଆମର ଛୋଟ ପିଲା ହେଲେ କ'ଣ ହେବ, ଏତେ ପାଠ ଯାଇ ପଢ଼ିଲାଣି, ପୁଣି ମଧୁବନ ଭଳିଆ ଏଡ଼େ ବଡ଼ ବଜାର ଜାଗାରେ,.... କ'ଣ ବଡ଼ ଗହନ କଥାଟେ ନିଶ୍ଚେ କହୁଥିବ ସେ..।

**ଚନ୍ଦ୍ର ଭାରି ଶାନ୍ତ ଗ୍ରହ, ହେଲେ ବି ଯାହା ଉପରେ ଥରେ କୋପଦୃଷ୍ଟି ଦେବେ ତା'ର ଆଉ ରକ୍ଷା ଅଛି ?**

"....ଏଇଆକୁ କହନ୍ତି ମ୍ଳେଚ୍ଛ ବିଦ୍ୟା, ମାଳିକା ମିଛଟାରେ କହିଥିଲା ?" ବୁଝେଇ ଥିଲେ ବୁଢ଼ା ପଣ୍ଡିତେ ଓରଫ୍ ଶୁଭୁର ବଡ଼ବାପା....... ଏସବୁ ସେଇ ଦରିଆପାରି ଫିରିଙ୍ଗିଙ୍କ ଫିସାଦି। ବୈଜ୍ଞାନିକ ଆଉ କିଏ କି, ଏଇ କିରସ୍ତାନୀ ବ୍ରିଟିଶ ପରା। ଏଇ କିରସ୍ତାନୀ ବୈଜ୍ଞାନିକ ହେଲେ ଦାନବମାନଙ୍କର ବଂଶ। ସେଇଥିପାଇଁ ପରା ଦେବତାଙ୍କୁ ନିନ୍ଦା କରି ଏ ଇଂରେଜୀ ବହି ସବୁ ସେ ଲେଖିଛନ୍ତି। ସେଇ ଇଂରାଜୀ ବହିରୁ ଶିଖି ଏ ମୂର୍ଖ ମାଷ୍ଟର ସବୁ ଯୋଉ ମ୍ଳେଚ୍ଛ ବିଦ୍ୟା ପଢ଼ଉଛନ୍ତି ଏ ପିଲା ସବୁ ସେୟା ଶିଖୁଛନ୍ତି। ପାଠ ନାଆଁରେ ସବୁ ଅପାଠ ଶିଖଉଛନ୍ତି।......ପ୍ରଳୟ କାଳ ଆଉ ବେଶି ଡେରି ନାହିଁ ଜାଣ...."

ଶୁଭୁକୁ ପାଖକୁ ଡାକି ବୁଝେଇ କହିଥିଲେ ବୁଢ଼ା "ହଇରେ ଏଡ଼େ ସାହସ ତୋର ସେ ମାଷ୍ଟରର ? ଯୋଗୀ, ମୁନି, ଋଷି ତପସ୍ୟା କରି ଯୋଉ ସୃଷ୍ଟିର ମାୟାବୁଝି ପାରୁନାହାନ୍ତି......। ଚନ୍ଦ୍ର ପରା ନବଗ୍ରହଙ୍କ ଭିତରୁ ଜଣେ, ସେ ମାଷ୍ଟର କହିଲା କ'ଣ ନା ଚନ୍ଦ୍ର ଉପଗ୍ରହ, ମାନେ ଗ୍ରହମାନଙ୍କ ତଳକୁ ? ସେ ମାଷ୍ଟରକୁ କ'ଣ ଅକାଳ ଘୋଟିଲାଣି କି ? ଚନ୍ଦ୍ର ଭାରି ଶାନ୍ତ ଗ୍ରହ, ହେଲେ ବି ଯାହା ଉପରେ ଥରେ କୋପଦୃଷ୍ଟି ଦେବେ ତା'ର ଆଉ ରକ୍ଷା ଅଛି ? ଚନ୍ଦ୍ରରିଷ୍ଟ ଯାହାକୁ ରହିବ ତା' ଜୀବନକୁ ଆଉ ଭରସା ଅଛି ? ତୁ ଆମର ଆଉ ସେମିତି ମୋଟେ କହିବୁନି। ସେ ଧର୍ମଛଡ଼ା ମାଷ୍ଟର କି ସେ ବଜାରିଆ ଛୁଆ ସେ କଥା ତାଙ୍କର କହୁ ଥାଆନ୍ତୁ......"

ମନେମନେ ବଡ଼ବାପା ଓ ବିଜ୍ଞାନ ଶିକ୍ଷକଙ୍କ ମଧ୍ୟରେ ବୟସ, ବିଦ୍ୟା ଏବଂ ଚେହେରାର ତୁଳନାତ୍ମକ ସାରଣୀଟିଏ ତିଆରି କରିଥିଲା ଶୁଭୁ। ଲମ୍ବା ଚୁଟିରେ ଫୁଲ ବାନ୍ଧି, ଚିତା ଚନ୍ଦନ ହେଇ ଠାକୁର ଘରେ ନିତି ଦି'ଘଣ୍ଟା ନିଭୃତରେ ମନ୍ତ୍ରତନ୍ତ୍ର ପାଠ କରି କଟଉଥିବାରୁ ନିଶ୍ଚିତ ଅଲୌକିକ ବିଦ୍ୟା ସମ୍ପନ୍ନ ହେଇ ଧ୍ୟାନ ବଳରେ ଦେବଦେବୀଙ୍କ ସମ୍ବନ୍ଧରେ ବିଶେଷ ଖବର ରଖୁଥିବେ ବଡ଼ବାପା। ଶୁଭୁର ବି ମନେ ପଡ଼ିଥିଲା କୁଆଁର ପୁନେଇ ଦିନ ସଞ୍ଜକୁ ଚାନ୍ଦ ବନ୍ଦେଇବାକୁ ଗାଁ ପୁଅଙ୍କର ନଈରେ ପହଁରି କଇଁଫୁଲ ତୋଳା। ସଞ୍ଜକୁ ଗାଁ ଝିଅମାନଙ୍କର ମୁଣ୍ଡରେ ଯୋଡ଼ା ବେଣୀ ବାନ୍ଧି କପାଳରେ ଟୋପିଟୋପି ଚନ୍ଦନ ଲଗେଇ ଚାନ୍ଦ ବନ୍ଦାଣ ସାଙ୍ଗକୁ ଜଟା ମାଷ୍ଟର ଶିଖେଇଥିବା ମନମତାଣିଆ ଗୀତର ଲହର – ଉଦିବେ ଗୋ ଏବେ ଦୂର ଗଗନେ, କୁଆଁର ପୁନେଇ ଚାନ୍ଦ ବହନେ, ଆସ ଗୋ ଆଳି ଆସ ଗୋ ଆଳି ସଜାଡ଼ି ରଖିବା ଅରଘ୍ୟ ଥାଳି।

ଶୁଭୁ ଉତ୍ସାହିତ ହେଇ ପଚାରିଥିଲା "ଆଚ୍ଛା ବଡ଼ବାପା, ଜହ୍ନମାମୁଁ ତା'ହେଲେ କ'ଣ ସତରେ ଦେବତା ?"


"ଆରେ କହିବାକୁ ଅଛି ! ମାଆ ଲକ୍ଷ୍ମୀଙ୍କର ପରା ଭାଇ ସେ, ସମୁଦ୍ର ମନ୍ଥନରୁ ଜନ୍ମ ହେଇଛନ୍ତି ଦିହେଁ। ସେଥିପାଇଁ ସାରା ଜଗତର ମାମୁଁ ସେ। ଦେବତା ନ ହେଇଥିଲେ ସେ ଘଣ୍ଟାକଣ୍ଟା କିଛି ନ ଥାଇ ସବୁଦିନ ଠିକ୍ ଘଡ଼ିମାରି କେମନ୍ତେ

ଉଦୟ ଅସ୍ତ ହେଉଥାଆନ୍ତେ? ସବୁ ବିଧିର ବିଧାନ ପରା। ତାଙ୍କୁ ଏ ମୂର୍ଖ ମାଷ୍ଟର କ'ଣ ବୁଝିବ?"

"ବଡ଼ବାପା! ଜହ୍ନମାମୁଁ ଏମିତି କାହିଁକି ଉଦେ ହେଉଛନ୍ତି?"

"ଆରେ କଇଁ ପରା ତାଙ୍କ ଭାରିଜା। ଜଗତବାସୀଙ୍କୁ ଆଲୁଅ ଦେଖେଇବେ ପୁଣି ତାଙ୍କ ଭାରିଜାକୁ ଭେଟିବେ, ସେଇଥିପାଇଁ ଦେଖିବୁ ଜହ୍ନ ଉଇଁଲେ କେମିତି କଇଁ ଫୁଟେ। ଭଞ୍ଜକବି ଉପେନ୍ଦ୍ର ପରା ପଦ ବାନ୍ଧିଲେ - କେତେ ଦୂରେ ଚାନ୍ଦ କେତେ ଦୂର କୁମୁଦିନୀ, ପ୍ରୀତି ଅଭେଦ ତାଙ୍କର...."

ଶୁଭୁ ସଞ୍ଜବେଳେ ଚୁପିଚୁପି ଯାଇ ଗଡ଼ିଆକୁ ଅନେଇ ବଡ଼ବାପାଙ୍କ କଥାର ସତ୍ୟତା ପରୀକ୍ଷା କରିଥିଲା। ସତ କଥା ତ ଜହ୍ନ ଉଇଁଲେ କଇଁ ଫୁଟୁଛି!



ଦୁନିଆ କିନ୍ତୁ ତା'ର ଦୋହଲିବାକୁ ଲାଗିଥିଲା ପେଣ୍ଡୁଲମ୍ ଭଳି, ସତ ଆଉ ମିଛ ମଝିରେ। ସତରେ କ'ଣ ଚନ୍ଦ୍ର ଗୋଟେ ଦେବତା? ଚନ୍ଦ୍ର ଗୋଟେ ଗ୍ରହ ନା ଉପଗ୍ରହ? ପୁରାଣ ଠିକ ନା ପଢ଼ା ବହି? ବଡ଼ ଅଡୁଆରେ ପଡିଯାଇଥିଲା ଶୁଭୁ। ଏ ପ୍ରଶ୍ନଟା ଯଦି ପରୀକ୍ଷାରେ ଆସେ? କ'ଣ ଲେଖିବ ସେ? ଯଦି ବଡ଼ବାପାଙ୍କ କଥା ଲେଖେ ତ ସାର୍ ଫେଲ୍ କରେଇ ଦେବେ, ଆଉ ଯଦି ସାର୍‌ଙ୍କ କଥା କି ପଢ଼ାବହି କଥା ଲେଖେତ ହୁଏତ ଚନ୍ଦ୍ରରିଷ୍ଟ ଲାଗିଯିବ! ହେ ପ୍ରଭୁ, ଏ ପ୍ରଶ୍ନ ପରୀକ୍ଷାରେ ନ ଆସନ୍ତା କି! ଶୁଭୁ ମନେମନେ ଠିକ୍ କରିନେଲା ଯଦି ଏ ପ୍ରଶ୍ନ ପରୀକ୍ଷାରେ ନ ଆସେ ତେବେ ଚନ୍ଦ୍ର ଦେବତା, ଯଦି ଆସେ ଚନ୍ଦ୍ର ଦେବତା ନୁହେଁ। ବାସ୍, ସେଣିକି ବଡ଼ବାପା କି ସେ ସାର ତାଙ୍କ ତାଙ୍କ ଭିତରେ କଳି ଲାଗନ୍ତୁ ; ତା'ର ସେଥିରୁ କି ଯାଏ ଆସେ! କିନ୍ତୁ, ଯେତେବେଳେ ବି ଆକାଶର ଜହ୍ନ ତା' ଆଖିରେ ପଡୁଥିଲା ଏ ପ୍ରଶ୍ନ ତା'ମନକୁ ଆପେ ଆପେ ଆବୋରି ବସି ତାକୁ ବଡ଼ ହନ୍ତସନ୍ତ କରି ପକଉଥିଲା। ମାୟାବୀ ଜହ୍ନ ଏକ ନିରନ୍ତର ପ୍ରଶ୍ନବାଚୀ ବନିଯାଇଥିଲା ତା' ପାଇଁ।

ଏମିତି ଏକ ବିଶ୍ୱାସ ଅବିଶ୍ୱାସର ଦୋଦୁଲ୍ୟମାନ ଦୁନିଆରୁ ନିସ୍ତାର ପାଇଥିଲା ଶୁଭୁ, ଯେଉଁଦିନ ଶ୍ରେଣୀରେ "ମେନ୍? ଅନ୍ ଦି ମୁନ୍?" ବିଷୟଟି ମଣିଷର ଚନ୍ଦ୍ର ଅବତରଣ ସମ୍ବନ୍ଧରେ ସବିଶେଷ ତଥ୍ୟ ଦେଇ ପଢାଯାଇଥିଲା। ସେତେବେଳକୁ ଏକ ବୃହତ୍ତର ପୃଥିବୀ ସହ ଦୁଇ ବର୍ଷର ସମ୍ପର୍କଜନିତ ପ୍ରସାରିତ ଦୃଷ୍ଟିଭଙ୍ଗୀ, ବିଜ୍ଞାନ ଏବଂ ବୈଷୟିକତା ଉପରେ ନିର୍ଭରଶୀଳ କିଞ୍ଚିତ ସହରୀ ଜୀବନଶୈଳୀ ସହ ପ୍ରତ୍ୟକ୍ଷ ସମ୍ପର୍କ ଏବଂ ଶ୍ରେଣୀର ପଢ଼ାଯାଉଥିବା ବିଜ୍ଞାନର ଚମତ୍କାରିତା- ଏ ସବୁର ପ୍ରଭାବରେ କଳ୍ପନା ଏବଂ ବାସ୍ତବତା ଭିତରେ ଫରକ୍ ଠଉରେଇ ନେଇ ପାରିବାରେ ଅପେକ୍ଷାକୃତ ଭାବେ ସକ୍ଷମ ହେଇଯାଇଥିଲା ଶୁଭୁ। ଏଥର ଆଉ ଅବିଶ୍ୱାସ ଲାଗୁ ନ ଥିଲା ଯେ ଆର୍ମଷ୍ଟ୍ରଙ୍ଗ ଏବଂ ଆଲ୍‌ଡ୍ରିନ୍ ନାମକ ଏହି ପୃଥିବୀର ଦି'ଜଣ ମଣିଷ ଯାଇ ଚନ୍ଦ୍ର ଉପରେ ପାଦ ରଖି ତା'ର ଦେବତ୍ୱର ଅହମିକାକୁ ଅବଦମିତ କରି ଆସିଲେଣି। ତା'ର ସମସ୍ତ ରହସ୍ୟମୟତାକୁ ଉଦ୍‌ଘାଟିତ କରିସାରିଲେଣି।

"ଏକ ଛୋଟ ମଣିଷର ପଦପାତ, ମଣିଷ ସଭ୍ୟତାର ଏକ ବିରାଟ ପଦକ୍ଷେପ"। ଚନ୍ଦ୍ର ପୃଷ୍ଠରେ ମଣିଷର ବିଜୟ ପତାକା! ଶୁଭୁ ଆକାଶକୁ ହାତ ବଢ଼ଉଥିଲା, ହୁଏତ ଜହ୍ନକୁ ଓଟାରି ଆଣିବ। ଏ ଭିତରେ ସେ ବୋଧେ ଅନେକ ଲମ୍ବା ହେଇଯାଇଥିଲା, ଗୋଟେ ସ୍ୱପ୍ନ ଭଳି, ଜହ୍ନ ଦେହରେ ତା' ଦର୍ପିତ ମୁଣ୍ଡ କେବେ ହୁଏତ ବାଜିଯାଇପାରେ। ସେ ଆଗାମୀର ଆର୍ମଷ୍ଟ୍ରଙ୍ଗ, ହେଇପାରେ ଆହୁରି ସାହସୀ, ଆହୁରି ସ୍ୱପ୍ନଦର୍ଶୀ।

କେବେକେବେ ଜହ୍ନକୁ ଦେଖିଲେ ଶୁଭୁକୁ ଲାଗୁଥିଲା ଜହ୍ନଟା ଯେମିତି ଆର୍ମଷ୍ଟ୍ରଙ୍ଗଙ୍କ ଜୋତା ତଳେ ମକଚି ହେଇ ଆକାଶରେ ମରିଯାଇଛି ବିଚରା, ଗୋଟେ ଅନାବଶ୍ୟକ ଖପୁରିଟେ ଭଳି ଖାଲି ଯାହା ଦିଗ୍‌ବଳୟ ତଳେ ବିକଳରେ ଲଟ୍‌କି ରହିଯାଇଛି। ଏଥର ଏ ସାରା ଦୁନିଆ ମୁକ୍ତ ତା' ମାୟା ଜାଲରୁ, ମୁକ୍ତ ଶହଶହ ଶୁଭୁ ତାକୁ ନେଇ ଏ ଦୋଦୁଲ୍ୟମାନ ପ୍ରଶ୍ନବାଚୀରୁ!

ଶୁଭୁ ଆଖିରେ ବଡ଼ବାପା ବି ଏବେ ବଡ଼ ଦୟନୀୟ

ଦେଖାଯାଉଥିଲେ, ଏକ ଅବାସ୍ତବ ଦୁନିଆର ଅଧିବାସୀ ବିଚରା! କେବେକେବେ ସେ ଛିଗୁଲେଇ କହୁଥିଲା ତାଙ୍କୁ "ବଡ଼ବାପା ଶୁଣିଲଣି ତମ ଚନ୍ଦ୍ରଗ୍ରହଙ୍କ ମୁଣ୍ଡରେ ମଣିଷ ପାଦଥାପି ଆସିଲାଣି। ତାଙ୍କର ଚନ୍ଦ୍ରଗ୍ରହ ରିଷ୍ଟ ଲଗେଇ କିଛି ବି ଅନିଷ୍ଟ କରିପାରିଲାନି ତ!"

ବଡ଼ବାପାଙ୍କର ସମସ୍ତ ଯୁକ୍ତି, ଶ୍ଳୋକ, ପୌରାଣିକ ଉଦ୍ଧୃତି ହାର୍ ମାନିଲା ପରେ କିଂକର୍ତ୍ତବ୍ୟବିମୂଢ଼ ହୋଇ ବୁଢା କହିଥିଲେ " ଅକାଳ ପରା ଘୋଟିଲାଣି ଆସି। ଖାଲି ଶାସ୍ତ୍ର କହିଛି –'ପାପେ ସକଳେ ଯିବେ ନାଶ'! ଘୋର ଅବିଦ୍ୟା! ଅବିଦ୍ୟାରୁ ଅଧର୍ମ, ଅଧର୍ମରୁ ବିନାଶ। ଧର୍ମଗ୍ଳାନି ଆଉ କ'ଣ କି......"

"ସବୁ ଭଲ ଯେ ହେଲେ ପୁଅଟାକୁ ଘୋର ଚନ୍ଦ୍ରରିଷ୍ଟ ରହିଲା। ଏ ପାଖ ନ ହେଲେ ସେ ପାଖ। ଅକାଳରେ ବାହୁଡ଼େଇ ନେଇପାରେ।"

ଛନକା ପଶିଥିଲା ବି ଶୁଭୁ ବୋଉର ଛାତିରେ, ପୁଅର ଚନ୍ଦ୍ର ବିଷୟରେ ଏଭଳି ଅବମାନନା ସୂଚକ ବାଚାଳତାରେ। ଆତଙ୍କିତ ହେବାର କାରଣ ବି ଥିଲା ଗୁରୁତର। ଶୁଭୁ ଜନ୍ମ ହୋଇଥିଲା ଘୋର ପୂର୍ଣ୍ଣିମା ରାତିରେ। ତିନିଦିନ କାଳ ଜାତକ ଗଣନା କରି ଜ୍ୟୋତିଷ ବିଦ୍ୟା ବିଶାରଦ ତାଙ୍କ ଦେଢ଼ଶୁର ଓରଫ ଶୁଭୁର ବଡ଼ବାପା ଆତଙ୍କ ଖେଳେଇ କହିଥିଲେ - ସବୁ ଭଲ ଯେ ହେଲେ ପୁଅଟାକୁ ଘୋର ଚନ୍ଦ୍ରରିଷ୍ଟ ରହିଲା। ଏ ପାଖ ନ ହେଲେ ସେ ପାଖ। ଅକାଳରେ ବାହୁଡ଼େଇ ନେଇପାରେ। ଆଉ ବଞ୍ଚି ରହିବ ତ ବିଦ୍ୟା, ବୁଦ୍ଧି, ରୂପ ସବୁରେ ଚନ୍ଦ୍ରମା ଭଳି ସଂସାରକୁ ଚମକେଇବ।"

ଶୁଭୁ ବୋଉର ଆତଙ୍କଭରା ଅନୁନୟରେ ପାଞ୍ଜି ପୁରାଣ ଖୋଜି ପ୍ରତିକାର ବତେଇ ଦେଇଥିଲେ ବୁଢ଼ା "ସାନବୋହୂ ମା', ଏକନିଷ୍ଠ ମନରେ ପୂର୍ଣ୍ଣିମା ଉପବାସ କରି ଚନ୍ଦ୍ରଙ୍କ ବ୍ରତ କର। ତାଙ୍କରି ପାଦରେ ଧ୍ୟାନ ଲଗାଅ। ତେଣିକି ସବୁ ତାଙ୍କରି ଦୟା। ପୁଅ ବଡ଼ ହେଇ ନିଜ ଗୋଡ଼ରେ ଠିଆ ହେଲେ ବ୍ରତ ଓଝେଇ ଦେବ ପଛେ ପ୍ରତି ପୁନେଇରେ ଉପବାସ ରଖୁଥିବ।" ତା'ସାଙ୍ଗକୁ ଚନ୍ଦ୍ରଙ୍କୁ ପ୍ରୀତ କରିବା ପାଇଁ ବୁଢ଼ା ପୁଅର ନାଆଁ ରଖିଥିଲେ ଶୁଭ୍ରଦୀପ୍ତ, ଚନ୍ଦ୍ରଙ୍କ ଭଳି ଶୁଭ୍ର ଜ୍ୟୋତିରେ ପ୍ରଦୀପ୍ତ।

ପୁଅର ଚନ୍ଦ୍ର ବିଷୟକ ଏ ଅସ୍ୱାଭାବିକ ବାଚାଳତାରେ ଛାତି ଦକ୍ ଦକ୍ ହେଉଥିଲା ଶୁଭୁ ବୋଉର। କାଳେ କିଛି ଅଘଟଣ ଘଟିଯିବ କି! ଡରିମରି ଗୋପନରେ ଦେଢ଼ଶୁରଙ୍କୁ ପ୍ରତିକାର ବ୍ୟବସ୍ଥା ପଚାରିଥିଲା ସେ।

ପ୍ରତିକାର ବତେଇଥିଲେ ବୁଢ଼ା "ବୁଝିଲ ସାନ ବୋହୂ ମା', ରିଷ୍ଟର ମଧ୍ୟମ କାଳ ଚାଲିଛି। ଏଇ ହେଉଛି ସନ୍ଧିକ୍ଷଣ। ସେଇଥିପାଇଁ ପୁଅକୁ ଏମିତି ବାଚାଳ କରଉଛି। ଏଇଠି ଟିକେ ଜାଗତା ରହିବାକୁ ପଡ଼ିବ। ତମ କହିବା ଆଗରୁ ମୁଁ ଖଡ଼ି ପକେଇ ଦେଖିଛି। ପ୍ରତିକାର ଲେଖୁଛି ଅର୍ଦ୍ଧ ସ୍ୱର୍ଣ୍ଣ ଚନ୍ଦ୍ର, ମାନେ ଅଧା ସୁନାଚାନ୍ଦ। ସୁନାରେ ତିଆରି ଅଧାଚାନ୍ଦ ପୁଅ ବେକରେ ଦିଅ।"

ଅଗତ୍ୟା ଆତଙ୍କିତା ଶୁଭୁବୋଉ ଅଭାବୀ ଜୀବନକୁ ଖାତିର୍ ନ କରି ପୁଅର ରିଷ୍ଟ ଖଣ୍ଡନ ପାଇଁ ବହୁ ଦିନରୁ ସଞ୍ଚିଥିବା କିଛି ପଇସା ସହିତ ନିଜ ମାଆ ଦେଇଥିବା ନୋଲକଟିକୁ ଦେଇ ଶୁଭୁ ବାପାଙ୍କୁ ବାଧ କରିଥିଲା ସୁନା ଚାନ୍ଦ ଗଢେଇ ଆଣିବାକୁ। ଦେଢ଼ଶୁରଙ୍କଠାରୁ ମନ୍ତ୍ରପୂତ କରି ତାକୁ ପୁଅ ବେକରେ ପିନ୍ଧେଇ ଦେଇଥିଲା। କାରଣଟା ବିଷୟରେ ଅଜ୍ଞଥିବା ଶୁଭୁକୁ ସେ ବୁଝେଇ ଦେଇଥିଲା ଯେ ସେଇଟା ବହୁଦିନ ତଳୁ ତା' ପାଇଁ ଆଇ ଦେଇଥିବା ଉପହାର। ଏ ଯାକେ ଖାଲିଟାରେ ଘରେ ପଡ଼ିଥିଲା; ପିଲାଲୋକ କୁଆଡ଼େ କେଉଁଠି ହଜେଇଦେବ ବୋଲି। ଏବେ ତ ଏତେ ପାଠ ପଢ଼ି କେତେ ବଡ଼ଟେ ହେଲାଣି ସେ। ଅଯଥା କାହିଁକି ଜିନିଷଟା ଘରେ ପଡ଼ି ରହିଥିବ।"

ପୁଅର ଏଭଳି ବାଚାଳତାପୂର୍ଣ୍ଣ ଅବମାନନା ଜନିତ ଦୈବରୋଷ ଖଣ୍ଡନ ପାଇଁ ଶୁଭୁବୋଉ ସବୁ ପୁନେଇ ଦିନ ନିର୍ଜଳା ଉପବାସ ରହି ମିନତି କରୁଥିଲା ଚନ୍ଦ୍ରଙ୍କ ପାଖେ "ବାତୁଳ ହଉ ପଛେ ତାକୁ ବଞ୍ଚେଇ ରଖ ହେ ପ୍ରଭୁ। ମୋ ଆଗେ ସେ ପାଗଳ ହେଇ ବୁଲୁଥାଉ ପଛେ ତା' ପାଖରୁ ମୋ ଜୀବନ ଯାଉ।"

ଶୁଭ୍ରଦୀପ୍ତ ପୁଣି ଥରେ ଆଜି ରାଗୁଥିଲା ବୋଉ ଉପରେ। ବୋଉ ପୁଣିଥରେ ମିଛ କହିଛି ତାକୁ, ଭୁଲେଇ ଡକେଇ ଆଣିଛି

କାହିଁ ଦୂର ବିଦେଶରୁ। ବୋଉର ଏମିତି ଦାୟିତ୍ୱହୀନ ଭାବପ୍ରବଣତା ପାଇଁ କିଛିଟା ଅସ୍ୱସ୍ତିରେ ବିରକ୍ତ ହେଇଥିଲା ଶୁଭ୍ରଦୀପ୍ତ। ବୋଉ ଯେମିତି ବୁଝି ପାରୁନି ଆଜି ପୃଥିବୀବାସୀଙ୍କ ଏତେ ଶୁଭେଚ୍ଛା, ସମ୍ମାନ ତା' ଉପରେ ଲଦି ଦେଇଛି କେତେବଡ଼ ମହାଜାଗତିକ ଗୁରୁ ଦାୟିତ୍ୱ- ସେ ଦାୟିତ୍ୱ ପୃଥିବୀରୁ ଆକାଶ, ଆକାଶରୁ ମହାକାଶ ଯାକେ ପରିବ୍ୟାପ୍ତ। ପ୍ରତିଟି ମିନିଟ୍ ଏବେ କେତେ ମୂଲ୍ୟବାନ୍ ତା' ପାଇଁ। ଏଭଳି ଗୋଟେ ମହାଜାଗତିକ ପ୍ରୋଜେକ୍ଟରେ ବଡ଼ ପଦବୀରେ ନିଯୁକ୍ତି ପାଇବା ପରେ ଯେ କି ଗୁରୁଦାୟିତ୍ୱ ତୁଲେଇବାକୁ ପଡ଼େ ବୋଉର ଏମିତି ଦାୟିତ୍ୱହୀନ ଭାବପ୍ରବଣତା ଅନ୍ତତଃ ତାକୁ ଥରେ ବୁଝିବା ଉଚିତ୍ ଥିଲା। ତା' ପ୍ରୋଜେକ୍ଟର ସଫଳ ରୂପାୟନରେ ହୁଏତ ସମଗ୍ର ମାନବ ସଭ୍ୟତାର ସ୍ଥିତି ଏବଂ ବିକାଶ ଆଜି ନିର୍ଭରଶୀଳ। ସେଥିପାଇଁ ସମଗ୍ର ମଣିଷ ସମାଜ ଆଗରେ ଉତ୍ତରଦାୟୀ ତା' ଭଳି ଶୁଭ୍ରଦୀପ୍ତମାନେ।



... ସେମାନେ ବରଂ ଆଜି ମଣିଷ ସଭ୍ୟତା ଆଖିରେ ଦେଇଛନ୍ତି ଆଗାମୀ ଶତାବ୍ଦୀର ସ୍ୱପ୍ନ। ତା' ଭଳି ଜଣେ ମହାକାଶ ବିଜ୍ଞାନୀର ସ୍ୱପ୍ନ କିନ୍ତୁ ନିହାତି ବାସ୍ତବ, ଆର୍ମଷ୍ଟ୍ରଙ୍ଗୀୟ। ବିଶ୍ୱବିଦ୍ୟାଳୟରୁ ବିଜ୍ଞାନାଗାର, ଦେଶରୁ ବିଦେଶ ଅନେକ ଲମ୍ବା ସେ ସ୍ୱପ୍ନର ରାସ୍ତା, ଅନେକ ଗବେଷଣାଲବ୍ଧ ସେ ଅଭିଳାଷୀ ସ୍ୱପ୍ନ। ଆଗାମୀ ଶତାବ୍ଦୀରେ ମାନବ ସଭ୍ୟତା ସମ୍ମୁଖୀନ ହବ ଦୁଇଟି ଉତ୍କଟ ସମସ୍ୟାର – ଶକ୍ତି ଏବଂ ସମ୍ପଦ। ସମାଧାନ କିନ୍ତୁ ତା'ର ଚନ୍ଦ୍ର ପୃଷ୍ଠରେ। ଚନ୍ଦ୍ର ପୃଷ୍ଠରେ ଗଚ୍ଛିତ ରହିଛି ବହୁ ମୂଲ୍ୟବାନ ଖଣିଜ ସମ୍ପଦ, ଯାହା ପୃଥିବୀର କ୍ଷୁଧାର୍ତ୍ତ କାରଖାନାଗୁଡ଼ିକୁ ଶହ ଶହ ବର୍ଷ ଧରି ସଜୀବ ରଖିବା ପାଇଁ ଅନବରତ ଖୋରାକ୍ ଯୋଗେଇ ପାରିବ। ଚନ୍ଦ୍ର ପୃଷ୍ଠରେ ଖଣି ଖୋଳି ସେ ସବୁକୁ କେମିତି ଶସ୍ତା ଏବଂ ସହଜ ଭାବରେ ପୃଥିବୀ ପୃଷ୍ଠକୁ ବୋହି ଆଣିହେବ ତା'ର ସୁପରିକଳ୍ପିତ ପ୍ରକଳ୍ପ ହିଁ ଅନେକ ଉର୍ବର-ମସ୍ତିଷ୍କ ଶୁଭ୍ରଦୀପ୍ତମାନଙ୍କର ବହୁ ଆୟାସସାଧ୍ୟ ଦୀର୍ଘ ଗବେଷଣାପୂର୍ଣ୍ଣ ସାଧନାର ସ୍ୱପ୍ନ। ଚନ୍ଦ୍ରପୃଷ୍ଠରେ ବି ଅତ୍ୟାଧୁନିକ ଯନ୍ତ୍ର ସ୍ଥାପନା କରି ପୃଥିବୀ ପାଇଁ ଯଥେଷ୍ଟ ମହାକାଶୀୟ ଶକ୍ତି ସଂଗ୍ରହ କରାଯାଇ ପାରିବ ଯାହାକୁ ପୃଥିବୀର ଅନ୍ୟାନ୍ୟ ଅଖଣ୍ଡ ଶକ୍ତି ସ୍ରୋତରେ ରୂପାନ୍ତରିତ କରାଯାଇପାରିବ। ପରେ ପରେ ଚନ୍ଦ୍ର ବିକଶିତ ହବ ଗଭୀର ମହାକାଶକୁ ଅବିଷ୍କାର କରିବାକୁ ରହଣି ଆଉ ଉତ୍କ୍ଷେପଣ ସ୍ଥଳ ଭାବରେ। ସେଥିପାଇଁ ପ୍ରତିଯୋଗିତାପୂର୍ଣ୍ଣ ଗବେଷଣା କରିବାକୁ ପୃଥିବୀର ବଛା ବଛା ପ୍ରତିଭାମାନଙ୍କୁ ନେଇ ଗଠିତ ଏଇ ପ୍ରକଳ୍ପରେ ଏବେ ନୂଆ ଯୋଗଦେଇଛି ସେ।

ଅନେକ ଆଖିରେ ଏବେ ଚନ୍ଦ୍ର ଦେଖାଯାଉଥିଲା ଆକାଶ ଛାତିରେ ଜଖ ଭଳି ଜମାଟ ବାନ୍ଧି ଯାଇଥିବା ମୁଣ୍ଡାଏ ସୁନେଲି ସ୍ୱପ୍ନ ଭଳି। ବିଶେଷତଃ, ଅନେକ ବହୁ ରାଷ୍ଟ୍ରୀୟ କମ୍ପାନୀମାନେ ସେମାନଙ୍କ ଟେଲିସ୍କୋପୀୟ ଦୃଷ୍ଟିରେ ଦେଖିଥିଲେ ଚନ୍ଦ୍ର ଦେହରୁ ଆକାଶ ଫଟା ସ୍ୱପ୍ନ-ବର୍ଷାର ସମ୍ଭାବନା, କନଭେୟର ବେଲ୍ଟ ଭଳି ଚନ୍ଦ୍ର ପୃଷ୍ଠରୁ ପୃଥିବୀ ଯାକେ ଲମ୍ବି ଆସିଥିବା ସ୍ୱପ୍ନର ସୁଅ।

ସ୍ୱପ୍ନ-ସମ୍ଭାବନାକୁ ନେଇ ବିଦେଶରେ ଏମିତି ଏକ ଅଭିଳାଷୀ ପ୍ରକଳ୍ପରେ ଉଚ୍ଚ ପଦବୀରେ ଯୋଗଦେବାର ସଫଳତା ଜଣେଇ ବୋଉ ପାଖକୁ ବାର୍ତ୍ତା ପଠେଇ ଥିଲା ଶୁଭ୍ରଦୀପ୍ତ। କିନ୍ତୁ ତା' ପାଖରେ ପହଞ୍ଚି ଥିଲା ପାଲଟା ବାର୍ତ୍ତା- ବୋଉ ଶେଷ ଶଯ୍ୟାରେ, କଥାବାର୍ତ୍ତା ହେବାକୁ ଅକ୍ଷମ, ହୁଏତ ଶେଷଥର ପାଇଁ ଦେଖିବାକୁ ଚାହୁଁଛି। ଯେତେଶୀଘ୍ର ସମ୍ଭବ ଆସିବାକୁ ହେବ। ଏତେ ବଡ଼ ବ୍ୟସ୍ତତା ଭିତରେ, ଅନ୍ତତଃ ଗୋଟେ କର୍ତ୍ତବ୍ୟବୋଧର ତାଡ଼ନାରେ ପରିବାର ସହିତ ଚାଲିଆସିବାକୁ ବାଧ୍ୟ ହେଇଥିଲା ଶୁଭ୍ରଦୀପ୍ତ। ଅଥଚ ଘରକୁ ଆସି ଦେଖେତ ବୋଉ ସମ୍ପୂର୍ଣ୍ଣ ସୁସ୍ଥ ବରଂ ପୁଅର ସପରିବାର ଆସିବାର ଉଚ୍ଛଳତା ଭିତରେ ଅଧିକ ସୁସ୍ଥ। ସାରା ସଂସାରକୁ କୁଆଡ଼େ ନିଜ ବିଦ୍ୟା ବୁଦ୍ଧିରେ ଚମକଉଥିବା ଏଡ଼େ ବଡ଼, ଜ୍ଞାନୀ, ଗୁଣୀ ପୁଅକୁ ତା' ନିରୀହ ଛଳନାରେ ବୋକା ବନେଇଥିବା କଥା ବଖାଣି ଅଧିକ ଆନନ୍ଦିତ ସେ। ପଚାରିଲେ ବି କିଛି କହିବାକୁ ନାହିଁ ଏମିତି ବ୍ୟସ୍ତତାରେ ଡକେଇ ଆଣିବାର କ'ଣ ଆବଶ୍ୟକତା ଥିଲା। ଯେମିତି ସ୍ଥିର ହେଇ କଥା ପଦେ କହିବାକୁ ତର ନାହିଁ ତା'ର। ସବୁବେଳେ ଧାଁ ଧପଡ଼, ବ୍ୟସ୍ତ

ହେଇ କିଛି ଗୋଟେ ଆୟୋଜନରେ ଲାଗିଛି ପରା !

ଦି'ତିନି ଦିନର ରହଣି ପରେ ବୋଉର ଏ ନିରୀହ ରହସ୍ୟମୟତା ଭିତରେ କିନ୍ତୁ ଖୁବ୍ ଅତ୍ୟାଚାରିତ ଅନୁଭବ କରିଥିଲା ଶୁଭ୍ରଦୀପ୍ତ। କର୍ତ୍ତବ୍ୟର ଡାକରାରେ ତାକୁ ଶୀଘ୍ର ଫେରି ଯିବାକୁ ହେବ ବୋଲି ପ୍ରସ୍ତୁତ ହୋଇଥିଲା ସେ।

ଉପାୟ ନ ପାଇ ସେଦିନ ସଞ୍ଜରେ ପୁଅ ଉପରେ ଟିକିଏ ସ୍ନେହଭରା ଅଭିମାନ ମିଶା ସ୍ୱରରେ ମୁହଁ ଓଦା କରି ବୋଉ କହିଲା "ହ ଯିବୁ ତ। ମୁଣ୍ଡକୁ ହାତ ପାଇଲାଣି, ସାତ ସମୁଦ୍ରର ତେର ନଈ ଡେଇଁ ସାରା ଦୁନିଆରେ ଉଡ଼ିଲୁଣି। ମୁଁ ଆଉ କୋଉଠି ତୋତେ କୋଳରେ ପୂରେଇ ରଖିପାରିବି ! ଖାଲି ଯାହା ଆଉ ଦୁଇଟା ଦିନ ମଝିରେ... ଆଉ କ'ଣ ବା କରିଥାଆନ୍ତି ମୁଁ! ତୋର ତ କୋଉ କଥାରେ ବିଶ୍ୱାସ ନାହିଁ। ବାୟାଟାଏ ତୁ, ଯାହା ବୁଝିଥିବୁ ସେୟା। ଏମିତି ଡକେଇ ଥିଲେ ତୁ କ'ଣ ଆସି ଥାଆନ୍ତୁ !... ତାଙ୍କରି ଦୟାରୁ ତାଙ୍କରି ଭଳି ଉଜ୍ଜ୍ୱଳ ହେଇଚୁ, ଦୁନିଆକୁ ଆଲୁଅ ଦେଖାଇଚୁ। ଦେଢ଼ଶୁର ଠିକ୍ କହିଥିଲେ। ଶାସ୍ତ୍ର, ପୁରାଣ, ହାତ, ଜାତକ କ'ଣ କୋଉ କାଳେ ମିଛ ହୁଏ ! ଏ ଅନ୍ଧାରି ଗାଆଁରୁ ଯାଇ ଦରିଆପାରି ଦେଶ ବିଦେଶରେ, ଏତେ ଯଶ ଅର୍ଜିଛୁ - ଏ ଖବରଟା ଯେମିତି ତୋ'ଠାରୁ ପାଇଛି ଆଉ ଥୟହେଇ ରହିପାରିଲିନି। ଭାବିଲି ଆଉ କେତେ ଦିନ ବଞ୍ଚିବି। ଦେବତାଙ୍କ ଠେଇଁ ଋଣୀ ହେଇ ମରିବି, ତାଙ୍କୁ ଭଣ୍ଡେଇ ତୋର ଅମଙ୍ଗଳ କରିବି ଯାହା। ସିଏ ମୋ ଡାକ ଶୁଣିଛନ୍ତି। ଏତେ ଦିନ ବରତଟା କରୁଥିଲି ଏଥର ବଢ଼େଇ ଦେବି। ମାନସିକ କରିଥିଲି ତୋରି ରୋଜଗାରରେ ଭରିଏ ଓଜନର ସୁନା ଚାନ୍ଦଟେ ଦାନ ଦେବି। ଗଢ଼େଇ ରଖିଚି। ତୋରି ମୁଣ୍ଡରେ ଲଗେଇ ବରତଟା ଓଝେଇ ଦେବି। ନିଜ ହାତରେ ସୁନା ଚାନ୍ଦଟା ଦାନ ଦେବୁ। ସବୁ ରିଷ୍ଟ ତୋର ଖଣ୍ଡନ ହବ।... କାଲି ଛାଡ଼ି ପଅରିଦିନ ପୁନେଇ, ଆଉ ଖାଲି ଦିଇଟା ଦିନ, ଟିକିଏ ସବରାତ୍ କରି ରହିଯାଆ। ପୁରୋଇତ ଗୋସେଇଁଙ୍କୁ ଖବର ଦେଇଛି। ହାଏ ! ଆଜି ଯଦି ଦେଢ଼ଶୁର ଥାଆନ୍ତେ, ତାଙ୍କ କଥା ଅକ୍ଷରେ ଅକ୍ଷରେ ଫଳିଲା, କେଡ଼େ ଖୁସି ନ ହଉଥାଆନ୍ତେ ସତେ !....

**ବୋଉ ଆଖିରେ ସଞ୍ଜୁଆ କାକର ଭଳି ଲୁହ ଦି' ବୁନ୍ଦା। ଝରକା ଦେଇ ଝଲକାଏ ଜହ୍ନ ଆଲୁଅ ଝଲସି ଯାଉଥିଲା ତା' ମୁହଁରେ।**

ବୋଉ ଆଖିରେ ସଞ୍ଜୁଆ କାକର ଭଳି ଲୁହ ଦି' ବୁନ୍ଦା। ଝରକା ଦେଇ ଝଲକାଏ ଜହ୍ନ ଆଲୁଅ ଝଲସି ଯାଉଥିଲା ତା' ମୁହଁରେ। ଗାଁଆମୁଣ୍ଡ ଗଛଫାଙ୍କରୁ ଉଙ୍କିମାରି ଅନଉଥିଲା ସଞ୍ଜପହରି ଜହ୍ନ, ସ୍କ୍ରିନ୍ ଆଡ଼େଇ ପାଉଡରମଖା କମେଡ଼ିଆନ୍‌ର ମୁହଁଟେ ଆତ୍ମପ୍ରକାଶ କଲାଭଳି।

..... ଜହ୍ନ ମୁହଁରେ ଝଲକାଏ ହସ, କାହାକୁ ବୋକା ବନେଇ ଥିବାର ନିରୁପଦ୍ରବ ନିରୀହ ଉପହାସ ଭଳି ବେଶ୍ ଜୀବନ୍ତ, ତଥାପି ରହସ୍ୟମୟ, ଚିରନ୍ତନୀ ଏକ ଅସମାହିତ ରୂପେଲି ଗୋଲକ ଧନ୍ଦା ଭଳି।

କିଶୋର ବୟସରେ ବାସ୍ତବ ଅବାସ୍ତବତାର ଝାପ୍‌ସା ଅନ୍ଧାର ଭଳି ଯେଉଁ ପ୍ରଶ୍ନ ଦିନେ ତାକୁ ଆବୋରି ବସି ଅନେକ ଅଡୁଆରେ ପକେଇଥିଲା ସେଇ ପ୍ରଶ୍ନ ପୁଣିଥରେ ଅଜାଣତରେ ମାଡ଼ି ବସୁଥିଲା ଶୁଭ୍ରଦୀପ୍ତକୁ -ପ୍ରକୃତରେ କେଉଁଟା ସତ......ନଡ଼ିଆ ଗଛର ଧୀର ପବନ-ଚହଲା ବାହୁଙ୍ଗା ସେପାଖରୁ ନିରୀହ ଶିଶୁଟେ ଭଳି ଉଙ୍କିମାରି ଅନେଇ ଦେଇଯାଉଥିବା କଳ୍ପନାର ଜହ୍ନମାମୁଁ ନା ମିରଗ ଭଳି ଆକାଶରୁ ଅସରନ୍ତି ସୁନାଅଣ୍ଡା ଅଜାଡ଼ି ଦେବାର ପ୍ରତିଶ୍ରୁତିରେ ମଣିଷକୁ ଆଚ୍ଛନ୍ନ କରିଆଣୁଥିବା ଗବେଷଣାଗାରର ପ୍ରକଳ୍ପିତ ଜହ୍ନ...

ବୋଉ ଥରେ ମିଛ କହି ତାକୁ ଶ୍ରେଣୀରେ ଅପମାନିତ କରେଇଥିଲା। ଏଥର ମିଛ କହି ବୋଧହୁଏ ତାକୁ ସେ ସାରା ପୃଥିବୀ ଆଗରେ ଅପମାନିତ କରେଇବ। ତା' କେରିଅର ବରବାଦ କରିଦବ। ହୁଏତ ଏଠି ଆଉ କିଛିଦିନ ରହିଗଲେ ସେ ସବୁ ଅବାସ୍ତବକୁ ବାସ୍ତବ ବୋଲି ବିଶ୍ୱାସ କରିବାକୁ ଆରମ୍ଭ କରିବ।

କିଛି ଗୋଟେ ଆଳ ଦେଖେଇ ଶୀଘ୍ର ଚାଲିଯିବା ପାଇଁ ବାହାନା ଖୋଜିବାରେ ବ୍ୟସ୍ତ ଥିଲା ଶୁଭ୍ରଦୀପ୍ତ। କମ୍ପ୍ୟୁଟର ଛାନଭିନ କରି ସେ ଅଣନିଃଶ୍ୱାସୀ ହେଇ ଖୋଜିଚାଲିଥିଲା କେତେଶୀଘ୍ର କୋଉ ଫ୍ଲାଇଟରେ ଫେରିଯିବାର ଟିକଟ ମିଳିବ। ତାକୁ ଏଠୁ କୌଣସିମତେ ବାହାରି ଯିବାକୁ ହେବ।

ବୋଉ ତା'ର ଆହୁରି ବ୍ୟସ୍ତ ଥିଲା କାଲି ଛାଡ଼ି ପଅର ଦିନ ପୂନେଇ ପୂଜାର ସଜବାଜ ଯୋଗାଡ଼ କରିବାରେ।

□□

ଲେଖକଙ୍କ ଇ-ମେଲ ଠିକଣା:
pandajadunath@gmail.com


ପ୍ରବନ୍ଧ

# ଗଙ୍ଗାଧରଙ୍କ ଏକ କବିତାର ଶୁଦ୍ଧପାଠ ନିର୍ଣ୍ଣୟ



ବିଶ୍ୱନାଥ ସାହୁ

ବିଶିଷ୍ଟ ଆଲୋଚକ ଦେବେନ୍ଦ୍ର କୁମାର ଦାଶ ୧୯୯୫ ମସିହାରେ ତାଙ୍କର 'ଗଙ୍ଗାଧର କବିତା ଓ କବି ଆତ୍ମା' ପୁସ୍ତକରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଯେଉଁ କେତେଗୋଟି ଦୁଷ୍ପ୍ରାପ୍ୟ ରଚନାର ସୂଚନା ଦେଇଛନ୍ତି, ତନ୍ମଧ୍ୟରେ ଗୋଟିଏ ଥିଲା - 'ଚନ୍ଦ୍ର ଶରୀରରେ ଏହା ନୁହେଁ କଳଙ୍କ'। ଏ କବିତାଟିର ଟୀକା ଦେଇ ସେ ଲେଖିଛନ୍ତି- "ଏହା ଗଙ୍ଗାଧରଙ୍କ ଏକ ସ୍ୱତନ୍ତ୍ର କବିତା ନୁହେଁ। ଉପରୋକ୍ତ ଶୀର୍ଷକରେ କବିତା ଲେଖିବା ପାଇଁ ସମ୍ବଲପୁର ହିତୈଷିଣୀ ଓଡ଼ିଶାର କବିମାନଙ୍କୁ ଆହ୍ୱାନ କରିଥିଲା। ବାରଣ୍ଡାର ବହୁ କବି ଏଭଳି ସମସ୍ୟା ପୂର୍ତ୍ତିରେ ଅଂଶଗ୍ରହଣ କରିଥିଲେ। ବାମଣ୍ଡା ବାହାରର ପ୍ରତିଷ୍ଠିତ କବିମାନଙ୍କ ମଧ୍ୟରୁ ଏକୁଟିଆ ଗଙ୍ଗାଧର ଏଥିରେ ଯୋଗଦାନ କରିଥିଲେ। ଉପରୋକ୍ତ ଶୀର୍ଷକରେ କବିତାମାଳା ସମ୍ବଲପୁର ହିତୈଷିଣୀର ଏକାଦଶ ବର୍ଷ ଅଷ୍ଟତ୍ରିଂଶ ସଂଖ୍ୟା (ତା.୨୪.୦୧.୧୯୯୦)ରେ ପ୍ରକାଶିତ। ମଝିରେ ଚାରୋଟି ଅକ୍ଷର ବ୍ୟବହୃତ ସମ୍ବଲପୁର ହିତୈଷିଣୀରେ ନାହିଁ। ତାହା '...' ଦ୍ୱାରା ସୂଚିତ। - ସମ୍ପାଦକ"। ଏହା ପରେ ପରେ ଯେତେଜଣ ଗଙ୍ଗାଧର ଗ୍ରନ୍ଥାବଳୀ ହିଁ ନିଜ ନିଜ ଗ୍ରନ୍ଥାବଳୀରେ ସ୍ଥାନିତ କରିଛନ୍ତି କେହି ମୂଳ ପାଠ ଅର୍ଥାତ୍ ପତ୍ରିକା ପାଠକୁ ସଂଗ୍ରହ କରିବାର ପ୍ରୟାସ ସମ୍ଭବତଃ କରିନାହାନ୍ତି। କାରଣ ଯେଉଁ ଗୋଟିଏ ଶବ୍ଦକୁ ଶ୍ରୀଯୁକ୍ତ ଦାସ ଚିହ୍ନି ନ ପାରି ଉଦ୍ଧୃତି ଚିହ୍ନ ଦେଇ ଛାଡ଼ିଦେଇଛନ୍ତି ତାହା ସମସ୍ତ ଗ୍ରନ୍ଥାବଳୀ ସମ୍ପାଦକଙ୍କ ଦ୍ୱାରା ଅନୁସୃତ ହୋଇଛି। ଏପରିକି ୨୦୦୨ ମସିହାରେ ଆଲୋଚକ ଫଣୀନ୍ଦ୍ର ଭୂଷଣ ନନ୍ଦ ତାଙ୍କର 'ସମ୍ବଲପୁର ହିତୈଷିଣୀ : ଏକ ଅଧ୍ୟୟନ' ପୁସ୍ତକରେ ସେହି ଶବ୍ଦ 'ଦରଶନ' ବୋଲି ଉଲ୍ଲେଖ କରିବା ସତ୍ତ୍ୱେ ସମସ୍ତେ ଏହାକୁ ଅଣଦେଖା କରିଥିବାର ଜଣାଯାଏ।




ଗଙ୍ଗାଧରଙ୍କ ଉକ୍ତ କବିତାଟି ପ୍ରଥମେ ସମ୍ବଲପୁର ହିତୈଷିଣୀରେ ପ୍ରକାଶ ପାଇଥିଲା। ସେତେବେଳେ ହିତୈଷିଣୀରେ ଓଡ଼ିଶାର କବିମାନଙ୍କ ପାଇଁ ଏକ 'ସମସ୍ୟା ପୂର୍ତ୍ତି' ରଖାଯାଇଥିଲା ଏବଂ ସେଥିରେ 'ଚନ୍ଦ୍ରର ଶରୀରରେ ଏହା ନୁହେଁ କଳଙ୍କ' ବିଷୟକୁ ନେଇ ଚୋଖି ଛାନ୍ଦରେ କବିତା ଲେଖିବାକୁ ନିର୍ଦ୍ଦେଶ ରହିଥିଲା। ହିତୈଷିଣୀର ଏକାଦଶ ଭାଗ ୩୪ଶ ସଂଖ୍ୟା (ଡିସେମ୍ବର ୨୭, ୧୮୯୯)ରେ ସୂଚନା ଅଛି ଯେ- "ସମସ୍ୟା-ଚନ୍ଦ୍ରର ଶରୀରରେ ଏହା ନୁହେଁ କଳଙ୍କ'। ଚୋଖି ରାଗରେ ଏହି ସମସ୍ୟା ପୂର୍ତ୍ତି କରି ପଠାଇବା ସକାଶେ ଉତ୍କଳ ସାହିତ୍ୟ ସେବକମାନଙ୍କୁ ପ୍ରାର୍ଥନା କରାଯାଇଥିଲା। ଏଥି ମଧ୍ୟରେ ଅତ୍ୟଳ୍ପ ସଂଖ୍ୟକ ସମସ୍ୟା ପୂର୍ତ୍ତି ହସ୍ତଗତ ହେବାରୁ ପୁନଶ୍ଚ ସମୟ ବୃଦ୍ଧି କରାଗଲା। ଜାନୁୟାରୀ ମାସ ଶେଷ ଦିବସ ପର୍ଯ୍ୟନ୍ତ ପୂର୍ତ୍ତି କବିତା ଗୃହୀତ ହେବ। ତତ୍ପରେ ଯେଉଁମାନଙ୍କ ପୂର୍ତ୍ତି ଉତ୍କୃଷ୍ଟ ବିବେଚିତ ହେବ ସେମାନଙ୍କୁ ସାହିତ୍ୟ ସମ୍ବନ୍ଧୀୟ ଖଣ୍ଡିଏ ଲେଖାଏଁ ପୁସ୍ତକ ଉପହାର ଦିଆଯିବ। ହିତୈଷିଣୀ ସଂପାଦକ କବିତା ଗ୍ରହଣ କରିବା ଏବଂ ଉପହାର ବଣ୍ଟନ କରିବା ଭାର ଗ୍ରହଣ କରିଅଛନ୍ତି।"

ତା'ପରେ ଏକାଦଶ ଭାଗ ୩୮ଶ ସଂଖ୍ୟା (୨୪ ଜାନୁୟାରୀ ୧୯୦୦)ରେ ନିର୍ବାଚିତ କବିତାବଳୀ ପ୍ରକାଶ ପାଇଥିଲା। ଏଥିରେ ୨୪ ଓ ୩୧ ତାରିଖ ଦୁଇଦିନ ଧରି ପାଖାପାଖି ଚାଳିଶ ଜଣ କବିଙ୍କ କବିତା ପ୍ରକାଶିତ। ଯେଉଁଥିରେ ବାମଣ୍ଡାରୁ ୨୦ ଜଣ, ଦେବଗଡ଼ରୁ ୩ ଜଣ, ମୟୂରଭଞ୍ଜରୁ ୩ ଜଣ, ପୁରୀରୁ ୨ ଜଣ ଏବଂ ଭଦ୍ରଖ, କଟକ, ନୟାଗଡ଼,

ଚିକିଟି, ସୋନପୁର, ବରପାଲିରୁ ଜଣେ ଲେଖାଏଁ କବି ରହିଥିଲେ। ଆଉ କିଛି ଛଦ୍ମନାମ ବ୍ୟବହାର କରିଥିବାବେଳେ କେତେକଙ୍କର ଦୁଇଟି ଲେଖାଏଁ କବିତା ମଧ୍ୟ ରହିଛି।

## ପାଠ ନିର୍ଣ୍ଣୟର ଅଶୁଦ୍ଧତା

ଶ୍ରୀଯୁକ୍ତ ଦେବେନ୍ଦ୍ର କୁମାର ଦାଶ ଓ ଶ୍ରୀଯୁକ୍ତ ଫଣୀନ୍ଦ୍ର ଭୂଷଣ ନନ୍ଦ ନିଜ ନିଜ ପୁସ୍ତକରେ ଏ କବିତାଟିକୁ ଉଦ୍ଧାର କରି ଶୁଦ୍ଧ ପାଠ ନିର୍ଣ୍ଣୟ କରିଥିଲେ ହେଁ ତାହା ଅଶୁଦ୍ଧ ରହିଯାଇଛି ଏବଂ ଉଭୟଙ୍କ ପାଠୋଦ୍ଧାରରେ ତାଳମେଳ ନାହିଁ। ପୁନଶ୍ଚ କେତେ ଜାଗାରେ ମୂଳପାଠ ସହ ଏହା ଭିନ୍ନ ଥିବାର ଦେଖାଯାଏ। ତେଣୁ ନିମ୍ନରେ ମୂଳ ପତ୍ରିକା ପାଠ ଅନୁସରଣରେ ଏହାର ଏକ ଶୁଦ୍ଧ ପାଠ ନିର୍ଣ୍ଣୟ କରିବାର ପ୍ରଚେଷ୍ଟା କରାଗଲା-

ଦେବେନ୍ଦ୍ର ଦାଶଙ୍କ ପାଠ : ୧ - ଲଭି ପ୍ରଭାକର କର, ୨ - ଅତଳ ଗହ୍ୱର ଯହିଁ, ୩ - ବସିନାହିଁ ତହିଁ ଶଶକ, ୪ - ଚନ୍ଦ୍ର ରଶ୍ମି ମନୋହର, ୫ - ସ୍ୱଭାବେ ଅମୃତ କର, ୬ - ପ୍ରିୟ ... ଅପଘନ ନିର୍ମ୍ମଳ, ୭ - ତାହା ବକ୍ଷଦେଶ କେଶରାଶି ପ୍ରାୟକ,

**ବାସ୍ତବରେ ସ୍ୱଭାବ କବିଙ୍କ ତୀକ୍ଷଣ କଳ୍ପଶକ୍ତିର ପରିଚୟ ଦେବାରେ ଏ ଗୋଟିଏ କବିତା ହିଁ ଯଥେଷ୍ଟ।**

ଫଣୀନ୍ଦ୍ର ଭୂଷଣ ନନ୍ଦଙ୍କ ପାଠ : ୧ - ଲାଗି ପ୍ରଭାକର କର୨ - ଗଭୀର ଗହ୍ୱର ଯହିଁ, ୩ - ବସିନାହିଁ ତାହା ଶଶକ, ୪ - ଚନ୍ଦ୍ର ବିଶ୍ୱ ମନୋହର, ୫ - ସଭାବେ ଅମୃତ କର, ୬ - ପ୍ରିୟ ଦରଶନ ଅପଘନ ନିର୍ମ୍ମଳ, ୭ - ତାହା ବକ୍ଷାଦେଶ କେଶରାଶି କେବଳ

ବିଶ୍ୱନାଥ ସାହୁଙ୍କ ପାଠ : ୧ - ଲଭି ପ୍ରଭାକର କର, ୨ - ଗଭୀର ଗହ୍ୱର ଯହିଁ, ୩ - ବସିନାହିଁ ତାହା ଶଶକ, ୪ - ଚନ୍ଦ୍ର ବିଶ୍ୱ ମନୋହର, ୫ - ସ୍ୱଭାବେ ଅମୃତ କର, ୬ - ପ୍ରିୟ ଦରଶନ ଅପଘନ ନିର୍ମ୍ମଳ, ୭ - ତାହା ବକ୍ଷଦେଶ କେଶରାଶି କେବଳ

ଏହା ବ୍ୟତୀତ ଶ୍ରୀଯୁକ୍ତ ଫଣୀନ୍ଦ୍ର ଭୂଷଣ ନନ୍ଦ 'ଚନ୍ଦ୍ରର ଶରୀରେ ଏହା ନୁହେଁ କଳଙ୍କ' ଘୋଷ ପଦକୁ ତାଙ୍କ ପାଠରେ ଦୁଇଥର ବ୍ୟବହାର କରିଛନ୍ତି, ଯାହା ମୂଳପାଠରେ ନାହିଁ। ଅତଏବ କବିତାଟିର ମୂଳରୂପ ଏହିପରି -

"ଲଭି ପ୍ରଭାକର କର ଚନ୍ଦ୍ର ହୋଇଛି ଭାସ୍ୱର
ନତୁ ଚନ୍ଦ୍ର ଜଡ଼ ପିଣ୍ଡ ସ୍ୱତେଜ ହୀନ,
ଗଭୀର ଗହ୍ୱର ଯହିଁ ରବି ରଶ୍ମି ନ ପଡ଼ଇ
ଅନ୍ଧାର ଯୋଗୁଁ ତା' ଦିଶୁଅଛି ମଳିନ
ବସିନାହିଁ ତାହା ଶଶକ।
ଚନ୍ଦ୍ର ବିଶ୍ୱ ମନୋହର ସ୍ୱଭାବେ ଅମୃତ କର
ପ୍ରିୟ ଦରଶନ ଅପଘନ ନିର୍ମ୍ମଳ,
ମଧ୍ୟେ ଯେ କୃଷ୍ଣ ବରନ କରୁଛ ଅବଲୋକନ,
ତାହା ବକ୍ଷଦେଶ କେଶରାଶି କେବଳ
ହୋଇଅଛି ଶୋଭା ବ୍ୟଞ୍ଜକ।"

ଆଜି ଭାରତ ଚନ୍ଦ୍ର ପୃଷ୍ଠରେ ପାଠ ଦେଇଛି। କିନ୍ତୁ ଶହେ ବର୍ଷ ପୂର୍ବରୁ ସ୍ୱଭାବ କବିଙ୍କ ବର୍ଣ୍ଣନା ଦେଖନ୍ତୁ ଏ ପଦରେ। ସେ କହୁଛନ୍ତି - ଚନ୍ଦ୍ର ପ୍ରଭାକରଙ୍କ କିରଣରେ ହିଁ ଭାସ୍ୱର। ନ ହେଲେ ତ ସିଏ ଏକ ସ୍ୱତେଜହୀନ ଜଡ଼ପିଣ୍ଡ। ଆଉ ଆମେ ଯାହାକୁ ଚନ୍ଦ୍ରର କଳଙ୍କ ବୋଲି କହୁଛୁ, ତାହା କଳଙ୍କ ନୁହେଁ। ଚନ୍ଦ୍ର ପୃଷ୍ଠରେ ଥିବା ଗଭୀର ଗାତମାନଙ୍କରେ ସୂର୍ଯ୍ୟାଲୋକ ପଡୁ ନ ଥିବା ଯୋଗୁ ତାହା ଆମକୁ ମଳିନ ଦିଶେ। ଚନ୍ଦ୍ରର ଅନ୍ୟ ଏକ ନାମ 'ଶଶାଙ୍କ' ବା 'ଶଶଧର'। ଏ ନାମ ପଛରେ ଏକ ପୌରାଣିକ କଥା ରହିଅଛି। ପୁରାଣ ଅନୁସାରେ 'ଗୋଟିଏ ଶଶକ (ଗତ୍ଵାନ୍ତରରେ ମୃଗ) ତୃଷାର୍ତ୍ତ ହୋଇ ମରୀଚିକା ଭ୍ରମରେ ଚନ୍ଦ୍ରଙ୍କୁ କିମ୍ବା ଚନ୍ଦ୍ର କିରଣ ଉଦ୍ଭାସିତ ମରୁପ୍ରାନ୍ତରକୁ ଗୋଟିଏ ଜଳାଧାର ବୋଲି ମନେ କରି ଜଳପାନ କରିବା ପାଇଁ ଦଉଡ଼ି ଯାଇ ଦେଖିଲା ଯେ ସେଠାରେ ପାଣି ନାହିଁ। ଏହା ଦେଖି ଶଶକର ହଂସା ଉଡିଗଲା ଓ ସେ ମରିଗଲା। ଚନ୍ଦ୍ରଙ୍କଠାରେ ଆଶା ରଖି ଶଶକ ପ୍ରାଣ ହରାଇଥିବାରୁ ସେହି ଶଶକଟି ଚନ୍ଦ୍ରଙ୍କ ଦେହରେ କଳଙ୍କ ସ୍ୱରୂପ ଲାଗିରହିଲା ଏବଂ ସେହିଦିନଠାରୁ ଚନ୍ଦ୍ର ଶଶାଙ୍କ ହେଲେ। (ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ, ପୃ- ୭୬୦୦) ତେଣୁ ଗଙ୍ଗାଧର କହିଲେ 'ବସିନାହିଁ ତାହା ଶଶକ'; ଏହା କେବଳ ଛାୟା ମାତ୍ର।

ବାସ୍ତବରେ ସ୍ୱଭାବ କବିଙ୍କ ତୀକ୍ଷଣ କଳ୍ପଶକ୍ତି ଓ ଗଭୀର ବୈଜ୍ଞାନିକ ଦୃଷ୍ଟିଭଙ୍ଗୀର ପରିଚୟ ଦେବାରେ ଏ ଗୋଟିଏ କବିତା ହିଁ ଯଥେଷ୍ଟ।

□□

ଲେଖକଙ୍କ ଇ-ମେଲ ଠିକଣା:
biswanathsahu8@gmail.com

କବିତା

# ଶବ୍ଦ ବି ବାୟାବସା



ଡ. ନୃସିଂହ ଚରଣ ଷଡ଼ଙ୍ଗୀ

ଖା, ଭୁଂଜ, ଗିଳ୍... ଏ ସବୁ ଶବ୍ଦର ଖେଳ ।।

କି ଶ୍ରଦ୍ଧାରେ କିଏ ଡାକିଦିଏ...ଆ...ରେ
ତବତ ପାଣିରୁ ମୁଠେ ଖା
କି ଧନୀ, କି ରଂକ ଏ ପଦ୍ମତୋଳା ଆଗରେ
ବଶମ୍ବଦ ପାଳଟନ୍ତି,
ଶବ୍ଦ ତା କାମ ସାରିଦିଏ ...
ମୁଠେ ହସର ହୋସ୍ କୁ କୁଡିଆ ଠୁଁ
ଉଆସରେ ଫିଂଗିଦେଇ ।।

ଶବ୍ଦ ଗୋଟେ କଅଁଳ କଠୋର ଆଘାତରୁ
ମୁଣ୍ଡ ଟେକେ ,
ଭୁଂଜ୍, ଭୁଂଜ୍, ଭୁଂଜ୍,
ଖାଲି ପେଟ, ପାକୁଆ ପାଟି ଭୁଂଜିଦିଏ
ଅଶ୍ରଦ୍ଧାକୁ ଔଷଧ ଭାବି,
ଆହା...'ଭୁଂଜ୍'
କେତେ ଅସହାୟତାରେ ଢୋକି ହୋଇଯାଏ
ମରୁଡିରେ ଫାଟି ପଡିଥିବା ମାଟି ଭିତରକୁ।।

ଗୋଟେ ଗଡଜାତି ରାଜାର ଘୋଷଣା ପରି...
ଶବ୍ଦ ଡାକି ହାକି କହେ ଗିଳ୍,
ଗିଳ୍ ବେ ଗିଳ୍,
ବାପରାଣ୍...ଢିଂକି ଗିଳ୍
ଗିଳିବା ଲୋକ ଥାଏ ଥାଏ ଗୋଟେ ଆତୁରତାରେ
ଗିଳିଲେ ବନ୍ଧି କଣ୍ଟା ଲାଗିଯାଏ ତଣ୍ଟିରେ,
ଶବ୍ଦ ଗୋଟେ ବିଶାଶହେ ଯୋଜନର
ବନ୍ଧ୍ୟା ମାଟି ପରି ଛଟ୍ ପଟ୍ କରେ,
ଛଟ୍ ପଟ୍ ହୁଏ ।।


ବାପା ଘରେ ଥିଲାବେଳେ...
ଅଝଟ କରୁଥିବା ସଉତୁଣୀର ସାତବର୍ଷର ପୁଅକୁ
ଓଠ ଫଟେଇ ସାବତ ମା ଡାକେ ନେ ରେ ନେ...
ଖାଇ ଦେ...ସୁନାଟା ପରା,
ଅବୋଧ ବୁଝିପାରେନା ଶବ୍ଦର ଏ ସହନଶୀଳ
ସୁଷୁରିମରା ସ୍ନେହୀ ପଣକୁ ।।

ବାପା ଗାଁ ଭିତରକୁ ମାମଲତି କରିବାକୁ
ଯାଇଥିଲାବେଳେ...
ସାବତ ମା ...ଅଝଟିଆ ସାବତ୍ ପୁଅକୁ
ଖାଇବାକୁ ବାଢିଦେଇ କୁହେଁ...ଭୁଂଜ୍ ,
ଆକ୍ତା ମାକ୍ତା ହୋଇ ଶବ୍ଦର ଏ କଠୋର ପଣକୁ
ବୁଝେକି ସେ ? କାରଣ ଖୋଜୁ ଖୋଜୁ
ମୁଦାଲା ହୁଅନ୍ତି ବାପା...ଯିଏ
ଖାଇଲା ବେଳେ ଘରେ ନ ଥାନ୍ତି,
ସୁଯୋଗ ଦେଖି ଶବ୍ଦ ବିନ୍ଧେ,
ମନ ଘାରେ, ଭୁଂଜ୍...ଚେତେଇ ଦିଏ
ଗୁଜୁରାଟ୍ ମାଟିଫଟା ଭୂଜ୍ ଭୂଇଁକଂପର
ଚିରୁଡା ଚିରୁଡା ଫଟା ଗାରକୁ ।।



ଗିଲ୍...ଗୋଟେ ଶବ୍ଦ
ଯିଏ ତଣ୍ଟିରେ ଲାଗେ,
ବାଟ ପାଏନା ବିକଳିଆ ପେଟକୁ ।
ସାବତ୍ ମା କେଉଁ ଅନନ୍ୟ ଅନାତ୍ମୀୟତାରେ
ଖୁଆଉ ଖୁଆଉ ଗିଳେଇ ଦିଏ,
ଖୁଆଇବାର ଦାୟିତ୍ୱବୋଧକୁ ପୂର୍ଣ୍ଣଚ୍ଛେଦ
ଦେବାର ଗୋଟେ କଳାତ୍ମକ କାରିଗରୀତ ଭୁଂଜ୍..
ସାତ ବର୍ଷର ସାବତ ପୁଅର
ସେ ଧାରଣା କାହିଁ ଯେ ବାପା ବିଦେଶରେ ବୋଲି
ଶବ୍ଦ ଆ..ଖା..ର ସିଂହାସନରୁ
ଓହ୍ଲେଇ ଆସିଛି ...ଗିଲ୍‌ର ବଳାତ୍କାରକୁ ।।

ଶବ୍ଦ...ପ୍ରେମରେ ପାଗଳକରେ,
ରୁକ୍ଷତାରେ ଅରକ୍ଷ କରେ,
ଅଶ୍ରଦ୍ଧାରେ ଶ୍ରାଦ୍ଧ କରିଦିଏ ଶ୍ରଦ୍ଧାଳୁଂକୁ,
ଅନେକ ସମୟରେ ତ ନିଜକୁ ।।



କ୍ୟାଲେଣ୍ଡର ବଦଳିଲା ପରି
ଶବ୍ଦ ବଦଳେ,
ଖରା ଛାଇରେ ଖେଳେ, ଛାଇ ଖରାରେ ଖେଳେ,
ଶବ୍ଦର କିଛି ଯାଏ ଆସ୍ ନ ଥାଏ
ଯେମିତି ...ବାୟା ଚଢେଇର କି ଯାଏ
ବାଆ ହେଲେ ବସା ଦୋହଲୁଥାଏ ।।

□□

କବିଙ୍କ ଇ-ମେଲ ଠିକଣା:
drncsarangi@gmail.com

## 'ସାହିତ୍ୟ ଚର୍ଚ୍ଚା'କୁ ଲେଖା ପଠାଇବାର ନିୟମାବଳୀ

୧. 'ସାହିତ୍ୟ ଚର୍ଚ୍ଚା' ଏକ ପାରିବାରିକ, ସାଂସ୍କୃତିକ, ଆଧ୍ୟାତ୍ମିକ, ଅବା ଫିଚର-ଧର୍ମୀ ପତ୍ରିକା ନୁହେଁ, ବରଂ ଏକ ନିରୁତା ସାହିତ୍ୟ ପତ୍ରିକା। ଲେଖକମାନେ ନିଜର ଲେଖା ପଠାଇବା ବେଳେ ଏହା ଦୃଷ୍ଟିରେ ରଖିବା ପାଇଁ ଅନୁରୋଧ।

୨. ପ୍ରବନ୍ଧ, ସମାଲୋଚନା, ଗଳ୍ପ, ରମ୍ୟରଚନା, ବ୍ୟଙ୍ଗ, କବିତା, ଅନୁବାଦ ଓ ଶିଶୁଗଳ୍ପ ଆଦି ଯେକୌଣସି ବିଭାଗର ଲେଖା ପଠାଇ ପାରନ୍ତି। ଆମେ ଗଦ୍ୟ ରଚନାଗୁଡିକୁ ଅଧିକ ପ୍ରାଧାନ୍ୟ ଦେଉ।

୩. ପତ୍ରିକା ପାଇଁ କୌଣସି ପ୍ରବନ୍ଧ ଲେଖିବା ଆରମ୍ଭ କରିବା ପୂର୍ବରୁ ଦୟାକରି ଆମକୁ ତାହାର ବିଷୟ ସମ୍ପର୍କରେ ପୂର୍ବରୁ ଇ-ମେଲ୍ କିମ୍ବା ହ୍ୱାଟ୍‌ସଆପ୍ ଯୋଗେ ଜଣାନ୍ତୁ। ଆବଶ୍ୟକ ହେଲେ ଏ ବିଷୟରେ ଫୋନ୍‌ରେ ମଧ୍ୟ ଆଲୋଚନା କରିପାରନ୍ତି।

୪. ଲେଖାଗୁଡିକୁ ଟାଇପ୍ କରି ଇ-ମେଲ୍ ଯୋଗେ info@sahityacharcha.com ଠିକଣାରେ କିମ୍ବା ଆମର ହ୍ୱାଟସଆପ୍ ନମ୍ବର 9368772506 କୁ ପଠାଇବାକୁ ଅନୁରୋଧ। ଆବଶ୍ୟକ ସ୍ଥଳେ ସ୍ୱହସ୍ତଲିଖିତ ରଚନାର ସ୍ପଷ୍ଟ ଛବି ଉଠାଇ ମଧ୍ୟ ପଠାଇପାରନ୍ତି।

୫. ପୂର୍ବ ପ୍ରକାଶିତ କୌଣସି ଲେଖା ନ ପଠାଇବାକୁ ଅନୁରୋଧ। ଏପରିକି ଫେସ୍‌ବୁକ୍ ଇତ୍ୟାଦିରେ ପ୍ରକାଶିତ ଲେଖା ମଧ୍ୟ ପଠାନ୍ତୁ ନାହିଁ।

୬. ଲେଖା ସହିତ ଲେଖକ ବା ଲେଖିକାଙ୍କର ଏକ ଫଟୋ, ମୋବାଇଲ୍ ନମ୍ବର ଏବଂ ଇ-ମେଲ୍ ଠିକଣା ରହିଥିବା ଆବଶ୍ୟକ।

୭. ଅତି ଦୀର୍ଘ ଲେଖା ନ ପଠାଇବାକୁ ଅନୁରୋଧ।

୮. ଲେଖକମାନଙ୍କ ପାଇଁ ଆମର ଶ୍ରଦ୍ଧା ଓ ସମ୍ମାନର ନିଦର୍ଶନ ସ୍ୱରୂପ କିଞ୍ଚିତ୍ ମାନଦେୟର ବ୍ୟବସ୍ଥା ଅଛି। କିନ୍ତୁ ଲେଖାଟି ପୂର୍ବରୁ ଅନ୍ୟତ୍ର ପ୍ରକାଶିତ ହୋଇଥିବାର ଜଣାଗଲେ ଏହି ମାନଦେୟ ରାଶି ପ୍ରେରଣ ହୁଏ ନାହିଁ। ଆମର କେବଳ ଅନ୍‌ଲାଇନ୍ ସଂସ୍କରଣରେ ପ୍ରକାଶିତ ରଚନା ପାଇଁ ମଧ୍ୟ ମାନଦେୟ ପ୍ରେରଣ ହୁଏନାହିଁ।

୯. ଚୟନ କରାଯାଇଥିବା ଲେଖାର ପ୍ରକାଶନ ପାଇଁ ଅନ୍ତତଃ ଦୁଇମାସ ଅପେକ୍ଷା କରିବା ପାଇଁ ନିବେଦନ।

୧୦. ଅପ୍ରକାଶିତ ଲେଖାର କାରଣ ଦର୍ଶାଇବା ପାଇଁ ସମ୍ପାଦନାମଣ୍ଡଳୀ ବାଧ୍ୟ ନୁହନ୍ତି।

୧୧. ପ୍ରକାଶନ ପୂର୍ବରୁ ଲେଖାଗୁଡ଼ିକୁ ଆବଶ୍ୟକ ମୁତାବକ ସଂପାଦନା, ସଂଶୋଧନ ବା ପୁନର୍ଲିଖନ କରିବାର ଅଧିକାର ସଂପାଦନା ମଣ୍ଡଳୀର ରହିଛି।

ମିନି ଗଳ୍ପ

# ଦୁଇଟି ମିନି ଗଳ୍ପ




ଆରତୀ ସାହୁ

## ଶେଷରୁ ଆରମ୍ଭ

ପୃଥିବୀ ଶେଷ ହେଇ ଆସୁଥିଲା। ଜୀବନ ସରି ଯାଉଥିଲା। ଅନ୍ନ ଜଳ ସବୁ ଶେଷ। ଜୀବନ ବଞ୍ଚାଇବା ପାଇଁ କିଛି ବି ନଥିଲା। ଖାଲି ଧୁ ଧୁ ଖରା ଝାଞ୍ଜି ଆଉ ମୃତ୍ୟୁ। କେବଳ ବଞ୍ଚିଥିଲେ ଭିନ୍ନ ଭିନ୍ନ ଧର୍ମର ଦୁଇଟି ଲୋକ । ଯେ ଯାହାର ଇଷ୍ଟ ସୁମରୁଥିଲେ। ଆକାଶବାଣୀ ହେଲା, ମୁଁ ତୁମକୁ ଖାଦ୍ୟ ଦେବି। ପ୍ରଶ୍ନ ନ କରି ତାକୁ ଖାଇ କେବଳ ଜୀବନ ବଞ୍ଚାଅ ନିଜର।

କଥା ସରୁ ସରୁ ମାଂସ ମୁଣ୍ଡାଟାଏ ପଡ଼ିଲା। ଧାଇଁଗଲେ ଦୁହେଁ। ଦୁହେଁ ଦୁହିଁଙ୍କୁ ବୁଝିଲେ ଓ ଭାଗବାଣ୍ଟ କରି ଖାଇଲେ। ତା' ପରଦିନ ଆଉ ମୁଣ୍ଡାଏ ମାଂସ ପଡ଼ିଲା। ଏଥର ମଧ୍ୟ ଦୁହେଁ ସାଙ୍ଗହୋଇ ଖାଇଲେ। ଜାଣିଥିଲେ, ଯେହେତୁ ମଣିଷ ଏକ ସାମାଜିକ ପ୍ରାଣୀ ତେଣୁ ପରସ୍ପରକୁ ବଞ୍ଚାଇବା ଜରୁରୀ। ଦୁହେଁ ସାଷ୍ଟମ ହେବେ। ଭବିଷ୍ୟତ ଚିନ୍ତା କଲେ ଦୁହେଁ।



ପୁଣି ଆକାଶବାଣୀ ହେଲା, ମାଂସ ମୁଣ୍ଡା ଭିତରୁ ଗୋଟେ ଗାଈର ଓ ଅନ୍ୟଟି ଘୁଷୁରିର।

ଦୁହିଁଙ୍କ ମୁହଁ ସତେକି ପୋଡ଼ିଗଲା। ଦୁହେଁ ଯାକ ବିଧର୍ମୀ ହେଲେ ମତାନୁସାରେ।

କିନ୍ତୁ ବଞ୍ଚି ଯାଇଥିଲେ ଦୁହେଁ, ତେଣୁ ଖୁସି ଥିଲେ। ଆଉ, ଆଗକୁ ଏକ ସୁନ୍ଦର ହସୁଥିବା ସୂର୍ଯ୍ୟ ଓ ଶାଗୁଆ ଛନଛନ ପୃଥିବୀ ଦେଖାଯାଉଥିଲା।

## କଳହ ସୂତ୍ର

ହରି ଓ ହାରୁନ୍ ଦୁଇ ପଡ଼ୋଶୀ ଥିଲେ। କେହି କାହାରିକୁ କଣା ଆଖିରେ ଅନେଇବାକୁ ନାରାଜ। ଥରେ ଦୁହିଙ୍କ ଭିତରେ ବଚସା ହେଲା। ହରି କହିଲା, ତୁ ଏଡ଼େ ମାଇକ୍ ଲଗେଇ କିଆଁ ତୋ ଠାକୁରକୁ ଡାକୁଛୁ, ସେ କ'ଣ କାଲ? ହାରୁନ୍ କହିଲା ତୁ ଏତେ ପ୍ରକାରର ଫଟୋ, ମୂର୍ତ୍ତି କିଆଁ ପୂଜା କରୁଛୁ, ତୋ ଠାକୁର କି ବହୁରୂପିଆ? ଦେ ଚାଲିଲା ଧୂମାକୁସ୍ତା, ଧସ୍ତାଧସ୍ତି, କାମୁଡ଼ା ରାମ୍ପୁଡ଼ା।

ଈଶ୍ୱର ଦେଖୁଥିଲେ ଏଇ ବିଲେଇ କଳି। କିଛି ଭାବିଲେ। ହଠାତ୍ ଶୁଖିଲା ଚଡ଼ଚଡ଼ିଟେ ପଡ଼ିଲା ଦୁହିଁଙ୍କ ଉପରେ। ଦୁହେଁ ପୋଡ଼ି ଜଳି ଅଙ୍ଗାର ହେଇଗଲେ?

ଦୁହେଁ ପହଞ୍ଚିଲେ ଈଶ୍ୱରଙ୍କ ପାଖରେ ତୁଚ୍ଛା ଦୁଇଟା ପବନ ତୁହା ହେଇ। ଏକାକାର। ଦେହରେ ନ ଥିଲା ଗେରୁଆ କି ଶାଗୁଆ। ଈଶ୍ୱର ସାମାନ୍ୟ ହସି ତଳକୁ ଇସାରା କଲେ।

- ଦେଖ ବର୍ତ୍ତମାନ ତଳକୁ।

ତଳେ ବର୍ତ୍ତମାନ ଶବ ଭିଡ଼ାଭିଡ଼ି ଚାଲୁଥିଲା ଦୁହିଁଙ୍କ ପୁଅ ନାତିମାନଙ୍କ ଭିତରେ। ପ୍ରକୃତରେ ଦୁଇଟା ଯାକ ଶବ କଳା ଅଙ୍ଗାର ହେଇ ଯାଇଥିବାରୁ ଚିହ୍ନଟ କରି ହେଉ ନ ଥିଲା। ଶବମାନଙ୍କୁ ପୋଡ଼ାଯିବ ନା ପୋତାଯିବ, କାଳେ କିଛି ଭୁଲଭାଲ୍ ହେଲେ ଦୋଜଖ୍ ନହେଲେ ନର୍କରେ ପଡ଼ିବେ। ଏହି କଳହ କ୍ରମଶଃ ବୃହଦାକାର ଧାରଣ କରୁଥିଲା। ଉଭୟ ପକ୍ଷରେ ଭିଡ଼ ଜମୁଥିଲା । ଝଗଡ଼ା ଚହରି ଯାଇ ଗାଁରେ ବ୍ୟାପିଲା, ତା'ପରେ ଜିଲ୍ଲାରେ ତା'ପରେ ଦେଶରେ, ତା'ପରେ ପୃଥିବୀରେ ...

ଈଶ୍ୱର ହସୁଥିଲେ ଶେଷ ହସ। ପବନ କିନ୍ତୁ ପବନରେ ମିଶିଯାଇଥିଲା।

□□

ଲେଖିକାଙ୍କ ଇ-ମେଲ ଠିକଣା:
sahooarati10@gmail.com

ଶିଶୁ ଗଳ୍ପ




# ଖୁସିର ଖୁସି

ରଜନୀକାନ୍ତ ପାଢ଼ୀ

ଘର ବାରଣ୍ଡାରେ ବସି 'ପିଲାଙ୍କ ଗପ' ପଢୁଥାଏ ଖୁସି। ପଡ଼ିଶାଘର ଗନ୍ତା ମଉସା ଘରୁ ବାହାରି କାଶି କାଶି କଫ ଖଙ୍କାର ଦଲକାଏ ଥୁମ୍ପି ଦେଲେ ଦାଣ୍ଡ ଚାନ୍ଦିନୀ ଉପରେ। ଗପ ବହି ଉପରୁ ଖୁସିର ନଜର ଯାଇ ପଡ଼ିଲା ସେ କଫ ଖଙ୍କାର ଉପରେ।

ଖୁସିର ମନେ ପଡ଼ିଗଲା ଆଉ ଏକ ଦିନର କଥା। ଏଇ ଗନ୍ତା ମଉସା ନିତି ସକାଳେ ତାଙ୍କ ଘର ସାମନାରେ ବସି ବ୍ରଶ୍ କରନ୍ତି। ଛେପ ଖଙ୍କାର ସବୁ ପକାଉଥାନ୍ତି ଚାନ୍ଦିନୀ ଉପରେ। ମଉସାଙ୍କ ନାତି ହଠାତ୍ ଘରୁ ବାହାରି ଧାଇଁ ଯାଉଥିବା ବେଳେ ଛେପ ଖଙ୍କାର ଉପରେ ତା' ପାଦ ପଡ଼ିଯାଇଥିଲା। ଫଳରେ ସେ କଚାଡ଼ି ହୋଇ ପଡ଼ିଥିଲା ସେଠାରେ। ସେଥିରେ ତା' ହାତ ଭାଙ୍ଗିଯାଇଥିଲା, ସଙ୍ଗେ ସଙ୍ଗେ ତାକୁ ଡାକ୍ତରଖାନା ନିଆଗଲା। ହାତ ପ୍ଲାଷ୍ଟର ହେଲା।



ସେଦିନ ନାତିର ଦୁର୍ଘଟଣା ପରେ ବି ଗନ୍ତା ମଉସା ବଦଳି ନାହାନ୍ତି। ନିତି ସକାଳୁ ସେଇ ଚାନ୍ଦିନୀ ଉପରେ ବସି ବ୍ରଶ୍ କରନ୍ତି। ଛେପ ଖଙ୍କାର ପକାଇଥାନ୍ତି। ମାତ୍ର ସେ ବ୍ରଶ୍ କରି ସାରିଲା ପରେ ମାଉସୀ ପାଣି ବାଲଟିଏ ଆଣି ଚାନ୍ଦିନୀକୁ ଖଡ଼ିକା ମାରି ସଫା କରିଥାନ୍ତି।

ଗନ୍ତା ମଉସା ଭାରି ରାଗୀ ଲୋକ। କଫ ଖଙ୍କାର ଏଣେ ତେଣେ ପକାଇବା ଉଚିତ ନୁହେଁ, କହିଲେ ବି ସେ କାହା ପରାମର୍ଶ ଶୁଣନ୍ତି ନାହିଁ। ଖୁସି ଦଶ ବର୍ଷର ବାଳିକା। ଦିନେ ଗନ୍ତା ମଉସାଙ୍କୁ ଏ ବଦ୍ ଅଭ୍ୟାସ ଛାଡ଼ିବାକୁ ସେ ତାଙ୍କୁ କହିଥିଲା "ମଉସା, ତମେ ଛେପ ଖଙ୍କାର ଏଣେତେଣେ ପକାଉଛ, ଦେଖୁନ ଘର ମୁହଁଟା କେମିତି ଅପରିଷ୍କାର ହେଉଛି। ମାଛି ଭଣ ଭଣ ହେଉଛି।"

ଖୁବ ରାଗି ଯାଇ ଗନ୍ତା ମଉସା ସେଦିନ ତାକୁ କହିଥିଲେ, "ତୁ କାଲିର ମେଞ୍ଚଡ଼ ଟୋକୀ, ମୋତେ ତୁ ଉପଦେଶ ଦେବାକୁ ହେଲୁଣି। ଦେବି ଯେ ପାହାରେ, ତୋ ମୁହଁ ବନ୍ଦ କରିଦେବି। ଆଉ କେବେ କହିବାକୁ ସାହସ କରିବୁନି।" ତା'ପରଠୁ ଖୁସି ଗନ୍ତା ମଉସାଙ୍କୁ ପାଟି ଫିଟାଇନି।

ଖୁସି ଗପ ବହିଟାକୁ ଧରିଥିଲା ସିନା, ମାତ୍ର ତା' ନଜର ଥିଲା ସେ କଫ ଖଙ୍କାର ଉପରକୁ। କାଳେ କେଉଁ ଶିଶୁ ଧାଇଁ ଆସିବ, ତା' ଉପରେ ପାଦ ପଡ଼ିଗଲେ ଖସିଯିବ। ତା' ପୂର୍ବରୁ ଖୁସି ତାକୁ ଅଟକାଇବ। ତଳକୁ ଦେଖି ଚାହିଁ ଚାଲିବାକୁ କହିବ ତାକୁ।

ହଠାତ୍ କାଉଟିଏ କା କା କହି ଉଡି ଆସିଲା। ବସିଗଲା ସେ କଫ ଖଙ୍କାର ପାଖରେ ତା' ଥଣ୍ଟରେ ସେ ସବୁ ଟାଣି ନେଇଗଲା। ସଫା କରି ଦେଲା ସେ ସ୍ଥାନଟା। ଏବେ ଖୁସି ଚିନ୍ତାଟାଏ ଗଲା।

କାଉ ଏମିତି ଅସନା ଜିନିଷ ଖାଏ ସିନା, ଆମ ପରିବେଶକୁ ପରିଷ୍କାର କରିଥାଏ। କାଉ ପ୍ରତି ତା' ମନରେ ଯେଉଁ ଘୃଣା ଭାବ ଥିଲା ବଦଳିଗଲା। କାଉକୁ ଦେଖିଲେ ଖୁସି ହେଲା ସେ। ଦୟା ଆସିଲା ତା' ମନରେ। ସେଦିନ ବୋଉକୁ କହିଲା, "ବୋଉ କାଉ ଆମର କେତେ ଉପକାର କରେ। ମୁଁ ଆମ ପାଠ ବହିରୁ ପଢ଼ିଥିଲି, ଆମ ପରିବେଶକୁ ସଫା କରୁଥିବା ପଶୁପକ୍ଷୀଙ୍କ ମଧ୍ୟରେ କାଉର ନାମ ଆଗରେ ଅଛି ମାତ୍ର ପାଠ ବହିର ସେ କଥା ସତ ବୋଲି ଆଜି ଜାଣିଲି ନିଜ ଆଖିରେ ଦେଖିବାରୁ।"

ବୋଉ କହିଲେ, "ହଁରେ ଧନ, କାଉ ଆମ ପରିବେଶକୁ

ସଫା କରେ। ତୁ ନିଜେ ଦେଖି ଅନୁଭବ କରି ବୁଝିପାରିଲୁ ଏକଥା। କାଉ ଏକ ଉପକାରୀ ପକ୍ଷୀ।

ସେତେବେଳେ ଶ୍ରାବଣ ମାସ। ବର୍ଷା ଲାଗିରହିଥାଏ। ନଦୀନାଳ ବନ୍ୟା ଜଳରେ ଉଛୁଳି ଉଠୁଥାଏ। ଏଥିପାଇଁ ଚାରି ପାଞ୍ଚ ଦିନ ସ୍କୁଲ କଲେଜ ବନ୍ଦ ରହିଥିଲା।

ଖୁସି ଦେଖିଲା ତାଙ୍କ ବାଡ଼ିପଟ ନଡ଼ିଆ ଗଛ ଓ ପିଜୁଳି ଡାଳରେ କାଉମାନେ ତିନ୍ତି ବୁଡ଼ି ବସିଥାନ୍ତି। ବର୍ଷା ଲାଗି ରହିଥାଏ। ପକ୍ଷୀମାନେ ଏ ବର୍ଷାରେ ତ କୁଆଡ଼େ ବାହାରକୁ ଯାଇପାରୁ ନ ଥିବେ। କୁଆଡ଼େ ଗଲେ ସିନା ଖାଦ୍ୟ ପାଇଥାନ୍ତେ। ନିଶ୍ଚୟ ପକ୍ଷୀମାନେ ଅନାହାରରେ ବସିଛନ୍ତି ଆମ ଗଛ ଡାଳରେ।



ବାପା ଦିନେ କହିଲେ ମଣିଷ ହେଉ ବା ପଶୁପକ୍ଷୀ, କାହା କାହାର ସୁଦିନ ଓ ଦୁର୍ଦ୍ଦିନ ମଧ୍ୟ ଆସିଥାଏ। ଦୁର୍ଦ୍ଦିନରେ ପୀଡ଼ିତମାନଙ୍କୁ ସାହାଯ୍ୟ କରିବା ଉଚିତ। ଏବେ ଏ ପକ୍ଷୀମାନଙ୍କର ଦୁର୍ଦ୍ଦିନ ଆସିଛି। ଏମାନଙ୍କୁ ଆମେ କିଛି ଖାଦ୍ୟ ଖାଇବାକୁ ଦେବା ଉଚିତ୍।

ଖୁସି ବୋଉକୁ କହିଲା, "ବୋଉ ଏ ପକ୍ଷୀମାନଙ୍କୁ କିଛି ଖାଇବାକୁ ଦେବା। କ'ଣ ଅଛି ଘରେ ଆଣିଲୁ।"

ବୋଉ କିଛି ଗହମ, ମାଣ୍ଡିଆ, ଖୁଦ ଆଦି ଶସ୍ୟ ଦାନା ଆଣି ଥୋଇ ଦେଲେ ବାରଣ୍ଡାରେ। ଚାହୁଁ ଚାହୁଁ ଗଛ ଉପରୁ କାଉ, ପାରାମାନେ ଓହ୍ଲାଇ ଆସିଲେ ବାରଣ୍ଡା ଉପରକୁ। ଖୁଣ୍ଟି ଖୁଣ୍ଟି ଦାନା ସବୁ ଖାଇ ଉଡ଼ିଗଲେ ଗଛ ଉପରକୁ।

ଭାରି ଖୁସି ହୋଇଗଲା ଖୁସି। ଏମିତି ଖୁସିରେ ସେ କେବେ ହୋଇ ନ ଥିଲା। ବାବା ଦଶହରା ପୂଜା ବେଳେ ତା' ପାଇଁ ସୁନ୍ଦର ଡ୍ରେସ୍ ଆଣିଲେ, ବା ତା' ଜନ୍ମ ଦିନରେ କେକ୍ କାଟିବା ବେଳେ, ନା ସ୍କୁଲ ପରୀକ୍ଷାରେ ସବୁ ପିଲାଙ୍କ ଅପେକ୍ଷା ଅଧିକ ମାର୍କ ପାଇଥିଲେ ନା ଖେଳ କୁଦରେ ଫାଷ୍ଟ ପ୍ରାଇଜ୍ ପାଇଥିବାବେଳେ ମଧ୍ୟ।

ଖୁସିର ଖୁସି ଦେଖି ବୋଉ ଠିକ୍ କଲେ ଏଣିକି ରାତିରେ ସମସ୍ତଙ୍କ ପାଇଁ ରୁଟି କଲାବେଳେ କାଉମାନଙ୍କ ପାଇଁ ମଧ୍ୟ ଖଣ୍ଡେ ରୁଟି କରିବେ। ସକାଳୁ ଦେବେ କାଉମାନଙ୍କୁ।

ପରଦିନ ଖୁସି ସକାଳୁ ସକାଳୁ ଶେଯରୁ ଉଠି ପଡ଼ିଲା କହିଲା, "ବୋଉ, କାଉମାନଙ୍କୁ ରୁଟି ଦେଲୁ ?"

ବୋଉ କହିଲେ, "ନା ଦେଇନି, ରୁଟି ରଖିଛି, ତୁ କାଉମାନଙ୍କୁ ଦେବୁ ବୋଲି।" ଖୁସି ରୁଟି ଖଣ୍ଡିତ ଧରି ବାରଣ୍ଡାକୁ ଗଲା, ଛୋଟ ଛୋଟ ଖଣ୍ଡ କରି ବାଣ୍ଟିଦେଲା କାଉମାନଙ୍କୁ। କା କା କରି ଉଡି ଆସିଲେ କାଉମାନେ। ରୁଟି ଖଣ୍ଡେ ଖଣ୍ଡେ ଥଣ୍ଟରେ ଧରି ଉଡିଗଲେ। ଖୁସିରେ ତାଳି ମାରି ନାଚି ଉଠିଲା ଖୁସି।

□□

ଲେଖକଙ୍କ ଇ-ମେଲ ଠିକଣା:
padhirajanikanta@gmail.com

'ସାହିତ୍ୟ ଚର୍ଚ୍ଚା' ୱେବ୍‌ସାଇଟ୍‌ରେ ମଧ୍ୟ ଉପଲବ୍ଧ ଅଛି।
ସମସ୍ତ ଉପାଦେୟ ଲେଖା ତୁରନ୍ତ ପଢ଼ିବା ପାଇଁ ନିମ୍ନଲିଖିତ ଲିଙ୍କକୁ ଯାଆନ୍ତୁ :
www.sahityacharcha.com




**ପୁସ୍ତକ ସମୀକ୍ଷା**

# ଲକ୍ଷ୍ମୀପୁରାଣ କଥା

**ଲେଖକ: ଅସିତ ମହାନ୍ତି**
**ପ୍ରକାଶକ: ଆମ ଓଡ଼ିଶା, ଭୁବନେଶ୍ୱର**
**ପୃଷ୍ଠା: ୨୦୮ ମୂଲ୍ୟ: ଟ. ୨୧୦/-**

ଓଡ଼ିଶାର ଘରେ ଘରେ ପରିଚିତ ଲକ୍ଷ୍ମୀପୁରାଣର ବିଭିନ୍ନ ଦିଗ ଓ ବିଦିଗ ଉପରେ ଆଲୋକପାତ କରିଛି ସୁବିଦିତ ଲେଖକ ଓ ଗବେଷକ ଡ଼. ଅସିତ ମହାନ୍ତିଙ୍କ ଦ୍ୱାରା ଲିଖିତ ଏହି ପୁସ୍ତକଟି। ଏଥିର ସନ୍ନିବେଶିତ ରଚନାଗୁଡ଼ିକ ଅଧିକାଂଶତଃ 'ସମ୍ବାଦ' ଖବରକାଗଜରେ ନଭେମ୍ବର ୨୦୨୨ରୁ ମାର୍ଚ୍ଚ ୨୦୨୩ ମଧ୍ୟରେ 'ଲକ୍ଷ୍ମୀପୁରାଣ କଥା' କ୍ରମରେ ପ୍ରକାଶିତ ହୋଇଥିଲା।

ପଞ୍ଚଦଶ ଶତାବ୍ଦୀର ସନ୍ଥକବି ବଳରାମ ଦାସଙ୍କ ଦ୍ୱାରା ରଚିତ ହୋଇ ଏକ ପବିତ୍ର ପୁସ୍ତିକା ଭାବରେ ଓଡ଼ିଶାର ପୁରପଲ୍ଲୀରେ ଆଦୃତ ହୋଇସାରିଥିବା 'ଲକ୍ଷ୍ମୀପୁରାଣ'କୁ ଜଣେ ଗବେଷକର ଦୃଷ୍ଟି ନେଇ ବିଶ୍ଳେଷଣ କରିଛନ୍ତି ଡ଼. ମହାନ୍ତି। ପରିଣାମରେ ପାଠକ ସାମନାରେ ଉନ୍ମୋଚିତ ହୋଇଛି ଏଥି ସମ୍ପର୍କିତ କେତେକ ଅନାଲୋଚିତ ତଥ୍ୟ। ଏହି ସନ୍ଦର୍ଭରେ ସେ ଓଡ଼ିଶାରେ ଉପଲବ୍ଧ ଏହି ପୁରାଣର ବିଭିନ୍ନ ରୂପ ବା ସଂସ୍କରଣର ତୁଳନାତ୍ମକ ଅଧ୍ୟୟନ ମଧ୍ୟ କରିଛନ୍ତି। ଅବଶ୍ୟ ବଳରାମ ଦାସଙ୍କ ଏହି ରଚନାକୁ 'ପୁରାଣ' ବର୍ଗରେ ରଖିବାର ଯଥାର୍ଥତାକୁ ନେଇ ଲେଖକଙ୍କ ଦ୍ୱିମତ ଥିବା ପ୍ରତୀତ ହୁଏ। ତାଙ୍କ ମତରେ, 'ଅଷ୍ଟାଦଶ ପୁରାଣ' ଆଧାରରେ ଓଡ଼ିଆରେ ଅନେକ ପୁରାଣ ରଚିତ ହୋଇଛି। ସେସବୁ ମଧ୍ୟରେ କିନ୍ତୁ 'ଲକ୍ଷ୍ମୀପୁରାଣ' ନାହିଁ।

ତେବେ ଲେଖକ ୨୦୧୮ ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ 'ବଳରାମ ଦାସକୃତ ଲକ୍ଷ୍ମୀପୁରାଣ' (ସଂପାଦକ: ସୁଦର୍ଶନ ଆଚାର୍ଯ୍ୟ, ଭାଗ୍ୟଲିପି ମଲ୍ଲ ଓ ଗୌରାଙ୍ଗ ଚରଣ ଦାଶ)କୁ ଲକ୍ଷ୍ମୀପୁରାଣର ଏକ ମାନକ ସଂସ୍କରଣ ଭାବରେ ଗ୍ରହଣ କରିଛନ୍ତି। ସେ କହିଛନ୍ତି ଯେ, ସର୍ବତ୍ର ଉପଲବ୍ଧ ଥିବା ଏବଂ ଘରେ ଘରେ ମାଣବସା ଗୁରୁବାର ଦିନ ପଢ଼ାଯାଉଥିବା ଲକ୍ଷ୍ମୀପୁରାଣର 'ବଜାର ସଂସ୍କରଣ'ରେ ବ୍ୟାପକ ପ୍ରଦୂଷଣ ରହିଛି। ତେବେ ଏହି ପ୍ରସଙ୍ଗରେ ଆମେ ଅବଶ୍ୟ ଦର୍ଶାଇ ଦେବାକୁ ଚାହୁଁ ଯେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଦ୍ୱାରା ପ୍ରକାଶିତ ସେହି ପୁସ୍ତକରେ ଏହି ଜନପ୍ରିୟ ସଂସ୍କରଣଟିକୁ 'ବଜାରି' ସଂସ୍କରଣ ବୋଲି ଯାହା କୁହାଯାଇଛି, ତାହାକୁ ସ୍ୱର୍ଗତ ଗଗନେନ୍ଦ୍ର ନାଥ ଦାଶ, ନିଜର 'ଓଡ଼ିଶା ସାହିତ୍ୟ ଓ ସଂସ୍କୃତି - ବୀକ୍ଷା ଓ ସମୀକ୍ଷା' ସଂକଳନରେ ତୀବ୍ର ବିରୋଧ କରିଛନ୍ତି।

ଏ ସଂକ୍ରାନ୍ତରେ ଯେଉଁ ପ୍ରଶ୍ନଟି ଡ. ମହାନ୍ତିଙ୍କୁ ବିଶେଷ ଭାବରେ ଆନ୍ଦୋଳିତ କରିଛି ତାହା ହେଲା ସେହି ବହୁପଠିତ 'ବଜାର' ବା 'ବଜାରି' ସଂସ୍କରଣରେ ସୁଭଦ୍ରାଙ୍କ ଅନୁପସ୍ଥିତି। ଏଥି ସହିତ ସେହି ବହିରେ ବର୍ଣ୍ଣିତ ଆହୁରି କେତେକ ପ୍ରସଙ୍ଗ ଯାହା ସେ ବିଭିନ୍ନ ଅଧ୍ୟାୟରେ ଆଲୋଚନା କରିଛନ୍ତି ସେଗୁଡ଼ିକ ହେଲା, 'ଲକ୍ଷ୍ମୀପୁରାଣ - ଓଷା ନା ବ୍ରତ ?', 'ଘର ଝିଅ କ'ଣ ପର ?', 'ତୋହର ଭାରିଜା ଲକ୍ଷ୍ମୀ କଲା ଏତେ ହୀନ'! ଏହିଭଳି ଆହୁରି କେତେକ ବିସଙ୍ଗତିର ମଧ୍ୟ ସମାଧାନ ବା ଉତ୍ତର ରଖିବା ପାଇଁ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଦ୍ୱାରା ପ୍ରକାଶିତ ପୁସ୍ତକଟି ବହୁଳାଂଶରେ ସକ୍ଷମ ବୋଲି ଲେଖକ ମନେ କରନ୍ତି।

ମୂଳ କଥା ହେଲା ଲୋକାଦୃତ ଲକ୍ଷ୍ମୀପୁରାଣ ବିଷୟରେ ବସ୍ତୁନିଷ୍ଠ ଭାବରେ କେତେକ ଗବେଷଣା ଲବ୍ଧ ତଥ୍ୟର ଉପସ୍ଥାପନ ପୁସ୍ତକଟିର ଲକ୍ଷ୍ୟ। ତେବେ ଏହି ତଥ୍ୟମାନଙ୍କ ଦ୍ୱାରା ଯେପରି ସମସ୍ତଙ୍କ ଦ୍ୱାରା ବ୍ୟାପକ ପଠିତ ହୋଇ ଗଭୀର ଶ୍ରଦ୍ଧା ଓ ଭକ୍ତିର ସହ ଆଦୃତ ହୋଇସାରିଥିବା ଲକ୍ଷ୍ମୀପୁରାଣର ସଂସ୍କରଣଟି ପ୍ରତି ଜନମାନସରେ ଅବିଶ୍ୱାସ ବା ବିଭ୍ରାନ୍ତି ସୃଷ୍ଟି ନ ହୁଏ ତାହା ମଧ୍ୟ ଦେଖିବା ଆମର କର୍ତ୍ତବ୍ୟ।

*-ନିହାର ଶତପଥୀ*


# ସାହିତ୍ୟ ସମାଚାର

## ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ଉପଲକ୍ଷେ ନୂଆଦିଲ୍ଲୀରେ ମାତୃଭାଷା ସମ୍ମିଳନୀ



ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ ଦିବସ ଓ ବିଶ୍ୱ ମାତୃଭାଷା ଦିବସ ଅବସରରେ ନୂଆଦିଲ୍ଲୀ ସ୍ଥିତ ଓଡ଼ିଆ ବୁଦ୍ଧିଜୀବୀ ଫୋରମ 'ଦି ଇଣ୍ଟେଲେକ୍ଟସ୍' ଦ୍ୱାରା ଆୟୋଜିତ ଦେଶର ଏକ ମାତ୍ର ଅନ୍ତର୍ଜାତୀୟ ମାତୃଭାଷା ସମ୍ମିଳନୀର ଦଶମ ସଂସ୍କରଣ ଜବାହାରଲାଲ ନେହେରୁ ବିଶ୍ୱବିଦ୍ୟାଳୟ ସ୍ଥିତ ଆଦିକବି ସାରଳା ଦାସ ଓଡ଼ିଆ ଚେୟାର ସହଯୋଗରେ ଫେବୃଆରୀ ୨୦ ତାରିଖ ଦିନ ଉଦଘାଟିତ ହୋଇଯାଇଛି । ଜାତୀୟ ସ୍ତରରେ ଓଡ଼ିଆ ଭାଷାର ବିଶାଳତା ଓ ଐତିହ୍ୟକୁ ଅନ୍ୟ ଭାଷାର ବିଶେଷଜ୍ଞମାନଙ୍କ ମଧ୍ୟରେ ଉପସ୍ଥାପନ କରିବା ସହିତ ଅନ୍ୟ ଭାରତୀୟ ଭାଷା ସହିତ ସମ୍ପର୍କକୁ ପ୍ରତିପାଦିତ କରିବା ଉଦ୍ଦେଶ୍ୟରେ ଅନୁଷ୍ଠାନର ଅଧ୍ୟକ୍ଷ ଦେବେନ୍ଦ୍ର ନାଥ ରାଉତଙ୍କ ଆବାହକତ୍ୱରେ ଗତ ଦଶ ବର୍ଷ ଧରି ଏହି ସମ୍ମିଳନୀ 'ଲ୍ୟାଙ୍ଗ-ଫେଷ୍ଟ' ଭାବରେ ଅନୁଷ୍ଠିତ ହୋଇ ଆସୁଛି । ଚଳିତ ବର୍ଷ ଆଦିକବି ସାରଳା ଦାସ ଓଡ଼ିଆ ଚେୟାରର ପ୍ରଫେସର ଡ଼. ଉଦୟନାଥ ସାହୁଙ୍କ ଅଧ୍ୟକ୍ଷତାରେ ଏହି ଦୁଇ ଦିନିଆ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବରେ ଜେଏନୟୁର ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଡିନ ପ୍ରଫେସର ଶୋଭା ଶିବଶଙ୍କରନ୍, ମୁଖ୍ୟ ବକ୍ତା ଭାବରେ ଜାତୀୟ ସିନ୍ଧି ଭାଷା ପ୍ରଚାର ସଂଗଠନର ନିର୍ଦ୍ଦେଶକ ପ୍ରଫେସର ରବିକାନ୍ତ ଟେକଚନ୍ଦାନୀ, ସମ୍ମାନିତ ଅତିଥି ଭାବରେ ପ୍ରଫେସର ସୁଧିର ପ୍ରତାପ ସିଂହ ଯୋଗଦେଇ ଆମ ଜୀବନରେ ମାତୃଭାଷାର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ ।

## ଓଡ଼ିଆ ସାରସ୍ୱତ ଜଗତର ଭୀଷ୍ମ ପିତାମହ ସାତକଡ଼ି ହୋତା ଆଉ ନାହାନ୍ତି



ଓଡ଼ିଆ ସାହିତ୍ୟର ଭୀଷ୍ମ ପିତାମହ ଡକ୍ଟର ସାତକଡ଼ି ହୋତା ଫେବୃଆରୀ ୧୧ ତାରିଖ ମଧ୍ୟାହ୍ନରେ ୯୫ ବର୍ଷ ବୟସରେ ଭୁବନେଶ୍ୱରରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ସେ କିଛି ଦିନ ହେଲା ଶଯ୍ୟାଶାୟୀ ଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ଅନ୍ୟମାନଙ୍କ ସହ ତାଙ୍କର କନ୍ୟା, ଜାମାତା ଓ ଅନ୍ୟ ପରିଜନବର୍ଗ ଉପସ୍ଥିତ ଥିଲେ । ଅପରାହ୍ନରେ ତାଙ୍କର ପାର୍ଥିବ ଶରୀରକୁ ଷ୍ଟେସନ ଛକରେ ଥିବା ତାଙ୍କର ନିଜସ୍ୱ ବାସଭବନକୁ ଅଣାଯାଇଥିଲା, ଏବଂ ସେଠାରେ ବହୁସଂଖ୍ୟକ ଶୋକାକୁଳ ସାହିତ୍ୟିକ, ରାଜନେତା, ସମାଜସେବୀ ତଥା ଗୁଣମୁଗ୍ଧ ବ୍ୟକ୍ତିବିଶେଷ ତାଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

ଡ଼. ସାତକଡି ହୋତା ଓଡ଼ିଶାର ସାହିତ୍ୟ ଏବଂ ସାମାଜିକ ଜଗତରେ ଜଣେ ବର୍ଷୀୟାନ ତଥା ସ୍ୱନାମଧନ୍ୟ ବ୍ୟକ୍ତିତ୍ୱ ଭାବରେ ସୁପରିଚିତ ଥିଲେ । ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର ତଥା ସାରଳା ପୁରସ୍କାରରେ ସମ୍ମାନିତ ଡ଼. ହୋତାଙ୍କୁ ଓଡ଼ିଶା ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନ ସୂଚକ ଡି.ଲିଟ୍. ଉପାଧିରେ ଭୂଷିତ କରାଯାଇଛି । ଜୀବନର ଅନ୍ତିମ କ୍ଷଣ ପର୍ଯ୍ୟନ୍ତ ଡ଼.ହୋତା ପ୍ରତିଷ୍ଠିତ ଓଡ଼ିଆ ସମ୍ବାଦପତ୍ର 'ସମୟ'ର ସଂପାଦକ ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ । ତାଙ୍କ ଦ୍ୱାରା ରଚିତ ଶତାଧିକ ପୁସ୍ତକ ଓଡ଼ିଶାର ବାଣୀ ବିଭବକୁ ସମୃଦ୍ଧ କରିଛି । ଡ. ସାତକୋଡ଼ି ହୋତାଙ୍କର ଧର୍ମପତ୍ନୀ ତଥା ବିଶିଷ୍ଟ ସମାଜସେବୀ ଓ 'ଅମୃତାୟନ'ର ସମ୍ପାଦିକା ଗୀତା ହୋତାଙ୍କ ୨୦୨୨ ମସିହା ଡିସେମ୍ବର ମାସରେ ଦେହାନ୍ତ ଘଟିଥିଲା ।

## ଶେଷ ପୃଷ୍ଠା



ପ୍ରଶାନ୍ତ ଭୁନ୍ୟା

# ଷଷ୍ଠାଷ୍ଟମ*

**ତୃ**ଣରୁ ବିନମ୍ର ବୋଲାଅ; ବୃକ୍ଷ ତହୁଁ ସହିଷ୍ଣୁ ହୁଅ। ସ୍ୱର୍ଗତ କବି ମାଧବ ପଟ୍ଟନାୟକଙ୍କ ବିରଚିତ ଓ ପ୍ରାଚୀନ ତାଳପତ୍ର ପୋଥିରୁ ସମ୍ପାଦିତ ପୁସ୍ତକ 'ବୈଷ୍ଣବ ଲୀଳାମୃତ' ପଢ଼ିଲା ବେଳେ ଏଇ ପଦଟି ଛୁଇଁଥିଲା ଓ ପଢ଼ିଥିଲି ବାରମ୍ବାର। କେତେ ସହଜ ଓ ସରଳ ଭାବରେ ଏଇ ଅମୂଲ୍ୟ ଜୀବନ ଦର୍ଶନ ଲେଖା ହୋଇଛି।

*ତୃଣାଦପି ସୁନୀଚେନ ତରୋରିବ ସହିଷ୍ଣୁନା ;*
*ଅମାନିନା ମାନଦେନ କୀର୍ତ୍ତନୀୟ ସଦା ହରିଃ।*

ଶ୍ରୀଚୈତନ୍ୟ ଚରିତାମୃତ; ଆଦିଲୀଳାର ୧୭ ଅଧ୍ୟାୟର ୩୧ ପଦରେ ଲେଖା ଅଛି ଏଇ କଥା। ପ୍ରତ୍ୟେକ ସାହିତ୍ୟ ସାଧକ ଓ ସେବକଙ୍କ ପାଇଁ ଏହା ଏକ ଅଭିଳାପ। ସାହିତ୍ୟ ତ୍ରିଭୁଜର ଶୀର୍ଷ ଓ କେନ୍ଦ୍ରବିନ୍ଦୁରେ ଥିବା ପ୍ରତ୍ୟେକ ସୁଧୀଙ୍କ ପାଇଁ ଏହିପରି ଅନେକ ଅବବୋଧର କଥା ଅଛି ଯାହା ସାହିତ୍ୟର କ୍ଷେତ୍ରପୂଜା ନିମନ୍ତେ ତ୍ରିଧୂପ-ପଞ୍ଚାବକାଶ ପ୍ରାୟେକ।

ସାହିତ୍ୟ ସଂସାରର ଷଷ୍ଠାଷ୍ଟମ କଥା ଆଜିକାଲିର ନୁହଁ ବରଂଚ କେଉଁ ଆଦିଯୁଗରୁ ଚାଲି ଆସିଛି। ଅନ୍ୟୋଂନ୍ୟ – ଷଷ୍ଠାଷ୍ଟମ ଯୋଗ ଦୁଇଟି ରାଶି ବା ଗ୍ରହ ପରସ୍ପର ଯଥାକ୍ରମେ ଷଷ୍ଠ ଓ ଅଷ୍ଟମ ଘରେ ଥିବାର ଅବସ୍ଥା। ଏହି ଗ୍ରହଦଶାଜନିତ ମନ୍ଦଯୋଗରେ ମନୁଷ୍ୟକୁ ନାନା ଆପଦ ଘଟିଥାଏ। ଏଇ ଷଷ୍ଠାଷ୍ଟମ; କେତେବେଳେ ଲେଖକ ଓ ପାଠକ ତ କେତେବେଳେ ଏହା ସାହିତ୍ୟ ଓ ସମାଲୋଚକଙ୍କ ଚୈତନ୍ୟଗତ ମତ ପାର୍ଥକ୍ୟ ହେତୁ ସମ୍ଭବ ହେଉଛି ସାହିତ୍ୟ ଜଗତରେ। କେଉଁଠି ଓଡ଼ିଆ ବର୍ଣ୍ଣମାଳାରେ ଅକ୍ଷର ସଂଖ୍ୟା ନେଇ ସଂଶୟ ! କିଏ ଖଣ୍ଡଖୀରିକୁ ଖଣ୍ଡଗିରି କରିଦେଲାଣି ତ କିଏ ଯଜ୍ଞପୁରକୁ ଯାଜପୁର; କିଏ ସାରଳାକୁ ସାରୋଳା ଭାବେ ଉପସ୍ଥାପନା କଲାଣି ତ କିଏ କାନ୍ତକବିଙ୍କୁ କଣ୍ଟକବି। ଭାଷା ଓ ସାହିତ୍ୟର ଏହି ଷଷ୍ଠାଷ୍ଟମ ଅବସ୍ଥାରେ ସାହିତ୍ୟ ଓ ପାଠକଙ୍କ ଦୁର୍ଦ୍ଦଶାର ନେଡ଼ିଗୁଡ଼ କହୁଣୀକୁ ବୋହିଲାଣି। ଏଣୁ ସାହିତ୍ୟର ପ୍ରତ୍ୟେକ ବିଭାଗ ଓ ସ୍ତର ଅବକୀର୍ଣ୍ଣ ସ୍ଥିତିରେ। ଏଣୁତ ବିରଳ ସୁସାହିତ୍ୟ ଓ ପ୍ରକୃତ ରସଗ୍ରାହୀ ଆମ ଭାଷାର।

ଅତୀତରେ ରାଜାରାଜୁଡ଼ାଙ୍କ ପୃଷ୍ଠପୋଷକରେ ପ୍ରଶସ୍ତି ପାଇ ଆସିଥିବା ସାହିତ୍ୟ ଆମ ପାଇଁ ସାଇତି ରଖିଛି ସର୍ଜନା ସମଗ୍ରର ଗନ୍ତାଘର। ହେଲେ, ସାହିତ୍ୟ ପରିବାରର ଅଧିକାଂଶ ଉତ୍ସାହିତ ନିଜର ଅଣ୍ଟିମୁଣିରେ ଆପଣା ସ୍ୱାର୍ଥର ଧନ ସବୁ ହାତେଇବା ପାଇଁ। ନୈଷ୍ଠିକ ସାହିତ୍ୟପ୍ରେମୀମାନେ ଏଇ ରାଜନୀତି ଗଳିକନ୍ଦିର ଅବଡ଼ଙ୍ଗରେ ବିକି ହେବାରେ ଲାଗିଛନ୍ତି। ଷଷ୍ଠାଷ୍ଟମର ଏଇ ଅବଡ଼ଙ୍ଗରେ କିଣାବିକା ସରେନି ସାହିତ୍ୟିକର; ସେ କିଣେ, ଆହୁରି କିଣେ, ଅଧିକ କିଣେ, ନିଜର ସାମର୍ଥ୍ୟକୁ ହଜେଇ କିଣେ। କେବେକେବେ ବିକି ହୋଇଯାଏ ଏଇ କିଣାବିକାରେ। ନିଜକୁ ବନ୍ଧକ ରଖେ; ଭାଇ-ବନ୍ଧୁ-କୁଟୁମ୍ବକୁ ବନ୍ଧକ ରଖେ। ନିଜକୁ ଭାଷା ଧର୍ମରାଜ ବୋଲାଇ ସାହିତ୍ୟ ପାଞ୍ଚାଳୀକୁ ବନ୍ଧକ ରଖେ। ଅବଡଙ୍ଗରେ ରୋଳ ଉଠେ; ସାହିତ୍ୟ ପଣ୍ୟଦ୍ରବ୍ୟ ହୋଇଯାଏ। ସାହିତ୍ୟ ବିକିବା ଲୋକ ପୁରସ୍କାର/ଫଳକ ବାନ୍ଧିନିଏ ନିଜ ଲାଳସାର ପୁଟୁଳିରେ। ଉପାଧି ଓ ସମ୍ମାନ କିଣିବା ଲୋକ ନିଜକୁ ସମର୍ପି ଦିଏ ଦୁଃଖ, ଯନ୍ତ୍ରଣା, ଈର୍ଷା, ହିଂସାର ମହାଜନ କତିରେ। କାହାକୁ ବିଳାସର ରିହାତି ମିଳେ; କାହାକୁ ବ୍ୟସନର ସୁଖବୋଧ ହୁଏ। ଏଇ ରିହାତି ଆଉ ସୁଖବୋଧ ଭିତରେ ସର୍ଜନା ଢୁଙ୍କୁରାଏ।

ଷଷ୍ଠାଷ୍ଟମ ପ୍ରସଙ୍ଗକୁ ବୁଝି ସାହିତ୍ୟ ସଂସାରରେ ଅମୃତଯୋଗ ଆଣିବାକୁ ହେଲେ ଆମକୁ 'ସସେମିରା' ଉପାଖ୍ୟାନର ଜ୍ଞାନ ଥିବା ମଧ୍ୟ ଆବଶ୍ୟକ। ସହିତ ତଥା ସ-ହିତର କଥା ହିଁ ସାହିତ୍ୟର କଥା। ସ୍ୱାଧ୍ୟାୟକୁ ବଳବତ୍ତର କରି ରଖନ୍ତୁ ସଭିଏଁ।

**-ପ୍ରଭୂ**

* **ଷଷ୍ଠାଷ୍ଟମ** – ଜ୍ୟୋତିଷ ଗଣନା କ୍ରମେ ଷଷ୍ଠ ଓ ଅଷ୍ଟମ ସ୍ଥାନରେ ସ୍ଥିତିଜନିତ ଅଶୁଭ ଯୋଗ।

□□

ଲେଖକଙ୍କ ଇ-ମେଲ୍ ଠିକଣା:
prasantabhunya@gmail.com

Eastern India's **No.1*** Paediatric Hospital

# JAGANNATH HOSPITAL

AN EXCLUSIVE PERINATAL CENTRE

## Because we treat every child like our own

- 24 X 7 PAEDIATRIC NEONATAL EMERGENCY
- LEVEL - 3 NICU
- PAEDIATRICS & NEONATAL SURGERY
- 24 X 7 OBSRETRIC & GYNAECOLOGY
- 24 X 7 PATHO LAB



Call : 8093091301

185-P, Saheed Nagar, Bhubaneswar-15

*Source: Times of India Critical Healthcare Survey

Jugaad Corner
A bit of Jugaad & lots of Love

Jugaad Corner deals with supplies of raw bases for art and craft purposes for artists and Crafters PAN India.

www.jugaadcorner.com
www.facebook.com/jugaadcorner
www.instagram.com/jugaadcorner








We design, customize and manufacture all kinds of MDF and pinewood products that are further used by artists and crafters all over India for their creative projects.

Our designs are exclusively curated for home décor, utility and gifting purposes.

J.C. CREATIONS
Shop No. 2, Plot No. 137,
Mahavir Vihar,
Near Patia Railway Station,
Kalarahanga, Patia,
Bhubaneswar - 751024, Odisha
Contact - 9439034505,

Blessed Fingers deals with art and craft finished products and orders even accepted on çustomizations.

www.blessedfingers.com
www.facebook.com/theblessedfingers
www.instagram.com/theblessedfingers

Blessed Fingers








Printed, Published and owned by Nihar Ranjan Satpathy, and Printed at Gayatri Industries, TS 3/193, Mancheswar Industrial Estate, Bhubaneswar - 751010 and published from SB-19, Arya Village, Dumuduma, Phase-4, Bhubaneswar - 751019.
Editor : Nihar Ranjan Satpathy